# ପ୍ରଶ୍ନ ଏବଂ ଉତ୍ତର ଏବ୍ରୀ ଭାଗ III

…ଆଜି ରାତି ପୁନର୍ବାର ଏଠାରେ ଆରାଧନାଳୟରେ ରହିବା ହେତୁ, ଏହି ଚମତ୍କାର ସହଭାଗୀତାରେ ଆଶା କରିବା ହେତୁ ଏବଂ ପରମେଶ୍ୱରଙ୍କ ବାକ୍ୟର ଚାରିପଟେ ଉପାସନା କରିବା ହେତୁ ଯାହାକି ଆମକୁ ମୁକ୍ତ ଭାବରେ ଦିଆଯାଇଅଛି । ଏବଂ ଆମେ…ଏହି ଆଶୀର୍ବାଦର ଅଂଶୀଦାର ହେବାକୁ ଭଲ ପାଉ ।

554 ଏବଂ ମୁଁ କେବଳ ଭରସା କରେ ଯେ ପରମେଶ୍ୱର ଆଜି ରାତିରେ ଆମକୁ ସେହିପରି ଭାବରେ ଆଶୀର୍ବାଦ କରିବେ, ଯେପରିକି ସେ ଆଜି ସକାଳ ସମୟରେ, ସକାଳର ବାର୍ତ୍ତା ସହିତ କରିଥିଲେ । ଏବଂ ମୁଁ କିଛି ସମୟ ପୂର୍ବରୁ, ମୋର ପଡ଼ୋଶୀ, ଶ୍ରୀମତୀ ଉଡ୍, ସହିତ କଥାବାର୍ତ୍ତା କରୁଥିଲି, ଏବଂ ଆମେ ତାହା ଆଲୋଚନା କରୁଥିଲୁ, ଶ୍ରୀମାନ ଉଡ୍ ଆଉ ସେମାନଙ୍କ ସହିତରେ । ଏବଂ ମୁଁ ବିଶ୍ୱାସ କରେ ଯେ ଭାଇ ନେଭିଲ ପ୍ରଚାର କରିଥିବା ସମସ୍ତ ଉତ୍ତମ ଉପଦେଶଗୁଡିକ ମଧ୍ୟରୁ ତାହା ସବୁଠୁ ଉତ୍କୃଷ୍ଟ ଥିଲା, ସେ ଏପର୍ଯ୍ୟନ୍ତ ପ୍ରଚାର କରିଥିବା ସମସ୍ତ ଉପଦେଶ ଅପେକ୍ଷା ତାହାହିଁ ମୋତେ ସବୁଠୁ ଅଧିକ ଭଲ ଲାଗିଥିଲା । ମୁଁ ନିଶ୍ଚିତ ଭାବରେ ସେହି ଅଦ୍ଭୁତ ଉପଦେଶକୁ ପ୍ରଶଂସା ଏବଂ ପସନ୍ଦ କରିଥିଲି । ଆଉ ଏହା ମୋତେ ସାହସ ଦେଇଥିଲା, ଏବଂ ଏହା ମୋତେ କର୍ତ୍ତନ କରି ସଜାଡିଥିଲା । ତେଣୁ ମୁଁ—ମୁଁ ସତ୍ୟକୁ ସ୍ୱୀକାର କରିବାକୁ ପସନ୍ଦ କରେ, ଆପଣ ଜାଣନ୍ତି । ତେଣୁ, ସାହସୀ ଅଂଶଗୁଡ଼ିକ ବିଷୟରେ, ଆପଣ ଜାଣନ୍ତି, ସାହସୀ ହେବାକୁ, ଏବଂ କିପରି…ଦାଉଦ ସେଠାରେ ଥିଲେ, ଏବଂ କିପରି ସେ…ଯେତେବେଳେ ସେହି ମହାନ ପରୀକ୍ଷାରେ, ଏହା କହିବା ପରିବର୍ତ୍ତେ "ତେବେ, ମୁଁ ଏହା କରିବାକୁ ଯିବି, ପ୍ରଭୁ, ତୁମେ ମୋତେ କେବଳ ସାହାଯ୍ୟ କର," ସେ ଅପେକ୍ଷା କଲେ, ଏବଂ ଯାଇ ପ୍ରଭୁଙ୍କୁ କଅଣ କରିବେ ବୋଲି ପଚାରିଲେ । ସେ ଏଫୋଦ ବସ୍ତ୍ରକୁ ନେଇ ଆସିଲେ, ଆପଣ ଜାଣନ୍ତି, ଏବଂ କହିଲେ, "ତେବେ ଆସ ଆମେ ଛିଡ଼ା ହେଉ ଏବଂ ପରମେଶ୍ୱରଙ୍କୁ ପଚାରୁ, 'ଏହି ସଙ୍କଟରେ ଆମେ କଅଣ କରିବା ଉଚିତ୍?'" ଓଃ, ତାହା ପ୍ରକୃତରେ ନିଗୁଢ ଥିଲା । ଦେଶରେ ମିଳିଥିବା ସମସ୍ତ ଔଷଧ ଦୋକାନଗୁଡିକରେ ଯେତିକି ଭିଟାମିନ୍ ଥିଲା ତାହା ଅପେକ୍ଷା ଏଥିରେ ଅଧିକ ରହିଥିଲା । ହଁ, ଆଜ୍ଞା, ଏହା ପ୍ରକୃତରେ ଆପଣଙ୍କର ମଙ୍ଗଳ କରେ ।

555 ବର୍ତ୍ତମାନ, ଆଜି ରାତି, ଆମେ—ଆମେ ଏହି ପ୍ରଶ୍ନଗୁଡିକ ଉପରେ, ଯଦି ଆମର ସମ୍ଭବ ହୁଏ, ମଧ୍ୟରାତ୍ରିରୁ ଅଧିକ ସମୟ ରହିବା ପାଇଁ ଲକ୍ଷ୍ୟ ରଖୁ ନାହୁଁ । ତେଣୁ ଆମେ—ଆମେ ସଙ୍ଗେ ସଙ୍ଗେ, ଠିକ୍ ସେଗୁଡିକ ଭିତରକୁ ଯିବାକୁ ଯାଉଅଛୁ । ଏହା ତ ସେହି ପ୍ରଶ୍ନଗୁଡିକୁ ସମାପ୍ତ କରିବା ଅଟେ, ଏବଂ ପ୍ରତ୍ୟେକ ଥର ମୁଁ ସେଗୁଡ଼ିକୁ ଶେଷ କରିବାକୁ ଆରମ୍ଭ କରେ…ବର୍ତ୍ତମାନ, ଭଉଣୀ ହେଟ୍ଟୀ, ମୋର ଅର୍ଥ ତାହା ନୁହେଁ, ଆପଣ ତାହା ଜାଣିଛନ୍ତି । ମୁଁ—ମୁଁ ତ କେବଳ ତାହା କହୁଥିଲି, ଦେଖନ୍ତୁ; ଏବଂ, ଠିକ୍ ଅଛି । କିନ୍ତୁ ମୁଁ ଏଠାରେ ଜଣେ ସେବକଙ୍କଠାରୁ କିଛି ପ୍ରକୃତରେ କଠିନ ପ୍ରଶ୍ନମାନ ପାଇଥିଲି, ଏବଂ ତାହାର ଉତ୍ତର ଦେବା ପ୍ରକୃତରେ କଷ୍ଟକର ଥିଲା । ଆପଣ

ଜାଣନ୍ତି, ସେହି ପ୍ରଚାରକମାନେ, ସେମାନେ ଏହାକୁ ବାଇବଲ ମଧ୍ୟରେ ମୋଡ଼ି ଦିଅନ୍ତି ଏବଂ ସେମାନେ ଆପଣଙ୍କୁ ପଚାରିବା ପୂର୍ବରୁ ସେହି ଉତ୍ତରକୁ ନିଜେ ଖୋଜିବାକୁ ଚେଷ୍ଟା କରନ୍ତି, ଆପଣ ଦେଖନ୍ତୁ। ଆଉ ତାହାପରେ...ଏବଂ ଏହା ଟେପ୍ ରେକର୍ଡ ହେଉଅଛି, ଜର୍ଜିଆରେ ଥିବା ମୋର ଜଣେ ସେବକ ବନ୍ଧୁ ନିକଟକୁ ଯାଉଅଛି ଯାହାଙ୍କ ପାଖରେ ଏଠାରେ ଆଠଟି ଉଲ୍ଲେଖନୀୟ ବାଇବଲ ପ୍ରଶ୍ନମାନ ରହିଛି ଯାହାକି ଅତ୍ୟନ୍ତ, ଅତ୍ୟନ୍ତ କଷ୍ଟକର ଅଟେ।

556 ଏବଂ ବର୍ତ୍ତମାନ, ଆସନ୍ତା ସପ୍ତାହରେ, ଭୁଲିବେ ନାହିଁ ଏବଂ ଆମ ପାଇଁ ପ୍ରାର୍ଥନା କରୁଥିବେ।

557 ଏବଂ ମୋ ପତ୍ନୀ ବହୁତ ଅଧିକ ଭଲ ଅଟନ୍ତି; ସେ ବର୍ତ୍ତମାନ ଉଠି ଯାଇଛନ୍ତି, ଏବଂ ସେ ଆଜି, ରାନ୍ଧିବାରେ ସାହାଯ୍ୟ କରିଛନ୍ତି। କାନାଡାରୁ ଆମର ପ୍ରିୟ ବନ୍ଧୁମାନେ, ଭାଇ, ଭଉଣୀ ସୋଥମ୍ୟାନ୍, ଆମକୁ ସାକ୍ଷାତ କରିବା ପାଇଁ ଏଠାରେ ଅଛନ୍ତି, ଏବଂ ଆମେ ନିଶ୍ଚିତ ଭାବରେ ସେମାନଙ୍କର ପରିଦର୍ଶନକୁ ପ୍ରଶଂସା କରୁ। ଏବଂ ମୋ ପତ୍ନୀ ଏହା ଜାଣି, ଯେ ସେମାନେ ଆସୁଛନ୍ତି, କାହିଁକି, ସେ ତ ଶୀଘ୍ର ଉଠିବାକୁ ଯାଉଥିଲେ ଯେପରିକି ସେ ଏହି ପ୍ରିୟ ଖ୍ରୀଷ୍ଟିଆନ ଲୋକମାନଙ୍କ ସହ କିଛି ମନୋରଞ୍ଜନ ଓ ସହଭାଗିତା ପାଇପାରନ୍ତି। ଆଜି ରାତି ଆମେ ଭାଇ ଫ୍ରେଡିକୁ ଆମ ସହିତ ପାଇଥିବାରୁ ଖୁସି ଅଟୁ, ଏବଂ ଭଉଣୀ ସେଠାରେ ରହିଥିଲେ...ଭଉଣୀ ଆଜି ସକାଳେ ଏଠାରେ ଥିଲେ, କିନ୍ତୁ ମୁଁ ବିଶ୍ୱାସ କରେ ଯେ ସେ ରହିଥିଲେ...ନା, ତାହା ଠିକ୍, ସେ ମେଡା ସହିତ ଅଛନ୍ତି, ଏକପ୍ରକାର ତାଙ୍କ ସହିତ ରହିଛନ୍ତି ଯେତେବେଳେ ଆମେ ତଳକୁ ଆସୁ; କାରଣ ମୁଁ ଜାଣେ ଯେ ଏହା ଆଜି ରାତି ଅଳ୍ପ ଟିକେ ବିଳମ୍ବ ହେବ, ଏହା ପ୍ରଭୁଭୋଜ ଏବଂ ପାଦ ପ୍ରକ୍ଷାଳନ ଅଛି। ତେଣୁ ଆମେ ସେମାନଙ୍କୁ ଏବଂ ପରିଦର୍ଶକମାନଙ୍କୁ ଆମ ସହିତ ପାଇ ଖୁସି ଅଟୁ।

558 ବର୍ତ୍ତମାନ, ଏହା ପୂର୍ବେକି ଆମେ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରିବା ଆରମ୍ଭ କରୁ...ଏବଂ କେବଳ ମନେରଖନ୍ତୁ ଯେ ମୁଁ—ମୁଁ ଭୁଲ୍ ହୋଇପାରେ, ଆପଣ ଦେଖନ୍ତୁ, ମୁଁ—ମୁଁ କରୁଥିବା ସମସ୍ତ କାର୍ଯ୍ୟରେ ମୁଁ ଠିକ୍ ବୋଲି ଦାବି କରେ ନାହିଁ। ମୁଁ—ମୁଁ ଠିକ୍ ହେବାକୁ ଚେଷ୍ଟା କରେ, କିନ୍ତୁ ହୋଇପାରେ ଯେ ମୁଁ—ମୁ ଭୁଲ ହୋଇଯାଏ। ଏବଂ—ଏବଂ ଯଦି ମୁଁ ଭୁଲ୍ ହୋଇଯାଏ, ତେବେ ଆପଣ ମୋତେ କ୍ଷମା କରିଦେବେ; ଏବଂ ମୁଁ ପ୍ରାର୍ଥନା କରେ ଯେ ପରମେଶ୍ୱର ମଧ୍ୟ, କରିବେ, କାରଣ ମୋର ଅଭିପ୍ରାୟ ଭୁଲ୍ କରିବା ନୁହେଁ। ମୁଁ କେବଳ ସେଗୁଡିକୁ ଏଇଥିପାଇଁ ଉତ୍ତର ଦେବାକୁ ଚେଷ୍ଟା କରେ ନାହିଁ ଯେହେ-...କିମ୍ବା ସେହି ଉପାୟରେ ଯେପରିକି ମୁଁ କେବଳ...ପକ୍ଷପାତ ପାଇଁ, ମୁଁ ସେଗୁଡିକୁ ମୋର ସର୍ବୋତ୍ତମ ଜ୍ଞାନରେ ଉତ୍ତର ଦିଏ, ଦେଖନ୍ତୁ। ଏବଂ ଯଦି ମୋତେ ଏକ ବାଇବଲ ପ୍ରଶ୍ନ ଉପରେ ମୋର ଧାରଣାଗୁଡିକୁ ବଦଳାଇବାକୁ ପଡ଼ିଥାଏ, ମୁଁ ଭାବୁଛି ଯେ ତାହା କରିବା ଉତ୍ତମ ବିଷୟ ହେବ। ଆମେ ଯେକୌଣସି ସମୟରେ, ପରିବର୍ତ୍ତନ କରିବା ଉଚିତ, ଯେତେବେଳେ ପରମେଶ୍ୱରଙ୍କ ବାକ୍ୟ କଥା କହିଥାଏ, କାରଣ ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ।

559 ଏବଂ ବର୍ତ୍ତମାନ, ମୁଁ ଭାବୁଛି ଯେ ଆମେ ପୂର୍ବପରି, ଆଜି ରାତି ପୁନର୍ବାର ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ । ଆଉ ବେଳେବେଳେ ଆପଣ କେବଳ ଆଶ୍ଚର୍ଯ୍ୟ କରନ୍ତି; ଆପଣ ଏହି ଭଳି ଏକ ଛୋଟ ଗୋଷ୍ଠୀକୁ ନିଅନ୍ତି, ତାହାଠାରୁ ଅଳ୍ପ, ଓଃ, ଏଠାରେ ଥିବା ଏହି ଛୋଟ ଆରାଧନାଳୟ, ଏବଂ ବେଳେବେଳେ ଆପଣ ସେହି ପରିଣାମଗୁଡିକୁ ଦେଖନ୍ତି ନାହିଁ ଯାହା ଆପଣ ଦେଖିବାକୁ ଚାହାଁନ୍ତି । ମାତ୍ର ସେହି ବିଷୟ, ଯାହା ଆପଣ କରୁଛନ୍ତି, ଆପଣ କେବଳ ପ୍ରାୟଃ ଦୁଇଶହ ଲୋକଙ୍କଠାରୁ ପରିଣାମ ପାଉଛନ୍ତି । ଏବଂ ସେହି ବଡ ସଭାଗୁଡ଼ିକ ମଧ୍ୟରୁ ଗୋଟିଏରେ, ବୋଧହୁଏ ଆପଣ ତିନିରୁ ଦଶ ହଜାର ଭିତରେ ଯେକୌଣସି ସଂଖ୍ୟାରୁ ପରିଣାମ ଆଶା କରନ୍ତି, ଆପଣ ଦେଖନ୍ତୁ, ଏବଂ—ଏବଂ ହୁଏତ ଅଧିକ ହୋଇପାରେ । ତେଣୁ ତାହା ସେହି ପ୍ରକାର ହିଁ ଅଟେ, ଆପଣ ଏକ ଅଧିକ ବଡ଼ ଜନସମାଗମ ଦେଖିବାକୁ ପାଇବେ । କିନ୍ତୁ ଆଜି ରାତିରେ, ମୁଁ କେବଳ ଉତ୍ତର ଦେଉଅଛି...ଅବଶ୍ୟ ଆମର ଫୋନ୍ ତ ପ୍ରତି ମିନିଟରେ ଦିନ ଏବଂ ରାତି ବାଜୁଅଛି ।

560 କଅଣ ଏହା ଶ୍ରୀମତୀ ରାଇସର୍ଟ ଏଠାରେ ବସିଛନ୍ତି କି, ଯାହାଙ୍କୁ ମୁଁ ଦେଖୁଅଛି? ଆପଣଙ୍କର ବାଇବଲ, ଭଉଣୀ, ଭଉଣୀ ଉଡ଼ଙ୍କ ପାଖରେ ସେଠାରେ ଅଛି । ମୁଁ ଏହାକୁ ଆଜି ସକାଳେ ଆପଣଙ୍କ ପାଇଁ ଆଣିଥିଲି, ଏବଂ ମୁଁ—ମୁଁ ଏହାକୁ ଆପଣଙ୍କୁ ଦେଇ ପାରି ନ ଥିଲି । ଆଉ ମୁଁ—ମୁଁ ଆଜି ସକାଳେ ଆପଣଙ୍କୁ ଦେଖିଲି ନାହିଁ, ଏବଂ ଶ୍ରୀମତୀ ଉଡ଼ଙ୍କ ପାଖରେ ତାହା ଅଛି ।

561 ତେଣୁ ଫୋନର ଉତ୍ତର ଦେବା ପାଇଁ ଏବଂ ସେହି—ସେହି ମହାନ ବିଷୟଗୁଡ଼ିକୁ ଖୋଜିବା ପାଇଁ ଯାହାକି ସାଧନ କରାଯାଇଛି । ଜଣେ ମହିଳା ମୋତେ ଡାକିଲେ, ସେ କହିଲେ, "ଭାଇ ବ୍ରାନହାମ୍, ମୁଁ ଏକ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ସଭାରେ ଥିଲି ଏବଂ ମୁଁ ଏତେ ଦିନ ହେଲା କିଛି *ନିର୍ଦ୍ଦିଷ୍ଟ- ନିର୍ଦ୍ଦିଷ୍ଟ* ଅସୁବିଧାରେ ପୀଡିତ ଥିଲି । ଏବଂ, ଆପଣ ଜାଣନ୍ତି, ଆପଣ ଠିକ୍ ସେଠାରେ ପଛରେ କହିଥଲେ, ଆଉ କେବଳ..." କହିଲେ, "ଯେତେବେଳେ ଏହା ଠିକ୍ ସେହି ବିଗତ ଦିନର ପଛ ଜୀବନକୁ ନେଇକରି ଆସିଲା ସେତେବେଳେ ମୁଁ ପ୍ରାୟଃ ମୂର୍ଚ୍ଛିତ ହୋଇଗଲି ।" ଏବଂ କହିଲେ, "ଆଉ ସେହି ଦିନଠାରୁ ମୁଁ କେବେବି କଷ୍ଟ ପାଇ ନାହିଁ ।"

562 ପୁଣି ଜଣେ ମହିଳା ଭିତରକୁ ଆସି କହିଲେ...ମୁଁ ବିଶ୍ୱାସ କରେ ସେ ଆଜି ରାତି ଏଠାରେ ଅଛନ୍ତି, କିମ୍ବା ସେ ବେଡଫୋର୍ଡଠାରୁ ଗାଡି ଚଲାଇ ଆସିବାକୁ ଯାଉଥିଲେ, ମୁଁ ବିଶ୍ୱାସ କରେ, କିମ୍ବା ସେଠାରେ କୌଣସି ସ୍ଥାନରୁ । ସେମାନଙ୍କର ପୁଅ ଏଠାରେ ଥିଲା, ମୁଁ ବିଶ୍ୱାସ କରେ, ତାର ହୃଦୟ ସମସ୍ୟା ଥିଲା, ଅତ୍ୟଧିକ ଖରାପ ଅବସ୍ଥାରେ ଥିଲା । ଆଉ ସେ ଏଠାରେ ସଭାରେ ବସିଥିଲା, ଏବଂ—ଏବଂ ପ୍ରଭୁ ଚାରିଆଡ଼େ ବିଚରଣ କଲେ ଓ ସ୍ପର୍ଶ କଲେ...ପିଲାଟିକୁ ତାର ଅସୁବିଧା ବିଷୟରେ କହିଲେ, ପୁଣି ସେ ବଡ଼ କଷ୍ଟରେ ନିଜର ହାତ ସୁଦ୍ଧା ଉଠାଇପାରୁ ନ ଥିଲା, ଏବଂ ଏକ ହୃଦଘାତ ଥିଲା, ଆଉ ତାର ବାହୁ ସର୍ବତ୍ର କୁଞ୍ଚିତ ହୋଇ ଯାଇଥିଲା, ଏବଂ ତାର ହୃଦୟ ଏହିପରି ଭାବରେ ଥିଲା । ଏବଂ ତତ୍‌କ୍ଷଣାତ ହିଁ ସେ ଠିକ୍ କାରରେ ବସି ତାକୁ ଚଲାଇ

ଘରକୁ ଚାଲିଗଲେ, ସେହି ସମୟଠାରୁ ଏହା ଆଉ କେବେ ବି ବ୍ୟତିବ୍ୟସ୍ତ କରି ନାହିଁ । କଅଣ ସେହି ମହିଳା ବେଡଫୋର୍ଡଠାରୁ ଏଠାକୁ ଆସିଛନ୍ତି କି? ମହିଳା, କଅଣ ଆପଣ ଏଠାରେ ଅଛନ୍ତି? ସେଠାରେ ସେ ଅଛନ୍ତି, ପଛରେ ରହିଛନ୍ତି । ହଁ, କିଛି ସମୟ ପୂର୍ବେ, ସେ ମୋତେ ଫୋନ୍ କରିଥିଲେ ।

563 ତାହାପରେ ଆଉ ଜଣେ ମହିଳା ମୋତେ ଇଭାନ୍ସୱିଲେରୁ ଫୋନ୍ କରିଥିଲେ । ଏବଂ ସେ ଏଠାକୁ ପହଞ୍ଚି ପାରି ନ ଥିଲେ କାରଣ ସେ ବହୁତ ଦୂରରେ ରୁହନ୍ତି, ଜାଣି ନ ଥିଲେ ଯେ ଆମେ ଆଜି ରାତି ଆରୋଗ୍ୟତା ସେବା କରିବାକୁ ଯାଉଅଛୁ । ଆଉ ସେ କହିଲେ, "ଭାଇ ବ୍ରାନହାମ୍, ମୁଁ ଇଭାନ୍ସୱିଲେ ସଭାରେ ବସି ଥିଲି," ଏବଂ କହିଲେ, "ଆପଣ ଭିଡ଼ ଭିତରେ ପଛକୁ ଚାହିଁ କହିଲେ...କହିଲେ ଯେ ମୁଁ କିଏ ଥିଲି, ଏବଂ ମୁଁ କଅଣ କରିଥିଲି, ଏବଂ ମୁଁ ଯେଉଁଥିରେ ପୀଡିତ ଥିଲି, ଏବଂ ସେହିପରି ବିଷୟ ପ୍ରଭୃତି ।" ଆଉ ସେ କହିଲେ, "ମୋର ସେହି ଶ୍ୱାସରୁଦ୍ଧ ଅବସ୍ଥା ଥିଲା, ଏବଂ ମୁଁ ଜଣେ ସାନ ଝିଅ ଥିବା ସମୟଠାରୁ ହିଁ କେବଳ ଆଷ୍ଟମାଡୋର ଓ ସବୁ କିଛିକୁ ସେହି ବଖରାରେ ଜାଳିବାକୁ ପଡିଥିଲା ।" କହିଲେ, "ତାହା ଦୁଇ ବର୍ଷ ପୂର୍ବେ ହେଉଥିଲା, ଏବଂ ସେହି ସମୟଠାରୁ ମୋର ଆଉ କେବେବି ଗୋଟିଏ ଚିହ୍ନବର୍ଣ୍ଣ ସୁଦ୍ଧା ନାହିଁ ।" ବୁଝିଲେ?

564 ଏବଂ କେବଳ ସେମାନଙ୍କ ପାଇଁ ଯେଉଁମାନେକି ଆଜି ରାତି ଏଠାରେ ଅଛନ୍ତି, ଆଜି ସକାଳେ ଏଠାରେ ସାକ୍ଷ୍ୟ ଉପଭୋଗ କରିବା ହେତୁ ନ ଥିଲେ; ଗତକାଲି, ମୁଁ ଏକ କଣ୍ଢେଇ କିଣିବା ପାଇଁ, ଟେନ୍-ସେଣ୍ଟ ଷ୍ଟୋର୍‌କୁ ଯାଇଥିଲି । ତେବେ, ଦେଖନ୍ତୁ, ତାହା ମୋ ପାଇଁ ନ ଥିଲା । ତାହା ମୋର, ସାନ ଝିଅ, ରେବେକା ପାଇଁ ସେଠାରେ ଥିଲା । ଏବଂ—ଏବଂ ସାରା ଆଜି, ଅନ୍ୟ ଏକ, ବିଷୟ ପାଇଁ ଯାଉଥିଲେ । ତାଙ୍କର କିଛି ସାନ ସାନ ବିଦ୍ୟାଳୟ ସାଙ୍ଗମାନେ ଗୋଟିଏ ଜନ୍ମଦିନ କିମ୍ବା ସେପରି କିଛି ପ୍ରକାରର, ଏକ ଛୋଟ ବନ୍ଧୁ-ମିଳନ କରୁଥିଲେ, ଏବଂ ସେ ତାହା ନିମନ୍ତେ ଏକ ଛୋଟ ଉପହାର ନେଇଥିଲା; ଆଉ ମୁଁ ପ୍ରାୟଃ *ସେତିକି* ଲମ୍ବା, ଏକ ଛୋଟ ଶିଶୁ କଣ୍ଢେଇ କିଣୁଥିଲି । ଏବଂ ସେଠାରେ ଜଣେ ମହିଳା ଚାଲି କରି ଆସିଲେ, କହିଲେ, "କଅଣ ଆପଣ ମୋତେ ମନେ ରଖିଛନ୍ତି?"

565 ତେବେ ମୁଁ କହିଲି, "ମୁଁ ଭାବେ ନାହିଁ ଯେ ମୁଁ କରେ ।"

566 ଏବଂ ଏହା ଜାଣିବାକୁ ପାଇଲି, ଯେ ଏହା ଏଠାରେ ଭାଇ ନେଭିଲଙ୍କ ଜଣେ ସମ୍ପର୍କୀୟ ଥିଲେ, ଯାହାକି ପ୍ରାୟଃ...ଯେତେବେଳେ ମୁଁ ସ୍ୱିଡେନକୁ ମୋର ଯିବା ବାଟରେ ଥିଲି, ସେମାନେ...ସେ ଏଠାକୁ ଆସିଥିଲେ, ଗୋଟିଏ ଚକଲଗା ଚୌକୀରେ ଏକ ଛୋଟ ବାଳକ ଥିଲା, ଠିକ୍ ସେଠାରେ ଥିବା ସାନ ଏଡିଥ୍ ପରି, ଏବଂ ସେହି ସାନ ବାଳକର କର୍କଟ ରୋଗ ଥିଲା, ମସ୍ତିଷ୍କରେ ଉତ୍କଟ ବୃଦ୍ଧି ହୋଇଥିଲା । ଏବଂ ତାର ଛୋଟ ମୁଣ୍ଡଟି ତଳକୁ ଝୁଲି ଯାଇଥିଲା, ଆଉ ସେ...ପୁଣି ଡାକ୍ତରମାନେ ତାକୁ ବଞ୍ଚିବା ଲାଗି ମାତ୍ର ତିନି ସପ୍ତାହ ସମୟ ଦେଇଥିଲେ । ସେମାନେ ଏହାକୁ ବାହାର କରି ଏହାର ପରୀକ୍ଷା କରିଥିଲେ, ଏବଂ ଦେଖିଲେ ଯେ... ଏହା କଅଣ ଥିଲା, ଆଉ ତାକୁ ବଞ୍ଚିବା ଲାଗି କେବଳ ତିନି ସପ୍ତାହ ଦେଇଥିଲେ । ଆଉ

ସେମାନଙ୍କୁ ତାକୁ ଏକ ଚୌକୀରେ ବସାଇ ଘୂରାଇବାକୁ ପଡୁଥିଲା, ଏବଂ ତାହାପରେ ତାକୁ ଏକ ଷ୍ଟ୍ରେଚରରେ ରଖୁଥିଲେ ଯେତେବେଳେ ସେ କୋଠରୀକୁ ଯାଉଥିଲା ଓ ତାକୁ ପରୀକ୍ଷା କରାଯାଉଥିଲା, ଆଉ ତାହାପରେ ତାକୁ ତଳକୁ ଅଣା ଯାଉଥିଲା । ଗଲି ଏବଂ ସେହି ସାନ ବାଳକ ପାଇଁ ପ୍ରାର୍ଥନା କଲି, ଓ ତାକୁ ସୁସ୍ଥ କରିବା ପାଇଁ ପ୍ରଭୁଙ୍କୁ ନିବେଦନ କଲୁ । ଆଉ ଠିକ୍ ତାହାର ପରଦିନ, ଯେତେବେଳେ ସେମାନେ ତାକୁ ସେଠାକୁ ନେଇକରି ଗଲେ, କହିଲା, "ମୁଁ ସେହି ଚକଲଗା ଚୌକୀ ଚାହେଁ ନାହିଁ ।"

567 କାରରେ ଚଢିଲା ଓ ସେଠାକୁ ଚଲାଇକରି ଗଲା, ଏବଂ ଡାକ୍ତର ଷ୍ଟ୍ରେଚରକୁ ବାହାର କଲେ, ସେ କହିଲା, "ମୋତେ ସେହି ଷ୍ଟ୍ରେଚର ଦରକାର ନାହିଁ ।"

568 ସେଠାକୁ ଦୌଡ଼ିକରି ଗଲା ଓ ବସି ପଡିଲା, ଡାକ୍ତର ତାକୁ ପରୀକ୍ଷା କରି, କହିଲେ, "ତେବେ," କହିଲେ, "ତିନି ସପ୍ତାହ ବଦଳରେ, ମୁଁ ତୁମକୁ ଶହେ ଆଠ ବର୍ଷ ଦେବାକୁ ଯାଉଛି ଯାହାକି ତୁମେ ବଞ୍ଚିବାକୁ ଯାଉଅଛ ।"

569 ଏବଂ, ଗତକାଲି, ସେହି ମାଆ ମୋତେ ଭେଟିଲେ । ଆଉ ଆଜି ରାତି, ଯେତେ ଦୂର ମୁଁ ଜାଣେ, ବୋଧହୁଏ ସେ ଏଠାରେ ଥାଇପାରନ୍ତି । ଆଉ ସେହି ଛୋଟ ବାଳକଟି ବାହାରେ ଫୁଟବଲ୍ ଖେଳୁଥିଲା, ବର୍ତ୍ତମାନ ଜଣେ ଯୁବା ଲୋକ ଅଟେ । ଉତ୍କଟ, ମସ୍ତିଷ୍କରେ କର୍କଟ, ଏବଂ ଏହା କେବଳ ଦେଖାଇବାକୁ ଯାଏ...

570 ଓଃ, ହଜାର ହଜାର ବିଷୟ, ଦେଖନ୍ତୁ । ପରମେଶ୍ୱର ବିଫଳ ହୋଇପାରନ୍ତି ନାହିଁ । ସେ—ସେ ବିଫଳ ହିଁ ହୋଇପାରିବେ ନାହିଁ ।

571 ଭାଇ ଜନ୍, କଅଣ ଆପଣଙ୍କର ଆଖି ଭଲ ଅଛି, ଭାଇ? ତାଙ୍କର ଏକ ଦୁର୍ଘଟଣା ଘଟିଥିଲା, ଆଉ ଗୋଟିଏ କଣ୍ଟା ବାଡୋଉଥିଲେ ଓ ଏହା ତାଙ୍କ ଆଖିରେ ଆଘାତ କରିଥିଲା । ଏବଂ ଆମେ ସମସ୍ତେ ଭାଇ ଜନ୍ ଓ'ବାନନ୍ଙ୍କ ପାଇଁ ପ୍ରାର୍ଥନା କରୁଥିଲୁ, ଲୁଇସଭିଲେରୁ ଆମର ଭାଇ ଯିଏକି ସେହି କଣ୍ଟାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ଯାହାକି ତାଙ୍କୁ ଆଖିରେ ଆଘାତ କରିଥିଲା ।

572 ବର୍ତ୍ତମାନ, ଏହି ପ୍ରଶ୍ନଗୁଡ଼ିକ କାହାରି ହୃଦୟର ସେହି—ସେହି ଗଭୀରତା ଅଟେ; ଯାହାକି ସେମାନେ ଶାସ୍ତ୍ର ମାଧ୍ୟମରେ ପାଠ କରନ୍ତି ଓ ଏହି ବିଷୟଗୁଡିକ ପାଆନ୍ତି, ଆଉ ସେମାନେ ତାହା କରନ୍ତି ନାହିଁ...ବୋଧହୁଏ ନିଜକୁ ସନ୍ତୁଷ୍ଟ କରିପାରନ୍ତି ନାହିଁ, ତେଣୁ ସେମାନେ ସେଗୁଡିକୁ ଏଠାରେ ଆମମାନଙ୍କୁ ଦେଇ ଦିଅନ୍ତି ଯେପରିକି ଉତ୍ତର ଦେବାକୁ ଚେଷ୍ଟା କରୁ । ଏବଂ ଆପଣ ଦେଖନ୍ତୁ ଯେ ଏହା ଆମକୁ କଅଣ ଅସୁବିଧାରେ ପକାଇଥାଏ; ଯେହେତୁ, ଆପଣ ଯାହାକିଛି କହିବେ, ସେମାନେ ତାହା ଉପରେ ନିର୍ଭର କରିବେ । ତେଣୁ ଆପଣଙ୍କୁ ସୁନିଶ୍ଚିତ ହେବାକୁ ପଡ଼ିବ ଯେ ଆପଣ ଠିକ୍ ଅଟନ୍ତି, ଏବଂ ମୁଁ...ଆପଣ ଯେତିକି ସୁନିଶ୍ଚିତ ହୋଇପାରିବେ । ତେଣୁ ତେବେ, ସେହି ନିଶ୍ଚିତ ହେବା ବିଷୟ ହେଲା ଯେ ଆମେ ଠିକ୍ ଅଟୁ, ଆସନ୍ତୁ ବର୍ତ୍ତମାନ ପବିତ୍ରଆତ୍ମାଙ୍କୁ ହିଁ ଆମ ପାଇଁ ଏହାର ବ୍ୟାଖ୍ୟା କରିବାକୁ କହିବା, ଯେତେବେଳେ ଆମେ ନିଜର ମୁଣ୍ଡ ନୁଆଁଇଥାଉ ।

573 ତେବେ, ସ୍ୱର୍ଗୀୟ ପିତା, ଓଃ, ଏହା ସ୍ୱର୍ଗ ଓ ପୃଥିବୀର ମହାନ ସୃଷ୍ଟିକର୍ତ୍ତାଙ୍କୁ "ପିତା" କହିବା କେଡେ ଏକ ସୌଭାଗ୍ୟର ବିଷୟ ଅଟେ । ଏବଂ ଆମେ କେବଳ ବିନତୀ କରୁଛୁ ଯେ ତୁମେ ଏହି ପ୍ରଶ୍ନଗୁଡିକୁ ବର୍ତ୍ତମାନ ତୁମର ନିଜ ତତ୍ତ୍ୱାବଧାନରେ ନେବ । ସେଗୁଡିକୁ ଅତି ଗଭୀର ନିଷ୍ଠାର ସହ ଏଠାରେ ହସ୍ତାନ୍ତର କରାଯାଇଥିଲା । ପରମେଶ୍ୱର, ଏହା ହେଉ ଯେ ତାହା ଗଭୀର ନିଷ୍ଠାର ସହିତ, ଆମ ହୃଦୟରୁ ଆସୁ, ଯେପରିକି ଆମେ ସେଗୁଡିକୁ ସର୍ବୋତ୍ତମ ଭାବରେ ଉତ୍ତର ଦେଉ ଯେତିକି ଉତ୍ତର ଦେବାକୁ ଜାଣୁ; ଏହାକୁ ପ୍ରଦାନ କର ।

574 ଏବଂ ତୁମ ଦୟା ପ୍ରତ୍ୟେକଙ୍କ ଉପରେ ବର୍ତ୍ତୁ । ଏବଂ ଆଜି ରାତି ଏଠାରେ ଏପରି କିଛି କୁହାଯାଉ ଯାହାକି ଏଠାରେ ଥିବା ସମସ୍ତଙ୍କୁ ସାହାଯ୍ୟ କରିବ । ଏବଂ ଯେତେବେଳେ ଆମେ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା ପରେ ଆଉ ପ୍ରଭୁଭୋଜ ଓ ଇତ୍ୟାଦି ଗ୍ରହଣ କରିବା ପରେ ଏଠାକୁ ଛାଡ଼ି ଚାଲିଯାଉ, ଏହା ହେଉ ଯେ ଇମ୍ମାୟୁରୁ ଆସିଥିବା ସେହି ଲୋକମାନଙ୍କ ପରି ଆମେ କହିପାରୁ, "ସେ ଆମ ସହିତ ମାର୍ଗରେ କଥାବାର୍ତ୍ତା କଲାବେଳେ କଅଣ ଆମ ହୃଦୟ ଉତ୍ତପ୍ତ ହେଲା ନାହିଁ କି?" କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

575 ତେବେ, ଯେପରିକି ମୁଁ ଅନେକ ଥର କହିଛି, ଯେ ଏଗୁଡ଼ିକ—ଏଗୁଡ଼ିକ ଏଠାରେ ହେଉଛି—ହେଉଛି ସେଗୁଡିକ ବିଷୟରେ ମୋର ସର୍ବୋତ୍ତମ ମତ, ଏବଂ ତାହାପରେ ବେଳେବେଳେ ଏହା ଅଳ୍ପ ଏକ ଛୋଟ ଆଲୋଚନାକୁ ଜନ୍ମ ଦେଇଥାଏ । ଏଠାରେ ପ୍ରଥମଟି, ମୁଁ ଦେଖେ ଯେ ଏହା ଏପରି କିଛି ଅଟେ ଯାହା ମୁଁ ପୂର୍ବରୁ କହିଅଛି, ଏହା ପୁନର୍ବାର ହସ୍ତାନ୍ତର କରାଯାଇଛି । ମୁଁ କରିବି ନାହିଁ...ଯଦି ଆପଣ ଚାହାଁନ୍ତି, ବର୍ତ୍ତମାନ ଏହାକୁ ପାଠ କରିବାକୁ ଚାହିଁବି ।

**65. ଯେତେବେଳେ ଆଦମ ଓ ହବା ଏଦନରେ ସେମାନଙ୍କର ସନ୍ତାନ କରିଥିଲେ, ସେହି ସମୟରେ ପୃଥିବୀରେ କଅଣ ଅନ୍ୟ ଲୋକମାନେ ଥିଲେ କି? ଆଦିପୁସ୍ତକ 5ମ ପର୍ବ ଏବଂ 16ତମ ପଦରେ, କୟିନ ନୋଦ ନାମକ ଦେଶରେ ବାସ କଲେ ଆଉ ତାର ପତ୍ନୀଙ୍କର ସହବାସ କଲେ ।**

576 ବର୍ତ୍ତମାନ, ତାହା ଏକ—ଏକ ଅଦ୍ଭୁତ ପ୍ରଶ୍ନ ଅଟେ । ତେବେ, ଆମକୁ ବାଇବଲରେ ଶିକ୍ଷା ଦିଆଯାଇଛି...ଏବଂ ଅନେକ ଥର ଏଗୁଡିକ...ବେଳେବେଳେ ଆମେ ବେପରୁଆ ଭାବରେ...ମୁଁ ଏପରି ଏକ ଛୋଟ କାଗଜ ଖଣ୍ଡକ ଲଗାଇ, କହୁଥିଲି, "ପଚାର । ଯେକୌଣସି ବାଇବଲ ପ୍ରଶ୍ନର ଉତ୍ତର ଦେବି ।"

577 ଆଉ କେହି ଜଣେ କହିଲେ, "ତେବେ, କୟିନଙ୍କ ପତ୍ନୀ କିଏ ଥିଲେ?"

578 ଓଃ, ମୁଁ ଏହା ସହିତ କିମ୍ବା ଅନ୍ୟ କିଛି ସହିତ ଟିକେ ଥଟ୍ଟା କରିଥିଲି, ମୁଁ କହିଥିଲି, "ଓଃ, ସେ ତାଙ୍କ ଶା-ଶୁ-ଙ୍କ ଝିଅ ଥିଲେ," କିଅବା ସେହିପରି କିଛି, ଆପଣ ଜାଣନ୍ତି, କିମ୍ବା—କିମ୍ବା "ସେ ଶ୍ରୀମତୀ କୟିନ ଥିଲେ ।" ମାତ୍ର ତାହା ପ୍ରଶ୍ନର ଉତ୍ତର ଦିଏ ନାହିଁ । ସେଠାରେ...

579 ସେଠାରେ କୟିନଙ୍କର ଏକ ପତ୍ନୀ ଥିଲେ, କାରଣ ବାଇବଲ କୁହେ ଯେ ସେ କରିଥିଲେ । ଏବଂ ଯଦି କୟିନଙ୍କର ଏକ ପତ୍ନୀ ଥିଲା, ତେବେ ତାଙ୍କୁ ସେ କୌଣସି ସ୍ଥାନରୁ ପାଇଥିବେ । ଆଉ ଏହା ଠିକ୍ ଏଠାରେ ତାହା ସହିତ ସଂଯୋଗରେ ରହିବ:

**ଯେତେବେଳେ ଆଦମ ଓ ହବା ଏଦନ ଉଦ୍ୟାନରେ ସେମାନଙ୍କର ସନ୍ତାନ କରିଥିଲେ, ସେତେବେଳେ ପୃଥିବୀରେ କଅଣ ଅନ୍ୟ ଲୋକମାନେ ଥିଲେ କି?**

580 ବର୍ତ୍ତମାନ, ଯଦି ଆପଣ ଲକ୍ଷ୍ୟ କରିବେ, ବାଇବଲରେ ଏହା କ୍ୱଚିତ୍ ହିଁ ଜଣେ ସ୍ତ୍ରୀଙ୍କ ଜନ୍ମ ବିଷୟରେ ଅଭିଲେଖ କରାଯାଏ । ଏହା ସର୍ବଦା ପୁରୁଷ ସନ୍ତାନ ହିଁ ଅଟେ ଯାହାକୁ ସେମାନେ ବାଇବଲରେ ଅଭିଲେଖ କରିଛନ୍ତି, ସ୍ତ୍ରୀ ନୁହେଁ । ବାଇବଲରେ ଏକ କନ୍ୟା ଶିଶୁର ଜନ୍ମ ବିଷୟରେ କ୍ୱଚିତ୍ ହିଁ ଉଲ୍ଲେଖ କରାଯାଇଅଛି । କିମ୍ବା, ଖୋଲାଖୋଲି ଭାବେ, ମୁଁ ଜାଣେ ନାହିଁ ଯେ ମୁଁ ବର୍ତ୍ତମାନ ଗୋଟିଏ ସୀଧାସଳଖ ମନରେ, ଠିକ୍ ସ୍ମରଣ କରିପାରେ, ଯେ କେଉଁଠାରେ ଏହା ଏକ ଶିଶୁର ଜନ୍ମକୁ ଅଭିଲେଖ କରିଥିଲା; କହିଥିଲା, "ସେମାନେ ପୁତ୍ର ଓ ପୁତ୍ରୀମାନଙ୍କୁ ଜନ୍ମ କଲେ ।"

581 ତେବେ, ବାଇବଲ ଆଦମ ଏବଂ ହବାଙ୍କଠାରୁ କେବଳ ତିନୋଟି ସନ୍ତାନ ଜନ୍ମ ହୋଇଥିବାର ଅଭିଲେଖ କରେ, ଆଉ ତାହା କୟିନ, ହେବଲ ଓ ଶେଥ୍ ଥିଲେ । ବର୍ତ୍ତମାନ, ଯଦି ସେହି ତିନିଜଣଯାକ ପୁରୁଷ ଅଟନ୍ତି, ଯଦି କୌଣସି କନ୍ୟା ଜନ୍ମ ହୋଇ ନ ଥିଲା, ଏବଂ ତାହାପରେ ଯେତେବେଳେ ଏକମାତ୍ର ସ୍ତ୍ରୀଲୋକ (ହବା) ମରିଗଲେ, ତେବେ ମାନବ ଜାତି ସେତେବେଳେ ବିଦ୍ୟମାନ ରହିବା କ୍ଷାନ୍ତ ହୋଇ ଯାଇଥାନ୍ତା, କାରଣ ସେମାନଙ୍କ ପାଇଁ ଆଉ କୌଣସି ଉପାୟ ନ ଥିଲା ଯେ—ଯେ କିଛି କରିଥାଆନ୍ତେ...ଯେ ମାନବ ଜାତି ଆଗକୁ ଅଗ୍ରସର ହୁଅନ୍ତା, ଯେହେତୁ ସେଠାରେ କୌଣସି ସ୍ତ୍ରୀଲୋକ ବାକି ରହି ନ ଥିଲେ । ହବା ହିଁ କେବଳ ଏକମାତ୍ର ହୋଇଥାନ୍ତେ । ମାତ୍ର, ଆପଣ ଦେଖନ୍ତୁ, ସେମାନେ ସେହି—ସେହି କନ୍ୟା ଶିଶୁମାନଙ୍କର ଜନ୍ମ ଅଭିଲେଖ କରନ୍ତି ନାହିଁ, ବାଇବଲରେ, ତେଣୁକରି ଅତଏବ ସେମାନଙ୍କର ପୁଅମାନଙ୍କ ପରି ଝିଅମାନେ ମଧ୍ୟ ରହିବା ଆବଶ୍ୟକ ।

582 ତେବେ, ପୁରାତନ ଲେଖକ, ଆମ ପାଖରେ ଥିବା ଅନ୍ୟତମ ପ୍ରାଚୀନ ଲେଖକ, ଜୋସେଫସ୍, ଦାବି କରନ୍ତି ଯେ ସେମାନଙ୍କର ସତୁରି ସନ୍ତାନ ଥିଲେ, ଏବଂ ଆଦମ ଓ ହବା; ପୁରାତନ ଲେଖକମାନଙ୍କ ମଧ୍ୟରୁ ଜଣେ, "ସତୁରି ପିଲା, ଏବଂ ସେମାନେ ଉଭୟ ପୁତ୍ର ଓ କନ୍ୟା ଥିଲେ ।"

583 ତେବେ, ଯଦି...ଏବଂ ତାହାପରେ ଯଦି କୟିନ ନୋଦ ଦେଶକୁ ଗଲେ...ତେବେ, ଯଦି ଆପଣ ଧ୍ୟାନ ଦେବେ, ଲେଖକ ଏଠାରେ ଅତି, ଅତି ଉତ୍ତମ ଭାବରେ ଲେଖିଛନ୍ତି । ସେ ଏହାକୁ କିପରି ଭାବାରେ ଉଦ୍ଧୃତ କଲେ ଆପଣ ତାହା ଲକ୍ଷ୍ୟ କଲେ କି?

> **ଏଦନରେ, ଯେତେବେଳେ ଏଦନରେ ସେମାନଙ୍କର ସନ୍ତାନ ହେଲେ...**ବର୍ତ୍ତମାନ, ଏଦନ ଉଦ୍ୟାନରେ ନୁହେଁ, ଲେଖକ ତାହା ଜାଣିଥିଲେ । ଯିଏ କେହି ବି ଏଠାରେ ଏହାକୁ

ଲେଖିଛନ୍ତି, ସେ କହିଛନ୍ତି: **ଯେତେବେଳେ ଆଦମ ଓ ହବାଙ୍କର ଏଦନରେ ସେମାନଙ୍କର ସନ୍ତାନ ହେଲେ...**

584 ଏଦନ ଉଦ୍ୟାନରେ ନୁହେଁ, କାରଣ ସେମାନଙ୍କୁ ଏଦନ ଉଦ୍ୟାନରୁ ବାହାର କରିଦିଆଯାଇଥିଲା। କିନ୍ତୁ ସେମାନେ ଏବେ ମଧ୍ୟ ଏଦନରେ ଥିଲେ, ଏବଂ ଏଦନ ଉଦ୍ୟାନ ଏଦନର ପୂର୍ବ ଦିଗରେ ରହିଥିଲା। ମାତ୍ର ଏଦନ ଏକ ପ୍ରାନ୍ତ ପରି ଥିଲା କିମ୍ବା—କିମ୍ବା ଯାହାକି... କିମ୍ବା ଏକ ରାଜ୍ୟ, ଏବଂ ତାହାପରେ ନୋଦ ଏହା ପାଖରେ ଲାଗିକରି ଅନ୍ୟ ଏକ ରାଜ୍ୟ କିମ୍ବା ପ୍ରାନ୍ତ ଥିଲା।

585 ତେବେ, କେବଳ ଜଣେ ମାତ୍ର ବ୍ୟକ୍ତି ଯାହାକୁ କୟିନ ଗ୍ରହଣ କରିପାରିଥାନ୍ତେ, କିମ୍ବା ବିବାହ କରିପାରିଥାନ୍ତେ, ତାହା ହେଲା ତାଙ୍କର ନିଜ ଭଉଣୀ। ତାଙ୍କୁ କରିବାକୁ ଥିଲା। କାରଣ ସେଠାରେ କେବଳ ଜଣେ ହିଁ ପୁରୁଷ ଏବଂ ସ୍ତ୍ରୀ ଥିଲେ, ଯାହାଠାରୁ ସେମାନେ ଆସି ପାରିଥିଲେ, ଦେଖନ୍ତୁ, ଆଉ ତାଙ୍କୁ ତାଙ୍କର ନିଜ ଭଉଣୀଙ୍କୁ ହିଁ ବିବାହ କରିବାକୁ ଥିଲା। ତେବେ, ତାହା ସେହି ଦିନମାନଙ୍କରେ ଆଇନଗତ ଥିଲା।

586 ଏବଂ ଇସ୍‌ହାକ ପରମେଶ୍ୱରଙ୍କ ଦ୍ୱାରା ନିରୂପିତ, ତାଙ୍କର ପ୍ରଥମ ରକ୍ତ ସମ୍ପର୍କୀୟ ଭଉଣୀ, ରିବିକାଙ୍କୁ ବିବାହ କଲେ। ସାରା ଅବ୍ରହାମଙ୍କର ଭଉଣୀ ଥିଲେ, ତାଙ୍କର ରକ୍ତ ସମ୍ପର୍କୀୟ ଭଉଣୀ ଥିଲେ; ତାଙ୍କ ମାଆ ଦ୍ୱାରା ନୁହେଁ, ବରଂ ପିତାଙ୍କ ଦ୍ୱାରା। ଦେଖନ୍ତୁ, ଜଣେ ରକ୍ତ ସମ୍ପର୍କୀୟ ଭଉଣୀ ଯାହାକୁ—ଯାହାକୁ ଅବ୍ରହାମ ବିବାହ କରିଥିଲେ; ଏକ ଭିନ୍ନ ମାତା, କିନ୍ତୁ ସମାନ ପିତା ଥିଲେ।

587 ତେଣୁ, ଆପଣ ଦେଖନ୍ତୁ, ସେତେବେଳେ ସଂପର୍କରେ ବିବାହ କରିବା, ଏହା ପୂର୍ବେକି ରକ୍ତର ସେହି—ସେହି ସ୍ରୋତ ମାନବ ଜାତିରେ ଦୁର୍ବଳ ହୋଇଗଲା, ଏହା ଆଇନଗତ ଏବଂ ଠିକ୍ ଥିଲା। ବର୍ତ୍ତମାନ ତାହା ନୁହେଁ। ଯଦି ଆପଣ ଆଜି ନିଜର ଭଉଣୀକୁ ବିବାହ କରିବେ, ଓ ସନ୍ତାନ କରିବେ, ସେମାନେ ବୋଧହୁଏ ହୋଇଯିବେ...ତେବେ, ସେମାନେ କେବଳ ବିକୃତ ଏବଂ ସବୁକିଛି ହୋଇଯିବେ। ଏପରିକି ପ୍ରଥମ ଏବଂ ଦ୍ୱିତୀୟ ସମ୍ପର୍କୀୟଙ୍କ ପର୍ଯ୍ୟନ୍ତ ମଧ୍ୟ କେବେ ବି ବିବାହ କରିବା ଉଚିତ୍ ନୁହେଁ, ଦେଖନ୍ତୁ, କାରଣ ରକ୍ତସ୍ରୋତ ଦୁର୍ବଳରୁ ଦୁର୍ବଳ ହୋଇ ପ୍ରବାହିତ ହେଉଅଛି।

588 କିନ୍ତୁ ସେତେବେଳେ ଗୋଟିଏ ମାତ୍ର ବିଷୟ ଯାହା କୟିନ କରି ପାରିଥାଆନ୍ତେ, ତାହା ହେଲା, ତାଙ୍କ ନିଜର ଭଉଣୀକୁ ବିବାହ କରିଥାନ୍ତେ। ଏବଂ ସେହିଠାରେ ହିଁ ଯେଉଁଠାରେକି ସନ୍ତାନମାନେ ହେଲେ...ସେ ତାଙ୍କର ପତ୍ନୀଙ୍କୁ ଗ୍ରହଣ କରି, ନୋଦ ନାମକ ଦେଶକୁ ଗଲେ ଓ ତାଙ୍କ ସହବାସ କଲେ, ଏବଂ ସେଥିରୁ ସେହି—ସେହି ପିଲାମାନେ ଆସିଲେ। ଦେଖନ୍ତୁ, ସେହି...

589 ଏବଂ ଯଦି ଆପଣ ଧ୍ୟାନ ଦେବେ, କୟିନଙ୍କର ବଂଶାବଳୀରୁ ପ୍ରଖର ବୁଦ୍ଧିର ପୁରୁଷମାନେ ଆସିଲେ। ଶେଥଙ୍କ ବଂଶାବଳୀରୁ ଧାର୍ମିକ ବ୍ୟକ୍ତିମାନେ ଆସିଲେ, ମୋର କହିବାର ଅର୍ଥ,

ଧର୍ମର ସେହି—ସେହି ଦ୍ରାକ୍ଷାଲତା । ଠିକ୍ ସେହିଠାରେ, ସେହି ଦୁଇଜଣ, ସେହି ବଂଶାବଳୀକୁ ଠିକ ନେଇକି ଆସିଲେ ଯେଉଁଥିରେ ଆଜି ଆମେମାନେ ରହୁଅଛୁ ।

590 ଯଦି ବର୍ତ୍ତମାନ ଆପଣମାନେ ଆଜି ଧ୍ୟାନ ଦେବେ (ଏହି ପ୍ରଶ୍ନକୁ ଠିକ୍ ସମାପ୍ତ କରିବାରେ): କୟିନର ସେହି ବଂଶ ଆଜି ମଧ୍ୟ ବିଦ୍ୟମାନ ଅଛି, ଏବଂ ଶେଥଙ୍କ ବଂଶ ମଧ୍ୟ ଆଜି ବିଦ୍ୟମାନ ଅଛି । ସେମାନେ ଦୁହେଁ ସମାନ ଭାବରେ ଆସିଥାନ୍ତି । କୟିନଙ୍କର ସନ୍ତାନମାନେ ଆଜି ରାତି ଏଠାରେ ଜେଫର୍ସନ୍‌ଭିଲେରେ ଅଛନ୍ତି, ଏବଂ ଶେଥଙ୍କର ସନ୍ତାନମାନେ ମଧ୍ୟ ଆଜି ରାତି ଏଠାରେ ଜେଫର୍ସନ୍‌ଭିଲେରେ ଅଛନ୍ତି । ଯେପରିକି ରକ୍ତସ୍ରୋତ ଦୁର୍ବଳ ହୋଇ ବାହାରକୁ ଚାଲିଯାଏ, କିନ୍ତୁ ସେହି ବଂଶ ଏପର୍ଯ୍ୟନ୍ତ ଲାଗି ରହିଛି ।

591 ବର୍ତ୍ତମାନ, ଦେଖନ୍ତୁ । କୟିନଙ୍କର ସନ୍ତାନମାନେ ସର୍ବଦା ଥିଲେ...ଏବଂ ନୋହଙ୍କ ଜଳପ୍ଳାବନ ପୂର୍ବରୁ, ସେମାନେ ପ୍ରଖର ବୁଦ୍ଧିର ଲୋକ ଥିଲେ: ବୈଜ୍ଞାନିକ, ଶିକ୍ଷାବିତ୍; ଏବଂ ଅତ୍ୟନ୍ତ ଧାର୍ମିକ, ମାତ୍ର ନିନ୍ଦିତ ସମୂହ ଥିଲେ । ବୁଝିଲେ? ବର୍ତ୍ତମାନ ଦେଖନ୍ତୁ, ସେମାନେ ସେମାନଙ୍କର ପିତା କୟିନଙ୍କ ପରି ଥିଲେ । କୟିନ, ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ସେ ଏକ ସୁନ୍ଦର ବେଦୀ ନିର୍ମାଣ କରି, ଏକ ସୁନ୍ଦର ଗୀର୍ଜା ନିର୍ମାଣ କଲେ, ଏବଂ ଶେଥଙ୍କ ସେଠାରେ ଥିବା ସେହି ଛୋଟ ମିଶନ ଅପେକ୍ଷା ଏହାକୁ ଅଧିକ ସୁନ୍ଦର ଦେଖାଇବାକୁ ଚେଷ୍ଟା କରିଥିଲେ । କଅଣ ଆପଣ ତାହା ଜାଣିଛନ୍ତି? ସେ ନିଶ୍ଚିତ ଭାବରେ...ସେ ଯଜ୍ଞବେଦିକୁ ଫୁଲରେ ସଜାଇଲେ, ଏବଂ ଏହାକୁ ସୁନ୍ଦର ଭାବରେ ରଖିଲେ, ଆଉ ଏହାକୁ ମନୋହର କଲେ; ଏବଂ ଏକ ମହାନ, ବଡ, ବୃହତ ମଣ୍ଡଳୀ ତିଆରି କଲେ, କାରଣ ସେ ଭାବିଲେ ଯେ ସେ ଏହା କରି ପରମେଶ୍ୱରଙ୍କ କୃପା ଲାଭ କରିପାରିବେ ।

592 ଏବଂ ହେବଲ ଯାଇ ଗୋଟିଏ ଛୋଟ ମେଷଶାବକ ନେଲେ, ଆଉ ତାହାକୁ ବେଦୀ ଆଡକୁ ଟାଣିବା ଆରମ୍ଭ କଲେ, ଓ ଏକ ପଥର ଉପରେ ରଖି ତାକୁ ହତ୍ୟା କଲେ ।

593 ଏବଂ ବର୍ତ୍ତମାନ, ଯଦି ପରମେଶ୍ୱର ନ୍ୟାୟବାନ ହୁଅନ୍ତି, ଯଦି ଉପାସନା ହିଁ ସବୁକିଛି ଯାହାକି ସେ ଚାହାଁନ୍ତି, ତାହାହେଲେ କୟିନ ସେତିକି ନିଷ୍ଠାର ସହ ପରମେଶ୍ୱରଙ୍କ ଉପାସନା କରିଥିଲେ ଯେତିକି ହେବଲ କରିଥିଲେ । ସେମାନେ ଦୁହେଁ ନିଷ୍ଠାବାନ ଥିଲେ । ସେମାନେ ଦୁହେଁ ପରମେଶ୍ୱରଙ୍କ ଠାରୁ କୃପା ଲାଭ କରିବାକୁ ଚେଷ୍ଟା କରୁଥିଲେ । ସେମାନଙ୍କ ମଧ୍ୟରୁ ଉଭୟ କେହିହେଲେ ଅବିଶ୍ୱାସୀ ନ ଥିଲେ । ସେମାନେ ଉଭୟେ, ଯିହୋବାଙ୍କ, ଉପରେ ବିଶ୍ୱାସୀ ଥିଲେ । ବର୍ତ୍ତମାନ, ସେଠାରେ, ତାହା ଆମକୁ କିଛି ଚିନ୍ତା କରିବାକୁ ବିଷୟ ଦେଇଥାଏ ।

594 ଆଜି ରାତି ଏଠାରେ କେତେକ ଲୋକମାନେ ଅଛନ୍ତି, ଯାହାଙ୍କୁ ମୁଁ କେବେ ଦେଖି ନାହିଁ; ମୁଁ ଆପଣଙ୍କୁ କେବେ ଦେଖି ନାହିଁ । ମାତ୍ର ଆପଣ ଏହା ନିଶ୍ଚୟ ଅନୁଭବ କରିବା ଉଚିତ୍, ଏବଂ ଏହାକୁ ନିଜ ମନରେ ରଖିବା ଉଚିତ୍ । ବୁଝିଲେ? ଆପଣ ଯେତେ ଧାର୍ମିକ ହୁଅନ୍ତୁ ନା କାହିଁକି, ତାହାର ଏହା ସହିତ କିଛି ସମ୍ପର୍କ ନାହିଁ । ଆପଣ ହୁଏତ ଗୀର୍ଜାରେ ରହୁ ଥାଇପାରନ୍ତି, ଆପଣ ହୁଏତ ଅତ୍ୟନ୍ତ ନିଷ୍ଠାପର ହୋଇ ଥାଇପାରନ୍ତି, ଏବଂ ଆପଣ ତଥାପି ବିନଷ୍ଟ ଅଟନ୍ତି! ବୁଝିଲେ?

595 ଏବଂ ଆପଣ କୁହନ୍ତି, "ତେବେ," ଆପଣ କୁହନ୍ତି, "ଆମର ପାଳକମାନେ ସବୁଠାରୁ ପ୍ରଖର ବୁଦ୍ଧିସମ୍ପନ୍ନ, ସେମାନେ ସର୍ବୋତ୍ତମ ଶିକ୍ଷା ପାଇବା ହେତୁ ସେମିନାରୀ ମାଧ୍ୟମରେ ଆସିଥାନ୍ତି। ସେମାନେ ଧର୍ମଶାସ୍ତ୍ରୀ, ସେମାନେ ସମସ୍ତେ—ସମସ୍ତ ଧର୍ମଶାସ୍ତ୍ର ଓ ଇତ୍ୟାଦି ଜାଣନ୍ତି। ଏବଂ ସେମାନେ ପ୍ରଖର ବୁଦ୍ଧି, ତାଲିମପ୍ରାପ୍ତ, ସବୁଠୁଁ...ସର୍ବୋତ୍ତମ ମନୋନୀତ ଲୋକ ଯାହାକି ଆମେ ଜାଣିଛୁ।" ଏବଂ ସେମାନେ ତଥାପି ବିନଷ୍ଟ ହୋଇ ଯାଇପାରନ୍ତି! ବୁଝିଲେ?

596 ବର୍ତ୍ତମାନ କୟିନ, ତାଙ୍କ ବଂଶାବଳୀରେ: ସେମାନେ, ପ୍ରତ୍ୟେକ ଜଣ, ଅତି ଧାର୍ମିକ; ବହୁତ ପ୍ରସିଦ୍ଧ ଲୋକମାନେ ଥିଲେ; ଏବଂ ସେମାନେ ବୈଜ୍ଞାନିକ, ଓ ଡାକ୍ତର, ଆଉ ନିର୍ମାଣକାରୀ, ଓ ଶ୍ରମିକ, ଏବଂ ପ୍ରଖର ବୁଦ୍ଧିର ପୁରୁଷମାନେ ଥିଲେ। କିନ୍ତୁ କୟିନଠାରୁ ଆରମ୍ଭ କରି, ସେହି ସମସ୍ତ ବଂଶ ପ୍ରତ୍ୟାଖ୍ୟାନ କରାଯାଇଥିଲା।

597 ଏବଂ ହେବଲଙ୍କ ପକ୍ଷରେ: ସେମାନେ ନିର୍ମାଣକାରୀ କିମ୍ବା ଶିକ୍ଷାବିତ୍ କିଅବା ପ୍ରଖର ବ୍ୟକ୍ତି ନ ଥିଲେ; ସେମାନେ ଏକ, ଉଣା ଅଧିକ, ନମ୍ର, ଏକ ପ୍ରକାର ମେଣ୍ଢା ପାଳକ, ଏବଂ କୃଷକ ଥିଲେ, ଯେଉଁମାନେକି କେବଳ ଆତ୍ମାଙ୍କ ଦ୍ୱାରା ଚାଲୁଥିଲେ।

598 ତେବେ, ବାଇବଲ କୁହେ, "ଖ୍ରୀଷ୍ଟ ଯୀଶୁଙ୍କଠାରେ ଥିବା ଲୋକମାନଙ୍କୁ କୌଣସି ନିନ୍ଦା ନାହିଁ, ଯେଉଁମାନେକି ଶରୀରର ଅନୁସାରେ ନୁହେଁ ବରଂ ଆତ୍ମାଙ୍କ ଅନୁସାରେ ଗମନାଗମନ କରନ୍ତି।" ଆତ୍ମିକ ମନୁଷ୍ୟଠାରେ ଏକ ଆତ୍ମିକ ପ୍ରାଣ ରହିଥାଏ ଯାହାକି କେବେ ବି ମରିପାରେ ନାହିଁ। ଏବଂ ଶାରୀରିକ ମଣିଷର ଚାରିପାଖରେ ଏକ ଧାର୍ମିକ ବାତାବରଣ ଥାଏ (ଉପାସନା ଏବଂ ପ୍ରଭୃତି କରିବାକୁ ଚାହେଁ) କିନ୍ତୁ ଶାରୀରିକ ଅଟେ; ଜଣେ ଅବିଶ୍ୱାସୀ ନୁହେଁ, କିନ୍ତୁ ଜଣେ ଶାରୀରିକ ବିଶ୍ୱାସୀ; ଏବଂ ସେହି ପ୍ରକାରକୁ ହିଁ ପ୍ରତ୍ୟାଖ୍ୟାନ କରାଯାଇଥିଲା।

599 ବର୍ତ୍ତମାନ, ସେଠାରୁ, କୟିନ ଯାଇ ନୋଦ ନାମକ ଦେଶରେ ତାଙ୍କ ପତ୍ନୀଙ୍କୁ ବିବାହ କରିଥିଲେ। ତେବେ, ଶେଥ୍ କାହାକୁ ବିବାହ କଲେ, କିମ୍ବା ଅନ୍ୟମାନେ କାହାକୁ ବିବାହ କଲେ, ଏହା ତାହା ବିଷୟରେ କୁହାଯାଏ ନାହିଁ। ଏବଂ ଏହାର ସବୁଠୁ ସୁନ୍ଦର ବିଷୟ ହେଉଛି ତାହା ଜାଣିବା ଯେ—ଯେ, କୟିନର ବିବାହ କରିବାରେ, ଆମ ପାଖରେ ଏହାର ଉତ୍ତର ଅଛି। କାରଣ ତାଙ୍କୁ ନିଜର ଭଉଣୀକୁ ହିଁ ବିବାହ କରିବାକୁ ପଡିଲା, ନତୁବା ସେ...କିମ୍ବା ସେଠାରେ ଅଛି...

600 ପୃଥିବୀରେ ଆଉ କୌଣସି ସ୍ତ୍ରୀଲୋକ ନ ଥିଲେ, ବରଂ କେବଳ ହବାଙ୍କଠାରୁ ହିଁ ଆସିବାକୁ ଥିଲା। ସେ ସମସ୍ତ ଜୀବିତର ମାତା ଥିଲେ। ତାହା ହେଉଛି, ଜୀବିତ ଥିବା ସମସ୍ତ ଲୋକ, ସେ ଏହାର ମାତା ଥିଲେ। ତାହା ହିଁ ସେହି କାରଣ ଥିଲା ଯେ ସେ...*ହବା* ଶବ୍ଦର ଅର୍ଥ "ଜୀବିତମାନଙ୍କର ମାତା।" ତେଣୁ ସେ ଆସି ଏହି ପିଲାଟିକୁ ଜନ୍ମ ଦେଲେ। ଏବଂ କୟିନ ତାଙ୍କର ନିଜ ଭଉଣୀକୁ ବିବାହ କରିଥିଲେ, ତାହାହିଁ ଏକମାତ୍ର ଉପାୟ ହୋଇଥିବ ଯାହାକି

ମୁଁ ଏଥିରୁ ଦେଖିପାରୁଛି । ତେଣୁ ପ୍ରକୃତରେ, ସେହି ଦିନ ଲୋକମାନେ ବାସ କରୁଥିଲେ । ବୁଝିଲେ? ଠିକ୍, ଏବଂ...

> **ଯେତେବେଳେ ଆଦମ ଓ ହବା ଏଦନରେ ସେମାନଙ୍କର ସନ୍ତାନ କଲେ...**ବର୍ତ୍ତମାନ ଦେଖନ୍ତୁ, ତାହା ହେଉଛି ସେହି ପ୍ରଶ୍ନ: **ଯେତେବେଳେ ଏଦନରେ ସେମାନଙ୍କର ସନ୍ତାନ ହେଲେ, କଅଣ ଏହି ସମୟରେ ପୃଥିବୀରେ ଅନ୍ୟ ଲୋକମାନେ ଥିଲେ କି?** ନା! **ତାହାପରେ ଆଦିପୁସ୍ତକ 5:16 ରେ, ଆପଣ ଦେଖନ୍ତୁ, କୟିନ ନୋଦ ନାମକ ଦେଶରେ ବାସ କଲେ ଏବଂ ତାଙ୍କ ପତ୍ନୀଙ୍କ ସହବାସ କଲେ ।** ନିଶ୍ଚିତରେ । ବୁଝିଲେ?

601 ତାହା ଆଦିପୁସ୍ତକ 1 ଅଟେ, ଯେଉଁଠାରେ ସେ ମନୁଷ୍ୟକୁ ନିଜର ପ୍ରତିମୂର୍ତ୍ତିରେ ସୃଷ୍ଟି କରିଥିଲେ, ଯାହାକି ଥିଓଫାନିରେ ଥିଲା । ଏବଂ ଆଦିପୁସ୍ତକ 2 ରେ, ସେ ପୃଥିବୀର ଧୂଳିରୁ ମନୁଷ୍ୟକୁ ନିର୍ମାଣ କଲେ, ଯାହାକି ମାନବ ମନୁଷ୍ୟ ଥିଲା ଯାହାକି ଆମର ବର୍ତ୍ତମାନ ଅଛି । ଏବଂ ତାହାପରେ, 3 ରେ ପତନ ହେଲା, ଏବଂ ଏଦନ ଉଦ୍ୟାନରୁ ବାହାର କରି ଦିଆଗଲେ; ଏବଂ ତତ୍ପରେ ସେହି ସନ୍ତାନମାନେ ଅନ୍ୟ ସନ୍ତାନମାନଙ୍କୁ ଜନ୍ମ କଲେ । ଆଉ କୟିନ ନିଜ ସ୍ତ୍ରୀକୁ ନେଇ ତାହା ସହିତ ନୋଦ ଦେଶରେ ବାସ କଲେ, ବାହାରେ ଥିଲା, କାରଣ ପରମେଶ୍ୱର ତାଙ୍କୁ ଆପଣା ନିଜ ଭାଇର ସହିତ ସହଭାଗୀତାଠାରୁ ଅଲଗା କରିଦେଇଥିଲେ (ହେବଲର—ର ମୃତ୍ୟୁ ହେତୁରୁ) । ଏବଂ ତାହାହିଁ ଯାହାକି ତାଙ୍କ ପାଖରେ ଥିଲା, ତାଙ୍କର ନିଜ ଭଉଣୀ, ଓ ତାକୁ ବିବାହ କରିଥିଲେ; ଏହାହିଁ ହେଉଛି ସେହି ଏକମାତ୍ର ଉପାୟ ଯାହାକି ମୁଁ କରିପାରେ, ନିଜେ, ଦେଖିପାରେ ଯେ—ଯେ ସେ କିପରି ବିବାହିତ ହୋଇଥିଲେ ।

602 ବର୍ତ୍ତମାନ, ଏହା କୁହାଯାଇଛି...ଏବଂ ମୁଁ ଆଶା କରେ ଯେ ଏଠାରେ ଥିବା ମୋର ଅଶ୍ୱେତ ବନ୍ଧୁମାନେ ଏହି ମନ୍ତବ୍ୟକୁ କ୍ଷମା କରିବେ, କାରଣ ଏହା ସଂପୂର୍ଣ୍ଣ ଭାବେ ଠିକ୍ ନୁହେଁ । ପ୍ରଥମ ଥର ମୁଁ ମୋ ଜୀବନରେ କାହାରିକୁ ଭେଟିଥିଲି, ମୋର ପରିବର୍ତ୍ତନ ହେବା ପରେ...ମୁଁ ଥିଲି... ଭାଇ ଜର୍ଜ ଡିଆର୍କ ଏବଂ ସେମାନଙ୍କୁ ସେଠାରେ ତଳେ ଭେଟିଥିଲି । ଏବଂ ମୁଁ ଚାଲିଥିଲି, ଆଉ ପ୍ରଭୁ ମୋତେ ଏକ ଛୋଟ ସ୍ଥାନକୁ କଢେଇ ନେଇଗଲେ । ଏବଂ ସେମାନେ ସେହି ବିଷୟରେ ଆଲୋଚନା କରୁଥିଲେ ଯେ ଅଶ୍ୱେତ ବ୍ୟକ୍ତି କେଉଁଠାରୁ ଆସିଥିଲା । ଆଉ ସେମାନେ କହିବାକୁ ଚେଷ୍ଟା କରୁଥିଲେ ଯେ ସେହି ଅଶ୍ୱେତ ବ୍ୟକ୍ତି, ଯେ କୟିନ ଏକ ଆଦିମାନବ ପରି ଏକ ପଶୁକୁ ବିବାହ କରିଥିଲେ, ଏବଂ ସେଠାରୁ ଅଶ୍ୱେତ ଜାତି ବାହାରିଥିଲା । ବର୍ତ୍ତମାନ, ତାହା ଭୁଲ୍ ଅଟେ! ଅବିକଳ ଭାବରେ, ତାହା ଭୁଲ୍ ଅଟେ! ଆଉ ସେହିପରି ବିଷୟକୁ କଦାପି ଗ୍ରହଣ କରନ୍ତୁ ନାହିଁ । କାରଣ ସେଠାରେ କୌଣସି ଅଶ୍ୱେତ କିମ୍ବା ଶ୍ୱେତ, କିମ୍ବା ଅନ୍ୟ କୌଣସି କିଛି ଭିନ୍ନ ନ ଥିଲା, ଏହା ଜଳପ୍ଲାବନ ପର୍ଯ୍ୟନ୍ତ ଲୋକମାନଙ୍କର କେବଳ ଗୋଟିଏ ହିଁ ଜାତି ଥିଲା । ତାହାପରେ ଜଳପ୍ଲାବନ ପରେ ଏବଂ ବାବିଲର ଗଡ଼ ପରେ, ଯେତେବେଳେ ସେମାନେ ଛିନ୍ନଛତ୍ର ହେବାକୁ ଲାଗିଲେ, ସେତେବେଳେ ହିଁ ଅଟେ ଯେ ସେମାନେ ସେମାନଙ୍କର ବର୍ଣ୍ଣ ଓ ଇତ୍ୟାଦି ଗ୍ରହଣ କରିଥିଲେ । ସେମାନେ ସମସ୍ତେ ସେହି ସମାନ ଗଛରୁ ଆସିଛନ୍ତି । ତାହା ଅବିକଳ ଠିକ୍ ଅଟେ ।

ଆଦମ ଓ ହବା ପିତା ଏବଂ ମାତା ଥିଲେ, ପାର୍ଥିବ ଭାବରେ, ମନୁଷ୍ୟର ପ୍ରତ୍ୟେକ ଜୀବିତ ପ୍ରାଣୀମାନଙ୍କର ଯାହାକି ପୃଥିବୀରେ କେବେ ରହିଥିଲେ । ତାହା ଠିକ୍ । ଅଶ୍ୱେତ, ଶ୍ୱେତ, ଧୂସର, ବାଦାମୀ, ହଳଦିଆ, ଆପଣ ଯେକୌଣସି ବର୍ଣ୍ଣର ହୋଇ ଥାଇପାରନ୍ତି, ତାହା ସମ୍ପୂର୍ଣ୍ଣ ଭାବରେ ଆପଣ ରହୁଥିବା ସେହି ସ୍ଥାନ ଅଟେ, ଏବଂ ଯେଉଁ ଉପାୟରେ ତାହା—ତାହା ସେହି...ଠିକ୍ ଯେପରିକି...

603 ମୁଁ ଭାବେ ଯେ ମୁଁ ଏହା ଉପରେ କହୁଥିବାବେଳେ ଏହାକୁ ପ୍ରକାଶ କରିପାରେ । ସେହି ଲୋକମାନେ ଯେଉଁମାନେକି ବର୍ତ୍ତମାନ ଏହି ପୃଥକତାରେ ଏବଂ ନିୟମାବଳୀରେ ଓ ସେହି ପାରିତ ବିଷୟଗୁଡ଼ିକରେ ଅଛନ୍ତି, ମୁଁ ଭାବେ ଏହା ହାସ୍ୟାସ୍ପଦ ଅଟେ । ମୁଁ ପ୍ରକୃତରେ ତାହା ଅନୁଭବ କରେ । ଶୁଣନ୍ତୁ, କେବଳ ସେହି ଲୋକଙ୍କୁ ଏକାକୀ ଛାଡିଦିଅନ୍ତୁ, ସେମାନେ ଜାଣନ୍ତି ଯେ ସେମାନଙ୍କୁ କଅଣ ଦରକାର । ପରମେଶ୍ୱର ଜଣେ ବ୍ୟକ୍ତିଙ୍କୁ ଏକ ଅଶ୍ୱେତ ମଣିଷ କଲେ, ଏବଂ ସେ ଏଥିରେ ଖୁସି ଅଟେ । ଅବଶ୍ୟ! ଯଦି ପରମେଶ୍ୱର ମୋତେ ଏକ ଅଶ୍ୱେତ ବ୍ୟକ୍ତି କଲେ, ମୁଁ ଏଥିରେ ଖୁସି ହେବି; ଯଦି ସେ ମୋତେ ଏକ ବାଦାମୀ ବ୍ୟକ୍ତି କଲେ, ମୁଁ ଖୁସି ହେବି; ଯଦି ସେ ମୋତେ ଏକ ଶ୍ୱେତ ବ୍ୟକ୍ତି କଲେ, ମୁଁ ଖୁସି ଅଟେ; ଯଦି ସେ ମୋତେ ଏକ ହଳଦିଆ ବ୍ୟକ୍ତି କଲେ, ମୁଁ ଖୁସି ହେବି । ପରମେଶ୍ୱର ଆମକୁ ଆମର ବର୍ଣ୍ଣରେ ସୃଷ୍ଟି କଲେ, ଏବଂ ସେ ଆମକୁ ଯେପରି ଚାହିଁଲେ ସେପରି ଭାବରେ ରଚନା କଲେ, ଆଉ ଆମେ ସମସ୍ତେ ତାହାଙ୍କର ସନ୍ତାନ ଅଟୁ । ନିଶ୍ଚିତ ଭାବରେ! ଏବଂ ସେମାନଙ୍କୁ ସେହି ଭଳି କଳି କଜିଆ ଓ ସେହିପରି କାର୍ଯ୍ୟ କରିବା ଉଚିତ୍ ନୁହେଁ । ତାହା କରିବା ଭୁଲ୍ ଅଟେ । ସେମାନେ ଏହା କରିବା ଉଚିତ୍ ନୁହେଁ । ପରମେଶ୍ୱର ଆମକୁ ସୃଷ୍ଟି କରିଛନ୍ତି...ଯେପରି ଭାବରେ ଆମେ ତାହା ଚାହିଁଥିଲୁ ।

604 ଏବଂ ସେହି ଅଶ୍ୱେତ ବ୍ୟକ୍ତି, ସେ ସେଠାରେ ବାହାରକୁ ଯାଇ ନିଜର—ନିଜର ବଂଶ କିମ୍ବା ବର୍ଣ୍ଣ ଭଗ୍ନ କରିବାକୁ ଚାହେଁ ନାହିଁ, ଓ ତାହାକୁ ଶ୍ୱେତ ସହିତ ଆଉ ସେହିପରି ସବୁ କିଛି ସହିତ ମିଶ୍ରଣ କରିବାକୁ ଚାହେଁ ନାହିଁ । ମୁଁ ତାଙ୍କୁ ଦାୟୀ କରୁ ନାହିଁ । ମୁଁ କରୁ ନାହିଁ । ଅଶ୍ୱେତ ବ୍ୟକ୍ତିଙ୍କ ପାଖରେ ଏପରି ବିଷୟମାନ ଅଛି ଯାହାକି ଶ୍ୱେତ ପାଖରେ ମଧ୍ୟ ନାହିଁ । ନିଶ୍ଚିତ ଭାବରେ! ତାହା ଅବିକଳ ଠିକ୍ ଅଟେ । ଏବଂ ପରମେଶ୍ୱର ସେମାନଙ୍କୁ ସେହିପରି ହୁଅନ୍ତୁ ବୋଲି କେବେ ବି ଇଚ୍ଛା କଲେ ନାହିଁ ।

605 ତେବେ, ଦେଖନ୍ତୁ । ଅଶ୍ୱେତ ବ୍ୟକ୍ତି ହେଉଛି...ସେ—ସେ ଜଣେ...ନିଜ ବିଷୟରେ ସେ ଏପରି ଏକ—ସେ ଏପରି ଏକ ସ୍ୱଭାବ ପାଇଅଛି ଯାହାକି ଶ୍ୱେତ ବ୍ୟକ୍ତି ପାଖରେ କେବେବି ନାହିଁ । ସେ ଏକ ଖୁସି-ସୌ-ଭାଗ୍ୟ ପାଇଅଛି, ଏକ "ପରମେଶ୍ୱରଙ୍କୁ ଭରସା କରନ୍ତୁ, ଏବଂ ବାକି ସବୁକୁ ଛାଡିଦିଅନ୍ତୁ"; ସେ ପାଇଛି କିମ୍ବା ସେ ପାଇନାହିଁ, ଯେକୌଣସି ପ୍ରକାରେ ବି ସେ ଖୁସି ଅଟେ । ମୁଁ ସେହି ପ୍ରକାରର ବିଷୟ ବହୁତ ପାଇବାକୁ ଚାହେଁ, ଆଜି ରାତି, ମୁଁ ନିଶ୍ଚିତରେ ଚାହିଁବି । ତେବେ, ସେ ଏହା ପାଇଅଛି, ଏବଂ ତାହା ହେଉଛି ତାଙ୍କର ଅଧିକାର; ସେମାନେ

ଏହାକୁ ଅନ୍ୟ କୌଣସି ଜାତି ସହିତ ମିଶ୍ରଣ କରି ତାହାକୁ ଭଗ୍ନ କରିବାକୁ ଚାହାଁନ୍ତି ନାହିଁ । ତାହା ଅବିକଳ ଠିକ୍ ଅଟେ ।

606 ମୁଁ ଭାବୁଛି ଶ୍ରେୱେପୋର୍ଟରେ ଥିବା ସେହି ମହିଳାଜଣକ ସେଠାରେ ଏକ ସର୍ବୋତ୍ତମ—ସର୍ବୋତ୍ତମ ମନ୍ତବ୍ୟ ଦେଇଥିଲେ ଯାହା ମୁଁ ମୋ ଜୀବନରେ କେବେ ଶୁଣିଥିଲି । ସେ ଏକ ମନ୍ତବ୍ୟ ଦେଇଥିଲେ, ଏବଂ ସେମାନେ ଏହାକୁ ଖବରକାଗଜରେ ଛାପିଥିଲେ । ସେ ଗଲେ, ସେ କହିଲେ, "ଯେଉଁ ଭାବରେ ଏହି ବିଷୟଗୁଡିକ ଏଠାରେ ହେଉଅଛି, ଏହି ପୃଥକତାରେ, ମୁଁ ଚାହେଁ ନାହିଁ ଯେ ମୋ ପିଲାମାନେ ସେହି ଶ୍ୱେତ ଲୋକମାନଙ୍କର ବିଦ୍ୟାଳୟକୁ ଯାଆନ୍ତୁ ।" କହିଲେ, "ସେମାନେ ସେତିକି ଧ୍ୟାନାକର୍ଷଣ ପାଇବେ ନାହିଁ ଯେତିକି ସେମାନେ ସେତେବେଳେ ପାଇଥାଆନ୍ତେ ଯଦି ସେମାନଙ୍କର ଜଣେ ଅଶ୍ୱେତ ଶିକ୍ଷକ ଥାଆନ୍ତା ।" ସେହି ମହିଳାଜଣକ ପ୍ରଖର ବୁଦ୍ଧିର ମହିଳା ଅଟନ୍ତି । ସେ ଜାଣିଥିଲେ ଯେ ସେ କଅଣ କହୁଛନ୍ତି, ସେମାନେ ଏକ ଅଧିକ ଉତ୍ତମ ଶିକ୍ଷା ପାଇଛନ୍ତି । ତାହା ଅବିକଳ ଠିକ୍ ଅଟେ । ତେଣୁ ମୁଁ ଭାବୁଛି ଯେ ଲୋକମାନେ ତାହା କରିବା ଦ୍ୱାରା ଭୁଲ୍ କରନ୍ତି ।

607 ଆଉ ତାହାପରେ ସେମାନେ କୁହନ୍ତି, "କୟିନ ଏବଂ ହେବଲ..." ଓ ସେହିପରି ପ୍ରଭୃତି । ନା, ଆଜ୍ଞା! ବର୍ଣ୍ଣର ଏହା ସହିତ କୌଣସି ସମ୍ପର୍କ ନ ଥିଲା । ଏହା ତ ତାହା ଭିତରେ ଥିବା ଆତ୍ମା ଅଟେ ଯାହାର ଏହା ସହିତ କିଛି ସମ୍ପର୍କ ଅଛି । ତାହା ଅବିକଳ ଠିକ୍ ଅଟେ ।

608 ତେଣୁ କୟିନ ତାଙ୍କ ପତ୍ନୀଙ୍କ ସହବାସ କଲେ, ଏବଂ ସେ ତାଙ୍କର ଭଉଣୀ ଥିଲେ । ଏବଂ ସେମାନେ...ସେ ତାଙ୍କୁ ନୋଦ ଦେଶକୁ ନେଇକରି ଗଲେ, ଏବଂ ସେଠାରେ ପୃଥିବୀର ମହାନ ଜନଜାତିଗୁଡିକ ବାହାରିଲେ: ଧର୍ମବାଦୀ ଏବଂ ଉପାସକମାନ ।

609 ଏବଂ ଆଜି କେବଳ ଭାବନ୍ତୁ, ବନ୍ଧୁ, କେବଳ ଅଟକି ଯାଆନ୍ତୁ ଓ କିଛି କ୍ଷଣ ଚିନ୍ତା କରନ୍ତୁ । ଯେ ସେଠାରେ ଦଶହଜାର ଗୁଣନ ଦଶହଜାର ଏବଂ ହଜାର ହଜାର, ସଂପୂର୍ଣ୍ଣ ଗୀର୍ଜା-ଗମନକାରୀ ଲୋକମାନେ ଅଛନ୍ତି, ସେହି ମଣ୍ଡଳୀ ପ୍ରତି ସେତିକି ସଚ୍ଚୋଟ ଏବଂ ପବିତ୍ରୀକୃତ ଅଟନ୍ତି ଯେତିକି ହୋଇପାରନ୍ତି, ମାତ୍ର ସେମାନେ ସେତିକି ବିନଷ୍ଟ ଅଟନ୍ତି ଯେତିକି କୟିନ ଥିଲେ । ବୁଝିଲେ? ଏହା ତ ପରମେଶ୍ୱର ଅଟନ୍ତି ଯିଏକି ଚୟନ କରନ୍ତି! ଏହା ତ ପରମେଶ୍ୱର ଅଟନ୍ତି ଯିଏ ମନୋନୟନ କରନ୍ତି! ବୁଝିଲେ? ପରମେଶ୍ୱର ଯିଏ ଦୟା କରନ୍ତି! ମାଟି ସେହି କୁମ୍ଭାରକୁ କହିପାରେ ନାହିଁ, ଏହା ତ ମାଟି ଉପରେ କୁମ୍ଭାର ଥାଏ । ତାହା ଠିକ୍ ଅଟେ ।

610 ବର୍ତ୍ତମାନ ଏଠାରେ ଏକ ସୁନ୍ଦର ବିଷୟଟିଏ ଅଛି, ପରବର୍ତ୍ତୀ ଏଠାରେ:

**ଦ୍ୱିତୀୟ ପିତର 2:4—2:4 ରେ...**

611 କାହାରି ପାଖରେ ବାଇବଲ ଅଛି, ଯିଏକି ଶୀଘ୍ର ଏହି ଶାସ୍ତ୍ରଗୁଡ଼ିକୁ ଦେଖିବାକୁ ଚାହାଁନ୍ତି ଯେତେବେଳେ ମୁଁ ସେଗୁଡିକ ପଢୁଥାଏ, ଯଦି ଆପଣ ଚାହାଁନ୍ତି, ଏବଂ ଏକପ୍ରକାର ମୋତେ ଏଠାରେ ସାହାଯ୍ୟ କରନ୍ତି, ଯେତେବେଳେ ଆମେ ଏହି ପ୍ରଶ୍ନକୁ ନେଉଥାଉ ।

612 ତେବେ, ଏହି କୟିନ ଏବଂ—ଏବଂ ଇତ୍ୟାଦି ଉପରେ, ଯଦି ତାହା ବର୍ତ୍ତମାନ ଏହାକୁ ସନ୍ତୁଷ୍ଟ କରେ ନାହିଁ, ତାହାହେଲେ ଆପଣ ଆମକୁ କେବଳ ତାହା ନେବାକୁ ଦିଅନ୍ତୁ । ଆମେ ଖୁସି ହେବୁ...

613 ବର୍ତ୍ତମାନ ଦ୍ୱିତୀୟ ପିତର 2:4 । ଠିକ ଅଛି, ଆଜ୍ଞା, ଆମେ ଏଠାରେ ଅଛୁ:

**66. ଦ୍ୱିତୀୟ ପିତର 2:4, "କାରଣ ପରମେଶ୍ୱର ଅଛନ୍ତି...କାରଣ ପରମେଶ୍ୱର ପାପରେ ପତିତ ଦୂତମାନଙ୍କୁ ନ ଛାଡ଼ି, ନରକରେ ନିକ୍ଷେପ କଲେ," ତେବେ ପ୍ରଥମ ପିତର ୩:୧୨ ରେ, ଖ୍ରୀଷ୍ଟ ବନ୍ଦୀ ଆତ୍ମାମାନଙ୍କୁ କାହିଁକି ପ୍ରଚାର କଲେ?**

614 ତେବେ, ପ୍ରଥମେ, ଆମ ପାଖରେ ପିତର 2:4 ଅଛି । ଠିକ୍ ଅଛି:

*କାରଣ ପରମେଶ୍ୱର ପାପରେ ପତିତ ଦୂତମାନଙ୍କୁ ନ ଛାଡ଼ି, ନରକରେ—ରେ ନିକ୍ଷେପ କଲେ, ଏବଂ—ଏବଂ ବିଚାର ନିମନ୍ତେ, ଅନ୍ଧକାରମୟ ଗହ୍ୱରରେ ରଖିଅଛନ୍ତି;*

615 ତେବେ, ବର୍ତ୍ତମାନ ଆସନ୍ତୁ ଆମେ ପ୍ରଥମ ପିତରରେ ଦେଖିବା (ତାହା ଦ୍ୱିତୀୟ ପିତର ଅଟେ), ପ୍ରଥମ ପିତର ୩:୧୨, ଏହାକୁ ଶୁଣନ୍ତୁ । ଆମେ ଏଠାରେ, ଠିକ୍ ଏଠାରେ ଅଛୁ । ଏଗୁଡିକ ଠିକ ଏବେ ଆସିଲା, ଯେଉଁ କାରଣରୁ ମୁଁ ସେଗୁଡିକୁ ଲେଖିନାହିଁ ।

*...ସେଥିରେ ମଧ୍ୟ...ବନ୍ଦୀ ଆତ୍ମାମାନଙ୍କ ନିକଟକୁ ଯାଇ ପ୍ରଚାର କଲେ;*

616 ଓଃ, ହଁ, ଆମେ ଏଠାରେ ଅଛୁ । ଆସନ୍ତୁ ଆମେ ତାହାର ଟିକିଏ ପୂର୍ବରୁ ଆରମ୍ଭ କରିବା, ସେହି ୧୮ତମ ପଦ:

*ଯେଣୁ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ନିକଟକୁ ଆଣିବା ପାଇଁ, ଖ୍ରୀଷ୍ଟ ମଧ୍ୟ... ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ, ପାପ ହେତୁ ଥରେ ମୃତ୍ୟୁଭୋଗ କଲେ, ସେ ଶରୀରରେ ମୃତ୍ୟୁଭୋଗ କଲେ ସତ, କିନ୍ତୁ ଆତ୍ମାରେ ଜୀବିତ ହେଲେ:*

*ସେଥିରେ ମଧ୍ୟ ସେ ବନ୍ଦୀ ଆତ୍ମାମାନଙ୍କ ନିକଟକୁ ଯାଇ ପ୍ରଚାର କଲେ;*

*ପୂର୍ବକାଳରେ ସେମାନେ ଅବାଧ୍ୟ ହୋଇଥିଲେ,...*

617 ମୋର ପ୍ରିୟ ବନ୍ଧୁ, ଯଦି ଆପଣ ପରବର୍ତ୍ତୀ ପଦଟି ପାଠ କରିବେ, ଏବଂ ଏହା ସେଠାରେ ତାହାକୁ ବ୍ୟାଖ୍ୟା କରିଛି । ବୁଝିଲେ?

*ପୂର୍ବକାଳରେ ନୋହଙ୍କ ସମୟରେ ଜାହାଜ ନିର୍ମିତ ହେଉଥିବା ବେଳେ, ଯେତେବେଳେ ପରମେଶ୍ୱର ଦୀର୍ଘସହିଷ୍ଣୁ ହୋଇ ଅପେକ୍ଷା କରିଥିଲେ ସେମାନେ ଅବାଧ୍ୟ ହୋଇଥିଲେ, ସେହି ଜାହାଜରେ ପ୍ରବେଶ କରି, ଆଠ ଲୋକ, ଅର୍ଥାତ୍, ଆଠ ପ୍ରାଣୀ ଜଳ ମଧ୍ୟ ଦେଇ ରକ୍ଷା ପାଇଲେ ।* (ବୁଝିଲେ?)

618 ବର୍ତ୍ତମାନ, ଯଦି ଆପଣ ଏଠାରେ ଧ୍ୟାନ ଦେବେ, ମୁଁ ଭାବୁଛି ଯେ ଏହି ପ୍ରଚାରକଜଣଙ୍କ ପାଖରେ ଆଉ ଏକ ରହିଛି…ସେହି ସମାନ ବିଷୟବସ୍ତୁ ଉପରେ କିଛି ଗୋଟାଏ, ଟିକିଏ ସମୟ ପରେ ଉତ୍ତର ଦେବି ।

619 ପ୍ରଥମ ପିତର 4…କିମ୍ବା 2:4, ଯଦି ଆପଣ ଧ୍ୟାନ ଦେବେ, "ଯଦି ପରମେଶ୍ୱର ଦୂତମାନଙ୍କୁ ନ ଛାଡି," ସେହି *ଦୂତ* କିପରି ବନାନ କରାଯାଏ? ଇଂରାଜୀ ଅକ୍ଷରର ଛୋଟ "a" ଅଟେ । ବୁଝିଲେ? ବର୍ତ୍ତମାନ, ତେବେ ଏଠାରେ, "ବନ୍ଦୀ ଆତ୍ମାମାନେ ନୋହଙ୍କ ସମୟର ଦୀର୍ଘ ସହିଷ୍ଣୁତାରେ ଅନୁତାପ କରି ନ ଥିଲେ," ସମାନ ଦୂତମାନେ । ଏହା ପୁରୁଷମାନେ ଥିଲେ: ଦୂତଗଣ, ପ୍ରଚାରକଗଣ; "ଦୂତମାନଙ୍କୁ ନ ଛାଡ଼ି ।" କଅଣ ଆପଣ ଜାଣିଛନ୍ତି କି ଦୂ…ସେହି *ଦୂତ* ଶବ୍ଦଟି "ଏକ ବାର୍ତ୍ତାବହ" ଶବ୍ଦରୁ ଆସିଛି? କେତେ ଜଣ ଜାଣନ୍ତି ଯେ *ଦୂତ* ହେଉଛନ୍ତି "ବାର୍ତ୍ତାବହ"? ସମ୍ପୂର୍ଣ୍ଣ ଭାବେ, ଦୂତ ଜଣେ ବାର୍ତ୍ତାବହ ଅଟନ୍ତି, ଆଉ "ସେ ଦୂତମାନଙ୍କୁ ନ ଛାଡ଼ି ।" ବୁଝିଲେ?

620 ଏବଂ ଏଠାରେ ଏବ୍ରୀରେ, କଅଣ ଆପଣମାନଙ୍କର ମନେ ଅଛି ଯେ ଆମେ କିଛି ସପ୍ତାହ ପୂର୍ବରୁ ଏହା ଅଧ୍ୟୟନ କରିଥିଲୁ, "ସେହି ଦୂତଗଣ"?

621 ଏବଂ ଏଠାରେ ଏ-…ପ୍ରକାଶିତ ବାକ୍ୟରେ, "ସାର୍ଦ୍ଦୀ ମଣ୍ଡଳୀର ଦୂତ ନିକଟକୁ ଏହିସବୁ ଲେଖ । ଏଫିସ ମଣ୍ଡଳୀର ଦୂତ ନିକଟକୁ ଏହିସବୁ ଲେଖ । ମଣ୍ଡଳୀର ଦୂତ ନିକଟକୁ…" କଅଣ ତାହା ମନେ ଅଛି? ପୁଣି ଆମେ ସେହି *ଦୂତ* ଶବ୍ଦକୁ ପଛକୁ ଯାଇ, ଏବଂ ଶବ୍ଦକୋଷରୁ ଦେଖିଥିଲୁ, ଆଉ ଏହା ପାଇଥିଲୁ ଯେ ତାହାର ଅର୍ଥ "ଏକ ବାର୍ତ୍ତାବହ ।" ଏହା "ପୃଥିବୀରେ ଥିବା ଜଣେ ବାର୍ତ୍ତାବହ, ଜଣେ ଅଲୌକିକ ବାର୍ତ୍ତାବହ" ହୋଇପାରେ, ସେହି *ଦୂତ* ଶବ୍ଦ ।

622 ତେଣୁ ଏହି ଅବସ୍ଥାରେ, ଯଦି ଆମେ ଲେକ୍ସିକନ୍ ନେବା ଓ ଏହାକୁ ପଛକୁ ଦେଖିବା, ଆପଣ ପାଇବେ ଯେ ତାହା "ବାର୍ତ୍ତାବହଗଣ, ସେହି ପ୍ରଥମ ବାର୍ତ୍ତାବହଗଣ" ଠାରୁ ଆରମ୍ଭ ହୁଏ । ଦେଖନ୍ତୁ, "ଯଦି…ଯଦି ସେ ଛାଡିଲେ ନାହିଁ…କାରଣ ଯଦି ପରମେଶ୍ୱର ପାପରେ ପତିତ ଦୂତମାନଙ୍କୁ ଛାଡ଼ିଲେ ନାହିଁ," (ବୁଝିଲେ?) "ଏବଂ ଅଲୌକିକ ପ୍ରାଣୀମାନ," (ବୁଝିଲେ?) "ଅପେକ୍ଷା ପରେ…"

ତେବେ ଧ୍ୟାନ ଦିଅନ୍ତୁ, ସେ କହିଲେ:

> *…ଯଦି…ପାପରେ ପତିତ ଦୂତମାନଙ୍କୁ ନ ଛାଡ଼ି, ବରଂ ନରକକୁ ନିକ୍ଷେପ କଲେ, ଏବଂ ବିଚାର ନିମନ୍ତେ, ଅନ୍ଧକାରମୟ ଗହ୍ବରରେ ରଖିଅଛନ୍ତି;*

623 ତାହାପରେ ଏଠାରେ ପ୍ରଥମ ପିତରରେ ପୁନର୍ବାର ଦେଖନ୍ତୁ, 3:19, ଦେଖନ୍ତୁ ଯେ ଏହା କିପରି ପାଠ କରେ:

> ସେଥିରେ *ମଧ୍ୟ ସେ ବନ୍ଦୀ ଆତ୍ମାମାନଙ୍କ ନିକଟକୁ ଯାଇ ପ୍ରଚାର କଲେ;*

*ପୂର୍ବକାଳରେ ନୋହଙ୍କ ସମୟରେ ଜାହାଜ ନିର୍ମିତ ହେଉଥିବା ବେଳେ, ଯେତେବେଳେ ପରମେଶ୍ୱର ଦୀର୍ଘସହିଷ୍ଣୁ ହୋଇ ଅପେକ୍ଷା କରିଥିଲେ ସେମାନେ ଅବାଧ୍ୟ ହୋଇଥିଲେ,...* (ଦେଖନ୍ତୁ, ଏହା ସେହି ଦିନର ବାର୍ତ୍ତାବହମାନେ ଥିଲା, ବାର୍ତ୍ତାବହଗଣ)...*ସେହି* ଜାହାଜରେ ପ୍ରବେଶ...*ଆଠ ଲୋକ, ଅର୍ଥାତ୍, ଆଠ ପ୍ରାଣୀ ଜଳ ମଧ୍ୟ ଦେଇ ରକ୍ଷା ପାଇଲେ ।*

624 ବର୍ତ୍ତମାନ ଯଦି ଆପଣ ଲକ୍ଷ୍ୟ କରିବେ ଯେତେବେଳେକି ସେହି ପ୍ରାଣୀମାନେ ସ୍ୱର୍ଗରେ ଥିଲେ । ତେବେ, ପ୍ରକାଶିତ ବାକ୍ୟ 11 ରେ...କିମ୍ବା 7ମ ପର୍ବରେ, ମୁଁ ବିଶ୍ୱାସ କରେ...କିମ୍ବା ନା, ନା, ଏହା 12ଶ ପର୍ବ ଅଟେ । ସେ ଜଣେ ସ୍ତ୍ରୀଲୋକର ଛିଡ଼ା ହୋଇଥିବାର ଚିତ୍ର ଦିଅନ୍ତି; ତାଙ୍କ ମସ୍ତକ ଉପରେ ଚନ୍ଦ୍ର ଏବଂ ସୂର୍ଯ୍ୟ...କିଅବା, ତାଙ୍କ ମସ୍ତକ ଉପରେ ସୂର୍ଯ୍ୟ ଏବଂ ପାଦ ତଳେ ଚନ୍ଦ୍ର ରହିଥାଏ । ଏବଂ ସେହି ଲାଲ୍ ଅଜଗର ସନ୍ତାନଟି ଜନ୍ମ ହେବା ମାତ୍ରକେ ତାକୁ ଗ୍ରାସ କରିବାକୁ ଛିଡା ହୁଏ, ଆଉ ସେ ନିଜର ଲାଞ୍ଜ ସାହାଯ୍ୟରେ ସ୍ୱର୍ଗର ଏକ ତୃତୀୟାଂଶ ନକ୍ଷତ୍ରମାନଙ୍କୁ ଟାଣି ପୃଥିବୀରେ ନିକ୍ଷେପ କଲା । କଅଣ ଆପଣ ତାହା ଲକ୍ଷ୍ୟ କରିଛନ୍ତି? ତେବେ, ଏହାର ଅର୍ଥ ନୁହେଁ ଯେ ଶୟତାନର ଏକ—ଏକ ଲମ୍ୱା ଲାଞ୍ଜ ଅଛି ଯାହାକୁ ସେ ଲୋକମାନଙ୍କ ଚାରିପାଖରେ ଘେରି ରହିଥାଏ, ମାତ୍ର "ସେହି କାହାଣୀ ଯାହା ସେ *କହିଲେ,*" ଏବଂ ସେହି ନକ୍ଷତ୍ରଗୁଡ଼ିକର ଏକ ତୃତୀୟାଂଶକୁ ଟାଣି ନେଲେ । ସେହି ନକ୍ଷତ୍ରମାନେ ହେଲେ ଅବ୍ରହାମଙ୍କ ବଂଶ ।

625 ଅବ୍ରହାମ କହିଲେ, "ଓଃ..."

626 ପରମେଶ୍ୱର ଅବ୍ରହାମଙ୍କୁ କହିଥିଲେ, "ଆକାଶକୁ ଦେଖ, ଏବଂ ଯଦି ତୁମେ ପାର ନକ୍ଷତ୍ରଗୁଡ଼ିକର ସଂଖ୍ୟା ଗଣନା କର ।"

627 ସେ କହିଲେ, "ମୁଁ ଏହା କରିପାରେ ନାହିଁ ।"

628 ସେ କହିଲେ, "ନା କେବେ ତୁମେ ତୁମର ବଂଶର ସଂଖ୍ୟା ଗଣନା କରିବାକୁ ସମର୍ଥ ହେବ," ସେହି ନକ୍ଷତ୍ରଗଣ ।

629 ଉଜ୍ଜ୍ୱଳ ଏବଂ ପ୍ରଭାତୀ ତାରା କିଏ? ନାଜରିତର ଯୀଶୁ, ସବୁଠୁ ଉଜ୍ଜ୍ୱଳ ଯାହାକି କେବେ ମନୁଷ୍ୟ ଶରୀରରେ ବାସ କରିଥିଲେ । ସେ ହେଉଛନ୍ତି ଉଜ୍ଜ୍ୱଳ ଏବଂ ପ୍ରଭାତୀ ତାରା । ଏବଂ ସେ ଇସ୍‌ହାକଙ୍କ ମାଧ୍ୟମରେ ଆସିଥିବା, ଅବ୍ରହାମଙ୍କର ବଂଶ ଅଟନ୍ତି । ଏବଂ ଆମ୍ଭେମାନେ, ଖ୍ରୀଷ୍ଟଙ୍କଠାରେ ମୃତ ହୋଇ, ଅବ୍ରହାମଙ୍କ ବଂଶକୁ ଗ୍ରହଣ କରୁ ପୁଣି ପ୍ରତିଜ୍ଞା ଅନୁଯାୟୀ ଅଧିକାରୀ ଅଟୁ ।

630 ତେଣୁ ଆକାଶର ନକ୍ଷତ୍ରଗଣ ଏଠାରେ ମନୁଷ୍ୟର ଆତ୍ମାଗୁଡିକୁ ନିର୍ଦ୍ଦର୍ଶିତ କରେ । ଏବଂ ଯେତେବେଳେ ସେହି ଲାଲ୍ ଅଜଗର (ରୋମ୍, ତାହାର ନିର୍ଯ୍ୟାତନାରେ) ଦୁଇ-ତୃତୀୟାଂଶକୁ ଆଲିଙ୍ଗନ କଲା...କିମ୍ବା ଏକ ତୃତୀୟାଂଶ ନକ୍ଷତ୍ରଗଣକୁ, ଓ ସେମାନଙ୍କୁ ତଳକୁ ନିକ୍ଷେପ କଲା, ତାହା ସେତେବେଳେ ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ସମୟରେ ଥିଲା ଯେତେବେଳେ ସେମାନେ ତାହାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ, ଏବଂ ସେ...ଏବଂ ତାହାଙ୍କୁ ବାହାର କରିଦେଇଥିଲେ ଏବଂ

ତାହାଙ୍କ ସହିତ କୌଣସି ସମ୍ପର୍କ ରଖି ନ ଥିଲେ; ସେଠାରେ ସେହି ସ୍ୱର୍ଗୀୟ ନକ୍ଷତ୍ରଗଣର, ସେହି ସ୍ୱର୍ଗୀୟ ପ୍ରାଣୀ ତୃତୀୟାଂଶ ଥିଲା ।

631 ଦେଖନ୍ତୁ, ଆପଣଙ୍କ ଶରୀରରେ, ଆପଣଙ୍କ ଭିତରେ…(ଏହାକୁ ଉତ୍ତମ ଭାବରେ ଉତ୍ତର ଦେବା ପାଇଁ, ସିଧାସଳଖ, ଆମ ପାଖରେ ତାହା ଉପରେ ଆଉ ଏକ ପ୍ରଶ୍ନ ଅଛି) । ତେଣୁ ଯେତେବେଳେ…ଆପଣଙ୍କ ଭିତରେ ଏକ ଆତ୍ମା ଅଛି, ଅନ୍ୟ ଜଣେ ମନୁଷ୍ୟ । ଆପଣଙ୍କ ବାହ୍ୟରେ ଜଣେ ମନୁଷ୍ୟ ଅଛି, ଆପଣଙ୍କ ଭିତର ଆଉ ଜଣେ ମନୁଷ୍ୟ ଅଛି । ତେଣୁ ଆପଣଙ୍କ ଭିତର ଅଲୌକିକ ଅଟେ, ଆପଣଙ୍କ ବାହ୍ୟ ଶାରୀରିକ ଅଟେ । ବୁଝିଲେ? ଏବଂ ଏହି ପ୍ରାଣୀ, ଯଦି ଆପଣ ପରମେଶ୍ୱରଙ୍କ ଦ୍ୱାରା, ଆତ୍ମା-ଚାଳିତ ଅଟନ୍ତି, ଆପଣ ପରମେଶ୍ୱରଙ୍କ ଜଣେ ବାର୍ତ୍ତାବହ, କିମ୍ବା ଜଣେ ଦୂତ ହୋଇଯାଆନ୍ତି । ପରମେଶ୍ୱରଙ୍କ *ବାର୍ତ୍ତାବହ*, ପରମେଶ୍ୱରଙ୍କ *ଦୂତ*, ଠିକ ସେହି ସମାନ ଶବ୍ଦ ଅଟେ; ଏହାକୁ ପୃଥକ କରିପାରିବା ନାହିଁ: ପରମେଶ୍ୱରଙ୍କ ବାର୍ତ୍ତାବହ, କିମ୍ବା, ପରମେଶ୍ୱରଙ୍କ ଦୂତ ।

632 ପୁଣି ସବୁଠାରୁ ବଡ଼ ଅଧିକାର କାହାର ଅଛି? ସ୍ୱର୍ଗର ଜଣେ ସ୍ୱର୍ଗଦୂତ ନା ପ୍ରଚାର ମଞ୍ଚରେ ଥିବା ଜଣେ ଦୂତର? କାହାର ତାହା ଅଛି? ପ୍ରଚାର ମଞ୍ଚରେ ଥିବା ସେହି ଦୂତର! ପାଉଲ କହିଲେ, "ଯଦି ସ୍ୱର୍ଗରୁ ଜଣେ ଦୂତ ଆସି ତୁମକୁ ଅନ୍ୟ କୌଣସି ସୁସମାଚାର ପ୍ରଚାର କରେ ଯାହା ମୁଁ ପ୍ରଚାର କରିଅଛି, ସେ ଅଭିଶପ୍ତ ହେଉ ।" ତେଣୁ ସେହି ଦୂତ ଯିଏକି ପବିତ୍ରଆତ୍ମା ଏବଂ ବାକ୍ୟ ଦ୍ୱାରା ଅଭିଷିକ୍ତ ହୋଇଥାଆନ୍ତି ପରମେଶ୍ୱରଙ୍କ ପାର୍ଶ୍ୱରେ ଛିଡ଼ା ହୁଅନ୍ତି । ତାହା ଠିକ୍ । ସ୍ୱର୍ଗରେ, ତାଙ୍କର ଅଧିକାର…

633 "ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ମୋ ହାତକୁ ଦିଆଯାଇଛି । ଯାଅ, ଏବଂ ମୁଁ ତୁମ ସହିତ ଯିବି । ତୁମେ ପୃଥିବୀରେ ଯାହା ବି ବାନ୍ଧିବ, ମୁଁ ସ୍ୱର୍ଗରେ ବାନ୍ଧିବି । ତୁମେ ପୃଥିବୀରେ ଯାହା ମୁକ୍ତ କରିବ, ମୁଁ ସ୍ୱର୍ଗରେ ମୁକ୍ତ କରିବି ।"

634 ଓଃ, ଯଦି ସେହି ମହାନ ପବିତ୍ର ମଣ୍ଡଳୀ କେବଳ ଏହି କାର୍ଯ୍ୟଗୁଡିକୁ କରିବା ପାଇଁ ନିଜର ଶକ୍ତିକୁ ଅନୁଭବ କରନ୍ତା! ମାତ୍ର ସେଠାରେ ଅତ୍ୟଧିକ ସନ୍ଦେହ ଏବଂ ଭୟ ଓ କମ୍ପନ ଅଛି, ଆଶ୍ଚର୍ଯ୍ୟ କରେ ଯେ ଏହା ହେବ କି, "କଅଣ ଏହା ଘଟିପାରେ?" ଯେପର୍ଯ୍ୟନ୍ତ ତାହା ବିଦ୍ୟମାନ ଅଛି, ସେପର୍ଯ୍ୟନ୍ତ ମଣ୍ଡଳୀ କଦାପି ସିଧା ଛିଡା ହୋଇପାରେ ନାହିଁ । ଏବଂ ଯେତେବେଳେ ଭୟର ପ୍ରତ୍ୟେକ ଉକ୍ତି ଲୋପ ପାଇଯାଏ ଓ ପବିତ୍ରଆତ୍ମା ସମ୍ପୂର୍ଣ୍ଣ ଭାବରେ ମଣ୍ଡଳୀ ଉପରେ ନିୟନ୍ତ୍ରଣ କରି ନିଅନ୍ତି, ସେତେବେଳେ ସମସ୍ତ ଭୟ ଦୂର ହୋଇଯାଏ, ଏବଂ ସେହି ମଣ୍ଡଳୀ ପାଖରେ ଶକ୍ତି ରହିଥାଏ । ବୁଝିଲେ? କାହିଁକି, ସେମାନଙ୍କ ପାଖରେ ସେସମସ୍ତ ବିଷୟ ରହିଥାଏ ଯାହାକି ସେମାନଙ୍କ ପଛରେ ସ୍ୱର୍ଗ ଧାରଣ କରିଥାଏ । ସେମାନେ ସିଂହାସନର ରାଷ୍ଟ୍ରଦୂତମାନେ ଅଟନ୍ତି । ସମ୍ପୂର୍ଣ୍ଣ ଭାବରେ! ଖ୍ରୀଷ୍ଟଙ୍କର ଜଣେ ରାଷ୍ଟ୍ରଦୂତଙ୍କ ପାଖରେ ଅଧିକାର ଥାଏ, ଏବଂ ଯାହା ସବୁକିଛି ଖ୍ରୀଷ୍ଟଙ୍କର ଥାଏ ତାହା ସେହି ରାଷ୍ଟ୍ରଦୂତଙ୍କର ଅଟେ । ସେ କହିଲେ, "ସମସ୍ତ ଜଗତକୁ ଯାଅ, ପବିତ୍ରଆତ୍ମା ତୁମ ଉପରକୁ ଆସିବା ପରେ ତୁମେମାନେ ମୋର ସାକ୍ଷୀ

ଅଟ ।” ତେବେ ଜଣେ ସାକ୍ଷୀ କଅଣ ଅଟେ? ଜଣେ ରାଷ୍ଟ୍ରଦୂତ; ଯାହାକୁ ଆସିବାକୁ ଥାଏ ଏବଂ କିଛି ସାକ୍ଷୀ ଦେବାକୁ ଥାଏ । ସ୍ୱର୍ଗର ସମସ୍ତ ଶକ୍ତି ଠିକ୍ ତୁମ ହାତରେ ଦିଆଯାଇଛି! ଓଃ, ଆମେ କାହିଁକି ବସି ଅଛୁ? ଏବଂ ମଣ୍ଡଳୀ ବନ୍ଧ୍ୟା ଅଟେ, ଏବଂ ଆମେ ଶୁପ୍ତ ହୋଇ ରହିଛୁ । ଏହାର କାରଣ ହେଉଛି ଯେ ଆମେ ଏହି ବିଷୟଗୁଡ଼ିକୁ ଚିହ୍ନିପାରୁ ନାହୁଁ ।

635 ବର୍ତ୍ତମାନ, ବନ୍ଦୀ ଆତ୍ମାମାନେ (ଯେଉଁମାନେ ଅନୁତାପ କରି ନ ଥିଲେ), ଦୂତସ୍ୱରୂପ ପ୍ରାଣୀ ନ ଥିଲେ ଯେଉଁମାନଙ୍କୁକି ଦୂତମାନଙ୍କ ରୂପରେ ତଳକୁ ଅଣା ଯାଇଥିଲା—ଯାଇଥିଲା, ମାତ୍ର ଏହା ତ ସେହି ଦୂତସ୍ୱରୂପ ପ୍ରାଣୀମାନଙ୍କ ଆତ୍ମା ହିଁ ଥିଲା ଯାହାକି ଜଗତର ପତ୍ତନାବଧି ପୂର୍ବରୁ ପତିତ ହୋଇଥିଲା, ଯେତେବେଳେ ସେଠାରେ ପଛରେ ସ୍ୱର୍ଗରେ ସେହି ଯୁଦ୍ଧ ଚାଲିଥିଲା । ଏବଂ ଶୟତାନ ଆଉ—ଆଉ ଅଜଗର ଯୁଦ୍ଧ କରିଥିଲେ, ଓ ତାହାପରେ...କିମ୍ବା ମୀଖାୟେଲ ଏବଂ—ଏବଂ ସେହି—ସେହି ଅଜଗର ଯୁଦ୍ଧ କରିଥିଲେ (ଏବଂ ଲୁସିଫର୍) । ଆଉ ଲୁସିଫର୍ କୁ ତାର ସମସ୍ତ ସନ୍ତାନମାନଙ୍କ (ସମସ୍ତ ଦୂତମାନଙ୍କୁ ଯାହାକୁ ସେ ପ୍ରତାରଣା କରିଥିଲା) ସହିତ ବାହାର କରି ଦିଆଗଲା, ଏବଂ ସେହି ଦୂତମାନେ ପୃଥିବୀକୁ ଆସିଲେ ଓ ତାହାପରେ ମନୁଷ୍ୟର କର୍ତ୍ତାପଣ ଅଧିନରେ ରହିଲେ । ଆଉ ଯେତେବେଳେ ସେମାନେ ତାହା କଲେ, ସେତେବେଳେହିଁ ଥିଲା ଯେବେ “ପରମେଶ୍ୱରଙ୍କର ପୁତ୍ରଗଣ ମନୁଷ୍ୟର କନ୍ୟାମାନଙ୍କୁ ସୁନ୍ଦର ଦେଖିଲେ ଓ ସେମାନଙ୍କୁ ସ୍ତ୍ରୀ ରୂପରେ ଗ୍ରହଣ କରି ନେଲେ ।”

636 ସେମାନେ ପରମେଶ୍ୱରଙ୍କ ପୁତ୍ରଗଣ ଅଟନ୍ତି । ଏହି ପୃଥିବୀରେ ଜନ୍ମ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ପରମେଶ୍ୱରଙ୍କ ପୁତ୍ର ଅଟେ । ସେ ପାପୀ କିମ୍ବା ସେ ଯାହା ହେଉନା କାହିଁକି, ସେ ଜଣେ ପରମେଶ୍ୱରଙ୍କ ପୁତ୍ର ଅଟେ । ପରମେଶ୍ୱରଙ୍କ ପ୍ରଶଂସା ନିମନ୍ତେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ, ସେ ସେହିପରି ହିଁ ସୃଷ୍ଟ ହୋଇଅଛି । ମାତ୍ର ଆରମ୍ଭରେ ପରମେଶ୍ୱର ଜାଣିଥିଲେ ଯେ କିଏ ତାହାଙ୍କୁ ଗ୍ରହଣ କରିବେ ଏବଂ କିଏ ତାହାଙ୍କୁ ଗ୍ରହଣ କରିବେ ନାହିଁ । ତେଣୁ ସେ ପୂର୍ବନିରୂପଣ କରିପାରିଥିଲେ, କିମ୍ବା, ପୂର୍ବନିରୂପଣ କରିପାରି ନ ଥିଲେ, ମାତ୍ର ପୂର୍ବଜ୍ଞାନ ଦ୍ୱାରା ସେ କହିପାରିଥିଲେ ଯେ କିଏ ଉଦ୍ଧାର ପାଇବ ଏବଂ କିଏ ଉଦ୍ଧାର ପାଇବ ନାହିଁ, କାରଣ ସେ ଜାଣିଥିଲେ ଯେ କେଉଁ ବ୍ୟକ୍ତି କେଉଁ ଆତ୍ମା ଗ୍ରହଣ କରିବେ ।

637 ଏବଂ ସେହି ଆତ୍ମାମାନେ ଯେଉଁମାନେକି ପରମେଶ୍ୱରଙ୍କ ସିଂହାସନରୁ ଆସିଥିଲେ, ଏବଂ ପରମେଶ୍ୱରଙ୍କ ସିଂହାସନ ସମ୍ମୁଖରେ ଛିଡ଼ା ହୋଇଥିଲେ, ଏବଂ ରହିଥିଲେ...ଜଗତ ଆରମ୍ଭ ହେବା ପୂର୍ବରୁ କୋଟି କୋଟି ଏବଂ ଅୟୁତ ବର୍ଷ, ପରମେଶ୍ୱରଙ୍କ ଉପସ୍ଥିତିରେ ଥିଲେ, କଅଣ ଆପଣ ଭାବୁଛନ୍ତି ଯେ ସେମାନେ ଉପାସନା ବିଷୟରେ କିଛି ଜାଣନ୍ତି ନାହିଁ? ଏବଂ ସେମାନେ ତଳକୁ ଆସି ମନୁଷ୍ୟ ଭିତରେ ପ୍ରବେଶ କଲେ, ଏବଂ ସେମାନେ ପରମେଶ୍ୱରଙ୍କୁ ଉପାସନା କଲେ! ନିଶ୍ଚିତ ଭାବରେ, ସେମାନେ ପରମେଶ୍ୱରଙ୍କୁ ଉପାସନା କରନ୍ତି; ଏବଂ ସେମାନଙ୍କର ପରମେଶ୍ୱରଙ୍କ ବିଷୟରେ ଏକ ଜ୍ଞାନ ଅଛି, ଏବଂ ସେମାନେ ସର୍ବଦା, ପ୍ରଖର ବୁଦ୍ଧି, ଚତୁର, ଏବଂ ଶିକ୍ଷିତ ଅଟନ୍ତି । କିନ୍ତୁ ଆରମ୍ଭରୁ ହିଁ ପରମେଶ୍ୱର ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ!

638 ତେଣୁ ଅତଏବ, ବନ୍ଧୁ, ଏକ ମଣ୍ଡଳୀର ସଦସ୍ୟତା, କିମ୍ବା—କିମ୍ବା କୌଣସି ଧର୍ମଶାସ୍ତ୍ର କିମ୍ବା କୌଣସି କିଛି ବିଷୟର ଜ୍ଞାନ, ତାହା ସହିତ ଏହାର କିଛି ହେଲେ ସମ୍ପର୍କ ନାହିଁ । ଏହାକୁ ତ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ହେବା ଏବଂ ଏକ ନୂତନ ଜନ୍ମ ହେବା ଆବଶ୍ୟକ ଅଟେ ଯାହାକି ଆପଣଙ୍କୁ ତାହାଙ୍କ ସହିତରେ ଯୋଗ କରି ଏକ ବ୍ୟକ୍ତି କରିଥାଏ । ଆପଣ ସେଠାରେ ଅଛନ୍ତି ।

639 ପରମେଶ୍ୱର, ଆରମ୍ଭରେ ଯେତେବେଳେ ସେ ଏହା ଜାଣିଥିଲେ ଯେ...ପୁରୁଷ ଏବଂ ସ୍ତ୍ରୀ ଏକ କରି ନିର୍ମାଣ କରାଯାଇଥିଲେ, ଦୁଇ ନୁହେଁ, ସେମାନଙ୍କୁ ଏକ କରି ନିର୍ମାଣ କରାଯାଇଥିଲା । ସେମାନଙ୍କୁ ଅଲଗା କରାଯାଇଥିଲା, ଗୋଟିଏକୁ ଶରୀରରେ ଓ ଅନ୍ୟଟିକୁ ଥିଓଫାନିରେ ରଖାଯାଇଥିଲା । ସେ ତାହା ଜାଣିଥିଲେ । ତେଣୁ ଆପଣଙ୍କ ନିକଟରେ ଏହା ପ୍ରମାଣ କରିବା ପାଇଁ: ଯେତେବେଳେ ପରମେଶ୍ୱର ସେହି ସ୍ତ୍ରୀକୁ ନିର୍ମାଣ କଲେ, ସେ କେବେବି ଅଳ୍ପ ଟିକେ ଧୂଳି ନେଇ ତାକୁ ପୁରୁଷ ପରି ନିର୍ମାଣ କଲେ ନାହିଁ; ସେ ଆଦମଙ୍କ ପାର୍ଶ୍ୱରୁ ଏକ ପଞ୍ଜରା ବାହାର କଲେ, ଏବଂ ସେ ଜଣେ ପୁରୁଷର ଉପ-ଉତ୍ପାଦ ହୋଇଗଲେ (କାରଣ ସେ ତାଙ୍କର ଅଂଶ ଅଟେ) । କଅଣ ଆପଣ ବର୍ତ୍ତମାନ ଏହା ବୁଝିଲେ? ବୁଝିଲେ? ସେଠାରେ ଆପଣ ଅଛନ୍ତି ।

640 ସେଠାରେ ଦୂତମାନେ ଅଛନ୍ତି । ପୁଣି ପରମେଶ୍ୱର ଏବଂ ପରମେଶ୍ୱରଙ୍କ ସହିତ ଜଡ଼ିତ ସେହି ଆତ୍ମା ଏକ ହିଁ ଆତ୍ମା ଅଟନ୍ତି । ତାହା ଠିକ୍ । ବର୍ତ୍ତମାନ, ପରମେଶ୍ୱରଙ୍କ ଆତ୍ମା ଯାହା ମଣ୍ଡଳୀରେ ବାସ କରେ, ସେହି ଆତ୍ମା ଅଟେ ଯାହାକି ସ୍ୱର୍ଗରୁ ଆସିଅଛି, ଯାହାକୁ ଜଗତ ପତ୍ତନାବଧି ପୂର୍ବରୁ ପରମେଶ୍ୱର ଜାଣିଥିଲେ, ଯିଏକି ଶୟତାନର ମିଥ୍ୟାକୁ ପ୍ରତ୍ୟାଖ୍ୟାନ କରିଥିଲା । ଏବଂ ସେହି ଆତ୍ମାକୁ ତାର ପରୀକ୍ଷାଗୁଡିକୁ ନେବା ପାଇଁ...ଏକ ମାଂସମୟ ଶରୀର ଗ୍ରହଣ କରିବାକୁ ପଡିଲା । ତାଙ୍କୁ ଏହି ଅନ୍ୟମାନଙ୍କ ପରି ମାଂସମୟ ଶରୀରରେ ଆସିବାକୁ ପଡିଲା, ଏବଂ ସେସମସ୍ତଙ୍କୁ ସମାନ ଯୁଆଳିରେ ରଖାଗଲା । ଏବଂ ପରମେଶ୍ୱର, ଆରମ୍ଭରୁ ହିଁ, ସେହି ଆତ୍ମାମାନଙ୍କୁ ଜାଣିଥିଲେ ଯିଏକି କରିବେ, ଏବଂ ଯିଏକି କରିବେ ନାହିଁ । ସେଠାରେ ଆପଣ ଅଛନ୍ତି । ସେହି ଶୟତାନ ଏତେ ଜ୍ଞାନୀ ଅଟେ ଯେ ଯଦି ସମ୍ଭବ ହୁଏ, କେବଳ ମନୋନୀତ ଲୋକଙ୍କୁ ପ୍ରତାରଣା କରିଦେବ ।

641 ତେଣୁ ଏହି ଆତ୍ମାମାନେ, ଏହି ଦୂତମାନେ ଯାହାଙ୍କୁ ପ୍ରଚାର କରାଗଲା, ବନ୍ଦୀତ୍ୱରେ ଥିଲେ; *ଦୂତମାନେ*, ଯଦି ଆପଣ ଏହାକୁ ଏଠାରେ ଧ୍ୟାନ ଦେବେ, ଏହା ଇଂରାଜୀ ଅକ୍ଷର ଛୋଟ "a" ଅଟେ ଯାହାର ଅର୍ଥ "ମଣିଷ"; ପୃଥିବୀର ଏଠାରେ ଦୂତଗଣ, ବାର୍ତ୍ତାବହଗଣ ଅଟନ୍ତି । ସେମାନେ ପାପ କଲେ, ଏବଂ କେବଳ ଗୋଟିଏ ଉପାୟ ଯେ ସେମାନେ ପାପ କରିପାରନ୍ତେ ତାହା ହେଲା ଅବିଶ୍ୱାସ କରିବା! ଏବଂ ସେହି ଉପାୟ...ସେମାନଙ୍କ ପାଖରେ ତାଙ୍କର ନିଜର ଧର୍ମ ଥିଲା, ଏବଂ ସେମାନେ ନୋହଙ୍କ ବାର୍ତ୍ତାକୁ ବିଶ୍ୱାସ କଲେ ନାହିଁ । ସେମାନେ ହନୋକଙ୍କ ବାର୍ତ୍ତାକୁ ବିଶ୍ୱାସ କଲେ ନାହିଁ । ଏବଂ ସେମାନେ ସେମାନଙ୍କର ବାର୍ତ୍ତାକୁ

ପ୍ରତ୍ୟାଖ୍ୟାନ କରିଥିଲେ, "ଏବଂ ନିନ୍ଦିତ ହୋଇଥିଲେ," ବାଇବଲ କୁହେ ଯେ ସେମାନେ ହୋଇଥିଲେ।

642 ହନୋକ ସେମାନଙ୍କୁ ଭବିଷ୍ୟଦ୍‌ବାଣୀ କରିଥିଲେ, କହିଥିଲେ, "ପ୍ରଭୁ ତାହାଙ୍କର ଦଶ ହଜାର ସାଧୁଙ୍କ ସହିତ ଆସୁଛନ୍ତି।"

643 ସେମାନେ ଭବିଷ୍ୟଦ୍‌ବାଣୀ କରିଥିଲେ। ନୋହ ଏକ ଜାହାଜ ନିର୍ମାଣ କରିଥିଲେ, ଆଉ ସେମାନେ କହିଲେ, "ସେ ଜଣେ ପବିତ୍ର-ଧର୍ମୋନ୍ମତ୍ତ ବ୍ୟକ୍ତି ଅଟେ! ସେ ଜଣେ ପାଗଳ ଅଟେ! ବର୍ଷା ଆସିବା ଭଳି କୌଣସି ଏକ ବିଷୟ ନାହିଁ।" ଆଉ ଏକ ଶହ କୋଡ଼ିଏ ବର୍ଷ ବିତିଗଲା, ଏବଂ ତାହାଙ୍କ ପାଖରେ ଏପରି ଏକ ଧର୍ମ ଥିଲା ଯେଉଁଥିରେ ପରିତ୍ରାଣ ଥିଲା, ସେଠାରେ ରକ୍ଷା ପାଇବାର ଏକ ଉପାୟ କରା ଯାଇଥିଲା, କିନ୍ତୁ ସେମାନେ ନିଜର ଅବସ୍ଥାରେ ସନ୍ତୁଷ୍ଟ ଥିଲେ।

644 ଆଜି ଠିକ୍ ସେହି ପ୍ରକାର ହିଁ ଅଟେ, ଯେ ମଣିଷ ନିଜର ଅବସ୍ଥାରେ ସନ୍ତୁଷ୍ଟ ଅଟେ। କିନ୍ତୁ ରକ୍ଷା ପାଇବାର ଏକ ଉପାୟ ଅଛି, ଏବଂ ସେହି ଉପାୟଟି ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ। ଆମେନ୍। ଆପଣ ସେଠାରେ ଅଛନ୍ତି: ସମାନ ଜନଜାତି, ସମାନ ଆତ୍ମା।

645 ଏବଂ ସେମାନେ ସଂପୂର୍ଣ୍ଣ ଧାର୍ମିକ ବ୍ୟକ୍ତି ଥିଲେ, ବହୁତ ଧାର୍ମିକ ଥିଲେ, ମାତ୍ର ସେମାନେ ନିୟମର ଶପଥରୁ ବଞ୍ଚିତ ହୋଇଥିଲେ।

646 ଆଜି ମଧ୍ୟ ତାହାହିଁ ଅଟେ। ମଣିଷ ମଣ୍ଡଳୀକୁ ଯାଏ, ଏବଂ ବଡ ବଡ଼ ଗୀର୍ଜାଗୁଡିକରେ ଯୋଗ ଦିଏ, ଏବଂ ସହରର ସବୁଠାରୁ ଲୋକପ୍ରିୟ ବ୍ୟକ୍ତି ହେବାକୁ ଚେଷ୍ଟା କରେ। ଯଦି ସେମାନେ ଏକ ମଣ୍ଡଳୀରେ ଯୋଗଦେବାକୁ ଚାହାଁନ୍ତି, ସେମାନଙ୍କ ପାଖରେ ସହରର ସବୁଠାରୁ ବଡ, ସହରର ସବୁଠାରୁ ଉତ୍ତମ ଓ ସୁ-ଚିନ୍ତି-ତ ଗୀର୍ଜା ପାଇଥାଆନ୍ତି। ସେମାନେ ସେହି ଆହ୍ୱାନଠାରୁ କେତେ ଦୂରରୁ ବଞ୍ଚିତ ହୁଅନ୍ତି! ସେମାନେ ଏହାକୁ କେତେ ଦୂରରୁ ହରାନ୍ତି!

647 ଏକ ମାତ୍ର ଉପାୟ ଯେ ଆପଣ କେବେ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବେ ତାହା ହେଲା ଆତ୍ମିକ ପ୍ରକାଶନ ଦ୍ୱାରା, ଧର୍ମଶାସ୍ତ୍ର ଜ୍ଞାନ ଦ୍ୱାରା ନୁହେଁ ଏବଂ ଆପଣ କେତେ ଅଧିକ ବାଇବଲ ଅଧ୍ୟୟନ କରନ୍ତି ତାହା ଦ୍ୱାରା ନୁହେଁ। ଆପଣ ଖ୍ରୀଷ୍ଟିଆନ ବିଜ୍ଞାନ ହୁଅନ୍ତୁ, ମେଥୋଡିଷ୍ଟ, ଯିହୋବା ୱିଟନେସ୍, ହୁଅନ୍ତୁ କିମ୍ୱା ଆପଣ ଯାହା ବି ହେଉନ୍ତୁ; ଏଥିରେ କିଛି ଯାଏ ଆସେ ନାହିଁ ଆପଣ ଯାହା ହେଉନ୍ତୁ ନା କାହିଁକି, ଆପଣ ଏହାକୁ ବାକ୍ୟ ଦ୍ୱାରା କେବେବି ଜାଣିବେ ନାହିଁ, ଏହା ତ ପରମେଶ୍ୱରଙ୍କ ଆତ୍ମା ଅଟେ ଯାହାକି ଆପଣଙ୍କଠାରେ ତାହାଙ୍କୁ ପ୍ରକାଶ କରେ। ଏହା ଏକ ଆତ୍ମିକ ପ୍ରକାଶନ ଅଟେ!

648 ଯେତେବେଳେ ଏଦନ ଉଦ୍ୟାନରେ, ଆଦମ, ଓ ହବା, ଯେତେବେଳେ ସେହି ପିଲାମାନଙ୍କୁ ବାହାର କରିଦିଆଗଲା, ଏଠାରେ କୟିନ ଉତ୍ତମ ଧର୍ମଶାସ୍ତ୍ରୀୟ ଜ୍ଞାନ ସହିତ ଆସେ। ସେ କହିଲା, "ପରମେଶ୍ୱରଙ୍କୁ ଏହା ଜାଣିବା ଉଚିତ ଯେ ଆମେ ଏହା ମୋର ସର୍ବୋତ୍ତମ—ସର୍ବୋତ୍ତମ ହୃଦୟରୁ କରୁଅଛୁ। ମୁଁ ଏକ ସୁନ୍ଦର ବେଦୀ ନିର୍ମାଣ କରିବି, ମୁଁ ଏଥିରେ ଫୁଲ ସଜାଡିବି, ମୁଁ ସେଥିରେ ଫଳ ରଖିବି, ମୁଁ ଏହାକୁ ଖୁବ୍ ସୁନ୍ଦର କରିବି। ନିଶ୍ଚୟ ମୁଁ

ଏହା ଦ୍ୱାରା ପରମେଶ୍ୱରଙ୍କୁ ଖୁସି କରିପାରିବି ଏବଂ ତାଙ୍କୁ ଜଣାଇବି ଯେ ମୁଁ ମୋ ହୃଦୟରେ ନିଷ୍ଠାବାନ ଅଟେ।" ଯେତେ ଦୂର ବାକ୍ୟର ସମ୍ବନ୍ଧ ଅଟେ ସେ ଠିକ୍ ଥିଲେ; ପରମେଶ୍ୱର ଉପାସନା ଚାହୁଁଥିଲେ, ସେ ଉପାସନା କରିବାକୁ ଗଲେ। ସେ ଉପାସନା କରିବା ପାଇଁ ଏକ ସୁନ୍ଦର ସ୍ଥାନ ତିଆରି କଲେ, ଏକ ବିରାଟ, ଅତ୍ୟୁତ୍ତମ ଗୀର୍ଜାଘର (ଯେପରିକି ସେମାନେ ଆଜି ଏହାକୁ କୁହନ୍ତି)। ଏବଂ ସେ ଏହାକୁ ସଠିକ୍ ଭାବରେ କଲେ, ସେ ଏହାକୁ ଠିକ୍ ନିର୍ମାଣ କଲେ ଏବଂ ସେଥିରେ ଏକ ଯଜ୍ଞବେଦୀ ସ୍ଥାପନ କଲେ; ସେ ଜଣେ ଅବିଶ୍ୱାସୀ ନ ଥିଲେ।

649 ମାତ୍ର ହେବଲ, ପରମେଶ୍ୱରଙ୍କ ବାକ୍ୟ ଉପରେ...ସେତେବେଳେ କୌଣସି ବାଇବଲ ଲେଖାଯାଇ ନ ଥିଲା, କିନ୍ତୁ ପରମେଶ୍ୱର ତାଙ୍କଠାରେ ଏହା *ପ୍ରକାଶ* କରିଥିଲେ ଯେ ଏହା ଫଳ ନ ଥିଲା ଯାହାକି ଆମକୁ ଏଦନ ଉଦ୍ୟାନରୁ ବାହାର କରିଥିଲା, ଏହା ସେଉ ନ ଥିଲା ଯାହାକି ଆଦମ ଓ ହବା ଖାଇଥିଲେ, ଏହା ତ ସମ୍ପୂର୍ଣ୍ଣ ଭାବେ ଯୌନ ବିଷୟ ଥିଲା ଯାହାକି ସେମାନଙ୍କୁ ଅଲଗା କରି ବିଭକ୍ତ କରିଥିଲା। ଏବଂ ଏହା ଜାଣି ଯେ ସେମାନେ ମର୍ତ୍ତ୍ୟ ହୋଇଯାଇଛନ୍ତି, ଏବଂ ଆଦମଙ୍କ ରକ୍ତ ମାଧ୍ୟମରେ, ଏବଂ ସେହି ସର୍ପର ରକ୍ତ ମାଧ୍ୟମରେ ଯିଏକି ଏହାକୁ ଆରମ୍ଭ କରିଥିଲା, ହେବଲ, ଦିବ୍ୟ ପ୍ରକାଶନ ଦ୍ୱାରା, ଗଲେ ଏବଂ ଏକ ମେଷଶାବକ ନେଇ ତାହାକୁ ଅର୍ପଣ କଲେ। ଏବଂ ପରମେଶ୍ୱର କହିଲେ, "ଏହାହିଁ ତାହା ଅଟେ!" ନିଶ୍ଚିତ।

650 ଯେତେବେଳେ ସେମାନେ ରୂପାନ୍ତରଣ ପର୍ବତରୁ ଓହ୍ଲାଇ ଆସନ୍ତି, ଯୀଶୁ କହିଲେ, "ମନୁଷ୍ୟପୁତ୍ର ଯେ ମୁଁ ଲୋକମାନେ ମୋ ବିଷୟରେ କଅଣ କୁହନ୍ତି?"

651 "କେହି କେହି କୁହନ୍ତି ତୁମେ 'ମୋଶା,' ଏବଂ କେତେକ କୁହନ୍ତି ତୁମେ 'ଏଲିୟ,' ଏବଂ କେହି କେହି କୁହନ୍ତି ତୁମେ 'ଯିରିମିୟ,' ଆଉ କେତେକ କୁହନ୍ତି ତୁମେ 'ସେହି ଭବିଷ୍ୟଦ୍‌ବକ୍ତା।'"

652 ସେ କହିଲେ, "କିନ୍ତୁ ମୁଁ କିଏ ବୋଲି ତୁମେମାନେ କଅଣ କହୁଅଛ?"

653 ପିତର କହିଲେ, "ତୁମେ ଖ୍ରୀଷ୍ଟ, ଜୀବନ୍ତ ପରମେଶ୍ୱରଙ୍କ ପୁତ୍ର।"

654 ସେ କହିଲେ, "ଶିମୋନ, ଯୁନସ-ର ପୁତ୍ର, ତୁମେ ଧନ୍ୟ, କାରଣ ମାଂସ ଓ ରକ୍ତ ଏହାକୁ ତୁମଠାରେ ପ୍ରକାଶ କରି ନାହିଁ।" (ଧ୍ୟାନ ଦିଅନ୍ତୁ!) "ଆଉ ଅଧିକ ଚିଠି ମାଧ୍ୟମରେ ନୁହେଁ, ବିଦ୍ୟାଳୟ ମାଧ୍ୟମରେ ଆଉ ନୁହେଁ; ତୁମେ ଏହାକୁ କେବେବି ଏକ ସେମିନାରୀରେ ଶିଖି ନାହଁ, କିଅବା କେହି ତୁମକୁ କହି ନାହାଁନ୍ତି। ମାଂସ ଓ ରକ୍ତ ଏହାକୁ ତୁମଠାରେ ପ୍ରକାଶ କରି ନାହିଁ, କିନ୍ତୁ ମୋର ସ୍ୱର୍ଗସ୍ଥ ପିତା ଏହାକୁ ତୁମଠାରେ ପ୍ରକାଶ କରିଛନ୍ତି। ଏବଂ ଏହି ପଥର ଉପରେ ମୁଁ ମୋର ମଣ୍ଡଳୀ ନିର୍ମାଣ କରିବି, ଏବଂ ନରକର ଫାଟକ ଏହା ବିରୁଦ୍ଧରେ ବିଜୟୀ ହୋଇପାରିବ ନାହିଁ।" ସେଠାରେ ଆପଣ ଅଛନ୍ତି। ସେଠାରେ ଜୀବିତ ପରମେଶ୍ୱରଙ୍କ ମଣ୍ଡଳୀ ଅଛି। ଏହାହିଁ ତାହା ଅଟେ। ସେହି ମଣ୍ଡଳୀ ଉପରେ...ସେହି *ପ୍ରକାଶନ* ଉପରେ, ଏହି ମଣ୍ଡଳୀଟି ନିର୍ମାଣ ହୋଇଅଛି। ଏହା ଏକ ଇଶ୍ୱରୀୟ ପ୍ରକାଶନ ଅଟେ ଯାହା ପରମେଶ୍ୱର ପ୍ରକାଶ କରିଛନ୍ତି, ଯେ

ଯୀଶୁ ଖ୍ରୀଷ୍ଟ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି, ଏବଂ ଆପଣ ତାହାଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି, ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି ।

655 ଆଉ ପବିତ୍ରଆତ୍ମା ଗମନାଗମନ କରୁଛନ୍ତି ଏବଂ ଏହି ଶରୀରର ସଦସ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ କରୁଛନ୍ତି । ସେଠାରେ ମଣ୍ଡଳୀ ଅଛି! ଏଥିରେ ଯାଏଆସେ ନାହିଁ ଯେ ତାହା ଗରିବ ଅଟେ, ଏବଂ ଏକ ମିଶନରେ ଅଟେ, ଏବଂ ଆପଣ କୌଣସି ସ୍ଥାନରେ ଗୋଟିଏ ଦେବଦାରୁ ଗଛ ତଳେ ଛିଡ଼ା ହୋଇଥାଆନ୍ତି, କିମ୍ବା ଏହା ଯେଉଁଠାରେ ବି ଅଟେ, ଯଦି ଏହା କାହାରି ଘରେ ଏକ ବ୍ୟକ୍ତିଗତ ସଭାରେ ଅଟେ, ଏହା ଯେଉଁଠାରେ ବି ଥାଉ ନା କାହିଁକି । ସୌନ୍ଦର୍ଯ୍ୟ ଏବଂ ବିଷୟବସ୍ତୁ ପରମେଶ୍ୱରଙ୍କୁ ଆକର୍ଷିତ କରେ ନାହିଁ । ଏହା ତ ଏକ ପ୍ରକାଶନ ଦ୍ୱାରା ହୃଦୟର ନିଷ୍କାପରତା ଅଟେ ଯେ ଯୀଶୁ ଖ୍ରୀଷ୍ଟଙ୍କୁ ଆମର ବ୍ୟକ୍ତିଗତ ତ୍ରାଣକର୍ତ୍ତା ରୂପେ, ପରମେଶ୍ୱରଙ୍କ ପୁତ୍ର ଭାବରେ ଉପସ୍ଥାପିତ କରାଯାଇଛି । ଆମେନ୍!

656 ମୋର ପ୍ରଭୁ, ଆମେ...ଆପଣ କଦାପି ଏଗୁଡିକୁ, ସେହିପରି ଭାବରେ ଯାଉଥିବାର ପାଇବେ ନାହିଁ, କଅଣ ଆମେ ପାଇବା କି?

657 ସେଠାରେ ସେମାନେ ରହିଥାନ୍ତି...ସେଠାରେ ଯେଉଁଠାକୁ ସେ ଗଲେ; ସେହି ଦୂତଗଣ: ସେହି ବାର୍ତ୍ତାବହଗଣ, ସେହି ପ୍ରଚାରକଗଣ, ସେମାନେ ସେହି ବୁଦ୍ଧିଜୀବୀଗଣ, ସେହି ବାର୍ତ୍ତାବହଗଣ ଯେଉଁମାନେକି ବିଶ୍ୱାସ କରି ନ ଥିଲେ ଯେତେବେଳେ ନୋହ ସେମାନଙ୍କ ନିକଟରେ ପ୍ରଚାର କରିବାକୁ ଯାଇଥିଲେ ଓ ସେମାନଙ୍କୁ କହିଥିଲେ, "କାହିଁକି, ଏହି ଜାହାଜ ଭିତରକୁ ପଳାଇ ଆସ ।"

658 ସେମାନେ କହିଲେ, "ଏହି ପବିତ୍ର ଧର୍ମୋ-ନ୍ମତ୍ତ ବ୍ୟକ୍ତିକୁ ଶୁଣ । ସେହି ପାଗଳର କଥା ଶୁଣ । କାହିଁକି, କୌଣସି ବର୍ଷା ନାହିଁ । କିଏ କେବେ ଏପରି ଏକ କଥା ଶୁଣିଛନ୍ତି କି? କାହିଁକି, ମୋର ପ୍ରଭୁ, କଅଣ ଆମର ମଣ୍ଡଳୀ ନାହିଁ କି? କଅଣ ଆମେ ଧାର୍ମିକ ନୋହୁଁ କି?" କାହିଁକି, ସେମାନେ ଧାର୍ମିକ ଥିଲେ!

659 ଯୀଶୁ କହିଥିଲେ ଯେ ଏହା ଏପରି ଏକ ପୀଢୀ ହେବ ଯାହାକି ଠିକ୍ ସେହି ସମୟରେ ଅତିକ୍ରମ କରିଥିଲା, ତାହା ଠିକ ସେହି ପୀଢୀ ହେବ ଯାହାକି ତାହାଙ୍କର ଠିକ୍ ଆଗମନ ପୂର୍ବରୁ ପୁଣି ଥରେ ଫେରି ଆସିବ, "ଯେପରି ତାହା ନୋହଙ୍କ ସମୟରେ ହୋଇଥିଲା, ଠିକ ସେହିପରି ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ଘଟିବ । କାରଣ ସେମାନେ ଭୋଜନ ପାନ କରୁଥିଲେ, ବିବାହ କରୁଥିଲେ, ବିବାହରେ ଦିଆ ନିଆ, କରୁଥିଲେ ।" ସେମାନଙ୍କର ସେଠାରେ ସେତେବେଳେ କୌଣସି ସ୍ଥାନରେ, ରେନୋ, ନେଭାଡା ଥିଲା । ସେମାନଙ୍କର ସେଠାରେ ସମସ୍ତ ପ୍ରକାରର ନିର୍ବୋଧତା ଥିଲା ଯାହାକି ଆଜି ସେମାନଙ୍କ ପାଖରେ ରହିଛି; ସମାବେଶ ହେବା, ଏବଂ ମୌଜ ମଜଲିଶ କରିବା, ଆଉ ଥଟ୍ଟା କରିବା, ପରିହାସକାରୀ ଓ ଇତ୍ୟାଦି; ଈଶ୍ୱରପରାୟଣତାର ଏକ ରୂପ ଧାରଣ କରିବା, ମାତ୍ର ପ୍ରକୃତ ସତ୍ୟକୁ ଅସ୍ୱୀକାର କରିବା: ସେହି ନିୟମ, ଅନୁଗ୍ରହର ବାର୍ତ୍ତାକୁ ଅସ୍ୱୀକାର କରିବା । ପରମେଶ୍ୱର ତାହାଙ୍କର ମାର୍ଗକୁ ପ୍ରସ୍ତୁତ

କରୁଛନ୍ତି, ଏବଂ ଲୋକମାନଙ୍କୁ ତାହାଙ୍କର—ତାହାଙ୍କର ନିୟମକୁ ଦେଉଛନ୍ତି, ଯେ ସେମାନେ କିପରି ରକ୍ଷା ପାଇପାରିବେ; ଏଥିରେ ତାହାର ପରିତ୍ରାଣ ଥିଲା, ପରିତ୍ରାଣଟି ରକ୍ଷା ପାଇବାର ଏକ ସ୍ଥାନ ଥିଲା ।

660 "ପରିତ୍ରାଣ ସହିତ ଆମକୁ କଅଣ ଦରକାର ଅଛି?" ଆଜି ଲୋକମାନେ କୁହନ୍ତି, "କଅଣ ଆମେ ଏକ ଭଲ ଗଣତାନ୍ତ୍ରିକ ଶାସନ ଅଧୀନରେ ବାସ କରୁ ନାହୁଁ କି? ଆମକୁ କଅଣ ଦରକାର?"

661 ମୋର ସେଥିରେ କିଛି ଯାଏଆସେ ନାହିଁ ଯେ ଆମେ କେତେ ଗଣତାନ୍ତ୍ରିକ ସରକାର ଅଧିନରେ ରହୁଅଛୁ, ଆମକୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦରକାର । ଠିକ୍! ଆମକୁ ଖ୍ରୀଷ୍ଟ ଦରକାର । ମୁଁ ଏକ ଗଣତାନ୍ତ୍ରିକ ସରକାରର ପ୍ରଶଂସା କରେ; ତାର ସେହି ପ୍ରାଣର ପରିତ୍ରାଣ ସହିତ କୌଣସି ସମ୍ପର୍କ ନାହିଁ । ସମ୍ପୂର୍ଣ୍ଣ ଭାବରେ! ସେହି ଶାସନଗୁଡ଼ିକ ଲୋପ ପାଇଯିବ ଏବଂ ପ୍ରତ୍ୟେକ ରାଷ୍ଟ୍ର ସମାପ୍ତ ହୋଇଯିବ । ଏବଂ ମୁଁ ତାହା ପାଖରେ ଛିଡା ହୋଇଅଛି...ଯେଉଁଠାରେ ଫାରୋମାନେ ଛିଡ଼ା ହୋଇଥିଲେ, ଏବଂ ସେମାନେ ବସୁଥିବା ସେମାନଙ୍କର ସିଂହାସନଗୁଡିକୁ ଖୋଜିବା ପାଇଁ ଆପଣଙ୍କୁ ଭୂମି ତଳେ କୋଡ଼ିଏ ଫୁଟ ଗଭୀର ଖୋଳିବାକୁ ପଡିବ । ଏହି ପୃଥିବୀର ସମସ୍ତ ଫାରୋ ଏବଂ ତାଙ୍କର ରାଜ୍ୟଗୁଡିକ, ଓ ଏହାର ସମସ୍ତ ଖରାପ ବିଷୟଗୁଡିକ ବିଫଳ ହେବ ଏବଂ ଲୋପ ପାଇଯିବ, ମାତ୍ର ଯିହୋବା ଚିରକାଳ ରାଜତ୍ୱ କରିବେ, କାରଣ ସେ ଅମର ପରମେଶ୍ୱର ଅଟନ୍ତି । ଖ୍ରୀଷ୍ଟ ଯୀଶୁରୂପ ଶୈଳ ଉପରେ ଦୃଢ଼ ଭାବରେ ଆମେ ଛିଡା ହୋଇଅଛୁ, କାରଣ ଅନ୍ୟ ସମସ୍ତ ଭୂମି ଧସି ଯାଉଥିବା ବାଲୁକା ଅଟେ ।

662 ଫରକ ପଡେ ନାହିଁ ଯେ ଏହା ଅଟେ କି ନୁହେଁ...ରାଜ୍ୟଗୁଡ଼ିକ ଉଠିବେ ଓ ଲୋପ ପାଇଯିବେ, କିନ୍ତୁ, ଓଃ, ଏପରି କିଛି ନାହିଁ, ମୁଁ ଚିନ୍ତା କରେ ନାହିଁ ଯେ ଏହା କିଛି ଅଟେ, ଏପରି କୌଣସି ବର୍ତ୍ତମାନ ବିଷୟ ନାହିଁ, କୌଣସି ଭବିଷ୍ୟତ ବିଷୟ ନାହିଁ, କିଛି ନାହିଁ (ଅନାହାର କିମ୍ବା ବିପଦ କିମ୍ବା ଅନ୍ୟ କିଛି) ଯାହାକି ଖ୍ରୀଷ୍ଟଙ୍କଠାରେ ଥିବା ପରମେଶ୍ୱରଙ୍କ ପ୍ରେମଠାରୁ ଆମକୁ କେବେ ଅଲଗା କରିପାରେ । ଯେତେବେଳେ ଜଣେ ବ୍ୟକ୍ତି ପରମେଶ୍ୱରଙ୍କ ଆତ୍ମାରୁ ଜନ୍ମ ହୋଇଥାଏ, ସେ ଆଉ ଅଧିକ ସମୟର ଜୀବ ରହେ ନାହିଁ, କିନ୍ତୁ ସେ ଅନନ୍ତତାର ଏକ ପ୍ରାଣୀ ଅଟେ । ଆମେନ୍ । ସେ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରି ସାରିଛି । ସେ ଅତିକ୍ରମ କରିଅଛି...ସେ ସମୟର ଉପାଦାନକୁ ଅତିକ୍ରମ କରି, ଅନନ୍ତକାଳ ମଧ୍ୟକୁ ପ୍ରବେଶ କରି ସାରିଛି । ସେ କଦାପି ବିନଷ୍ଟ ହୋଇପାରେ ନାହିଁ! ଏବଂ ପରମେଶ୍ୱର ଶପଥ କଲେ ଯେ ସେ ତାକୁ ଶେଷ ଦିନରେ ଉଠାଇବେ ।

663 ତେଣୁ ସେମାନେ ଆପଣଙ୍କର ସମସ୍ତ ବଡ ଗୀର୍ଜାମାନ, ଏବଂ ଆପଣଙ୍କର ସମସ୍ତ ବଡ ସମୟ ନେଇପାରନ୍ତି, ଆଉ ଆପଣ ଯାହା ଚାହାଁନ୍ତି, ଓ ଆପଣଙ୍କର ମନ୍ଦ ଥଟ୍ଟାଳିଆ କଥାସବୁ କହିପାରନ୍ତି ପୁଣି ଆପଣଙ୍କର ବଙ୍କୋ ଖେଳଗୁଡିକୁ ନେଇପାରନ୍ତି, ଏବଂ ସୁପ୍ ରାତ୍ରିଭୋଜ ଓ ଆପଣ ଚାହୁଁଥିବା ଅନ୍ୟ ସମସ୍ତ କିଛି ନେଇପାରନ୍ତି; ଆଉ ସେଠାରେ କୌଣସି ଶିକ୍ଷିତ

ପ୍ରଚାରକକୁ ଛିଡା କରିପାରନ୍ତି । ହୋଇପାରେ ସେ ଏଥିରେ ଏକ ଉତ୍ତମ କାର୍ଯ୍ୟ କରିପାରନ୍ତି ଯେତିକି ଏହି ସାନ ପୁରୁଣା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଯେଉଁମାନେକି ସେମାନଙ୍କର କଖଗ କୁ ବି ଜାଣନ୍ତି ନାହିଁ । ମାତ୍ର ମୁଁ ଆପଣଙ୍କୁ ସତ କହୁଛି, ମୁଁ ତ ବରଂ ଏପରି ଏକ ବ୍ୟକ୍ତି ଚାହିଁବି ଯିଏକି ତାହାର କଖଗ ନ ଜାଣିଥାଉ ସେ ମୋତେ ପ୍ରଚାର କରୁ (ଯିଏକି ଖ୍ରୀଷ୍ଟଙ୍କୁ ଜାଣିଥାଉ) ଏହା ଅପେକ୍ଷା ଯେ ସେହି ମହାନ ଧର୍ମଶାସ୍ତ୍ର ପଣ୍ଡିତମାନେ ଯିଏକି ସେଠାରେ ଆପଣଙ୍କର ସେସମସ୍ତ ଶିକ୍ଷା ସହିତରେ ଥାଆନ୍ତି ଯାହା ବିଷୟରେ ଚିନ୍ତା କରାଯାଇପାରେ । ନିଶ୍ଚିତ ଭାବରେ!

664 ଏଠାରେ ତଳେ କେଣ୍ଟକିରେ, କିଛି ସମୟ ପୂର୍ବରୁ, ଜଣେ ସାନ ବୃଦ୍ଧ ବ୍ୟକ୍ତି ଯିଏକି ନିଜର ନାମ ସୁଦ୍ଧା ପଢ଼ିପାରି ନ ଥିଲେ, କହିଲେ ଯେ ପ୍ରଭୁ ତାଙ୍କୁ ପ୍ରଚାର କରିବାକୁ ଡାକିଛନ୍ତି ଏବଂ ସେ ଏକ ସ୍କୁଲ ଘର ଚାହାଁନ୍ତି । କାହିଁକି, କର୍ତ୍ତୃପକ୍ଷ ତାଙ୍କୁ ତାହା ନେବାକୁ ଦେଉ ନ ଥିଲେ । କୌଣସି ଜଣେ ମହାନ ବଡ଼ ପ୍ରଚାରକ *ସେହିପରି* ତାଙ୍କ ନାମ ଥିବା ଏକ ହ୍ୟାଣ୍ଡଲ୍ ଧରି ସେଠାକୁ ଆସନ୍ତି, ଈଶ୍ୱରୀୟ ଜ୍ଞାନର କୌଣସି ମହାନ ଡାକ୍ତର, କାହିଁକି, ସେମାନେ ତାଙ୍କୁ ବିଦ୍ୟାଳୟ ନେବାକୁ ଅନୁମତି ଦେଲେ । ନିଶ୍ଚିତ । ଦୁଇ ସପ୍ତାହର ଏକ ଉଦ୍ଦୀପନା ସଭା କଲେ, ଗୋଟିଏ ପ୍ରାଣ ସୁଦ୍ଧା ନୁହେଁ । ଏବଂ ତାଙ୍କ ପିତା ଫେରି ଯାଇ, କହିଲେ, "ବର୍ତ୍ତମାନ ତୁମେ ତାଙ୍କୁ ତାହା ନେବାକୁ ଦିଅ, ମୁଁ ଜଣେ କରଦାତା, ମୋ ପୁଅ ପାଇଁ ଏହା ପାଇବାକୁ ମୋର ଏକ ଅଧିକାର ଅଛି । ଏବଂ ମୋ ପୁଅ ମଧ୍ୟ ତାହା ପାଇବା ଉଚିତ୍ ।"

665 ତେଣୁ ସେ ଖୋଜିବା ପାଇଁ ପଛକୁ ଗଲେ, ଏବଂ ସେମାନଙ୍କୁ ପଚାରିଲେ, ସେମାନେ କହିଲେ, "ତେବେ, ଆମେ ତାଙ୍କୁ ଅତି କମରେ ଦୁଇ ରାତି ନେବାକୁ ଦେବୁ ।" ଏବଂ ସେମାନେ ସମ୍ମତ ହେଲେ ଏବଂ ତାଙ୍କୁ ତାହା ଦୁଇ ରାତି ନେବାକୁ ଦେଲେ ।

666 ଏବଂ ସେହି ରାତିରେ ସେହି ସାନ ବୃଦ୍ଧ ବ୍ୟକ୍ତିଜଣକ ସେଠାରେ ଉଠିଲେ ଆଉ ଏପରିକି ବାଇବଲ ସୁଦ୍ଧା ପଢ଼ି ପାରି ନ ଥିଲେ, ଅନ୍ୟ କେହିଜଣେ ତାଙ୍କ ପାଇଁ ମୂଳପାଠ ପଢିଥିଲେ । କିନ୍ତୁ ଯେତେବେଳେ ସେ ମଞ୍ଚ ଉପରକୁ ଗଲେ, ସେ ପବିତ୍ରଆତ୍ମାରେ ଅଭିଷିକ୍ତ ଥିଲେ । ଆଉ ଯେତେବେଳେ ସେ ପ୍ରଚାର କଲେ, ପ୍ରାୟଃ କୋଡ଼ିଏ ଜଣ ଯଜ୍ଞବେଦି ନିକଟକୁ ଆସିଲେ; ଏବଂ ସେହି ଆତ୍ମ-ଘୋଷିତ ପ୍ରଚାରକ ଯଜ୍ଞବେଦୀରେ, ତାଙ୍କ ମାର୍ଗରେ କାଲବରୀକୁ ଆଡକୁ କାନ୍ଦି କାନ୍ଦି ଚାଲିଗଲେ ।

667 ନିଶ୍ଚିତ, ଭାଇ, ଏହା ତାହା ନୁହେଁ—ନୁହେଁ ଯାହା ଆପଣ ଜାଣିଛନ୍ତି, ଏହା ତ ତାହା ଅଟେ ଯାହାକୁ ଆପଣ ଜାଣିଛନ୍ତି । ତାହାହିଁ ସେହି ଧାରଣା, ତାହା ହିଁ ଅଟେ ଯାହା ଆବଶ୍ୟକ, ଏହା ଖ୍ରୀଷ୍ଟଙ୍କୁ ଜାଣିବା ଆବଶ୍ୟକ କରେ । ତାହାଙ୍କୁ ଜାଣିବା, ହେଉଛି ଜୀବନ; ତାହାଙ୍କୁ ପ୍ରତ୍ୟାଖ୍ୟାନ କରିବା, ହେଉଛି ମୃତ୍ୟୁ ।

668 ଶୀଘ୍ର ଆମର ଅନ୍ୟ ପ୍ରଶ୍ନଗୁଡିକୁ ଯିବା, ବର୍ତ୍ତମାନ ସେହି ପ୍ରଶ୍ନଗୁଡିକ ଯାହାକି ତଳେ ଜର୍ଜିଆକୁ ଯାଏ:

## 67. ପ୍ରକାଶିତ ବାକ୍ୟ 21:19 ଏବଂ 20 ରେ...ପଥରଗୁଡ଼ିକ କଅଣ ନିଦର୍ଶିତ କରେ?

669 ଯଦି ଆପଣ ନିଜର ବାଇବଲଗୁଡିକୁ ଖୋଲିବା ପାଇଁ ସମୟ ନେବାକୁ ଇଚ୍ଛା କରିବେ, ଯାହାକି ଆମ ପାଖରେ ବର୍ତ୍ତମାନ ଅଧିକ ସମୟ ନାହିଁ, କିନ୍ତୁ ମୁଁ ସେଗୁଡିକୁ ଶୀଘ୍ର ଉତ୍ତର ଦେବାକୁ ଚେଷ୍ଟା କରିବି । ପ୍ରକାଶିତ ବାକ୍ୟ କୋଡ଼ିଏ-...ମୁଁ ବିଶ୍ୱାସ କରେ ଏହା 21:19 ଏବଂ 20 ଅଟେ । ହଁ ।

670 ଠିକ ଅଛି, ସେଠାରେ ଆପଣ ପାଇବେ ଯେ ସେ ଭବନରେ ଥିବା ପଥରଗୁଡିକ ବିଷୟରେ କହୁଥିଲେ । ଏବଂ ପଥରଗୁଡ଼ିକ ମୂଳଦୁଆ ଥିଲା । ଯଦି ଆପଣ ଧ୍ୟାନ ଦେବେ...ମୁଁ ବିଶ୍ୱାସ କରେ ଯେ ଆପଣଙ୍କର ସେଠାରେ ତାହା ଅଛି, ଭାଇ ନେଭିଲ୍ । ଏବଂ ପ୍ରତ୍ୟେକ ପଥର ଏକ ମୂଳଦୁଆ ଥିଲା । ଗୋଟିଏ ପଥର ମୂଳଦୁଆ ଥିଲା ସେପରି ନୁହେଁ, ଏବଂ ଅନ୍ୟମାନେ... କିନ୍ତୁ ପ୍ରତ୍ୟେକ ପଥର ଏକ ମୂଳଦୁଆ ଥିଲା । ପ୍ରତ୍ୟେକ ପଥର ଏକ ନିରନ୍ତର ମୂଳଦୁଆ ଥିଲା । ଆଉ ସେଠାରେ ବାରଟି ପଥର ଥିଲେ । ଏବଂ ଯଦି ଆପଣ ସେହି ବାରଟି ପଥରକୁ ଲକ୍ଷ୍ୟ କରିବେ, ପ୍ରତ୍ୟେକକୁ ଦେବେ...ପ୍ରଥମେ ହୀରକ ସହିତ ଆରମ୍ଭ କରି, ଏବଂ ମାଣିକ୍ୟମଣି, ଆଉ ସେହିପରି ଭାବରେ, ପ୍ରତ୍ୟେକ ପଥରକୁ ନିଦର୍ଶିତ କରି ।

671 ବାଇବଲରେ ସେଠାରେ ଆପଣ ପାଇବେ ଯେ ଏହାକୁ ନିର୍ଦ୍ଦିଷ୍ଟ ପଥର କୁହାଯାଉଥିଲା । ସେମାନଙ୍କ ମଧ୍ୟରୁ କେତେକରେ ଅଳ୍ପ ଟିକିଏ ପାର୍ଥକ୍ୟ ରହୁଥିଲା, ଆପଣ ଏହା ବିଷୟରେ କେବେ ଶୁଣି ନ ଥିବେ । ଯଦି ଆପଣ ପଛରେ ଶବ୍ଦକୋଷରେ ଦେଖିବେ ତେବେ ଆପଣ ପାଇବେ ଯେ ଏହା ସେହି ସମାନ ପଥର ଅଟେ, କେବଳ ଏକ ଭିନ୍ନ ନାମରେ; ପରିବର୍ତ୍ତିତ କରାଯାଇଛି ।

672 କିନ୍ତୁ ଏହା ସୂର୍ଯ୍ୟକାନ୍ତ ସହିତ—ସହିତ ଆରମ୍ଭ ହୁଏ । ସୂର୍ଯ୍ୟକାନ୍ତ ବିନ୍ୟାମୀନର—ର ପଥର ଥିଲା, କିମ୍ବା, ଓଃ, ପ୍ରଥମ ପୁତ୍ର, ରୁବେନ୍‌ର...ପଥର ଥିଲା । ପ୍ରଥମ ପଥର ଥିଲା ରୁବେନ୍, ଯାହାକି ସୂର୍ଯ୍ୟକାନ୍ତ ଥିଲା । ଶେଷ ପଥରଟି ଥିଲା ବିନ୍ୟାମୀନ, ଶେଷ ପଥରଟି ଉପରେ ଥିଲା ।

673 ତେବେ, ଏହି ବାରଟି ପଥର ଯାହା ଉପରେ ମୂଳଦୁଆ ସ୍ଥାପନ କରାଯାଇଥିଲା, ସେହି—ସେହି ବାରଟି ପଥର ହାରୋଣଙ୍କ ବୁକୁପଟା ଉପରେ ଲାଗିଥିଲା । ଏବଂ ସେମାନେ—ସେମାନେ ନିଦର୍ଶିତ କରିଥିଲେ, ସେ ସେହି—ସେହି ଜାତିମାନଙ୍କର ମହାଯାଜକ ଥିଲେ । ସେମାନଙ୍କର ପ୍ରତ୍ୟେକର ଜନ୍ମ ପଥର ଏଠାରେ, ଏହି—ଏହି ବୁକୁପଟାରେ ଥିଲା । ଯେତେବେଳେ ଲୋକମାନେ ଏହି ବୁକୁପଟା ଦେଖୁଥିଲେ, ସେମାନେ ଜାଣୁଥିଲେ ଯେ ହାରୋଣ ସେହି ସମଗ୍ର ଜାତିର ମହାଯାଜକ ଅଟନ୍ତି, ଯେତେବେଳେ ସେମାନେ ଏହି ବୁକୁପଟାରେ ସେହି ଜନ୍ମପଥରକୁ ଦେଖୁଥିଲେ ।

674 ବର୍ତ୍ତମାନ, ଯେତେବେଳେ ଆମେ ଆଜି ସକାଳେ ଭାଇ ନେଭିଲଙ୍କ ବାର୍ତ୍ତାରେ ଦେଖୁଥିଲୁ । ଏବଂ ଯେତେଥର ସେମାନେ ଉରିମ୍ ଥୁମ୍ମିମ୍ ନେଇ ଆସିଥିଲେ । ଆପଣ ଏହାକୁ ବାଇବଲରେ ସେହିପରି ଭାବରେ ଉଲ୍ଲେଖ କରାଯାଇଥିବାର ଦେଖନ୍ତି ଯେପରି ଭାବରେ ସେମାନେ

ତାହା ଜାଣିଥିଲେ ଯେ ସେମାନଙ୍କର ବାର୍ତ୍ତା ସତ୍ୟ ଥିଲା କି ନାହିଁ। ସେହି ପଥରଗୁଡ଼ିକ, ଯେତେବେଳେ ସେଗୁଡିକ ତାହା କହିବାକୁ ଯାଆନ୍ତି ଯାହାକି ସେହି ଲୋକ କହିଥାଏ, ଭବିଷ୍ୟଦ୍‌ବକ୍ତା ଭାବବାଣୀ କରିଥାନ୍ତି, ଏବଂ ସେହି ପଥରଗୁଡ଼ିକ ଏକତ୍ର ପ୍ରତିଫଳିତ କରନ୍ତି। ଏହା ଆଲୋକର ଏକ ମିଶ୍ରଣକୁ ତିଆରି କରେ ଯାହାକି ନୀଳମଣିକୁ, ଏବଂ ସୂର୍ଯ୍ୟକାନ୍ତ, ଓ ମରକତମଣିକୁ ନିଏ, ପୁଣି ସେହି ଅନ୍ୟସବୁ ପଥରଗୁଡିକ ସେମାନଙ୍କର ଆଲୋକକୁ ପ୍ରତିଫଳିତ କରେ, ଏହା ଏକ ବହୁତ ବଡ ସୁନ୍ଦର ମେଘଧନୁ ରଙ୍ଗକୁ ତିଆରି କରେ ଯାହାକି ସମଗ୍ର ବିଷୟକୁ ଏକାଠି ମିଶାଇଥାଏ।

675 ବର୍ତ୍ତମାନ, ତେବେ, ଆଜି, ଯେତେବେଳେ ସେହି ଉରିମ୍ ଥୁମ୍ମିମ୍‌କୁ ସେହି ଯାଜକତ୍ୱ ସହିତ ନେଇ ନିଆଗଲା, ବର୍ତ୍ତମାନ ଏହି ବାଇବଲ ହେଉଛି ପରମେଶ୍ୱରଙ୍କ ଉରିମ୍ ଥୁମ୍ମିମ୍। ଏବଂ ଯେତେବେଳେ ଜଣେ ପ୍ରଚାରକ ପ୍ରଚାର କରନ୍ତି, ଏହା କେବଳ ଏଠାରେ ସେହି ଗୋଟିଏ ଛୋଟ ସ୍ଥାନ ହେବା ଉଚିତ୍ ନୁହେଁ, ଓ ତାହାହିଁ ସବୁକିଛି ଯାହା ଉପରେ ସେ ନିଜର ଆଶାଗୁଡିକୁ ରଖନ୍ତି ହେବା ଉଚିତ୍ ନୁହେଁ; ଏହା ତ ସମଗ୍ର ବାଇବଲ ସେହି ବାର୍ତ୍ତାକୁ ପ୍ରତିଫଳିତ କରୁଥିବା ଉଚିତ୍ ଅଟେ ଯାହାକି ସେହି ବ୍ୟକ୍ତି ପ୍ରଚାର କରୁଥାନ୍ତି। ତାହାହିଁ ସେହି ବିଷୟ ଅଟେ। କେବଳ ଗୋଟିଏ ସ୍ଥାନ ନୁହେଁ, ଏବଂ କୁହନ୍ତି, "ତେବେ, ବାଇବଲ *ଏହା* କୁହେ।" ଓଃ, ନିଶ୍ଚିତରେ, ଏହା ଅନେକ ଗୁଡିଏ କଥା କୁହେ। ମାତ୍ର ଆପଣଙ୍କୁ ତ ସମସ୍ତ ବିଷୟକୁ ଏକାଠି କରୁଥିବା ପରି ରଖିବା ଉଚିତ୍। ଏବଂ ଯେତେବେଳେ ପରମେଶ୍ୱରଙ୍କ ଆତ୍ମା ଆସନ୍ତି ଓ ବାକ୍ୟ—ବାକ୍ୟ ଭିତରେ ପ୍ରବେଶ କରନ୍ତି, ଏହା ସେହି ସମସ୍ତଙ୍କୁ ଏକାଠି ଉପସ୍ଥାପିତ କରେ ଓ ଗୋଟିଏ ମହାନ ଆଲୋକକୁ ପ୍ରତିଫଳିତ କରେ, ଆଉ ସେହି ଆଲୋକ ହେଉଛନ୍ତି ଯୀଶୁ ଖ୍ରୀଷ୍ଟ। ଆମେନ୍।

676 ତେବେ, ଏହି ବାରଟି ପଥର ବାରଟି ମୂଳଦୁଆ ଥିଲା ଯାହାକି ରୁବେନ୍‌ଠାରୁ ଆରମ୍ଭ ହୋଇଥିଲା, ଏବଂ ଗାଦ୍, ଆଉ ତଳକୁ ବିନ୍ୟାମୀନ ପର୍ଯ୍ୟନ୍ତ; ବାର ଗୋଷ୍ଠୀ, ବାରଟି ପଥର ଥିଲା। ଏବଂ ନୂତନ ସ୍ୱର୍ଗୀୟ ଯିରୁଶାଲମରେ, ମନ୍ଦିରରେ ସେହି ପଥରଗୁଡ଼ିକ, ପ୍ରତ୍ୟେକ ପିତୃପୁରୁଷଙ୍କ ଉପରେ ଗୋଟିଏ ଗୋଟିଏ ମୂଳଦୁଆ ସ୍ଥାପନ କରାଯିବ।

677 ବର୍ତ୍ତମାନ ଦେଖନ୍ତୁ, ଆପଣ ପଥରଗୁଡିକୁ ଲକ୍ଷ୍ୟ କରନ୍ତୁ, ତେବେ ଆପଣ ଅନ୍ୟ ଏକ ପ୍ରଶ୍ନରେ, ସେହି ପିତୃପୁରୁଷମାନଙ୍କୁ ଠିକ୍ କିଛି ଗୋଟାଏ ବିଷୟକୁ ପ୍ରତିଫଳିତ କରୁଥିବାର ଦେଖିବାକୁ ଯାଉଛନ୍ତି।

### ୬୪. ପ୍ରକାଶିତ ବାକ୍ୟ 5 ର ସେହି ଚତୁର୍ଥ...ସେହି ଚାରୋଟି ପଶୁଙ୍କୁ ବୁଝାଇ—ବୁଝାଇ ଦିଅନ୍ତୁ।

678 ଭାଇ ନେଭିଲ୍, ଯଦି ଆପଣ ସେଠାରେ ଠିକ୍ ତାହାକୁ ପାଖରେ ପାଇଛନ୍ତି, କିମ୍ବା ଆପଣଙ୍କ ମଧ୍ୟରୁ କେହି, ପ୍ରକାଶିତ ବାକ୍ୟ 5 ର, ଆମେ ଏହାକୁ ଗୋଟିଏ ମିନିଟ୍ ପାଇଁ ପାଠ କରିବା। ଏହା ଏକ—ଏହା ଏକ ଏଠାରେ ସୁନ୍ଦର ଚିତ୍ର ଅଟେ...ଏଠାରେ, ତାହା ମୋ ନିଜ ପାଖରେ ଅଛି, ପ୍ରକାଶିତ ବାକ୍ୟ 5ମ ପର୍ବ:

*ତତ୍ପରେ ମୁଁ ସିଂହାସନ ଉପବିଷ୍ଟ—ଉପବିଷ୍ଟ ସେହି ବ୍ୟକ୍ତିଙ୍କ ଦକ୍ଷିଣ ହସ୍ତରେ ଗୋଟିଏ ପୁସ୍ତକ ଦେଖିଲି ତାହା ଉଭୟ—ଉଭୟ—ଉଭୟ ପାର୍ଶ୍ୱରେ ଲିଖିତ ଓ ସପ୍ତ ମୁଦ୍ରାରେ ମୁଦ୍ରାଙ୍କିତ ।*

*ଆଉ ମୁଁ...*

679 ତେବେ, ତାହା ସେହି ସ୍ଥାନ ନୁହେଁ । ମୁଁ ଟିକିଏ ଆଗକୁ ଯିବାକୁ ଚାହୁଁଛି, ସେହି ଚାରୋଟି ପ୍ରାଣୀମାନଙ୍କ ପାଖକୁ । ଆସନ୍ତୁ ଦେଖିବା, ସେହି 14ତମ ପଦ । ଠିକ୍ ଅଛି, ଆଜ୍ଞା । ବର୍ତ୍ତମାନ ଏଠାରେ ଆମେ ଯିବା, ତାହା ଠିକ୍ । ତେବେ ଆସନ୍ତୁ ଆମେ ଏଠାରେ ସେହି—ସେହି 12ଶ ପଦରେ ଆରମ୍ଭ କରିବା, ନା, ମୁଁ ଅନୁମାନ କରେ..."ଆଉ ଚାରି ପ୍ରାଣୀ କହିଲେ, 'ଆମେନ୍ ।'" ନା, ଭାଇ ନେଭିଲ୍, ତାହା ପଛରେ ଏକ ଛୋଟ ସ୍ଥାନ ଅଛି । "ଦେଖ, ମୁଁ ସେହି ସ୍ୱର ଶୁଣିଲି..."

680 ଆସନ୍ତୁ ଦେଖିବା, ମାତ୍ର ଗୋଟିଏ ମିନିଟ୍, ମୁଁ ଏହାକୁ କିଛି ସମୟ ପୂର୍ବରୁ ପଢୁଥିଲି । ଓଃ, ଆମେ ଏଠାରେ ଅଛୁ, ଆସନ୍ତୁ ୫ମ ପଦରୁ ଆରମ୍ଭ କରିବା । ସେହି 5ମ ପଦ:

*ସେଥିରେ ପ୍ରାଚୀନମାନଙ୍କ ମଧ୍ୟରୁ ଜଣେ ମୋତେ କହିଲେ, ରୋଦନ କର ନାହିଁ: ଦେଖ, ଯେ ଯିହୁଦା ବଂଶଜାତ ସିଂହ, ଦାଉଦଙ୍କ ମୂଳ, ସେ ପୁସ୍ତକର ସପ୍ତ ମୁଦ୍ରା ଭାଙ୍ଗି, ତାହା ଫିଟାଇବା ନିମନ୍ତେ...ବିଜୟୀ ହୋଇଅଛନ୍ତି ।*

*ସେତେବେଳେ ମୁଁ ଦେଖିଲି, ଏବଂ,...ସିଂହାସନ...ଚାରି ପ୍ରାଣୀ, ଓ, ପ୍ରାଚୀନମାନଙ୍କ ମଧ୍ୟସ୍ଥଳରେ, ଏକ ମେଷଶାବକ ଠିଆ ହୋଇଅଛନ୍ତି, ସେ ହତ ହେଲା ପରି ଦେଖାଯାଉଥିଲେ, ତାହାଙ୍କର ସପ୍ତ ଶୃଙ୍ଗ ଓ ସପ୍ତ ଚକ୍ଷୁ, ସେହି ସମସ୍ତ ଚକ୍ଷୁ ସମୁଦାୟ ପୃଥିବୀରେ...ପ୍ରେରିତ...ସପ୍ତ ଆତ୍ମା ।*

681 ମୁଁ ଚାହେଁ ଯେ ଆପଣ ସେହି ପ୍ରଶ୍ନକୁ ଧରି ରଖିଥାଆନ୍ତୁ, ଆଉ ଯଦି ମୁଁ ତାହାକୁ ଏଠାରେ ଗୋଟିଏ ମିନିଟରେ ନ ନିଏ, ମୁଁ ଚାହେଁ ଯେ ଆପଣ ତାହାକୁ ପୁନର୍ବାର ନେଇକି ଆସନ୍ତୁ, ମୁଁ ତାହା ଉପରେ କହିବାକୁ ଚାହେଁ, "ମେଷଶାବକଙ୍କଠାରେ ଥିବା ସପ୍ତ ଚକ୍ଷୁର ସପ୍ତ ଆତ୍ମା ।" ଓଃ, ତାହା ଏକ ପ୍ରକୃତ ସୁନ୍ଦର ବିଷୟ ଅଟେ । (ତେବେ, ଆମେ ବର୍ତ୍ତମାନ ଏହି ଭାଇର ପ୍ରଶ୍ନ ନେବାକୁ ଚାହୁଁ ।) ଠିକ ଅଛି, ବର୍ତ୍ତମାନ ତାହାକୁ ଭୁଲନ୍ତୁ ନାହିଁ ।

*ସେ ଆସି ସିଂହାସନୋପବିଷ୍ଟ ବ୍ୟକ୍ତିଙ୍କର ଦକ୍ଷିଣ ହସ୍ତରୁ ସେହି ପୁସ୍ତକ ନେଲେ ।*

*ସେ ପୁସ୍ତକ ନିଅନ୍ତେ, ସେହି ଚାରି ପ୍ରାଣୀ ଓ ଚବିଶ ପ୍ରାଚୀନ ମେଷଶାବକଙ୍କ ସମ୍ମୁଖରେ ଉବୁଡ଼ ହୋଇପଡିଲେ,... ସେମାନଙ୍କ ପ୍ରତ୍ୟେକର ହସ୍ତରେ ବୀଣା,...*

682 ବର୍ତ୍ତମାନ, ତାହା ଏଠାରେ ହେଉଛି ସେହି—ସେହି ଚାରି—ସେହି ଚାରି ପ୍ରାଣୀ, ଯଦି ଆପଣ ଧ୍ୟାନ ଦେବେ । ବର୍ତ୍ତମାନ ଆସନ୍ତୁ ଆଗକୁ ଯିବା ଏବଂ ଆଉ ଟିକିଏ ଆଗକୁ ପଢିବା:

*...ସୁବର୍ଣ୍ଣ ବୀଣା,...ଓ ସାଧୁମାନଙ୍କ ପ୍ରାର୍ଥନାରୂପ ପାତ୍ର...ଏବଂ ଧୂପରେ,... ପରିପୂର୍ଣ୍ଣ ସୁବର୍ଣ୍ଣ ପାତ୍ର ଥିଲା ।*

*ସେମାନେ ଗୋଟିଏ ନୂତନ ଗୀତ* ଗାନ *କରି କହିଲେ,...ତୁମ୍ଭେ ଯୋଗ୍ୟ ଅଟ...* (ଏବଂ ଗଲେ ଓ ସେମାନଙ୍କର କଲେ...ପ୍ରଭୁଙ୍କଠାରେ ସେମାନଙ୍କର ସମସ୍ତ ଉପାସନାକୁ ଅର୍ପଣ କଲେ)

683 ତେବେ, ପ୍ରକାଶିତ ବାକ୍ୟର ଏହି ଚାରି ପଶୁ, ଯଦି ଆପଣ ସେମାନଙ୍କୁ ଧ୍ୟାନ ଦେବେ, ପ୍ରତ୍ୟେକ ସ୍ଥାନ...(ଆପଣ ବାଇବଲ ପାଠକମାନେ, ଏବଂ ସେହି ବ୍ୟକ୍ତି ଯିଏକି ଏହି ଟେପ୍ ରେକର୍ଡିଙ୍ଗକୁ ଶୁଣିବାକୁ ଯାଉଛନ୍ତି) । ସେହି ଚାରି ପ୍ରାଣୀ, ସେମାନଙ୍କର ଚାରି ମୁଖ ଥିଲା: ଜଣକର ମନୁଷ୍ୟ ପରି ମୁଖ, ଅନ୍ୟଟିର ବଳଦ ପରି ମୁଖ, ଆଉ ଅନ୍ୟର ମୁଖ ଉତ୍କ୍ରୋଶ ପକ୍ଷୀ ପରି, ଓ ଅନ୍ୟ ଜଣକର ମୁଖ ସିଂହ ପରି ଥିଲା । ଏବଂ ସେମାନେ କଦାପି ପଛକୁ ଯାଆନ୍ତି ନାହିଁ, ସେମାନେ ପଛକୁ ଯାଇପାରନ୍ତି ନାହିଁ ।

684 ପ୍ରକାଶିତ ବାକ୍ୟର ସେହି ପୁରାତନ ପୁସ୍ତକକୁ କେତେ ଜଣ ମନେ ରଖିଛନ୍ତି ଯେତେବେଳେ ସେମାନେ ଏହାକୁ ଅନେକ ବର୍ଷ ପୂର୍ବେ ଶିକ୍ଷା ଦେଇଥିଲେ, ଯେତେବେଳେ ମୁଁ ଏଠାରେ ପ୍ରକାଶିତ ବାକ୍ୟର ପୁସ୍ତକ ଉପରେ ପ୍ରାୟଃ ଦୁଇ ବର୍ଷ ନେଇଥିଲି? ଅନେକ ପୁରୁଣା-କାଳିଆ ଲୋକମାନେ ଜାଣନ୍ତି ।

685 ଦେଖନ୍ତୁ, ସେମାନେ ପଛକୁ ଯାଇପାରନ୍ତି ନାହିଁ, କାରଣ ପ୍ରତ୍ୟେକ ପଥ ଯାହା ସେମାନେ ଗଲେ ସେମାନେ ଆଗକୁ ହିଁ ଯାଉଥିଲେ । ଯଦି ସେମାନେ *ଏହି* ପଥରେ ଗଲେ, ସେମାନେ ମନୁଷ୍ୟ ପରି ଯାଉଥିଲେ; ଯଦି ସେମାନେ *ଏହି* ପଥରେ ଗଲେ, ସେମାନେ ସିଂହ ପରି ଯାଉଥିଲେ; *ଏହି* ପଥରେ ଗଲେ, ସେମାନେ ଉତ୍କ୍ରୋଶ ପକ୍ଷୀ ପରି ଯାଉଥିଲେ; ଯଦି ସେମାନେ *ଏହି* ପଥରେ ଗଲେ, ସେମାନେ ଏକ ବଳଦ ପରି ଯାଉଥିଲେ । ଦେଖନ୍ତୁ, ସେମାନେ ପଛକୁ ଯାଇପାରନ୍ତି ନାହିଁ, ସେମାନେ ସବୁବେଳେ ଆଗକୁ ହିଁ ଯାଉଥିଲେ ।

686 ବର୍ତ୍ତମାନ ସେହି ଚାରି ପ୍ରାଣୀ । ତେବେ ଏହାକୁ ଶୀଘ୍ର ନେବା ପାଇଁ, କାରଣ ମୁଁ ଏହା ଉପରେ ଅଧିକ ସମୟ ରହିବାକୁ ଚାହେଁ ନାହିଁ । କିନ୍ତୁ ସେହି ଚାରି ପ୍ରାଣୀ...ବାଇବଲରେ, ସେହି *ପଶୁ,* "ଶକ୍ତି" କୁ ପ୍ରଦର୍ଶିତ କରେ । ଏବଂ ଆପଣ ଲକ୍ଷ୍ୟ କରନ୍ତୁ ଯେ ଏହି ପ୍ରାଣୀମାନେ କୌଣସି ହ୍ରଦ କିମ୍ବା ସମୁଦ୍ରରେ ନାହାଁନ୍ତି ଯେ ସେହିଠାରୁ ବାହାରି ଆସୁଛନ୍ତି, ମାତ୍ର ସେମାନେ ପରମେଶ୍ୱରଙ୍କ ସିଂହାସନରେ ଥିଲେ, ଏବଂ ସେମାନେ ପରମେଶ୍ୱରଙ୍କୁ ଉପାସନା କରୁଥିଲେ । ସେହି ଚାରି ପ୍ରାଣୀର ଅର୍ଥ ହେଉଛି ଚାରି ଶକ୍ତି ଯାହା ପୃଥିବୀରୁ ବାହାରି ଆସେ, ଏବଂ ସେହି ଚାରି ଶକ୍ତି ହେଲା ଚାରି ସୁସମାଚାର: ମାଥିଉ, ମାର୍କ, ଲୂକ, ଏବଂ ଯୋହନ; ଜଣେ ଅନ୍ୟର ବିରୋଧ କରନ୍ତି ନାହିଁ ।

687 ଏବଂ ସେମାନଙ୍କ ମଧ୍ୟରୁ ଗୋଟିଏ, ସେହି...ଯେତେବେଳେ ସୁସମାଚାର ସିଂହ ପରି ବାହାରିଥାଏ, ଏହା କଠୋର, ଏହା ନିର୍ଭୀକ ଅଟେ; ସୁସମାଚାର ସିଂହ ପରି ସାହସୀ ଅଟେ, ଓ ଏହା ସିଂହ ପରି ଏକ ରାଜା ଅଟେ । ଯଦି ଏହା ମନୁଷ୍ୟର ମୁହଁ ଆଡ଼କୁ ଯାଏ, ତେବେ ଏହା ମନୁଷ୍ୟ ଭଳି ଚତୁର ଏବଂ ଚାଲାକ ଅଟେ । ଯଦି ଏହା ଉତ୍କ୍ରୋଶ ପକ୍ଷୀ ପରି ଯାଏ, ଏହାର ଦ୍ରୁତ

ଡେଣା ଥାଏ ଏବଂ ଅତି ଉଚ୍ଚତାରେ ରହିଥାଏ । ଏହା…ଦେଖନ୍ତୁ ମୋର ତାତ୍ପର୍ଯ୍ୟ କଅଣ? ଯଦି ଏହା ବଳଦ ପରି ଯାଏ, ଏହା କାର୍ଯ୍ୟକ୍ଷମ ପଶୁ ଅଟେ ଯାହାକି ଟାଣିପାରେ, ସେହି କାର୍ଯ୍ୟକ୍ଷମ ବଳଦ ଯାହାକି ସେହି—ସେହି—ସେହି ସୁସମାଚାରର ଭାରକୁ ବୋହିପାରେ । ସେହି ଚାରି ପ୍ରାଣୀ ହେଲେ ଚାରି ଶକ୍ତି, ସେଗୁଡ଼ିକ ହେଲା: ମାଥିଉ, ମାର୍କ, ଲୂକ, ଏବଂ ଯୋହନ; ସେହି ଚାରି ସୁସମାଚାର ଯାହାକି ପରମେଶ୍ୱରଙ୍କ ଉପସ୍ଥିତିରେ ତାହାଙ୍କୁ ଚତୁର୍ଦ୍ଦିଗରେ ଘେରି ରହିଥିଲେ । ତାହା ଥିଲା…

688 ଯଦି ଆପଣ ଧ୍ୟାନ ଦେଇଥିବେ, ସେମାନଙ୍କର ଆଗରେ ଓ ପଛରେ ଆଖିଗୁଡିକ ରହିଥିଲା । ସେମାନେ—ସେମାନେ…ଯେଉଁଆଡେ ବି ତାହା ଗଲା, ଏହା ପ୍ରତିଫଳିତ ହେଉଥିଲା । ସେମାନେ ଯେଉଁଆଡ଼େ ବି ଯାଉଥିଲେ ସେମାନେ ଦେଖୁଥିଲେ । ଏବଂ ତାହାହିଁ ହେଉଛି ସୁସମାଚାରର ଶକ୍ତି ଯେତେବେଳେ ତାହା ବାହାରକୁ ଯାଇଥାଏ, ତାହା କରିପାରେ… ତାହାଠାରେ ଜଣେ ମନୁଷ୍ୟର ଚତୁରତା ଅଛି; ତାହାଠାରେ ଏକ ଉତ୍କ୍ରୋଶ ପକ୍ଷୀର ଗତି ଅଛି; ତାହାଠାରେ ସେହି—ସେହି—ସେହି—ସେହି ଶକ୍ତି ଅଛି, ସେହି ଟାଣିବା ଶକ୍ତି, ଏକ ବଳଦ ପରି ଭାର-ବହନକାରୀ ଶକ୍ତି; ତାହାଠାରେ ଏକ ସିଂହର ସେହି—ସେହି କଠୋରତା ଏବଂ ନିର୍ଭୀକତା ଅଛି । ଦେଖନ୍ତୁ, ଏହା ସେହି ଚାରି ସୁସମାଚାର ଅଟେ, ଯାହାକି ପ୍ରକାଶିତ ବାକ୍ୟ, 4ର୍ଥ ପର୍ବର ଚାରୋଟି ଶକ୍ତି ଅଟେ ।

ଠିକ ଅଛି, ତେବେ ପରବର୍ତ୍ତୀ:

69. **ଚବିଶ ପ୍ରାଚୀନ କିଏ ଅଟନ୍ତି?** ଠିକ ଅଛି, ମୁଁ ବିଶ୍ୱାସ କରେ ଯେ ତାହା ସେହି—ସେହି ଉପରେ ରହିବ…**ଚବି-ଶ ପ୍ରାଚୀନ କିଏ ଅଟନ୍ତି?**

689 ବର୍ତ୍ତମାନ ତାହା ସେତିକି ସରଳ ଅଟେ, ଆମେ ଏହାକୁ ନେଇପାରିବା । ଚବି-ଶ ପ୍ରାଚୀନ ସିଂହାସନ ସମ୍ମୁଖରେ ବସି ରହିଥାନ୍ତି । ତାହା ହେଉଛି…ମୁଁ ବିଶ୍ୱାସ କରେ ଯେ ଏହା 4 ପଦରେ ଅଟେ, ଯେଉଁଠାରେକି ତାହା ମିଳେ । "ଆଉ ସେଠାରେ ଆଉ ଜଣେ ବାହାରିଲେ…" ମୋ ପାଖରେ ଅଛି…ଆସନ୍ତୁ ଦେଖିବା, ମୋ ପାଖରେ…4:10 ।

690 ଠିକ ଅଛି, ପ୍ରକାଶିତ ବାକ୍ୟ, 4ର୍ଥ ପର୍ବ, ଏବଂ ତାର 10ମ ପଦ । ତାହା ଠିକ୍ । ଆମେ ଏହା ନିକଟକୁ ଯିବା ।

*ସେତେବେଳେ ଚବିଶ ପ୍ରାଚୀନ ସିଂହାସନୋପବିଷ୍ଟ ବ୍ୟକ୍ତିଙ୍କ ଛାମୁରେ ଉବୁଡ଼ ହୋଇ, ନିତ୍ୟ ଜୀବିତ ବ୍ୟକ୍ତିଙ୍କୁ ପ୍ରଣାମ କରନ୍ତି ଓ ସିଂହାସନ ସମ୍ମୁଖରେ ଆପଣା ଆପଣା ମୁକୁଟ ଥୋଇଦେଇ କହନ୍ତି,*

*ହେ ଆମ୍ଭମାନଙ୍କର ପ୍ରଭୁ ଓ ପରମେଶ୍ୱର, ତୁମ୍ଭେ ଗୌରବ, ସମ୍ଭ୍ରମ ଓ ପରାକ୍ରମ ପାଇବାକୁ ସୁଭାଜନ ଅଟ: ତୁମ୍ଭେ ସମସ୍ତ ସୃଷ୍ଟି କରିଅଛ, ଆଉ ତୁମ୍ଭ ଇଚ୍ଛାରେ ସେହିସବୁ ସତ୍ତ୍ୱ ପ୍ରାପ୍ତ ହୋଇ ସୃଷ୍ଟ ହୋଇଅଛ ।*

691 ତେବେ ସେହି ଚବିଶ ପ୍ରାଚୀନ । ଜଣେ ପ୍ରାଚୀନ ହେଉଛନ୍ତି ଜଣେ ପର୍ଯ୍ୟବେକ୍ଷକ । ତେବେ ଧ୍ୟାନ ଦିଅନ୍ତୁ, ସେମାନେ ବାର ପିତୃପୁରୁଷ ଏବଂ ବାର ପ୍ରେରିତ ଥିଲେ । ଏବଂ ସେମାନେ ବସିଥିଲେ, ଗୋଟିଏ ପାର୍ଶ୍ୱରେ ବାରଟି ଆଉ ଅନ୍ୟ ପଟେ ବାରଟି । ସେଠାରେ ଚବିଶ ପ୍ରାଚୀନ ଥିଲେ, ଯେଉଁମାନେକି ଗୋଟିଏ ପାର୍ଶ୍ୱରେ ବାର ପିତୃପୁରୁଷ ଥିଲେ, ସେହି ପୁରାତନ ନିୟମ, ଅନ୍ୟ ପଟେ ବାର ପ୍ରେରିତ, ନୂତନ ନିୟମର । କଅଣ ଯୀଶୁ କହି ନ ଥିଲେ, "ତୁମେ ବାରଟି ସିଂହାସନରେ ବସି, ଇସ୍ରାଏଲର ବାର ଗୋଷ୍ଠୀର ବିଚାର କରିବ"?

692 ତେବେ, ସେହି ଭିତ୍ତିମୂଳ । ଦେଖନ୍ତୁ, ସେଠାରେ ଏପରିକି ଗୋଟିଏ ଗଛ ମଧ୍ୟ ଅଛି । ଏବଂ ଉଭୟ ପାର୍ଶ୍ୱରେ ଥିବା ବୃକ୍ଷ ବାରଟି ଫଳ ଧାରଣ କରିଥାଏ । ଏବଂ ସେମାନେ ମାସରେ ଥରେ ନିଜର ଫଳ ଦିଅନ୍ତି, ଯାହାକି ବର୍ଷରେ ବାର ମାସ ଅଟେ । ସେମାନେ ଅତିକ୍ରମ କରୁଥିବା ପ୍ରତ୍ୟେକ ବର୍ଷରେ ବାର ପ୍ରକାର ଫଳ ଧାରଣ କରନ୍ତି । ବା/ର, "ଉପାସନା" ସଂଖ୍ୟାରେ, ଆପଣ ଦେଖନ୍ତୁ । ଏବଂ ସେଠାରେ ଚବିଶ ଅଛନ୍ତି, ଚବି-ଶ ରହିବେ, ବାର ପ୍ରେରିତ ଏବଂ ବାର ପିତୃପୁରୁଷ ହେବେ । ସେମାନେ ସିଂହାସନରେ ବସିଛନ୍ତି ।

693 ଠିକ ଅଛି, ବର୍ତ୍ତମାନ 4ର୍ଥ ପଦ, କିମ୍ବା, ଚତୁର୍ଥ ପ୍ରଶ୍ନ:

## 70. ଆଦିପୁସ୍ତକ ୩୫ ରେ ଥିବା ଲାଲ ରଙ୍ଗର ଡୋରୀ କଅଣ ନିଦର୍ଶିତ କରେ?

694 ଲାଲ ରଙ୍ଗର ଡୋରୀ, ଯଦି ଆପଣ ଲକ୍ଷ୍ୟ କରିବେ, ଏହା ଯିହୁଦା ଥିଲେ । ଆଉ ତାଙ୍କର ପୁତ୍ରମାନେ ଥିଲେ, ଏବଂ ତାଙ୍କର ଜଣେ ପୁତ୍ର ଏକ କିଣାନୀୟ ସ୍ତ୍ରୀକୁ ବିବାହ କରିଥିଲେ । ଏବଂ ଏହି କିଣାନୀୟ ସ୍ତ୍ରୀଙ୍କର କୌଣସି ସନ୍ତାନ ନ ଥିଲେ, ଆଉ ତାଙ୍କ ପୁଅର ମୃତ୍ୟୁ ହୋଇଯାଇଥିଲା । ତେବେ, ସେହି ବ୍ୟବସ୍ଥା ଅନୁସାରେ ଗ୍ରହଣ କରିବାର ଥିଲା...ପରବର୍ତ୍ତୀ ପୁଅକୁ ସେହି ଭାଇର ସ୍ତ୍ରୀକୁ ଗ୍ରହଣ କରି, ମୃତ ବ୍ୟକ୍ତି ନିମନ୍ତେ ବଂଶ ଉତ୍ପନ୍ନ କରିବାକୁ ଥିଲା । ଏବଂ ସେହି ଅନ୍ୟ ବ୍ୟକ୍ତିଜଣକ ସହଯୋଗ କଲେ ନାହିଁ ଆଉ ଯେପରି କରିବା ଉଚିତ୍ ସେହିପରି କଲେ ନାହିଁ, ଆଉ ପ୍ରଭୁ ତାଙ୍କୁ ଘାତ କଲେ । ତେବେ ତାଙ୍କର ଗୋଟିଏ ଯୁବା ପୁଅ ଥିଲା; ତେଣୁ ଯିହୁଦା କହିଲେ, "ଏହି ପୁଅ ଗାଡି ଚଲାଇବା ପର୍ଯ୍ୟନ୍ତ...ବଡ଼ ହୋଇଯିବା ପର୍ଯ୍ୟନ୍ତ ଅପେକ୍ଷା କର ଯେଉଁଠାରେକି ତୁମେ ତାଙ୍କୁ ବିବାହ ହୋଇପାରିବ ।"

695 ଏବଂ ଯେତେବେଳେ ସେ ବଡ଼ ହୋଇ ଏପରି ଏକ ଅବସ୍ଥାକୁ ଆସିଲା ଯେ ତାଙ୍କୁ ତାଙ୍କର ଦୁଇ ଭାଇଙ୍କ ପୂର୍ବ ପତ୍ନୀଙ୍କୁ ବିବାହ କରିବାର ଥିଲା, ତେବେ, ତାଙ୍କୁ ସେତେବେଳେ ତାହାଙ୍କୁ ଗ୍ରହଣ କରିବା ଉଚିତ୍ ଥିଲା, ଯେ ତାଙ୍କ ଭାଇମାନଙ୍କ ନିମନ୍ତେ ବଂଶ ଉତ୍ପନ୍ନ କରନ୍ତି ଯେଉଁମାନେକି...ଯେଉଁମାନେକି ତାଙ୍କ ପୂର୍ବରୁ ମୃତ୍ୟୁବରଣ କରିଥିଲେ । ଯିହୁଦା ସେହି ସ୍ତ୍ରୀ (ସେହି କିଣାନୀୟ ସ୍ତ୍ରୀ) କୁ ସେହି ପୁତ୍ର, ସେହି ବାଳକ ଦେଲେ ନାହିଁ, ଆଉ ତାକୁ ସେହିପରି ଯିବା ପାଇଁ ଛାଡ଼ି ଦେଲେ । ତେଣୁ ସେହି ସ୍ତ୍ରୀ ଦେଖିଲେ ଯେ ସେ ଭୁଲ୍ କରୁଛନ୍ତି, ତେଣୁ ସେ ବାହାରି ଗଲେ ଏବଂ ନିଜ ମୁହଁରେ ଏକ ଆବରଣ ଢାଙ୍କି ନେଲେ, ଏବଂ ବେଶ୍ୟା ପରି ଏକ ସର୍ବସାଧାରଣ ସ୍ଥାନରେ ବସି ପଡିଲେ ।

696 ଯିହୁଦା ଆସି ସେହି ସ୍ତ୍ରୀଲୋକଟିକୁ ନିଜ ସ୍ତ୍ରୀ ଭାବରେ ଗ୍ରହଣ କରି ନେଲେ, ଏବଂ ସେ ଜଣେ ବେଶ୍ୟା ଥିଲା, ଏବଂ ତାହା ସହିତ ସହବାସ କଲେ । ଏବଂ କହିଲେ, ସେହି ସ୍ତ୍ରୀ କହିଲା, "ତେବେ, ତୁମେ ମୋତେ ପ୍ରତିବଦଳରେ କଅଣ ଦେବ?" ଏବଂ ସେ...ସେହି ସ୍ତ୍ରୀ କହିଲା...

697 ସେ କହିଲେ, "ମୁଁ ତାଙ୍କୁ ଏକ—ଏକ ଛେଳି ଛୁଆ ଦେବି ।" ସେ କହିଲେ, "ତେବେ, ମୋତେ ଏକ ଚିହ୍ନ ଦିଅ ଯେ ତୁମେ ତାହା କରିବ ।" ତେଣୁ ସେହି ସ୍ତ୍ରୀ ତାଙ୍କ ଯଷ୍ଟି ଏବଂ ତାଙ୍କର ମୁଦ୍ରିକା ଇତ୍ୟାଦି ନେଲା, ଏବଂ ତାହା ରଖିଲା ।

698 ଏବଂ ଯେତେବେଳେ ସେମାନେ ଛେଳି ଛୁଆକୁ ନେଇକରି ଆସିଲେ, ସେମାନେ ସେହି ବେଶ୍ୟାକୁ ଖୋଜି ପାଇ ପାରିଲେ ନାହିଁ, କାରଣ ସେ ଜଣେ ବେଶ୍ୟା ନ ଥିଲା ।

699 କିଛି ଦିନ ପରେ, ସେ ନିଜକୁ ଦେଖାଇଲା ଯେ ସେ ଜଣେ ମାଆ ହେବାକୁ ଯାଉଅଛି । ଏବଂ ଯେତେବେଳେ ସେ ଦେଖାଇଲା ଯେ ସେ ଜଣେ ମାଆ ହେବାକୁ ଯାଉଅଛି, ସେମାନେ ଆସି ଯିହୁଦାକୁ କହିଲେ, "ତୁମର ବୋ-ହୂ ଏକ ବେଶ୍ୟାର ଭୂମିକା ଗ୍ରହଣ କରିଛି ।" କହିଲେ, "କାରଣ ସେ—ସେ ମାଆ ହେବାକୁ ଯାଉଛି, ଏବଂ ତୁମର ଦୁଇ ପୁଅ ମରି ଯାଇଛନ୍ତି ।"

700 ସେ କହିଲେ, "ତେବେ, ତାକୁ ଡକାଯାଉ, ଏବଂ ତାକୁ ଅଗ୍ନିରେ ଦଗ୍ଧ କରାଯାଉ ।"

701 ଆଉ ତେଣୁକରି ସେହି ସ୍ତ୍ରୀ ଯିହୁଦାକୁ ବାର୍ତ୍ତା ପଠାଇଲେ, ଏବଂ ସେହି ସ୍ତ୍ରୀ କହିଲା, "ସେହି ବ୍ୟକ୍ତି ଯିଏ ଏହା କରିଛନ୍ତି, ସେ ଏହି ଯଷ୍ଟି ଓ ଏହି ମୁଦ୍ରିକାର ମାଲିକ ଅଟନ୍ତି ।" ଠିକ୍ ଅଛି, ତାହା ତାଙ୍କର ଶ୍ୱ-ଶୁ-ର ଥିଲେ ।

702 ଆଉ ଯିହୂଦା କହିଲେ, "ସେହି ସ୍ତ୍ରୀ ମୋ ଅପେକ୍ଷା ଅଧିକ ଧାର୍ମିକ ଅଟେ ।"

703 ତେବେ, ଯେତେବେଳେ ସେ ଜାଣିଲେ ଯେ ତାଙ୍କର ସନ୍ତାନମାନଙ୍କୁ ପ୍ରସବ କରାଯିବାର ସମୟ ଉପସ୍ଥିତ ଅଟେ, ସେମାନେ ଯାଆଁଳା ଥିଲେ । ଏବଂ ଯେତେବେଳେ ସେହି ଯାଆଁଳା... ପ୍ରଥମ ଶିଶୁ ଯାହା ଜନ୍ମ ହେବାକୁ ଥିଲା, ପୁରାତନ ଯିହୁଦୀ ରୀତି ଥିଲା, ପ୍ରଥମ ସନ୍ତାନର ଜନ୍ମସିଦ୍ଧ ଅଧିକାର ଥାଏ, ପ୍ରଥମ ସନ୍ତାନ ଯିଏ ପ୍ରସବ କରିବ । ଏବଂ ତାହା, ମନେରଖନ୍ତୁ, ତାଙ୍କର ପ୍ରଥମ ସନ୍ତାନ ଥିଲା । ବାକି ପୁଅମାନଙ୍କ ମଧ୍ୟରୁ କାହାରିର ସେହି ସ୍ତ୍ରୀ ଦ୍ୱାରା ସନ୍ତାନ ହୋଇ ନ ଥିଲା । ଏହି ସମୟ ପର୍ଯ୍ୟନ୍ତ ତାହାର କୌଣସି ସନ୍ତାନ ନ ଥିଲା ।

704 ଏବଂ ଯେତେବେଳେ ତାହାର ପ୍ରଥମ ସନ୍ତାନ ଜନ୍ମ ହେଲା, ଏହା କେବଳ ଏକ ହାତ ଥିଲା । ଏବଂ ଧାତ୍ରୀ ଜଣକ ତାହାର ଚାରିପାଖରେ ଏକ ଲାଲ ରଙ୍ଗର ଡୋରୀ ବାନ୍ଧି ଦେଲେ, କାରଣ ଏକ ଲାଲ ଡୋରୀ ମୁକ୍ତି ବିଷୟରେ କହିଥାଏ ଯେ କୁମାରୀ ମରିୟମଙ୍କର ପ୍ରଥମ ପୁତ୍ରଙ୍କଠାରେ...ମୁକ୍ତିର ଲାଲ ଡୋରୀ ରହିବ ।

705 ଆଉ ଯେତେବେଳେ ସେ ତାର ହାତକୁ ଭିତରକୁ ଟାଣି ନେଲା, ଅନ୍ୟଜଣକଟି ପ୍ରଥମେ ବାହାରି ଆସିଲା । ଏବଂ ଯେତେବେଳେ ସେ କଲା, କହି ଉଠିଲା, "ତୁ ଏହା କାହିଁକି କଲୁ? ଅନ୍ୟଟି ପାଖରେ ଜନ୍ମସିଦ୍ଧ ଅଧିକାର ଅଛି ।"

706 ତେଣୁ ତାହାହିଁ ହେଉଛି ଯାହାକି ଆଦିପୁସ୍ତକ ୩୪ ର ଅର୍ଥ ଅଟେ, ଆପଣ ଦେଖନ୍ତୁ, ଯେ ପ୍ରଥମ ସନ୍ତାନଟି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ସୁଦ୍ଧା ରହିଥିଲା, ଯେ ପ୍ରଥମଟି ମୁକ୍ତିର ନିୟମ ଅଧୀନରେ ଥିଲା।

707 ଆପଣ ଜାଣିଛନ୍ତି ଯେ ମୁଁ କହିଛି...ସେହି ସାନ ଖଚର, ଆପଣ ଜାଣନ୍ତି, ମୁଁ ଯାହା ବିଷୟରେ କହିଛି, ଯେ ତାର ଆଖିଗୁଡିକ ଥିଲା...ଯାହାକିଛି ଅଧିକ, ତାର କାନ ଭାଙ୍ଗି ଯାଇଥିବ, ମାତ୍ର, ଯଦି ସେ ଜନ୍ମସିଦ୍ଧ ଅଧିକାର ସହିତ ଜନ୍ମ ହୋଇଥାଏ, ତେବେ ଗୋଟିଏ ନିରୀହ, ସିଦ୍ଧ ମେଷଶାବକ ତାହା ସ୍ଥାନରେ ମରିଥିଲା। ସେଠାରେ ତାହା ଅଟେ।

708 ତେଣୁ ତାହା ଜନ୍ମସିଦ୍ଧ ଅଧିକାର ପାଇଁ ଥିଲା। ସେହି ପ୍ରଥମ ଶିଶୁ ଯାହା ମାଆଠାରୁ ପ୍ରସବ କରିଥିଲା, ଏବଂ ସେମାନେ ସେହି ହାତକୁ ଦେଖିଥିଲେ (ଏବଂ ଜାଣିଥିଲେ ଯେ ଏହା ପୁନର୍ବାର ଫେରି ଯାଇପାରେ)। ଏବଂ ଯେତେବେଳେ ସେ ଏହା ଦେଖାଇବାକୁ ଯେ ତାହା ପାଖରେ ଏହା ଅଛି ନିଜର ହାତକୁ ବାହାର କଲା, ସେ ପ୍ରଥମ ଥିଲା, ସେହି ଧାତ୍ରୀଜଣକ ତାର ଚାରିଆଡେ ଲାଲ ରଙ୍ଗର ଡୋରୀକୁ ବାନ୍ଧି ଦେଲେ ଆଉ ସେ ତାର ହାତକୁ ପଛକୁ ଟାଣି ନେଲା। ବୁଝିଲେ? ମାତ୍ର, ସଂପୂର୍ଣ୍ଣ ଭାବେ, ସେ ପ୍ରଥମ ଥିଲା। ତାହା ସେହି ଲାଲ ରଙ୍ଗର ଡୋରୀ ଥିଲା, ସେହି ଲାଲ ରଙ୍ଗର ଡୋରୀ...ବାଇବଲରେ ସର୍ବତ୍ର, ତାହାର ଅର୍ଥ ଥିଲା ମୁକ୍ତି; ଯାହାକି ପ୍ରଥମ ସନ୍ତାନର ଆଗମନକୁ ସୂଚାଉଥିଲା।

709 ପ୍ରଥମ ଜନ୍ମ ହୋଇଥିବା ଘୋଡା, ପ୍ରଥମ ଜନ୍ମ ହୋଇଥିବା ଗାଈ, ଏହା ଯାହାକିଛି ବି ଥିଲା, ପ୍ରଥମେ ଜନ୍ମ ହୋଇଥିବା ପ୍ରତ୍ୟେକ ସବୁ (ଯାହା ପ୍ରସବ କରିଥିଲା) ମୁକ୍ତି ଅଧୀନରେ ଥିଲା, ମୁକ୍ତ କରାଯିବାକୁ ପଡୁଥିଲା; ସବୁକିଛିକୁ ମୁକ୍ତ କରିବାକୁ ପଡୁଥିଲା! ହାଲ୍ଲେଲୁୟା! ଓଃ, ତାହା ମୋତେ ରୋମାଞ୍ଚିତ କରି ପକାଇଥାଏ। କଅଣ ଆପଣ ଏହା ବୁଝିଲେ କି? *ପ୍ରଥମଟିକୁ* ମୁକ୍ତ କରିବାକୁ ପଡୁଥିଲା। ଏହା ଏକ ବ୍ୟବସ୍ଥା ଥିଲା। ପ୍ରଭୁଙ୍କର ନାମ ଧନ୍ୟ ହେଉ!

710 ଏବଂ ଯେତେବେଳେ ଯୀଶୁ ଖ୍ରୀଷ୍ଟ ଜନ୍ମ ହେଲେ, ସେ ସମଗ୍ର ଜଗତକୁ ମୁକ୍ତ କଲେ। ନିଶ୍ଚିତ ଭାବରେ, ସେ କଲେ। ସେ ପୃଥିବୀରେ ସୃଷ୍ଟି ହୋଇଥିବା ପ୍ରତ୍ୟେକ ପ୍ରାଣୀଙ୍କର ମୁକ୍ତିକର୍ତ୍ତା ଥିଲେ। ସେ ମୁକ୍ତିକର୍ତ୍ତା ଥିଲେ। ଏବଂ ସେଥିରେ...ସମସ୍ତ ମୁକ୍ତି ତାହାଙ୍କଠାରେ ରହିଛି, ଏବଂ ଅନ୍ୟ କୌଣସି ଉପାୟରେ ଆପଣ କେବେ ବି ଭଲ କାର୍ଯ୍ୟ ଦ୍ୱାରା ଆସିପାରନ୍ତି ନାହିଁ, ମଣ୍ଡଳୀକୁ ଯୋଗ କରିବା ଦ୍ୱାରା ନୁହେଁ, କିମ୍ବା ଏହା ଯାହାକିଛି ବି ହେଉ; ଆପଣଙ୍କୁ ତ ନିଶ୍ଚୟ ସେହି ଲାଲ ରଙ୍ଗର ଡୋରୀ ଦେଇ, ସେହି ମୁକ୍ତିକର୍ତ୍ତା, ସେହି ମୁକ୍ତିକର୍ତ୍ତା ଜ୍ଞାତି ଦେଇ ହିଁ ଆସିବାକୁ ଅଛି।

ଠିକ ଅଛି, ବର୍ତ୍ତମାନ ପରବର୍ତ୍ତୀଟି ହେଉଛି:

**71. ଉପହାରଗୁଡ଼ିକ କେଉଁଠାରେ ଅଛି...ପ୍ରକାଶିତ ବାକ୍ୟ 11 ର ଦୁଇ ସାକ୍ଷୀଙ୍କ ମୃତ୍ୟୁରେ ପଠାଯିବାକୁ ଥିବା ଉପହାରଗୁଡିକ କଅଣ ଅଟେ?**

ଓଃ, ଭାଇ ପାମର, ଯଦି ଆପଣ କିଛି ପ୍ରଶ୍ନ ପଚାରି ପାରନ୍ତି ନାହିଁ!

711 ତେବେ, ମୁକ୍ତି, ଏଠାରେ ଏହି ଡୋରୀଗୁଡିକ, ଏହି ଲାଲ ରଙ୍ଗର ଡୋରୀ, ଆମେ ଦେଖୁ ଯେ ଏହାର ଅର୍ଥ ମୁକ୍ତି ଅଟେ ।

712 ବର୍ତ୍ତମାନ ପରବର୍ତ୍ତୀ ପ୍ରଶ୍ନଟି ହେଉଛି:

**ପ୍ରକାଶିତ ବାକ୍ୟ 11 ରେ ଉପହାରଗୁଡ଼ିକ କଅଣ ଅଟେ?**

713 ଏକ ସମୟ ଆସୁଛି...ତେବେ ଏଠାରେ ଗୋଟିଏ ପ୍ରଶ୍ନର ଉତ୍ତର ଦେବାକୁ ଯାଉଛି ଯାହାକି ଅନ୍ୟ ରାତିରେ ଉତ୍ତର ଦିଆଯାଇଥିଲା, ମୋର ଜଣେ ପ୍ରଚାରକ ବନ୍ଧୁ ଯିହୁଦୀମାନଙ୍କ ବିଷୟରେ ଲେଖିଥିଲେ, ଯେ ଏହା କିପରି ହେବ ।

714 ବର୍ତ୍ତମାନ ଏହି ଯିହୁଦୀମାନଙ୍କୁ ସା-ଢ଼େ-ତିନି-ବର୍ଷ ପ୍ରତିଜ୍ଞା କରାଯାଇଛି । କେତେ ଜଣ ତାହା ଜାଣନ୍ତି? ସତୁରି ସପ୍ତାହ ପ୍ରତିଜ୍ଞା କରାଯାଇଥିଲା । କହିଲେ, “ମଶୀହ ଆସିବେ ଏବଂ ମଧ୍ୟ ଭାଗରେ କଟାଯିବେ ।” ସା-ଢ଼େ-ତିନି-ବର୍ଷ ଖ୍ରୀଷ୍ଟ ପ୍ରଚାର କରିଥିଲେ, ସା-ଢ଼େ-ତିନି-ବର୍ଷରେ ଠିକ ହତ୍ୟା କରାଯାଇଥିଲା, ସେ ତିନି ବର୍ଷ ଏବଂ ଛଅ ମାସ ପ୍ରଚାର କଲେ ।

715 ଏବଂ ତାହାପରେ ଘୃଣ୍ୟ ବିଷୟ ଧ୍ୱଂସ କରିଥାଏ, ଓମାରର ସେହି—ସେହି ମନ୍ଦିରକୁ ପବିତ୍ର ଭୂମିରେ ରଖାଗଲା; ଯେପରିକି ପରମେଶ୍ୱର କହିଥିଲେ, ଏହା ଘଟିବାର ପଚି-ଶ ଶହ ବର୍ଷ ପୂର୍ବରୁ, ଯେ ଏହା ସେଠାରେ ଛିଡ଼ା ହୋଇଥିବ । ଭବିଷ୍ୟଦ୍‌ବକ୍ତା ଏହା ଦେଖିଲେ, ଓ ଏହାକୁ ଦେଖିଲେ, ଏବଂ କହିଲେ ସେମାନେ, ବିଜାତିମାନେ ରହିବେ, ସେଠାରେ ତାହାକୁ ଅଧିକାର କରିଥିବେ ଯେପର୍ଯ୍ୟନ୍ତକି ବିଜାତିମାନଙ୍କର ସମୟ ସମାପ୍ତ ନ ହୋଇଯାଏ ।

716 ବର୍ତ୍ତମାନ ସେଠାରେ ସା-ଢ଼େ-ତିନି-ବର୍ଷର ପ୍ରତିଶ୍ରୁତି ଦିଆଯାଇଛି । ଯଦି ଆପଣ ଧ୍ୟାନ ଦେବେ, ପ୍ରକାଶିତ ବାକ୍ୟ 11 ର ଏହି ସାକ୍ଷୀମାନେ ଏକ ହଜାର, ଦୁଇ ଶହ ଷାଠିଏ ଦିନ ଭବିଷ୍ୟତ୍‌ବାଣୀ କରନ୍ତି; ଠିକ୍ ସାଢ଼େ ତିନି ବର୍ଷ । ତେବେ...ଏବଂ ସେମାନେ ଚଟବସ୍ତ୍ର ପରିଧାନ କରିଥିଲେ । ବର୍ତ୍ତମାନ, ସେମାନଙ୍କର ସେବାକାର୍ଯ୍ୟକୁ ଦେଖନ୍ତୁ, ଯେ ସେମାନେ କଅଣ ଅଟନ୍ତି । ବର୍ତ୍ତମାନ ଏହି ଦୁଇ ସାକ୍ଷୀଙ୍କୁ ହତ୍ୟା କରାଯାଏ ।

717 ବର୍ତ୍ତମାନ, ସେହି...ବିଜାତି ମଣ୍ଡଳୀର ସ୍ୱର୍ଗାରୋହଣ ପରେ ସେମାନେ ଯିହୁଦୀମାନଙ୍କ ନିକଟକୁ ଫେରିଥିଲେ । ବିଜାତି ମଣ୍ଡଳୀ ବିବାହ ଭୋଜି ପାଇଁ ଘରକୁ ଚାଲିଯାଏ, ଏବଂ ଯେପରିକି ରିବିକାଙ୍କୁ ଇସ୍‌ହାକଙ୍କ ସହିତ ଅବ୍ରହାମଙ୍କ ସ୍ଥାନକୁ ନିଆଗଲା ଓ ସେଠାରେ ବିବାହ ଅନୁଷ୍ଠିତ ହେଲା । ଆଉ ରିବିକା ଏବଂ ଇସ୍‌ହାକ ଅବ୍ରହାମଙ୍କର ଥିବା ସମସ୍ତ ଜିନିଷର ସମ୍ପୂର୍ଣ୍ଣ ଅଧିକାର ସହିତ ବାହାରକୁ ଆସିଲେ, ତାହା ସବୁକିଛି ଇସ୍‌ହାକଙ୍କ ପାଖକୁ ଗଲା । ସମ୍ପୂର୍ଣ୍ଣ ଭାବରେ! ଏବଂ ଏହା ଇସ୍‌ହାକଙ୍କ ନିକଟକୁ ସେପର୍ଯ୍ୟନ୍ତ ଆସିପାରି ନ ଥିଲା ଯେପର୍ଯ୍ୟନ୍ତକି ପ୍ରଥମେ ଇସ୍‌ହାକ ବିବାହ ହେଲେ ନାହିଁ । ଓଃ ହାଲ୍ଲେଲୁୟା! ସେଠାରେ ଆପଣ ଅଛନ୍ତି ।

718 ଏବଂ ଖ୍ରୀଷ୍ଟ ହୁଅନ୍ତି...ପରମେଶ୍ୱର ସେହି ସିଦ୍ଧ, କ୍ଷତପୂର୍ଣ୍ଣ ଶରୀରରେ ସଂପୂର୍ଣ୍ଣ ଭାବରେ ସଦାକାଳ ନିମନ୍ତେ ଓ ଅନନ୍ତକାଳ ଦେଇ ବାସ କରନ୍ତି । ଯେତେବେଳେ ମେଷଶାବକ ଏବଂ

କନ୍ୟାର ସ୍ୱର୍ଗରେ ବିବାହ ହୁଏ, ସେ ସମ୍ପୂର୍ଣ୍ଣ ସମ୍ପତ୍ତିର ଅଧିକାରୀ ହୋଇ ବାହାରକୁ ଆସେ। ଅବଶ୍ୟ! ଇସ୍‌ହାକ ଓ ରିବିକା ସମ୍ପୂର୍ଣ୍ଣ ଅଧିକାରୀ ହୋଇ ବାହାରି ଆସିଲେ।

719 ଏବଂ ଯେତେବେଳେ ସ୍ୱର୍ଗରେ ଏହି ସମାରୋହ ଚାଲିଥାଏ, କନ୍ୟାର, ସେହି ବିଜାତି କନ୍ୟାର ମହିମାରେ, ରାଜକୁମାର (ପରମେଶ୍ୱରଙ୍କ ପୁତ୍ର) ଙ୍କ ସହିତ ବିବାହ ହେଉଥାଏ; ଯେତେବେଳେକି ସେମାନେ ବିବାହ କରୁଥାଆନ୍ତି, ସେଠାରେ ସା-ଢ଼େ-ତିନି-ବର୍ଷ ଥାଏ ଯାହାକି ସେତେବେଳେ ଘଟିଥାଏ ଯେତେବେଳେ…ମୋଶା ଏବଂ ଏଲିୟ…

720 ଯାହାକି, ମୋଶା କେବେ ଅନୁପସ୍ଥିତ ନ ଥିଲେ…ନା, ତାଙ୍କ ଶରୀରକୁ ନେଇ ନିଆଯାଇଥିଲା। ସ୍ୱର୍ଗଦୂତମାନେ ତାଙ୍କୁ ନେଇ ଯାଇଥିଲେ, ସେ କ୍ଷୟ ପାଇ ନ ଥିଲେ, ସେ ଦୂଷିତ ହୋଇ ନ ଥିଲେ। ସେ ଖ୍ରୀଷ୍ଟଙ୍କର ଏକ ସିଦ୍ଧ ପ୍ରତିଚିତ୍ରଣ ଥିଲେ। ସେ ମରିଥିଲେ ଏବଂ ଦୂତମାନେ ତାଙ୍କୁ ନେଇ ଯାଇଥିଲେ, ଏବଂ ଏପରିକି ଶୟତାନ ମଧ୍ୟ ଜାଣିଲା ନାହିଁ ଯେ ତାଙ୍କୁ କେଉଁଠାରେ ସମାଧି ଦିଆଯାଇଛି, ଆଉ ତାଙ୍କ ସମାଧି ବିଷୟରେ ସେହି ପରାକ୍ରମୀ ସ୍ୱର୍ଗଦୂତ ମୀଖାୟେଲଙ୍କ ସହ ବିବାଦ କରିବାକୁ ଚେଷ୍ଟା କରିଥିଲା। ତାହାହିଁ ଅଟେ ଯାହାକି ବାଇବଲ କୁହେ। ପରମେଶ୍ୱର ତାଙ୍କୁ ସ୍ୱର୍ଗାରୋହଣରେ ଗ୍ରହଣ କରି ନେଲେ।

721 ଏବଂ ଏଲିୟ, ଯେତେବେଳେ ସେ ସେଠାକୁ ଯାଉଥିଲେ, ପରମେଶ୍ୱରଙ୍କ ଜଣେ ଭବିଷ୍ୟଦ୍‌ବକ୍ତା, ଯର୍ଦ୍ଦନ ନଦୀକୁ ଚାଲିକରି ଗଲେ, ନିଜର ଚାଦରକୁ ନେଲେ ଓ ଜଳକୁ ଆଘାତ କଲେ, ଆଉ ସେ ଡାହାଣ ଓ ବାମ ଦୁଇ ଭାଗରେ ବିଭକ୍ତ ହୋଇଗଲା। ସେ ପର୍ବତ ଉପରକୁ ଚାଲିଗଲେ। ଇଲୀଶାୟ କହିଲେ…କହିଲେ, "ତୁମେ ମୋତେ କଅଣ ପାଇଁ ଅନୁସରଣ କରୁଛ?"

722 ସେ ଉତ୍ତର ଦେଲେ, "ମୁଁ ତୁମ ଆତ୍ମାର ଦୁଇଗୁଣ ଅଂଶ ଚାହୁଁଛି।"

723 କହିଲେ, "ତୁମେ ଏକ କଠିନ ବିଷୟ ମାଗିଛ, କିନ୍ତୁ ମୁଁ ଯିବାବେଳେ ଯଦି ତୁମେ ମୋତେ ଦେଖିବ।" ସେ ତାଙ୍କ ଉପରେ ନଜର ରଖିଥିଲେ।

724 ଆଉ କିଛି ସମୟ ପରେ, ସ୍ୱର୍ଗରୁ ଏକ ଅଗ୍ନିମୟ ରଥ ଏବଂ ଅଗ୍ନିମୟ ସ୍ୱର୍ଗଦୂତମାନେ, ଅଗ୍ନିମୟ ଘୋଡାମାନେ ଆସିଲେ, ଆଉ ଏଲିୟ ତାହା ଉପରେ ଚଢି ମହିମାକୁ ଚାଲିଗଲେ। ସେ କଦାପି ମୃତ୍ୟୁକୁ ଆସ୍ୱାଦନ କଲେ ନାହିଁ, ସେ ରୂପାନ୍ତରିତ ହୋଇଥିଲେ, ତାଙ୍କୁ ତ ମରିବାକୁ ଅଛି!

725 ଏବଂ ଯଦି ଆପଣ ପ୍ରକାଶିତ ବାକ୍ୟ 11 ର ଏହି ଦୁଇ ଭବିଷ୍ୟଦ୍‌ବକ୍ତାଙ୍କୁ ଦେଖିବେ, ସେମାନେ ଠିକ୍ ସେହି ସମାନ କାର୍ଯ୍ୟ କରନ୍ତି ଯାହାକି ମୋଶା ଓ ଏଲିୟ କରିଥିଲେ। ଆପଣ କୁହନ୍ତି, "ଭାଇ ବ୍ରାନ୍‌ହାମ୍, କଅଣ ଆପଣଙ୍କର କହିବାର ଅଭିପ୍ରାୟ ଏହା ଯେ ଏଲିୟ ଏବଂ ମୋଶା ଏବେ ସୁଦ୍ଧା ଜୀବିତ ଅଛନ୍ତି?" ନିଶ୍ଚିତ ଭାବରେ!

726 କାହିଁକି, ରୂପାନ୍ତରଣ ପର୍ବତ ପୂର୍ବରୁ…ରୂପାନ୍ତରଣ ପର୍ବତରେ, ଯୀଶୁ କାଲବରୀକୁ ଯିବା ପୂର୍ବରୁ, ସେଠାରେ ଉଭୟ ମୋଶା ଏବଂ ଏଲିୟ ଛିଡ଼ା ହୋଇ ତାହାଙ୍କ ସହିତ କଥାବାର୍ତ୍ତା

ହୋଇଥିଲେ । ନିଶ୍ଚିତ ଭାବରେ, ସେମାନେ କରିଥିଲେ, ସେମାନେ ମରି ନାହାଁନ୍ତି । ଏବଂ ସେମାନେ କଦାପି ମରି ନ ଥିଲେ; ସେମାନେ ମରଣଶୀଳ ଅଟନ୍ତି, ସେମାନଙ୍କୁ ମରିବାକୁ ଅଛି । ତେଣୁ ସେମାନେ କେବଳ ସେହି ସମୟକୁ ଅପେକ୍ଷା କରି ଏକ ଗୌରବମୟ ଅବସ୍ଥାରେ ରହିଛନ୍ତି ।

727 ଏବଂ ତାହାପରେ ଯେତେବେଳେ ସେମାନେ ଫେରି ଆସନ୍ତି ଓ ପବିତ୍ରଆତ୍ମାଙ୍କ ବାପ୍ତିସ୍ମର ଅଭିଷେକରେ ଠିକ୍ ସା-ଢ଼େ-ତିନି-ବର୍ଷ ପ୍ରଚାର କରନ୍ତି, ଯେତେବେଳେକି ଆଶୀର୍ବାଦକୁ ବିଜାତିମାନଙ୍କଠାରୁ ନେଇ ନିଆଯାଏ (ଏବଂ ମଣ୍ଡଳୀକୁ ଉପରକୁ ନେଇ ନିଆଯାଏ); ପୁଣି ସେହି ଶୀତଳ, ଆନୁଷ୍ଠାନିକ ମଣ୍ଡଳୀକୁ ସାମ୍ୟବାଦୀ ଏବଂ ରୋମାନ୍ ଗୋଷ୍ଠୀ ଦ୍ୱାରା, କୁକୁର ଭଳି ଶିକାର କରାହୁଏ, ଆଉ ଯେତେବେଳେ ସେମାନେ ଶିକାର କରାଯାଇ ହତ୍ୟା କରାଯାଆନ୍ତି । ସେତେବେଳେ ସେମାନେ—ସେମାନେ ହତ୍ୟା କରାଯାଆନ୍ତି; ଏହି ଭବିଷ୍ୟଦ୍‌ବକ୍ତାମାନେ ସା-ଢ଼େ-ତିନି-ବର୍ଷ ପ୍ରଚାର କରନ୍ତି, ଏବଂ ବାଇବଲ କୁହେ ଯେ ସେମାନଙ୍କୁ ସେହି ମହାନ...ରାସ୍ତାରେ ହତ୍ୟା କରାଯାଏ, ଆତ୍ମିକ ଭାବରେ, ଯାହାକୁ ସଦୋମ ଏବଂ ମିଶର କୁହାଯାଏ, ଯେଉଁଠାରେ ଆମର ପ୍ରଭୁଙ୍କୁ କ୍ରୁଶାର୍ପିତ କରାଯାଇଥିଲା । ତାହା ତ ପଛରେ ଯିରୂଶାଲମରେ ଅଟେ; ଦେଖନ୍ତୁ, ପଛରେ ଯିରୂଶାଲମରେ, ଆତ୍ମିକ ଭାବରେ ଯାହାକୁ ଡକାଯାଏ ।

728 ଏବଂ ସେମାନେ ତିନି ଦିନ ଓ ରାତି ରାସ୍ତାରେ ପଡ଼ି ରହିଲେ । ଆଉ ତାହାପରେ ସା-ଢ଼େ-ତିନି-ଦିନର ଶେଷରେ, ଜୀବନର ଆତ୍ମା ସେମାନଙ୍କ ଭିତରକୁ ଆସେ ଏବଂ ସେମାନେ ଜୀବିତ ହୋଇ ଉଠନ୍ତି । ସେମାନଙ୍କୁ ଅନ୍ୟ ମର୍ତ୍ତ୍ୟ ମଣିଷ ପରି ମରିବାକୁ ପଡିଥିଲା, ସେମାନଙ୍କୁ ତାହା କରିବାକୁ ପଡିଥିଲା । ଏବଂ ଯେତେବେଳେ ସେମାନେ ଏହି ଦୁଇ ପ୍ରଚାରକଙ୍କୁ ହତ୍ୟା କଲେ...

729 ସେମାନେ ଭୁଲ୍ ବିରୁଦ୍ଧରେ ପ୍ରଚାର କରିଥିଲେ, ଏବଂ ସେମାନେ ସ୍ୱର୍ଗରୁ ଅଗ୍ନି ଡାକି ଆଣିଥିଲେ । କିଏ ତାହା କରିଥିଲା? ବୁଝିଲେ? ସେମାନେ ସ୍ୱର୍ଗରୁ ମହାମାରୀଗୁଡିକୁ ଡାକି ଆଣିଥିଲେ, ଓ ପୃଥିବୀକୁ ଅତି ଶୀଘ୍ର ଆଘାତ କରିଥିଲେ...ଏବଂ ଯେକୌଣସି ସମୟରେ ଯାହା ସେମାନେ ଚାହିଁଥିଲେ । ଏବଂ ସେମାନେ ସ୍ୱର୍ଗରୁ ଅଗ୍ନି ଡାକି ଆଣିଥିଲେ । ଏବଂ ସେମାନେ ଯେତେ ଦିନ ଚାହିଁଲେ, ଆକାଶରୁ ବର୍ଷା ପଡିବା ବନ୍ଦ କରିଦେଇଥିଲେ । ସେ କିଏ ଥିଲେ? ଅବିକଳ ଭାବରେ ମୋଶା ଏବଂ ଏଲିୟ । ଏବଂ ସେଠାରେ ସେହି ଦୁଇଜଣ ସାକ୍ଷୀ ଅଛନ୍ତି ।

730 ଏବଂ ଯେତେବେଳେ ସେମାନେ ସେମାନଙ୍କର ପ୍ରଚାର ଦ୍ୱାରା, ମଣ୍ଡଳୀ, କିମ୍ବା ଜଗତକୁ ଯାତନା ଦେଇଥିଲେ, ଓ ଯିହୂଦୀମାନଙ୍କୁ ପୁନର୍ବାର ଗ୍ରହଣ କରି, ସେମାନଙ୍କୁ ପ୍ରାୟଶ୍ଚିତ ନିମନ୍ତେ ଫେରାଇ ଆଣିଥିଲେ, ସେମାନଙ୍କୁ ବିଶ୍ୱାସ କରିବା ନିମନ୍ତେ ଫେରାଇ ଆଣିଥିଲେ... ଯେତେବେଳେ ସେମାନେ ଯୀଶୁଙ୍କୁ କନ୍ୟା ପାଇଁ ଆସୁଥିବାର ଦେଖନ୍ତି, ସେମାନେ କହିବେ, "ହେଇ ଦେଖ, ଏହା ହେଉଛନ୍ତି ଆମର ପରମେଶ୍ୱର ଯାହାଙ୍କୁ ଆମେ ଅପେକ୍ଷା କରିଥିଲୁ ।

ତାହା ହେଉଛନ୍ତି ସେ!” କିନ୍ତୁ ସେ ସେମାନଙ୍କ ପାଇଁ ଆସୁ ନାହାଁନ୍ତି; ସେ ତାହାଙ୍କର କନ୍ୟା ପାଇଁ ଆସୁଛନ୍ତି । ଏବଂ ତାହାଙ୍କର କନ୍ୟା...

731 ଯେତେବେଳେ ଯୋଷେଫ ମିସରକୁ ଗଲେ, ସେ ନିଜ ଭାଇମାନଙ୍କୁ ସାଙ୍ଗରେ ନେଇ ନ ଥିଲେ, ମାତ୍ର ସେଠାରେ ସେ ନିଜର କନ୍ୟାକୁ ପାଇଥିଲେ । ସମ୍ପୂର୍ଣ୍ଣ ଭାବରେ! କିନ୍ତୁ ଯେତେବେଳେ ସେ ଆପଣାକୁ ନିଜ ଭାଇମାନଙ୍କ ନିକଟରେ ପ୍ରକଟ କଲେ, ସେଠାରେ କେହି ବି ଉପସ୍ଥିତ ନ ଥିଲେ । ତାହା ଅବିକଳ ଠିକ୍ ଅଟେ । ଏବଂ ଯେତେବେଳେ ସେ ନିଜକୁ ଏହି ଯିହୁଦୀମାନଙ୍କ ନିକଟରେ ପ୍ରକଟ କରନ୍ତି, ସେଠାରେ ଯିହୁଦୀମାନଙ୍କ ବ୍ୟତୀତ ଆଉ କେହି ରହିବେ ନାହିଁ । ସେଠାରେ ସେମାନେ ଅଛନ୍ତି ଯେଉଁମାନେକି ଯୋଷେଫଙ୍କୁ ହତ୍ୟା କରିଥିଲେ, ସେଠାରେ ଛିଡ଼ା ହୋଇଥିଲେ; ଆଉ ସେ କହିଲେ, “ତେବେ, ମୁଁ ତୁମର ଭାଇ, ଯୋଷେଫ ଅଟେ ।” ଆଉ ସେ କାନ୍ଦିଲେ ।

732 ଆଉ ସେମାନେ କହିଲେ, “ବର୍ତ୍ତମାନ ଆମେ ଜାଣୁ ଯେ ଆମେ ଏହା ପ୍ରତିବଦଳରେ ପାଇବାକୁ ଯାଉଅଛୁ, କାରଣ ଆମେ ତାଙ୍କୁ ହତ୍ୟା କରିଥିଲୁ ।”

733 ସେହି ସମାନ ବିଷୟ, ସେହି ଯିହୂଦୀମାନେ ବର୍ତ୍ତମାନ ସମୟକୁ ଆସିବା ପୂର୍ବରୁ ସେହି ବଡ଼ ସଙ୍କଟର ସମ୍ମୁଖୀନ ହେବେ, ସେହି ନିର୍ଯ୍ୟାତନା ଯାହା ସେମାନଙ୍କୁ ମାତୃଭୂମିକୁ ଫେରାଇ ଆଣିବ । ଏହା ତ ସେମାନଙ୍କୁ ଏକ ଦଳେ ମେଣ୍ଢା ପରି କାର୍ମେଲ ପର୍ବତକୁ ଘଉଡାଇ ଆଣିବା ସଦୃଶ ଅଟେ ।

734 ଯେତେବେଳେ ପ୍ରଭୁ ଯୀଶୁ ତାହାଙ୍କର କନ୍ୟା ପାଇଁ ଆସିବେ, ଏବଂ ସେମାନେ ତାହାଙ୍କୁ ଦେଖିବେ, ସେମାନେ କହିବେ, “ଏହା ତ ହିଁ ସେହି ଜଣକା ଅଟନ୍ତି ଯାହାଙ୍କର ପାଇଁ ଆମେ ଅପେକ୍ଷା କରିଥିଲୁ, ସେ ସେଠାରେ ଅଛନ୍ତି!” ସେ ନିଜ ପକ୍ଷରେ ଆରୋଗ୍ୟତା ସହିତ ଉଠି ଆସିବେ । ତାହା ଠିକ୍ ।

735 ଆଉ ସେହି ମଣ୍ଡଳୀ, ଯିହୂଦୀମାନଙ୍କର ଅବଶିଷ୍ଟ ସମୂହ, ଯେତେବେଳେ ସେମାନେ ଅବଶେଷରେ ଏହି ଦୁଇ ଭବିଷ୍ୟଦ୍‌ବକ୍ତାଙ୍କୁ ହତ୍ୟା କରନ୍ତି, ଏବଂ ସେମାନେ ଆତ୍ମିକ ଭାବରେ କୁହାଯାଉଥିବା ସଦୋମ ଏବଂ ମିସର ନାମକ ରାସ୍ତାରେ ପଡ଼ି ରହିଥିବେ, ଯେଉଁଠାରେ ଆମର ପ୍ରଭୁଙ୍କୁ କ୍ରୁଶାର୍ପିତ କରା ଯାଇଥିଲା, ସେମାନେ ପରସ୍ପରକୁ ଉପହାର ପଠାନ୍ତି (ଜଗତ କରିଥାଏ) ।

736 ବର୍ତ୍ତମାନ, ଭାଇ ପାମର୍, ଆପଣ ଏଠାରେ ଅଛନ୍ତି । ପଛକୁ ଫେରି ରୋମାନ୍ ଇତିହାସକୁ ଦେଖନ୍ତୁ ଏବଂ ଆପଣ ପାଇବେ ଯେ ସମଗ୍ର ବିଶ୍ୱରେ କେବଳ ଗୋଟିଏ ହିଁ ରାଷ୍ଟ୍ର ଅଛି ଯାହାକି କେବେ ଗୋଟିଏ ଯୁଦ୍ଧ ପରେ ଉପହାର ପଠାଇଥିଲା, ତାହା ହେଉଛି ରୋମାନ୍ ସାମ୍ରାଜ୍ୟ ।

737 ସେଇଥିପାଇଁ ମୁଁ କହିଥାଏ ଯେ ଖ୍ରୀଷ୍ଟାରୀ ରୋମରୁ ବାହାରେ । ସେହି ପଶୁ ରୋମରୁ ବାହାରିଥାଏ, ଏହା ମସ୍କୋରୁ ବାହାରିପାରେ ନାହିଁ । ଏହା ରୋମରୁ ଆସିଥାଏ, ସେହି ଲାଲ ଅଜଗର ଯାହାକି ସେହି ସ୍ତ୍ରୀଲୋକ ପାଖରେ ଛିଡ଼ା ହୋଇଥାଏ ଯେ ସେହି ଶିଶୁକୁ

ଜନ୍ମ ହେବା ମାତ୍ରକେ ଗ୍ରାସ କରିବ । ସେହି ଶୟତାନ, ସେହି ଶୟତାନ କେଉଁଠାରେ ଥିଲା? ଏହା କିଏ ଥିଲା? କାଇସର ଅଗଷ୍ଟସ୍ ଯିଏକି ଲୋକ ପଠାଇ ଦୁଇ ବର୍ଷରୁ ତଳେ ଥିବା ସମସ୍ତ ବାଳକମାନଙ୍କୁ ହତ୍ୟା କରିଥିଲା । ସେହି ଲାଲ ଅଜଗର, ସେହି ଅଜଗର, *ପଶୁ* ଅର୍ଥ "ଶକ୍ତି ।" ରୋମାନ୍ ଶକ୍ତି ନିର୍ଯ୍ୟାତନା ଦେଇଥିଲା ଏବଂ ଖ୍ରୀଷ୍ଟ ଶିଶୁକୁ ଖୋଜିବାକୁ ଚେଷ୍ଟା କରିଥିଲା ।

738 ଏବଂ ସେହି ସମାନ ବିଷୟ! ପ୍ରତ୍ୟେକ ଥର ଯେତେବେଳେ ସେହି ରୋମୀୟମାନେ, ସେହି ପୁରାତନ ପ୍ରତିମାପୂଜକ ପାଗାନ୍ ରୋମୀୟମାନେ ଏକ ବଡ଼ ବିଜୟ ଲାଭ କରୁଥିଲେ, ସେମାନେ ପରସ୍ପର ଜଣେ ଅନ୍ୟକୁ ଧଳା ପଥର ଓ ସବୁକିଛି ପଠାଉଥିଲେ, ସେହିପରି ଉପହାର ସ୍ୱରୂପ, ସ୍ମାରକ ଭାବରେ । ତେଣୁ ସେହି ପଥରଗୁଡ଼ିକ ଯାହାକି ଥିଲା…ଏହା ଯାହା ଥିଲା, ତାହା ରୋମୀୟ ମଣ୍ଡଳୀ ମଧ୍ୟରେ ପଠାଯାଇଥିବା ଛୋଟ ଉପହାରମାନ ଥିଲା । ନିଶ୍ଚିତ ଭାବରେ! ଠିକ୍ । ଏହା ହେବା ଆବଶ୍ୟକ ।

739 ମୁଁ ଠିକ୍ ସେଠାରେ ଭାଟିକାନ୍ ସିଟିରେ ଛିଡ଼ା ହୋଇ ତାହାକୁ ବାଇବଲ ସହିତ ଯାଞ୍ଚ କରିଥିଲି । ସେହି ପୋପ୍ ଏକ ତ୍ରିସ୍ତରୀୟ ମୁକୁଟ ପିନ୍ଧିଥିଲେ, *ଭିକାରିଓସ୍ ଫିଲି ଦେଇ*, ସେହି ସମସ୍ତ ବିଷୟ ଯାହା ମୁଁ ଶୁଣିଅଛି ଏବଂ ପ୍ରଭୃତି ବିଷୟମାନ, ଏହା ସମ୍ପୂର୍ଣ୍ଣ ଭାବେ ସତ୍ୟ ଅଟେ; ଏକ ଧାର୍ମିକ ଗୋଷ୍ଠୀ ଯାହାକି ସ୍ୱର୍ଗ ତଳେ ପ୍ରତ୍ୟେକ ରାଷ୍ଟ୍ରକୁ ଶାସନ କରେ, ଏବଂ ତାହା କରିଥାଏ । ସେଠାରେ ତାହା ଅଟେ, ତାହା ସେହିପରି ଅଟେ ।

740 କ୍ୟାଥୋଲିକ୍ ଲୋକଙ୍କ ବିରୁଦ୍ଧରେ କିଛି ନୁହେଁ (ନା, ଆଜ୍ଞା), ସେମାନେ ଅନ୍ୟ ଯେକୌଣସି ଲୋକମାନଙ୍କ ପରି ଭଲ ଅଟନ୍ତି, କିନ୍ତୁ ସେମାନଙ୍କର ଧର୍ମ ଏହି ବାଇବଲ ଅନୁସାରେ ଭୁଲ ଅଟେ । ଯଦି ଏହି ବାଇବଲ ଠିକ୍ ଅଟେ, ତେବେ ସେମାନେ ଭୁଲ୍ ଅଟନ୍ତି । ସେମାନେ କୁହନ୍ତି ଯେ ସେମାନେ ନୁହଁନ୍ତି …"ବାଇବଲ କଅଣ କହୁଛି ସେଥିରେ କିଛି ଫରକ ପଡ଼େ ନାହିଁ, ଏହା ତ ମଣ୍ଡଳୀ ଯାହା କୁହେ ।" ଆମେ ବିଶ୍ୱାସ କରୁ ଯେ ବାଇବଲ ସର୍ବୋଚ୍ଚ ଅଧିକାର ସହିତ କଥା କୁହେ! ନିଶ୍ଚିତରେ, ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ ।

741 ତେଣୁ ଆପଣ ଦେଖନ୍ତୁ ସେଠାରେ, ଏଠାରେ ଏହି ପ୍ରକାଶିତ ବାକ୍ୟରେ, ଏହି ପଥରଗୁଡ଼ିକ ଯାହାକି ସେତେବେଳେ ପଠା ଯାଇଥିଲା, ସେହି—ସେହି ପଥରଗୁଡ଼ିକ ଅଟେ ଯାହାକି ପରସ୍ପରକୁ ପଠାଯାଇଥିବା ଉପହାରମାନ ଥିଲା । ଯାହାକି କେବଳ ଏହା ଦେଖାଇବାକୁ ଯାଏ…ବାଇବଲ କୁହେ, ପ୍ରକାଶିତ ବାକ୍ୟ ଏଠାରେ, କୁହେ, "ଯାହାର ଜ୍ଞାନ ଅଛି ସେ ପଶୁର ସଂଖ୍ୟା ଗଣନା କରନ୍ତୁ । ଯାହାର ଜ୍ଞାନ ଅଛି ସେ *ଅମୁକ-ଓ-ଅମୁକ* କରୁ । ଯାହାର କିଛି ବିଶେଷ ବରଦାନର ଆତ୍ମା ଅଛି ସେ *ଅମୁକ-ଓ-ଅମୁକ* କରୁ ।" କଅଣ ଆପଣ ଦେଖୁଛନ୍ତି ଯେ ମଣ୍ଡଳୀ କେତେ ଛୋଟ ଅଟେ?

742 ଆଜି ସକାଳେ ଜଣେ ଯୁବା ଲୋକ ମୋତେ ଆତ୍ମିକ ବରଦାନ, ପରଭାଷାରେ କଥା ହେବା ବିଷୟରେ ପଚାରିଥିଲେ । ଜଣେ ଯୁବା ଲୋକ, ବହୁତ ନିଷ୍ଠାବାନ, ମୁଁ ବିଶ୍ୱାସ କରେ ଯେ ସେ ଏହି କୌଣସି ଦିନମାନଙ୍କ ମଧ୍ୟରୁ ଦିନେ ଜଣେ ସେବକ ହେବେ । ଏବଂ ମଣ୍ଡଳୀ

ବିଷୟରେ, ମୁଁ କହିଲି, "ଏହାର ଏପରି ବହୁତ କିଛି ବୃଶୟ ଅଛି ଯାହାକି ଶାରୀରିକ ଅଟେ। ଆମେ ତାହା ଚାହୁଁନାହୁଁ, କିନ୍ତୁ ଆମେ ତ ପ୍ରକୃତ ବିଷୟ ଚାହୁଁ। ଆମେ ତାହା ପାଇବାକୁ ଇଚ୍ଛା କରୁ।"

743 ଆପଣ ଏହାକୁ ମଣ୍ଡଳୀରେ ଶିକ୍ଷା ଦେବା ପାଇଁ ଯାଇପାରିବେ ନାହିଁ; ପ୍ରଥମ ବିଷୟ ଆପଣ ଜାଣନ୍ତି, ଯାହା ଆପଣ ପାଇବେ, ଜଣଙ୍କ ପାଖରେ ପରଭାଷା ଅଛି, ଜଣଙ୍କ ପାଖରେ ଏକ ଗୀତ ଅଛି, ତାହାପରେ ଆପଣଙ୍କୁ ସେହି ବିଷୟ ନେଇ ଲଢ଼ିବାକୁ ପଡିଥାଏ। ମାତ୍ର ଯେତେବେଳେ ପରମେଶ୍ୱର ସାର୍ବଭୌମ ଭାବରେ ଏକ ବରଦାନ ଦିଅନ୍ତି, ଏହା ଆପଣାକୁ ପ୍ରକାଶ କରିବ। ତାହା ଠିକ୍। ଦେଖନ୍ତୁ, ତାହା ହେଉଛି ପରମେଶ୍ୱରଙ୍କ ଦାନ, ତାହାହିଁ ଅଟେ ଯାହାକି ସେ ଜୟଲାଭ କରିବା ନିମନ୍ତେ ମଣ୍ଡଳୀ ନିକଟକୁ ପ୍ରେରଣ କରନ୍ତି।

744 ବର୍ତ୍ତମାନ, ସେହି ଖ୍ରୀଷ୍ଟବିରୋଧୀ ପାଖରେ ଏପରି କିଛି ସପକ୍ଷ ଏବଂ ବିପକ୍ଷ ଭଳି ବିଷୟ ରହିଛି, ତାହାଠାରେ ଏହାକୁ କରିବାର ସେହି—ସେହି—ସେହି ବିକୃତ ଉପାୟ ରହିଛି। ଏବଂ ତାହାହିଁ ହେଉଛି ରୋମାନ୍ ସାମ୍ରାଜ୍ୟ ଯାହାକି ପରସ୍ପର ଜଣେ ଅନ୍ୟକୁ ଉପହାର, ପ୍ରାକୃତିକ ଉପହାର ପଠାଇଥିଲା। ପରମେଶ୍ୱର ଜୟଲାଭ କରିଥିବା ଲୋକମାନଙ୍କ ପାଖକୁ ଆତ୍ମିକ ଉପହାରମାନ ପଠାନ୍ତି; ରୋମାନ୍ ପରସ୍ପର ଜଣେ ଅନ୍ୟକୁ ପ୍ରାକୃତିକ ଉପହାର ପଠାନ୍ତି।

745 ଆମେ ବିଶ୍ୱାସ କରୁ ଯେ ପବିତ୍ରଆତ୍ମା ଏକ ଆତ୍ମା ଅଟନ୍ତି, ଆମେ ଏହାକୁ ଉର୍ଦ୍ଧ୍ୱରୁ ଆସିଥିବା ଏକ ବାପ୍ତିସ୍ମ ଦ୍ୱାରା ଗ୍ରହଣ କରିଥାଉ।

746 କ୍ୟାଥୋଲିକ୍ ମଣ୍ଡଳୀ ଶିକ୍ଷା ଦିଏ, "ଏକ ପବିତ୍ର ଇଉକାରିଷ୍ଟ ରୋଟି ଯାହାକି ଖ୍ରୀଷ୍ଟଙ୍କ ଶରୀର ଅଟେ; ଯେତେବେଳେ ଆପଣ ଏହି ରୋଟି ଏବଂ କୋଶରକୁ ଗ୍ରହଣ କରନ୍ତି, ଏହା ହେଉଛି ସେହି ପବିତ୍ରଆତ୍ମା, ସେହି ପବିତ୍ରଆତ୍ମା, ସେହି ପବିତ୍ର ଇଉକାରିଷ୍ଟ ରୋଟି।" ବୁଝିଲେ?

747 ଆମେ ବିଶ୍ୱାସ କରୁ ଏହା ଏକ ରୋଟି ଖଣ୍ଡକ ଅଟେ, ଆମେ ବିଶ୍ୱାସ କରୁନାହୁଁ ଯେ ଏହା ଖ୍ରୀଷ୍ଟଙ୍କ ଶରୀର ଅଟେ, (ଆମେ ଏହାକୁ କିଛି ମିନିଟରେ ନେବାକୁ ସ୍ଥିର କରୁଛୁ)। ଆମେ ବିଶ୍ୱାସ କରୁ ଯେ ଏହା ଖ୍ରୀଷ୍ଟଙ୍କ ଶରୀରକୁ ନିଦର୍ଶିତ କରେ। କିନ୍ତୁ ଏହା ନୁହେଁ...

748 ତାହାହିଁ ସେହି ପାର୍ଥକ୍ୟ କ୍ୟାଥୋଲିକ୍ ଏବଂ ପ୍ରୋଟେଷ୍ଟାଣ୍ଟ ଶିକ୍ଷା ମଧ୍ୟରେ ଅଟେ। ବୁଝିଲେ? କ୍ୟାଥୋଲିକ୍ ମଣ୍ଡଳୀ କୁହେ, "ସେହି ଶରୀର ହେଉଛି...ସେହି ରୋଟି ହେଉଛି ଆକ୍ଷରିକ ଶରୀର। ଏହାକୁ ପରିବର୍ତ୍ତନ କରିବାର ମଣ୍ଡଳୀ ପାଖରେ ଶକ୍ତି ଅଛି।" କଅଣ ଆପଣ କେବେ ଜଣେ କ୍ୟାଥୋଲିକ୍ ବ୍ୟକ୍ତିଙ୍କୁ ଏକ ଗୀର୍ଜା ଦେଇ ଯାଉଥିବାବେଳେ, ତାହାର ମୁଣ୍ଡ ନୁଆଁଇ, କ୍ରସ୍ କରୁଥିବାର ଦେଖିଛନ୍ତି କି? ଏବଂ ଯେହେତୁ ସେହି ଛୋଟ ଆରାଧନାଳୟ ତଳେ ଥିବା ସେହି ଗୀର୍ଜାଘରେ ସେହି ଛୋଟ ଜ୍ୟୋତି ଜଳୁଅଛି। ସେଠାରେ ଏକ ଛୋଟ ଜ୍ୟୋତି ରହିଥାଏ, ଏବଂ ସେହି କୋଶର ରୋଟି ସେଠାରେ ରଖାଯାଇଥାଏ। "ଏବଂ ତାହା ଖ୍ରୀଷ୍ଟଙ୍କ ଶରୀର ଅଟେ। ଏବଂ ଯେତେବେଳେ ଆପଣ ତାହା ଗ୍ରହଣ କରନ୍ତି, ଆପଣ ସମ୍ପୂର୍ଣ୍ଣ

ଭାବରେ ନିଜର ପ୍ରଥମ ପ୍ରଭୁଭୋଜରେ ଆଉ ନିଜର ସ୍ୱୀକାରୋକ୍ତି ଓ ଇତ୍ୟାଦି ଉପରେ ଖ୍ରୀଷ୍ଟଙ୍କ ଆକ୍ଷରିକ ଶରୀରକୁ ଗ୍ରହଣ କରୁଥାନ୍ତି । ଆପଣ, ଆକ୍ଷରିକ ଭାବରେ, ଖ୍ରୀଷ୍ଟଙ୍କ ଶରୀରକୁ ଗ୍ରହଣ କରୁଅଛନ୍ତି ।"

749 ଆମେ କହୁ ଯେ ଏହା ଖ୍ରୀଷ୍ଟଙ୍କ ଶରୀରକୁ *ନିଦର୍ଶିତ* କରେ, ଦେଖନ୍ତୁ, ଏହା ଜଗତରେ କିଛି ନୁହେଁ କେବଳ ଖଣ୍ଡେ ରୁଟି ମାତ୍ର । ଏବଂ ଏଥିରେ କିଛି ଯାଏ ଆସେ ନାହିଁ ଯେ ଏହା ରୁଟି ସୁଦ୍ଧା ନୁହେଁ, ଯଦି ଏହା ଅନ୍ୟ କିଛି ବି ଥିଲା, ଏହାକୁ ତ ସମାନ ଭାବରେ ହିଁ ନିଦର୍ଶିତ କରିବାକୁ ଥିଲା । ଠିକ୍—ଠିକ୍ ଅବିକଳ ଭାବରେ । ସେମାନେ ହେଉନ୍ତୁ କି...

750 ଏହି ଲୋକମାନଙ୍କ ପରି ଯେଉଁମାନେକି କୁହନ୍ତି, "ମୁଁ ଏକ ଜଳକୁଣ୍ଡରେ ବାପ୍ତିଜିତ ହେବି ନାହିଁ, ମୁଁ ନଦୀରେ ବାପ୍ତିଜିତ ହେବାକୁ ଚାହେଁ ।"

751 ଯେପର୍ଯ୍ୟନ୍ତ ଆପଣ ବାପ୍ତିଜିତ ହେଉଅଛନ୍ତି, ଏଥିରେ କି ଫରକ୍ ପଡ଼େ? ଯଦି ଏହା ଏକ ଜଳକୁଣ୍ଡରେ ଅଟେ, ଏବଂ...କାହିଁକି, ଫିଲିପ୍ପ ତ ଏକ ଜଳକୁଣ୍ଡରେ ବାପ୍ତିଜିତ ହୋଇଥିଲେ...ଯେତେବେଳେ ସେହି ନପୁଂସକ ବାପ୍ତିଜିତ ହେଲେ । ଯେତେବେଳେ ଫିଲିପ୍ପ ସେହି ନପୁଂସକଙ୍କୁ ଜଳକୁଣ୍ଡରେ ବାପ୍ତିଜିତ କଲେ, ପବିତ୍ରଆତ୍ମା ତାଙ୍କୁ ଏତେ ମାତ୍ରାରେ ଆବୋରି ନେଲେ ଯେ ସେ ଫିଲିପ୍ପଙ୍କୁ ଧରି ନେଇଗଲେ, ସେ ଆଉ ଦୁଇ ଶହ ମାଇଲ ପର୍ଯ୍ୟନ୍ତ ଦେଖାଗଲେ ନାହିଁ । ତାଙ୍କୁ ଆତ୍ମାରେ ଧରିନେଲେ, ତାଙ୍କୁ ଦୁଇ ଶହ ମାଇଲ ଯିବା ନିମନ୍ତେ ସ୍ୱର୍ଗରୁ ଏକ—ଏକ ରଥ ଦେଲେ । ଆମେନ୍ । ଚମତ୍କାର!

ବର୍ତ୍ତମାନ:

> **ଏକ ହଜାର-ବର୍ଷର ଶାସନ ପରେ ସାଧୁମାନେ କେଉଁଠାରେ ରହିବେ? ଏବଂ ସେମାନଙ୍କର କି ପ୍ରକାରର ଏକ ଶରୀର ରହିବ?** ମୁଁ ଗୋଟିଏ ମୁହୂର୍ତ୍ତରେ ସେହି ବିଷୟ ନିକଟକୁ ଫେରିବି । [ଭାଇ ବ୍ରାନ୍‌ହାମ୍ ଏହି ପ୍ରଶ୍ନକୁ ଅନୁଚ୍ଛେଦ 820 ରେ, ପ୍ରଶ୍ନ 74 ଭାବରେ ଉତ୍ତର ଦିଅନ୍ତି—ସମ୍ପା ।] ସେମାନେ ଯୀଶୁଙ୍କ ସହିତ ରହିବେ ।

752 ଠିକ ଅଛି, ସେହି—ସେହି ସପ୍ତମ ପ୍ରଶ୍ନ:

### 72. ଆମେମାନେ କିପରି ସ୍ୱର୍ଗଦୂତମାନଙ୍କର ବିଚାର କରିବା?

753 ତାହା ମିଳେ...ଆମେମାନେ କିପରି ଦୂତମାନଙ୍କର ବିଚାର କରିବା? ପରମେଶ୍ୱରଙ୍କ ପୁତ୍ର ଓ କନ୍ୟାଗଣ ହେବା ଦ୍ୱାରା । ଦୂତମାନେ ସେବକ ଅଟନ୍ତି; ଆମେମାନେ ପରମେଶ୍ୱରଙ୍କ ପୁତ୍ର ଓ କନ୍ୟାଗଣ ଅଟୁ । ଏବଂ ବାଇବଲ କୁହେ ଯେ ଆମେମାନେ ଦୂତମାନଙ୍କର ବିଚାର କରିବା । ତାହା ଠିକ୍ । ତେବେ, ବର୍ତ୍ତମାନ ଯଦି ଆପଣ...

ସେହି 8ମ ପ୍ରଶ୍ନ:

### 73. ପ୍ରଥମ କରିନ୍ଥୀୟର ଦୂତମାନଙ୍କ ସକାଶୁ କେଶ କାହିଁକି?

754 ବର୍ତ୍ତମାନ କେହି ଜଣେ ମୋତେ ପ୍ରଥମ କରିନ୍ଥୀୟ, ତାର—ତାର 11ଶ ପର୍ବ ବାହାର କରନ୍ତୁ, ଏବଂ ଆମେମାନେ ସେଠାରେ ଦେଖିବା, ଯେ ଆପଣ ପାଇବେ ଯେ ସେହି—ସେହି...ପ୍ରଥମ କରିନ୍ଥୀୟ, ସେହି—ସେହି 11ଶ ରେ, ଆମେ ଜାଣୁ ଯେ ପାଉଲ କହୁଛନ୍ତି । ମୋତେ ଗୋଟିଏ ମିନିଟ ଏହା ପାଖକୁ ଯିବାକୁ ଦିଅନ୍ତୁ, ଏବଂ ତାହାପରେ ଆମେ ଏହାକୁ ଶୀଘ୍ର ପଢ଼ିବା ଆଉ ତାହାପରେ ଆମେ—ଆମେ ଏହାକୁ ବିସ୍ତାରରେ ନେବା ।

755 ମୋତେ ଏଠାରେ ଏହି ଅନ୍ୟ ପଦରେ କିଛି କହିବାକୁ ଅଛି, ଯାହା ମୁଁ ଆଶା କରେ ଯେ ପ୍ରଭୁ ଏହାକୁ ଆମକୁ ସେହିଭଳି ପ୍ରଦାନ କରନ୍ତି ଯେପରିକି ଆମେ ତାହାକୁ ପାଇବା ଉଚିତ୍ । ଯଦି କେହି ଏହାକୁ ପାଆନ୍ତି...ମୁଁ ଭାବୁଛି ଯେ ତାହା ହେଉଛି 11ଶ ପର୍ବ, ହଁ, ଠିକ ଅଛି । ତେବେ ଧ୍ୟାନ ସହକାରେ ଶୁଣନ୍ତୁ, ପ୍ରକୃତରେ ଧ୍ୟାନ ଦେଇ ବର୍ତ୍ତମାନ, ଯେପରିକି ଆପଣ ତାହା ବୁଝିବେ । ତେବେ ନିଜର ସମସ୍ତ ବିବେକକୁ ନିଅନ୍ତୁ ଏବଂ ଏହାକୁ ନିଜର ପୋଷାକ ପକେଟରେ ରଖିଦିଅନ୍ତୁ ଯେତେବେଳେକି ମୁଁ ଏହାକୁ ପାଠ କରେ, ଆପଣ ଦେଖନ୍ତୁ, ଏହା ଉପରେ ମନ୍ତବ୍ୟ ଦେବେ । ପ୍ରକୃତ ଧ୍ୟାନ ସହକାରେ ଶୁଣନ୍ତୁ, ଏହା **ସଦା ପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଅଟେ:

> *ମୁଁ ଯେପରି ଖ୍ରୀଷ୍ଟଙ୍କ ଅନୁକାରୀ,...ତୁମ୍ଭେମାନେ ମଧ୍ୟ ସେହିପରି ମୋହର ଅନୁକାରୀ ହୁଅ ।* (ପାଉଲ କହିଲେ, "ମୁଁ ଯେପରି ଖ୍ରୀଷ୍ଟଙ୍କର ଅନୁଗାମୀ, ତୁମେ ମୋର ଅନୁଗାମୀ ହୁଅ ।")

> *ତୁମ୍ଭେମାନେ ଯେ ସମସ୍ତ ବିଷୟରେ ମୋତେ ସ୍ମରଣ କରିଥାଅ, ଏବଂ ମୁଁ* ତୁମ୍ଭମାନଙ୍କୁ *ଯେସମସ୍ତ ବିଧି ଦେଇଅଛି, ସେହିସବୁ* ପାଳନ *କରୁଅଛ, ଏଥିପାଇଁ ମୁଁ...ତୁମ୍ଭମାନଙ୍କର ପ୍ରଶଂସା କରୁଅଛି ।*

> *କିନ୍ତୁ ଖ୍ରୀଷ୍ଟ ଯେ ପ୍ରତ୍ୟେକ ପୁରୁଷର ମସ୍ତକସ୍ୱରୂପ, ଏବଂ ପୁରୁଷ ଯେ ସ୍ତ୍ରୀର ମସ୍ତକସ୍ୱରୂପ; ଓ ପରମେଶ୍ୱର ଯେ ଖ୍ରୀଷ୍ଟଙ୍କର ମସ୍ତକସ୍ୱରୂପ;ଏହା ତୁମ୍ଭେମାନେ ଜାଣ ବୋଲି ମୋହର ଇଚ୍ଛା,*

756 ଦେଖନ୍ତୁ ଏହା କିପରି ଅଟେ? ପରମେଶ୍ୱର, ଖ୍ରୀଷ୍ଟ, ପୁରୁଷ, ସ୍ତ୍ରୀ । ବର୍ତ୍ତମାନ:

> *ଯେକୌଣସି ପୁରୁଷ ଆପଣା ମସ୍ତକ ଆଚ୍ଛାଦନ କରି ପ୍ରାର୍ଥନା କରେ କିମ୍ବା ଭାବବାଣୀ କହେ, ସେ* ଖ୍ରୀଷ୍ଟଙ୍କୁ ଅପମାନ କରେ ।

> *କିନ୍ତୁ ଯେକୌଣସି ସ୍ତ୍ରୀ ଆପଣା ମସ୍ତକ ଆଚ୍ଛାଦନ ନ କରି* ପ୍ରାର୍ଥନା କରେ *କିମ୍ବା* ଭାବବାଣୀ *କହେ ସେ ଆପଣା ମସ୍ତକର* ଅପମାନ *କରେ:...*

757 ବର୍ତ୍ତମାନ ଆମେ ମାତ୍ର ଗୋଟିଏ ମିନିଟ୍ ନେବା, ଏବଂ ଆପଣଙ୍କୁ ଦେଖାଇବା ଯେ ଜଣେ ସ୍ତ୍ରୀଲୋକ ପାଇଁ କେଶ ହେଉଛି ତାହାର ଆବରଣ:

*...ଯେଣୁ...ତାହା ତାହାର ମସ୍ତକ ମୁଣ୍ଡନ* ହେବା *ସଙ୍ଗେ ସମାନ ।* (ଏହାର ଅର୍ଥ ହେଉଛି ଯଦି—ଯଦି ସେ ନିଜର କେଶ କାଟିବାକୁ ଯାଉଛନ୍ତି, ତେବେ ଏହାକୁ ମୁଣ୍ଡନ କରି ଦିଅନ୍ତୁ ।)

*କାରଣ ଯଦି ସ୍ତ୍ରୀ ମସ୍ତକ ଆଚ୍ଛାଦନ ନ କରେ, ତେବେ ସେ କେଶ ମଧ୍ୟ କାଟିପକାଉ:* (କେଶ କାଟିବା ଅର୍ଥ ମୁଣ୍ଡନ କରିବା, ବୁଝିଲେ)...*କିନ୍ତୁ ଯଦି ସ୍ତ୍ରୀ ପକ୍ଷରେ କେଶ କାଟିବା ବା ମସ୍ତକ ମୁଣ୍ଡନ କରିବା ଲଜ୍ଜାଜନକ, ତାହାହେଲେ ସେ ମସ୍ତକ ଆଚ୍ଛାଦନ କରୁ ।*

758 ବର୍ତ୍ତମାନ ଆମେ ଏଠାରେ ଠିକ୍ ଆପଣ ପଚାରିଥିବା ପ୍ରଶ୍ନକୁ ଆସୁଅଛୁ । ବୁଝିଲେ? ଠିକ ଅଛି, ତେବେ ବାଇବଲ ଅନୁଯାୟୀ, ଜଣେ—ଜଣେ ସ୍ତ୍ରୀଲୋକ ପାଇଁ କେଶ କାଟିବା ଏହା ଭୁଲ୍ ଅଟେ । ବର୍ତ୍ତମାନ ଆପଣ ଏଠାରେ ଶୁଣନ୍ତୁ ଏବଂ ଦେଖନ୍ତୁ ଯେ କଅଣ ବାଇବଲ ଜଣେ ବ୍ୟକ୍ତିଙ୍କୁ ତାଙ୍କର ପତ୍ନୀକୁ ପରିତ୍ୟାଗ କରିବା ପାଇଁ ଆଇନଗତ ଅଧିକାର ଦିଏ ନାହିଁ କି ଯଦି ସେହି ସ୍ତ୍ରୀ ନିଜର କେଶ କାଟନ୍ତି, ଦେଖନ୍ତୁ ଯେ ଏହା ଠିକ୍ କି ନୁହେଁ ।

*ଯଦି ଜଣେ ପୁରୁଷ...ଜଣେ ପୁରୁଷ ପ୍ରକୃତରେ ତାର ମସ୍ତକ ଆଚ୍ଛାଦନ କରିବା ଉଚିତ୍ ନୁହେଁ* (ଅର୍ଥାତ୍, ଲମ୍ବା କେଶ ରଖିବା ଉଚିତ୍ ନୁହେଁ), କାରଣ *ସେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତି*ରେ *ଏବଂ* ସେହି *ଗୌରବସ୍ୱରୂପ: କିନ୍ତୁ ସ୍ତ୍ରୀ ପୁରୁଷର ଗୌରବସ୍ୱରୂପ ଅଟେ ।* (କଅଣ ଆପଣ କେବେ ଏହା ବିଷୟରେ ଚିନ୍ତା କରିଛନ୍ତି କି?)

759 ତେବେ ମୁଁ ଏଠାରେ ଅଟକି ଯିବାକୁ ଚାହେଁ, କାରଣ ମୁଁ ଚାହୁଁଛି ଯେ ଏହା ପ୍ରକୃତରେ ଭଲ ଭାବରେ ନିମଜ୍ଜିତ ହୋଇଯାଉ, ଦେଖନ୍ତୁ । ଆଉ ବର୍ତ୍ତମାନ ମନେରଖନ୍ତୁ, ମୁଁ ହଜାର ହଜାର ସୁନ୍ଦରୀ ମହିଳାଙ୍କୁ ଦେଖିଅଛି (ସେମାନଙ୍କୁ ଠିକ୍ ବର୍ତ୍ତମାନ ଜାଣେ, ଏବଂ ସେମାନଙ୍କ ମଧ୍ୟରୁ ଅନେକେ ଏହି ଗୀର୍ଜାରେ ବସିଛନ୍ତି) ଯାହାଙ୍କରକି ଛୋଟ କେଶ ଅଛି, ଯେଉଁମାନେକି ଖ୍ରୀଷ୍ଟିଆନ ଅଟନ୍ତି । ଏବଂ ମୁଁ ଏହାକୁ ଯାହା ଉପରେ ରଖିଛି ତାହା ଆପଣ ନୁହଁନ୍ତି, ଏହା ତ ଯେଉଁ ଉପାୟରେ ଆପଣଙ୍କୁ ଶିକ୍ଷା ଦିଆଯାଇଛି ତାହା ଅଟେ । ବୁଝିଲେ? ଏହା ତାହା ଅଟେ । ଆପଣଙ୍କର ପ୍ରଚାରକ କଦାପି ଆପଣଙ୍କୁ ଏହା କହି ନାହାଁନ୍ତି । କିନ୍ତୁ ଯଦି ଆରାଧନାଳୟର ଆଖପାଖରେ ସେହିଭଳି ସ୍ତ୍ରୀଲୋକ ଥାଆନ୍ତି, ତେବେ ସେମାନେ ଦୋଷୀ ଅଟନ୍ତି । ଦେଖନ୍ତୁ, କାରଣ ଆମେ ନିଶ୍ଚିତରେ ଏହା ବିଷୟରେ ସେମାନଙ୍କୁ କହିବୁ ।

760 ତେବେ, ବର୍ତ୍ତମାନ ଏହାକୁ ଦେଖନ୍ତୁ:

*...ଜଣେ ପୁରୁଷ...କାରଣ...*(ସପ୍ତମ ପଦ)...*କାରଣ ଜଣେ ପୁରୁଷ...*

761 ବର୍ତ୍ତମାନ, ଏଠାରେ କିଏ କହୁଛନ୍ତି? ତେବେ, କିଛି ସମୟ ହେବ ଜଣେ ମହିଳା କହିଲେ, "ଓଃ, ପାଉଲ ଜଣେ ପୁରୁଣା ସ୍ତ୍ରୀ-ଘୃଣାକାରୀ ଥିଲେ ।"

762 ତେବେ, ବର୍ତ୍ତମାନ ଯେତେବେଳେକି ଆମେମାନେ ସେଠାରେ ରହିଛୁ, ଆସନ୍ତୁ ଏଠାରେ ଗାଲାତୀୟ 1:8 କୁ ଯିବା, ଏବଂ ଦେଖିବା ଯେ ପାଉଲ ଏ ବିଷୟରେ କଅଣ କୁହନ୍ତି, ଦେଖନ୍ତୁ, ଗାଲାତୀୟ 1:8 । ଆପଣ ପାଇବେ ଯେ ପାଉଲ ଏଠାରେ ଗାଲାତୀୟ 1:8 ରେ କହିଲେ:

> *...କିନ୍ତୁ ଯେଉଁ ସୁସମାଚାର ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଅଛୁ, ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ହେଲେ ଯଦି କେହି ତଦ୍‌ଭିନ୍ନ ଅନ୍ୟ* ସୁସମାଚାର ପ୍ରଚାର କରେ, *ସେ ଶାପଗ୍ରସ୍ତ ହେଉ ।*

763 ତେବେ ମୋତେ ଦୋଷ ଦିଅନ୍ତୁ ନାହିଁ, ଆପଣ ତାଙ୍କୁ ଦୋଷ ଦିଅନ୍ତୁ, ଦେଖନ୍ତୁ ।

> *ଜଣେ ପୁରୁଷ ପ୍ରକୃତରେ ତାର ମସ୍ତକ ଆଚ୍ଛାଦନ କରିବା ଉଚିତ୍ ନୁହେଁ,* କାରଣ *ସେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଏବଂ ସେହି ଗୌରବ ସ୍ୱରୂପ: କିନ୍ତୁ ସ୍ତ୍ରୀ ପୁରୁଷର ଗୌରବସ୍ୱରୂପ ଏବଂ ସେହି ପ୍ରତିମୂର୍ତ୍ତିରେ ଅଟେ ।*

764 ବର୍ତ୍ତମାନ ପରବର୍ତ୍ତୀ ପଦକୁ ଦେଖନ୍ତୁ:

> *କାରଣ ପୁରୁଷ ସ୍ତ୍ରୀଠାରୁ ଉତ୍ପନ୍ନ ହୋଇ ନାହିଁ; ମାତ୍ର ସ୍ତ୍ରୀ ପୁରୁଷଠାରୁ ଉତ୍ପନ୍ନ ହୋଇଅଛି ।*
>
> *ଆଉ ସ୍ତ୍ରୀ ନିମନ୍ତେ ତ ପୁରୁଷର ସୃଷ୍ଟି ହେଲା ନାହିଁ; କିନ୍ତୁ ପୁରୁଷ ନିମନ୍ତେ ତ ସ୍ତ୍ରୀର ସୃଷ୍ଟି ହେଲା ।*

765 ତେବେ, ମୁଁ ବର୍ତ୍ତମାନ ଏହାକୁ ପ୍ରକୃତ ପ୍ରେମ ଏବଂ ମଧୁରତା ସହିତ ଅଭିପ୍ରାୟ କରେ, ଏବଂ ମୁଁ ଆଶା କରେ ଯେ ଆପଣ ଏହାକୁ ଠିକ୍ ସେହିପରି ଭାବରେ ବୁଝନ୍ତି ଯେପରି ମୁଁ ଏହାକୁ କୁହେ । କିନ୍ତୁ ଆମେରିକା...ଜଣେ ଆନ୍ତର୍ଜାତୀୟ ଭ୍ରମଣକାରୀ ଭାବରେ, ବିଶ୍ୱର ଯେକୌଣସି ରାଷ୍ଟ୍ର ଅପେକ୍ଷା ଆମେରିକାରେ ତାର ମହିଳାମାନଙ୍କ ପାଇଁ ସବୁଠୁ ନିମ୍ନ-ଧରଣର, କେତେକ ନିକୃଷ୍ଟ ନିୟମମାନ ରହିଛି । ଆମେରିକା ତାର ମହିଳାମାନଙ୍କୁ ଯେପରି ଆଚରଣ କରିବାକୁ ଦେଇଥାଏ ପ୍ୟାରିସ୍, ଫ୍ରାନ୍ସ ତାହା ପାଖରେ ଏକ ଗଗନ-ଚୁମ୍ବିୟ ଉଚ୍ଚ ଅଟ୍ଟାଳିକା ହୋଇପାରନ୍ତି । ଏହା ଏକ ଅପମାନଜନକ ଅଟେ!

766 କଅଣ ଆପଣ ଅନୁଭବ କରନ୍ତି ଯେ ଆମେରିକାର ଈଶ୍ୱର ନାରୀ ଅଟେ? ମୁଁ ଆପଣଙ୍କୁ ତାହା ଏହି ବାଇବଲ ଦ୍ୱାରା ପ୍ରମାଣ କରିପାରେ । ତାହା ଠିକ୍ । କଅଣ ଆପଣ ଅନୁଭବ କରନ୍ତି ଯେ ଏହାକୁ ସେହିପରି ଭାବରେ ହିଁ ଆସିବାକୁ ଅଛି ଯେପରିକି କ୍ୟାଥୋଲିକ ମଣ୍ଡଳୀ ସେମାନଙ୍କର କୁମାରୀ ମରିୟମ ବିଷୟକ ଶିକ୍ଷା ଆଣିପାରନ୍ତି?

767 ବର୍ତ୍ତମାନ, ଯଦି ଜଣେ ସ୍ତ୍ରୀ ପୁରୁଷ ନିମନ୍ତେ ସୃଷ୍ଟି ହୋଇ ନାହିଁ, ନୁହେଁ...ଯଦି ଜଣେ ପୁରୁଷ ସ୍ତ୍ରୀ ନିମନ୍ତେ ସୃଷ୍ଟି ହୋଇ ନାହିଁ, କିନ୍ତୁ ସ୍ତ୍ରୀ ଜଣେ ପୁରୁଷ ନିମନ୍ତେ ସୃଷ୍ଟି ହୋଇଛି, ତେବେ ଆପଣ କିପରି ଜଣେ ନାରୀକୁ ଉପାସନା କରିବାକୁ ଯାଉଛନ୍ତି? ବୁଝିଲେ? ତେବେ, ଏହାକୁ ଯାହା ଆରମ୍ଭ କଲା, ଏହା ପ୍ୟାରିସ୍‌ରେ ଆରମ୍ଭ ହୋଇ ହଲିଉଡରେ ପ୍ରବେଶ କଲା ।

ବର୍ତ୍ତମାନ ପ୍ୟାରିସ୍ ହଲିଉଡକୁ ଆସିଅଛି ସେମାନଙ୍କର ସୁନ୍ଦରୀ ପରିବେଷଣକାରୀ ମଡେଲ୍ ପାଇବାକୁ ଏବଂ ସେମାନଙ୍କର ପୋଷାକ ଫ୍ୟାଶନ୍ ଏବଂ ବିଷୟସବୁ ପାଇବାକୁ, ଏହା ଆମର ଆମେରିକୀୟ ମହିଳାମାନଙ୍କର ଅଧଃପତନ ଅଟେ ।

768 ଏହା କଅଣ ଅଟେ? ଆମ ରାଷ୍ଟ୍ର ଏତେ ନିକୃଷ୍ଟ ହୋଇଯାଇଛି ଯେ ଏପରିକି ସେମାନେ ପୁରୁଷମାନଙ୍କଠାରୁ ଚାକିରୀଗୁଡିକ ନେଇ, ଏହି ସ୍ଥାନଗୁଡିକରେ ମହିଳାମାନଙ୍କୁ ରଖିଛନ୍ତି, ଏପରିକି ସେମାନଙ୍କ ମଧ୍ୟରୁ ନବେ ପ୍ରତିଶତ ସୁଦ୍ଧା, ପ୍ରାୟଃ, ବେଶ୍ୟା ଅଟନ୍ତି । ଏବଂ ପୁରୁଷମାନଙ୍କ ପତନ ହୋଇଯିବା ବିଷୟରେ କୁହନ୍ତୁ, ନିଶ୍ଚିତରେ, ଏହାର କାରଣ ହେଉଛି ସେମାନେ ସେଠାରେ ମହିଳାମାନଙ୍କୁ ସେହି ଚାକିରିରେ ରଖିଛନ୍ତି । ଏବଂ ସେମାନେ ଏତେ ନିମ୍ନ-ମାନର ହୋଇଯାଇଛନ୍ତି ଯେ ଏପରିକି ସେମାନେ ମହିଳାମାନଙ୍କୁ ରାସ୍ତାରେ ଶାନ୍ତିର ଅଧିକାରୀ ଭାବରେ ରଖିଛନ୍ତି । ଏହା କୌଣସି ରାଷ୍ଟ୍ର ପାଇଁ ଅପମାନ ଅଟେ! ହଁ ଆଜ୍ଞା । ଆପଣ ଏହା ବିଷୟରେ କଅଣ କରିବାକୁ ଯାଉଛନ୍ତି?

769 "ଭାଇ ବ୍ରାନ୍‌ହାମ୍, ଆପଣ ଏହା ବିଷୟରେ କଅଣ କରନ୍ତି?" ମୋତେ ଏହାକୁ ସମ୍ମାନ କରିବାକୁ ଅଛି, ମୁଁ ଜଣେ ଆମେରିକୀୟ ନାଗରିକ, ମୁଁ ତାହା କରେ ଯାହା ମୋର ବଡ ମାଲିକ କରିବା ପାଇଁ କୁହନ୍ତି । ଯଦି ମୁଁ କେବେ...ଯଦି ଗୋଟିଏ—ଯଦି ଗୋଟିଏ ପରିବାର ତାର ପରିବାର ପ୍ରତି ସମ୍ମାନକୁ ହରାଇଦିଏ (ପିଲାମାନେ ପିତାମାତାଙ୍କ ପ୍ରତି ସମ୍ମାନକୁ ହରାଇ ଦିଅନ୍ତି), ସେହି ପରିବାରରଟି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଏ । ଯଦି ଗୋଟିଏ—ଯଦି ଗୋଟିଏ ମଣ୍ଡଳୀ ତାର ପାଳକଙ୍କ ପ୍ରତି ସମ୍ମାନକୁ ହରାଇ ଦିଏ, ତେବେ କାହିଁକି, ସେହି ମଣ୍ଡଳୀ ବିଖଣ୍ଡିତ ହୋଇଯାଏ । ଏବଂ ଯଦି ଗୋଟିଏ ରାଷ୍ଟ୍ରି ତାର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ତାହାର ନିଷ୍ପତ୍ତି ପ୍ରତି ନିଜର ସମ୍ମାନକୁ ହରାଇ ଦିଏ, ତାହାହେଲେ ସେହି ରାଷ୍ଟ୍ର ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଏ । ତାହା ସମ୍ପୂର୍ଣ୍ଣ ଠିକ୍ ଅଟେ । ଆମକୁ ସେହି ବିଷୟଗୁଡିକୁ ସମ୍ମାନ କରିବାକୁ ଅଛି କାରଣ ସେମାନେ ବଡ ମାଲିକ ଅଟନ୍ତି, ଦେଖନ୍ତୁ । କିନ୍ତୁ ଏହା ଆରମ୍ଭରେ ଠିକ୍ ନୁହେଁ । ଅବଶ୍ୟ!

770 କଅଣ ଆପଣ ଜାଣନ୍ତି ଯେ ବାଇବଲରେ ଜଣେ ପୁରୁଷ...ଆଦିପୁସ୍ତକ, ପ୍ରଥମ ପର୍ବର, ଯେତେବେଳେ ପରମେଶ୍ୱର ସ୍ତ୍ରୀ ଓ—ଓ ପୁରୁଷକୁ ସୃଷ୍ଟି କଲେ, ଏବଂ ପୁରୁଷ ଓ ସ୍ତ୍ରୀମାନଙ୍କୁ ନିର୍ମାଣ କଲେ, ଆଉ ପରମେଶ୍ୱର ହବାଙ୍କୁ କହିଲେ ଯେ "ତୁମ ସ୍ୱାମୀ ତୁମ ଉପରେ ଶାସନ କରିବେ, ତୁମର କର୍ତ୍ତୃତ୍ୱକାରୀ ହେବେ"? ଆମେରିକାରେ ତାହା କୁହନ୍ତୁ ଏବଂ ଦେଖନ୍ତୁ ଯେ ଆପଣ କେଉଁଠାରେ ରହିବେ! ପିଲା, ଏହା ତାହା ନୁହେଁ, ସେହି ସ୍ତ୍ରୀ ପୁରୁଷ ଉପରେ ଶାସନ କରେ; ସେମାନଙ୍କୁ ତାହା କରିବାକୁ ପଡ଼େ, ସାର୍ବଜନୀନ ସ୍ଥାନଗୁଡିକ ସେହିପରି ବ୍ୟବସ୍ଥିତ କରାହୋଇଛି...

771 ମୁଁ ସ୍ତ୍ରୀଲୋକମାନଙ୍କୁ ଆଣିପାରେ, ଯଦି ମୋତେ ଆଣିବାକୁ ପଡ଼େ, ସେଠାରେ ମୋ କୋଠରୀରୁ, ଡଜନ ଡଜନ କରି, ଭଲ ସ୍ତ୍ରୀଲୋକମାନଙ୍କୁ...ମୁଁ କହୁ ନାହିଁ ଯେ ସମସ୍ତ ସ୍ତ୍ରୀଲୋକମାନଙ୍କୁ କୌଣସି ସମୟରେ କାମ କରିବା ଉଚିତ ନୁହେଁ; ବୋଧହୁଏ ସେମାନଙ୍କର

ଏକ ଅସୁସ୍ଥ ସ୍ୱାମୀ କିମ୍ବା ସେପରି କିଛି ଥାଇପାରେ, ଏବଂ ସେମାନଙ୍କୁ କାମ କରିବାକୁ ପଡିଥାଏ। ମାତ୍ର ଯଦି ସେମାନଙ୍କୁ ତାହା କରିବାକୁ ନ ପଡ଼େ, ତେବେ ସେମାନେ ତାହା କରିବା ଉଚିତ୍ ନୁହେଁ। ସେମାନଙ୍କର ସ୍ଥାନ ଘରେ ଅଟେ, ସେମାନଙ୍କର ଛୋଟ ଗଡ଼, ଠିକ୍ ସେହିଠାରେ ହିଁ ସେମାନେ ରହିବା ଉଚିତ୍।

772 ଏବଂ ଆମର ଆମେରିକୀୟ ମହିଳାମାନେ ସୌଭାଗ୍ୟବାନ ଅଟନ୍ତି ଯେ ସେମାନେ ଯାଇ ଘୁଷୁରୀ ଖାଆନ୍ତୁ କିମ୍ବା ମରିଯାଆନ୍ତୁ। ଏପରିକି ସମସ୍ତ ପ୍ରାଣୀ ଏବଂ ପ୍ରଭୃତିରେ, ଯେତେବେଳେ ସେହି ବିଷୟ ବିଦ୍ୟମାନ ରୁହେ, ଏହା ଘଟିଥାଏ ଏବଂ ଏହା ତାର ସମଗ୍ର ଜାତିକୁ ପତିତ କରି ଦେଇଥାଏ।

773 ଆଫ୍ରିକାରେ ଏକ ଛୋଟ ପକ୍ଷୀ ଅଛି, ଏବଂ ସେ ଏକ ଛୋଟ ବୁଦା ପକ୍ଷୀଟିଏ।

774 ତେବେ, ସାଧାରଣତଃ, ଉଭୟ ଭିତରେ ମାଈଟି ହିଁ ସର୍ବଦା ଅସୁନ୍ଦର ଅଟେ। ଅଣ୍ଡିରାଟି ସର୍ବଦା ସବୁଠାରୁ ସୁନ୍ଦର ଅଟେ, ଅଣ୍ଡିରା ହରିଣ, ଅଣ୍ଡିରା ଏଲ୍କ ହରିଣ, ଅଣ୍ଡିରା ତୀତର ପକ୍ଷୀ, ସେହି—ସେହି ଅଣ୍ଡିରା କୁକୁଡା, ଏବଂ ସର୍ବଦା ସବୁଠାରୁ ଅଧିକ...କାରଣ, ମାଈଟି ହେଉଛି ଗୃହ ପକ୍ଷୀ। ସେ ବସାରେ ବସିଥାଏ, ସେ ନିଜର ସାନ ସାନ ଛୁଆମାନଙ୍କୁ ପାଳନ ପୋଷଣ କରିଥାଏ। ସେ ନିଜର ସାନ ସାନ ଛୁଆମାନଙ୍କୁ ବାଜ ପକ୍ଷୀ, ସାପ, ବିଲୁଆ, ଆଉ ଯାହାକିଛିଠାରୁ, ଦେଖନ୍ତୁ, ରକ୍ଷା କରିବା ପାଇଁ ଛଦ୍ମବେଶ ଧାରଣ କରିଥାଏ।

775 କିନ୍ତୁ ସେହି ଦୌଡ଼ରେ ଯେଉଁଠାରେକି ସେହି...କିମ୍ବା ଯୌନକ୍ରିୟାରେ ସେହି—ସେହି—ସେହି ସ୍ତ୍ରୀ, କିମ୍ବା ସେହି ମାଈ, ସୌନ୍ଦର୍ଯ୍ୟରେ ଅଧିକ ସୁନ୍ଦର ଥାଏ, ଏହା ସର୍ବଦା ଏକ ଅଧଃପତିତ ହେଉଥାଏ। ଆଫ୍ରିକାରେ, ଆପଣ ଏକ ପକ୍ଷୀକୁ ନିଅନ୍ତୁ...ସେଠାରେ ଏକ ଛୋଟ ପକ୍ଷୀ ଅଛି, ଏବଂ ସେହି ମହାଦେଶରେ ଥିବା ଗୋଟିଏ ମାତ୍ର କେବଳ ଯାହା ବିଷୟରେ ମୁଁ ଜାଣେ, ଯେ ମାଈଟି ଅଣ୍ଡିରା ଅପେକ୍ଷା ଅଧିକ ସୁନ୍ଦର ଅଟେ। ଏବଂ ଯେତେବେଳେ ଏହା...ସେହି—ସେହି ପକ୍ଷୀଟି ଏକ ନିରନ୍ତର ବେଶ୍ୟା ଅଟେ। ସେ ସବୁଆଡ଼େ ଦୌଡ଼ିବ ଏବଂ ଏକ ସାଥୀ ଖୋଜିବ, ଆଉ ସେ ଜଣକ ସହିତ ସହବାସ କରିବ ଓ ତାହାପରେ ଯାଇ ଅଣ୍ଡାଗୁଡ଼ିକୁ ଦେବ, ଏବଂ ତାର ଅଣ୍ଡିରା ସାଥୀକୁ ସେହି ଅଣ୍ଡାଗୁଡିକ ଉପରେ ବସିବାକୁ ରଖିଦିଏ ଯେତେବେଳେକି ସେ ଯାଇ ଅନ୍ୟ ସାଥୀକୁ ଖୋଜିଥାଏ। ତାହା ସମ୍ପୂର୍ଣ୍ଣ ଠିକ୍ ଅଟେ। ବୁଝିଲେ? ଦେଖନ୍ତୁ ମୋର କହିବାର ଅର୍ଥ କଅଣ?

776 ତେବେ, ଦେଖନ୍ତୁ, ଆଜି ଆମେରିକାରେ, ଆମ ସ୍ତ୍ରୀଲୋକମାନଙ୍କ ବିଷୟରେ। କିଛି ଦିନ ପୂର୍ବରୁ, କେଣ୍ଟକିରୁ ଜଣେ ଯୁବା ଲୋକ ମୋତେ କହିଲେ, ଯେ କେଣ୍ଟକିରେ ଏଠାରେ ଏକ ନିର୍ଦ୍ଦିଷ୍ଟ କାରଖାନାରେ ଆଠଶହ ସ୍ତ୍ରୀଲୋକ କାର୍ଯ୍ୟ କରୁଥିଲେ। ଏବଂ ସେ କହିଲେ, "ସମ୍ଭବତଃ ମୁଁ ଶପଥ ନେବାରେ ନିରାପଦ ଅନୁଭବ କରିପାରେ ଯେ ସେମାନଙ୍କ ମଧ୍ୟରୁ ଚାରିଶହ ଜଣ ସଂପୂର୍ଣ୍ଣ ଭାବେ ରାସ୍ତାର ବେଶ୍ୟାମାନ ଅଟନ୍ତି, ଏବଂ ସନ୍ତାନ ସନ୍ତତି ଥିବା ବିବାହିତ ସ୍ତ୍ରୀଲୋକ ଅଟନ୍ତି।" ଜଣେ ବ୍ୟକ୍ତି ତାଙ୍କର ପତ୍ନୀଙ୍କୁ ସେଠାକୁ ନେଇକରି ଗଲେ ଓ ତାଙ୍କୁ ଗୋଟିଏ ବୋର୍ଡ

ସହିତ ପିଟା ମରା କଲେ, ଆଉ ତାହାପରେ ସେ ତାଙ୍କୁ ମାରିଦେବାକୁ ଚାହିଁଲେ । ଏବଂ ଆଉ ଜଣେ ଅନ୍ୟ ଏକ ବ୍ୟକ୍ତିଙ୍କୁ ଗୁଳି କରିବାକୁ ଗଲେ । ଏବଂ ଆଉ ଜଣେ କାଟିବାକୁ ଏବଂ ଝଗଡା କରିବାକୁ ଗଲେ । ତାହା ହେବା ଉଚିତ ନୁହେଁ । ତାହା ଠିକ୍ ନୁହେଁ ।

777 ସ୍ତ୍ରୀଲୋକଙ୍କୁ ପୁନର୍ବାର ସେହି ରୋଷେଇ ଘରେ ରଖନ୍ତୁ, ଯେଉଁଠାରୁ ସେ ଅଟନ୍ତି, ତାହାପରେ ସବୁକିଛି ଠିକ୍ ହୋଇଯିବ । କିନ୍ତୁ ଆପଣ ତାଙ୍କୁ ସର୍ବସାଧାରଣ କାର୍ଯ୍ୟରେ ବାହାରେ ରଖନ୍ତି, ସେ ଭ୍ରଷ୍ଟ ହୋଇଯିବେ । ସମ୍ପୁ-…ମୁଁ ତାହା କହେ ନାହିଁ…

778 ସେହି ଆମେରିକୀୟ ମହିଳାମାନେ ସେମାନଙ୍କର ନାକ ଟେକି ଦେଇ କୁହନ୍ତି, “ସେଥିରେ କିଛି ହେଲେ ନାହିଁ ।” ଏବଂ, “ଆପଣ ମୋତେ ଦେଖାନ୍ତୁ ।” ନିଶ୍ଚିତ ଭାବରେ, ଆପଣଙ୍କୁ ତାହା କରିବାକୁ ଅଛି, କାରଣ ବାଇବଲ ପୂର୍ବାନୁମାନ କରିଥିଲା ଯେ ଆପଣ ତାହା କରିବେ । ଆପଣଙ୍କୁ ତାହା କରିବାକୁ ପଡିବ ।

779 ଏବଂ ଏଠାରେ ଯେତେବେଳେ…ବହୁ ପୂର୍ବରୁ, ଏହା ହେଉଥିଲା, ଏକ ମେଥୋଡିଷ୍ଟ ମଣ୍ଡଳୀରେ, ଯଦି ଜଣେ ସ୍ତ୍ରୀଲୋକ ନିଜର କେଶ କାଟନ୍ତି, ତେବେ ତାଙ୍କୁ ମଣ୍ଡଳୀରୁ ବାହାର କରି ଦିଆଯାଉଥିଲା । ନିଶ୍ଚିତ ଭାବରେ, ସେମାନେ ତାହା କରୁଥିଲେ । ହଁ, ନିଶ୍ଚିତ ଭାବରେ । ନାଜରିନ, ପିଲଗ୍ରିମ୍ ହୋଲିନେସ୍, ପେଣ୍ଟିକଷ୍ଟାଲ୍, ସେମାନେ ସମସ୍ତେ ଏହା କରୁଥିଲେ । କଅଣ ଘଟିଲା?

780 କଅଣ ଆପଣ ଜାଣିଛନ୍ତି କାହିଁକି? କାରଣ ଆପଣଙ୍କ ପ୍ରଚାର ମଞ୍ଚ ପଛରେ କେତେକ ମାଇଚିଆ ଅଛନ୍ତି । ତାହା ସମ୍ପୂର୍ଣ୍ଣ ଠିକ୍ ଅଟେ । କେହି ଜଣେ ସେମାନଙ୍କର ଭୋଜନ ଟିକେଟ ହରାଇବେ ବୋଲି ଭୟ କରନ୍ତି…ଭୟ କରନ୍ତି ଯେ ଆପଣ ସେମାନଙ୍କୁ ବିଚ୍ଛିନ୍ନ କରି ଦେବେ, ସେମାନଙ୍କୁ ମଣ୍ଡଳୀରୁ ବାହାର କରି ଦେବେ । ସେମାନଙ୍କଠାରେ ପରମେଶ୍ୱରଙ୍କ ବାକ୍ୟ ଉପରେ ଛିଡ଼ା ହେବା ପାଇଁ ସେତେ ଅଧିକ ସାହସ ନ ଥିଲା ତାହା କଷ୍ଟ ଦେଉଥିଲା କିମ୍ବା ତାହା ନ ଦେଉଥିଲା । ତାହା ଅବିକଳ ଠିକ୍ ଅଟେ ।

781 ଏଠାରେ ଶୁଣନ୍ତୁ, ପୁରୁଷ ହେଉଛନ୍ତି କର୍ତ୍ତୃତ୍ୱକାରୀ । ଆପଣ ଏହା ଭାବନ୍ତୁ ନାହିଁ ଯେ ଆପଣ ଗୃହକୁ ଶାସନ କରିବେ । ଆପଣ ଘରର ଶାସକ ନୁହଁନ୍ତି । ଆପଣ ସଂପୂର୍ଣ୍ଣ…ଆପଣ ତେବେ ଦାସ ନୁହଁନ୍ତି, ମାତ୍ର ଆପଣ ଜଣେ ସାହାଯ୍ୟକାରୀ ଅଟନ୍ତି । ଏବଂ ଆଦମ…ସେହି ପୁରୁଷର ତାଙ୍କର ପତ୍ନୀ ଉପରେ କର୍ତ୍ତୃତ୍ୱ ରହିଥାଏ, ଏବଂ ସେ ତାର ପତ୍ନୀ ପାଇଁ ଏକାକୀ ଦାୟୀ ଅଟନ୍ତି । ପରମେଶ୍ୱର ପୁରୁଷକୁ ତାଙ୍କର ପତ୍ନୀ ପାଇଁ ଉତ୍ତର ଦିଆ କରନ୍ତି । ବର୍ତ୍ତମାନ, ପାଠ କରନ୍ତୁ ଓ ଦେଖନ୍ତୁ ଯଦି ପରମେଶ୍ୱର ତେବେ ତାହା କୁହନ୍ତି କି ।

> *ଜଣେ ପୁରୁଷ ପ୍ରକୃତରେ ତାର ମସ୍ତକ ଆଚ୍ଛାଦନ କରିବା ଉଚିତ୍ ନୁହେଁ, କାରଣ ସେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତି ରେ ଏବଂ ସେହି ଗୌରବସ୍ୱରୂପ:…*

782 ପରମେଶ୍ୱର ଜଣେ ସ୍ତ୍ରୀ ନୁହଁନ୍ତି, ପରମେଶ୍ୱର ଜଣେ ପୁରୁଷ । ଆପଣ ଜାଣନ୍ତି ଯେତେବେଳେ ସେମାନେ କୁମାରୀ ମରିୟମ ଏବଂ ସେହିସବୁ କରନ୍ତି, ଓ ମଧ୍ୟ-…କିମ୍ବା

ମଧ୍ୟସ୍ଥି ଆଉ ସେହିପରି ସବୁକିଛି, ଏବଂ କୁମାରୀ ମରିୟମଙ୍କୁ ପ୍ରାର୍ଥନା କରନ୍ତି, ଆପଣ ଜାଣିଛନ୍ତି ଏହା ମୋତେ କଅଣ ମନେ ପକାଇଦିଏ? ସେହି ମହାନ ଦେବୀ ଡାଏନା, ଯାହାକୁ ପାଉଲ ଭର୍ତ୍ସନା କରିଥିଲେ ଏବଂ ତାଚ୍ଛଲ୍ୟ କରିଥିଲେ । ତାହା ଠିକ୍ । ସେ କହିଥିଲେ, "କାହିଁକି, ପରମେଶ୍ୱର କୌଣସି ସ୍ତ୍ରୀ ନୁହଁନ୍ତି!"

783 କ୍ଷେତରେ ଗୋଟିଏ ପଥର ପଡିଲା, ଆଉ ସେମାନେ କହିଲେ ଯେ ଦେବୀ ସେମାନଙ୍କର ପ୍ରତିମୂର୍ତ୍ତିକୁ ଫିଙ୍ଗି ଦେଲେ, ସେହି କାରଣରୁ କରିନ୍ଥରେ ଥିବା ମହିଳା, ଏବଂ ସେଠାରେ ଉପରେ, ସେହି…ଯେଉଁମାନେକି ଡାଏନାଙ୍କୁ ପୂଜା କରୁଥିଲେ, ସେମାନେ ପ୍ରଚାରକ ହେବାକୁ ଚାହିଁଲେ ।

784 ସେମାନେ କହିଥିଲେ, "କାହିଁକି, ଆତ୍ମା ଆମକୁ କହିଛନ୍ତି ଯେ ଆମେ ପ୍ରଚାର କରିପାରୁ ।"

785 ସେ କହିଲେ, "କଅଣ? ପରମେଶ୍ୱରଙ୍କ ବାକ୍ୟ ତୁମଠାରୁ ଆସିଛି, ଏବଂ ଏହା କେବଳ ତୁମଠାରୁ ଆସିଛି କି? ଯଦି କୌଣସି ବ୍ୟକ୍ତି ନିଜକୁ ଆତ୍ମିକ କିମ୍ବା ଭବିଷ୍ୟଦ୍‌ବକ୍ତା ବୋଲି ଭାବନ୍ତି, ସେ ଏହା ସ୍ୱୀକାର କରୁ ଯେ ମୁଁ ଯାହା କହୁଛି ତାହା ପ୍ରଭୁଙ୍କର ଆଦେଶ ଅଟେ: ତେବେ ଜଣେ ସ୍ତ୍ରୀ ନୀରବ ରୁହନ୍ତୁ ଏବଂ ମଣ୍ଡଳୀରେ ଅଧୀନତାରେ ରୁହନ୍ତୁ, ଶିକ୍ଷା ଦିଅନ୍ତୁ ନାହିଁ କିମ୍ବା କୌଣସି କର୍ତ୍ତୃତ୍ୱ କରନ୍ତୁ ନାହିଁ ।" ତାହା ଅବିକଳ ଠିକ୍! ତାହାହିଁ ଅଟେ ଯାହାକି ଶାସ୍ତ୍ର କୁହେ । ବୁଝିଲେ? ଏବଂ ପରମେଶ୍ୱର ସେହି ବିଚାର ଦିନରେ ଏଥିପାଇଁ ଦଳେ ପ୍ରଚାରକମାନଙ୍କୁ ଉତ୍ତର ଦେବାକୁ ବାଧ୍ୟ କରିବେ ।

786 ତେବେ, ଶୁଣନ୍ତୁ! ଆପଣ କୁହନ୍ତି, "ତେବେ, ମୁଁ ଆପଣଙ୍କୁ କହୁଛି, ମୋତେ ତାହା ଶିଖାଯାଇଛି ।" ଆପଣ ତେବେ ଅଧିକ ଉତ୍ତମ ଭାବେ ଜାଣନ୍ତି! ତାହା ଠିକ୍ । ଯଦି ଆପଣ କିମ୍ବା କେହି ଏକ ଔଷଧର ମାତ୍ରା ଗ୍ରହଣ କରିବା ଆରମ୍ଭ କରନ୍ତି, ଏବଂ କେହି ଆପଣଙ୍କୁ କୁହନ୍ତି ଯେ ତାହା ଆର୍ସେନିକ୍ ଅଟେ, ଆଉ ଆପଣ—ଆଉ ଆପଣ ଯାଆନ୍ତି ଏବଂ ଯେକୌଣସି ପ୍ରକାରେ ତାହାକୁ ଗ୍ରହଣ କରନ୍ତି, ଏହାପରେ ତାହା ଆପଣଙ୍କର ଦୋଷ ଅଟେ । ବୁଝିଲେ?

787 ବର୍ତ୍ତମାନ ଏହାକୁ ଶୁଣନ୍ତୁ:

> *କାରଣ ପୁରୁଷ ସ୍ତ୍ରୀଠାରୁ ଉତ୍ପନ୍ନ ହୋଇ ନାହିଁ; ମାତ୍ର ସ୍ତ୍ରୀ ପୁରୁଷଠାରୁ ଉତ୍ପନ୍ନ ହୋଇଅଛି ।*
>
> *ଏଥିପାଇଁ ଦୂତମାନଙ୍କ ସକାଶେ ଜଣେ ସ୍ତ୍ରୀର ଆପଣା ମସ୍ତକରେ ଅଧୀନତାର ଚିହ୍ନ ଘେନିବା ଉଚିତ୍ ।*

788 ଆପଣମାନଙ୍କ ମଧ୍ୟରୁ କେହି ଏହାକୁ ପାଠ କରୁଛନ୍ତି କି? ପ୍ରଥମ କରିନ୍ଥୀୟ, 11ଶ ପର୍ବ, ଏବଂ 10ମ ପଦ । ଯଦି ଆପଣ ଧ୍ୟାନ ଦେବେ, "ଅଧୀନତାର ଚିହ୍ନ," (କାହିଁକି?) "ଦୂତମାନଙ୍କ," ପ୍ରଥମ କରିନ୍ଥୀୟ, କାରଣ ଦୂତମାନେ ପୁରୁଷ ଅଟନ୍ତି, ସେହି ବାର୍ତ୍ତାବହ ଅଟନ୍ତି । ଦେଖନ୍ତୁ, ଏହା ପୁନର୍ବାର ଇଂରାଜି ଅକ୍ଷରର ଏକ ସାନ "a" ଅଟେ । ଯେଉଁଠାରେ ଦୂତମାନଙ୍କ

ବିଷୟରେ କୁହାଯାଏ, ସ୍ୱର୍ଗୀୟ ଦୂତମାନଙ୍କ ବିଷୟରେ, ଏହା ଇଂରାଜି ଅକ୍ଷରର ଏକ ବଡ "A," ବଡ଼ "A" ଅଟେ । ଯେଉଁଠାରେ ଏହା ଏକ ସାନ "a" ଅଟେ, ଏହା ପୁରୁଷ ଦୂତଗଣ ଅଟନ୍ତି ।

*ତଥାପି ପ୍ରଭୁଙ୍କଠାରେ, ପୁରୁଷଠାରୁ ସ୍ତ୍ରୀ ସ୍ୱତନ୍ତ୍ର ନୁହେଁ*...କିମ୍ବା *ସ୍ତ୍ରୀଠାରୁ,...କିମ୍ବା ସ୍ତ୍ରୀଠାରୁ ସେହି ପୁରୁଷ—ସେହି ପୁରୁଷ ସ୍ୱତନ୍ତ୍ର ନୁହେଁ ।*

*କାରଣ ସ୍ତ୍ରୀ ଯେପରି ପୁରୁଷଠାରୁ ଉତ୍ପନ୍ନ, ପୁରୁଷ ମଧ୍ୟ ସେହିପରି ସ୍ତ୍ରୀ ଦ୍ୱାରା ଉତ୍ପନ୍ନ;...ସମସ୍ତ ବିଷୟ ପରମେଶ୍ୱରଙ୍କଠାରୁ ଉତ୍ପନ୍ନ ।*

*ତୁମ୍ଭେମାନେ*...ବିଚାର କର: *ମସ୍ତକ ଆଚ୍ଛାଦନ ନ କରି* (ଛୋଟ କେଶ ସହିତ) *ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ଜଣେ ସ୍ତ୍ରୀ ପକ୍ଷରେ କଅଣ ଉପଯୁକ୍ତ?* (ବର୍ତ୍ତମାନ ଚିନ୍ତା କରନ୍ତୁ)

789 ତେବେ ଦେଖନ୍ତୁ:

*ପ୍ରକୃତି ନିଜେ କି ତୁମ୍ଭମାନଙ୍କୁ ଶିକ୍ଷା ଦିଏ ନାହିଁ, ଯେ, ପୁରୁଷ ଦୀର୍ଘ କେଶ ରଖିଲେ,...*

790 କହିବେ, "ଏହା କେଉଁ ବିଷୟରେ ସମ୍ବନ୍ଧିତ ଥିଲା?" କେଶ । କଅଣ ଆପଣ ଦେଖୁ ନାହାଁନ୍ତି ଯେ ପାଉଲ କେଉଁ ବିଷୟରେ କହୁଛନ୍ତି? କେଶ, ଲମ୍ବା କେଶ! ଯଦି...ସ୍ତ୍ରୀର ଲମ୍ବା କେଶ ରହିବା ଉଚିତ୍ । 14ତମ ପଦ ବର୍ତ୍ତମାନ:

*ପ୍ରକୃତି ନିଜେ କି ତୁମ୍ଭମାନଙ୍କୁ ଶିକ୍ଷା ଦିଏ ନାହିଁ, ଯେ, ପୁରୁଷ ଦୀର୍ଘ କେଶ ରଖିଲେ,* ତାହା ପକ୍ଷରେ *ତାହା ଅପମାନଜନକ?*

791 ଆପଣ ଏହା ବୁଝିଲେ କି? ପୁରୁଷ ପାଇଁ ଲମ୍ବା କେଶ ରଖିବା ଲଜ୍ଜାଜନକ ଅଟେ, କିନ୍ତୁ ଜଣେ ସ୍ତ୍ରୀ-...ତାହା ହେଉଛି ଜଣେ ସ୍ତ୍ରୀଲୋକର ସ୍ଥାନ । ପରମେଶ୍ୱର ଜଣେ ପୁରୁଷକୁ ଜଣେ ସ୍ତ୍ରୀଠାରୁ, ଯୌନ ଏବଂ ରୂପରେ, ଏବଂ ଅନ୍ୟାନ୍ୟ ସବୁ ବିଷୟରେ ଭିନ୍ନ ଭାବରେ ନିର୍ମାଣ କରିଥିଲେ । ତାକୁ ଏପରି ଏକ ପୋଷାକ ପିନ୍ଧିବା ଉଚିତ୍ ନୁହେଁ...ବାଇବଲ ଏହା କୁହେ ଯେ "ଯଦି ଜଣେ ସ୍ତ୍ରୀଲୋକ ଗୋଟିଏ ଚିପା ପଜାମା ସ୍ଲାକ କିମ୍ବା ପୁରୁଷ ସମ୍ବନ୍ଧୀୟ କୌଣସି ପୋଷାକ ପିନ୍ଧିବ, ଏହା ପରମେଶ୍ୱରଙ୍କ ସମ୍ମୁଖରେ ଏକ ଘୃଣ୍ୟ ଓ ମନ୍ଦ ଏବଂ ଅପରିଷ୍କାର ଦୃଶ୍ୟ ଅଟେ ।" ଆଉ ପରମେଶ୍ୱର ଏଥିପାଇଁ ତାକୁ ମୂଲ୍ୟ ପରିଶୋଧ କରାଇବେ । ଆପଣ କାହା କଥା ଶୁଣିବାକୁ ଯାଉଛନ୍ତି? ମାତ୍ର ଏହା ବାଇବଲ ଅଟେ!

792 ଆଉ ଆପଣ ଚାରିଆଡ଼େ ଯାଆନ୍ତି ଓ କୁହନ୍ତି, "କାହିଁକି, ମୁଁ ଭାବୁଛି ଯେ ଏହା ସ୍ତ୍ରୀଲୋକମାନଙ୍କୁ ସ୍ଲାକ୍...ପିନ୍ଧିଥିବାର ଦେଖିବାଟା ଭଲ ଅଟେ ।" ମାତ୍ର ପରମେଶ୍ୱର ସେମାନଙ୍କୁ ଭିନ୍ନ ନିର୍ମାଣ କରିଛନ୍ତି, ସେ ଚାହାଁନ୍ତି ଯେ ସେମାନେ ଭିନ୍ନ ପୋଷାକ ପରିଧାନ କରନ୍ତୁ ।

793 ଏବଂ ବାଇବଲ କୁହେ, "ଯଦି ଜଣେ ସ୍ତ୍ରୀଲୋକ ଏପରିକି ଏକ ପୁରୁଷ ସମ୍ବନ୍ଧୀୟ ପୋଷାକ ପିନ୍ଧିବେ, ଏହା ଏକ ଘୃଣ୍ୟ ବିଷୟ ଅଟେ।" କଅଣ ଆପଣ ଜାଣନ୍ତି ଯେ *ଘୃଣ୍ୟ* ବିଷୟ କେଉଁଟା ଅଟେ? ଏହା "ଏପରି କିଛି ଯାହା ପରମେଶ୍ୱରଙ୍କ ଦୃଷ୍ଟିରେ ଅପରିଷ୍କାର ଅଟେ।" ଏବଂ ସେହି ମହାନ ଯିହୋବା ଯିଏକି ଆପଣଙ୍କୁ ଏକ ଅଶୁଚି ବିଷୟ ଭାବରେ ଦେଖନ୍ତି...ଆଉ ବାଇବଲ କୁହେ...

794 ଏବଂ ଆପଣ ଯେଉଁମାନେକି କୁହନ୍ତି...ଆପଣମାନଙ୍କ ମଧ୍ୟରୁ କେତେକ ମହିଳାମାନେ ବର୍ତ୍ତମାନ, କିଶୋର ଅବସ୍ଥାରେ ଥିବା ଆପଣଙ୍କର ଯୁବା ଝିଅମାନଙ୍କୁ, ଅଠର, କୋଡ଼ିଏ ବର୍ଷ ବୟସର, ସେମାନଙ୍କୁ ସେହିପରି ବସ୍ତ୍ର ପରିଧାନ କରି ଏଠାରେ ଦୌଡ଼ିବାକୁ ଦିଅନ୍ତି!

795 ଏବଂ ତୁମେ, ମଧ୍ୟ, ମାଆ! ବୁଝିଲେ? ଯେତେବେଳେ ଆପଣ ବାହାରକୁ ଯାଆନ୍ତି ଏବଂ ସେହି ଚିପା ପାଜାମା ସ୍ଲାକ୍ ଓ ସେହି ବିଷୟସବୁ ପିନ୍ଧନ୍ତି ଆଉ ଜୀବନ ଯାପନ କରନ୍ତି...ଏବଂ ରାସ୍ତାରେ ବାହାରି ଯାଆନ୍ତି, ଆଉ—ଆଉ ସେହି ପୁରୁଣା ପୋଷାକଗୁଡିକୁ ରଖନ୍ତି ଯାହା ସେମାନେ ଆଜିକାଲି ତିଆରି କରୁଛନ୍ତି, ଏବଂ ଆପଣଙ୍କୁ ଏପରି କିଛି ଭାବରେ ଦେଖାଉଥାନ୍ତି ଯାହାକି ଆପଣ ନୁହଁନ୍ତି। ବୁଝିଲେ? ଏବଂ ଆପଣ ସେଠାରେ ସମ୍ପୂର୍ଣ୍ଣ କାମାସକ୍ତ ଭାବରେ ଦେଖାଯାଇ ରାସ୍ତାରେ ଯାଆନ୍ତି, ଆପଣ ନିଜ ସ୍ୱାମୀ ଏବଂ ସବୁକିଛି ଆଗରେ ନିରୀହ ଏବଂ ନିର୍ମଳ ହୋଇପାରନ୍ତି, କିନ୍ତୁ ଯଦି ଆପଣ ରାସ୍ତାରେ ବାହାରକୁ ଯାଆନ୍ତି ଏବଂ ଜଣେ ବ୍ୟକ୍ତି ଆପଣଙ୍କୁ ଦେଖେ କାରଣ ଆପଣ ନିଜକୁ ସେହିପରି ଭାବରେ ଉପସ୍ଥାପନ କଲେ, ତେବେ ଆପଣ ଦୋଷୀ ଅଟନ୍ତି, ଆଉ ସେହି ବିଚାର ଦିନରେ ଆପଣଙ୍କୁ ସେହିପରି ଦେଖିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ବ୍ୟଭିଚାର କରିଥିବା ଯୋଗୁଁ ଆପଣ ଉତ୍ତର ଦେବାକୁ ଯାଉଛନ୍ତି। ବାଇବଲ ତାହାହିଁ କୁହେ।

796 ବାଇବଲ କୁହେ, "ଯେକେହି ଜଣେ ସ୍ତ୍ରୀଲୋକକୁ କାମ ବାସନାର ଲୋଭରେ ଦେଖେ, ସେ ନିଜ ହୃଦୟରେ ତାଙ୍କ ସହିତ ବ୍ୟଭିଚାର କରିସାରିଛି," ଏବଂ ଆପଣ ଦୋଷୀ ଅଟନ୍ତି ଓ କରିବେ...

797 ଆପଣ ବିଚାରକୁ ଆସି କୁହନ୍ତି, "ହେ ପ୍ରଭୁ, ତୁମେ ତ ମୋର ହୃଦୟକୁ ଜାଣିଛ। ମୁଁ କେବେ ବି ବ୍ୟଭିଚାର କରି ନାହିଁ, ମୁଁ ମୋ ସ୍ୱାମୀ ପ୍ରତି ସତ୍ୟ ରହିଅଛି।"

798 କିନ୍ତୁ ଏଠାରେ ଜଣେ ପୁରୁଷ ରହିଥିବେ, ଏଠାରେ ଅନ୍ୟ ଜଣେ ଥିବେ, ଏଠାରେ ଅନ୍ୟ ଜଣେ, ଅନ୍ୟ ଜଣେ, ଅନ୍ୟ ଜଣେ, ପନ୍ଦର, କୋଡ଼ିଏ, ତିରିଶ, ଚାଳିଶ ଜଣ ସେଠାରେ ଛିଡ଼ା ହୋଇ ଏହା କହୁଥିବେ, "ବ୍ୟଭିଚାରର ଦୋଷୀ ଅଟ!" କାହିଁକି? କୌଣସି ପୁରୁଷ ଆପଣଙ୍କୁ ଚାହିଁଥିଲେ।

799 "ତେବେ, ମୋର ଏହା ସହିତ କୌଣସି ସମ୍ପର୍କ ନ ଥିଲା।" ଆଚ୍ଛା, ତାହାହେଲେ ଆପଣ କାହିଁକି ନିଜକୁ ସେହିପରି ଭାବରେ ଉପସ୍ଥାପନ କଲେ? ଯେତେବେଳେ ପରମେଶ୍ୱର

ଆପଣଙ୍କୁ ସେଗୁଡିକୁ ନ ପିନ୍ଧିବାକୁ କହିଥିଲେ, ଏହା କରିବା ଏକ ଘୃଣାର ବିଷୟ ଥିଲା, ଏବଂ ଆପଣ ଯାଇ *ହୁ ଲଓସ୍ ସୁଜି* କୁ ଶୁଣିଥିଲେ? କିମ୍ବା ତାହା କଅଣ ଥିଲା…

800 କଅଣ ଆପଣ ଜାଣିବାକୁ ପାଇଲେ ଯେ *ହୁ ଲଓସ୍ ସୁଜି?* ର ସ୍ୱାମୀ ସହିତ କଅଣ ଘଟିଲା? ଆପଣ ସମସ୍ତେ ଏହି ନିକଟ ସମୟରେ ଖବରକାଗଜରେ ଦେଖିଥିବେ । ଯେତେବେଳେ ଆମେମାନେ ବାହାରେ ୱାୟୋମିଙ୍ଗ, କାସ୍‌ପର୍ ରେ ଥିଲୁ, ଏହା ପ୍ରକାଶିତ ହୋଇଥିଲା । ଆଉ ତାଙ୍କର ନାମ କଅଣ ଅଟେ? ସେହି ବ୍ୟକ୍ତି ଯିଏକି…ସେହି *ଉି ଲଓ ସୁଜି* ରେ ଆସନ୍ତି, କିମ୍ବା ସେହି ଜଗତରେ—ସେହି ଜଗତରେ ତାହା କଅଣ ଥିଲା? ସେହି…ଓଃ, କଅଣ ହୁଏ ଯେ ଆପଣ ସମସ୍ତେ ବୁଧବାର ରାତିରେ ଘରେ ରହିଯାନ୍ତି ଏବଂ ତାହା ଦେଖିବା ପାଇଁ ପ୍ରାର୍ଥନା ସଭାକୁ ବାତିଲ କରି ଦିଅନ୍ତି । ତେବେ ତାହା କଅଣ ଅଟେ? *ଉି ଲଓ*…ତାହାର ନାମ କଅଣ ଅଟେ? [ଜଣେ ଭଉଣୀ କୁହନ୍ତି, "*ଆଇ ଲଓ ଲୁସି* ।"—ସମ୍ପା ।] *ଆଇ ଲଓ ଲୁସି*, ତାଙ୍କ ସ୍ୱାମୀକୁ କରିବାକୁ ଥିଲା…ଏଆଡ଼େ ସେଆଡ଼େ ବୁଲୁଥାଏ, ନେଭାଦାର, ରେନୋଠାରେ ଜଣେ ଅଶ୍ୱେତ ଝିଅ ସହିତ, ଧରା ପଡିଥିଲା, ତାହା ସହିତ ବର୍ଷ ବର୍ଷ ଧରି ରହି ଆସୁଥିଲା । ଏବଂ ତାହାହିଁ ଅଟେ ଯେଉଁଥି ପାଇଁ ଆପଣ ଯାଇ, ସୁସମାଚାର ଶୁଣିବା ପରିବର୍ତ୍ତେ ତାହା ଦେଖିବା ପାଇଁ ଘରେ ରହି ଯାଆନ୍ତି । ସେହି ମହିଳା ଏହାକୁ ସ୍ୱୀକାର କଲେ । ହେ ପ୍ରଭୁ, ଦୟା କର! ଯୀଶୁ ଖ୍ରୀଷ୍ଟଙ୍କ ବାହାରେ କିଛି ହେଲେ ବିଷୟ ପରିଷ୍କାର ନାହିଁ!

801 ଭାଇ, ଆପଣଙ୍କର ହୃଦୟକୁ ଆଶୀର୍ବାଦ କରନ୍ତୁ, ମୁଁ—ମୁଁ ଆପଣ—ଆପଣ ଲୋକମାନଙ୍କୁ କହିବି, କେତେକ…ଆପଣ କୁହନ୍ତି, "ଓଃ, ମୋର ପ୍ରଭୁ, ସେହି ଶ୍ରେଣୀକୁ ଦେଖ ।" ଆମ ପାଖରେ ଥିବା କେତେକ ସେହି—ସେହି ସବୁଠୁ ନିକୃଷ୍ଟ ଶାଗୁଣାମାନ, ସେହି ମୃତଜୀବୀ, କେତେ ସୁନ୍ଦର ପକ୍ଷୀ ଅଟନ୍ତି । ଆପଣ ଗୋଟିଏ ପକ୍ଷୀକୁ ତାହାର ପରଗୁଡିକ ଦ୍ୱାରା ବିଚାର କରିପାରନ୍ତି ନାହିଁ, ଦେଖନ୍ତୁ । ତେଣୁ କେବଳ ତାହା ମନେ ରଖନ୍ତୁ । ଓଃ, ମୋର ପ୍ରଭୁ!

802 ବର୍ତ୍ତମାନ ଦେଖନ୍ତୁ:

> ପ୍ରକୃତି *ନିଜେ କି ତୁମ୍ଭମାନଙ୍କୁ*…(ତାହା ସେହି 14ତମ ପଦ ଅଟେ)…*ଶିକ୍ଷା ଦିଏ ନାହିଁ, ଯେ,* ପୁରୁଷ ଦୀର୍ଘ କେଶ ରଖିଲେ, ତାହା ପକ୍ଷରେ ଏହା ଅପମାନଜନକ? (ତାହା ଜଣେ ସ୍ତ୍ରୀଲୋକର ଅଧିକାରଭୁକ୍ତ ଅଟେ ।)
>
> *କିନ୍ତୁ ସ୍ତ୍ରୀର* ଦୀର୍ଘ *କେଶ ରଖିଲେ, ତାହା ପକ୍ଷରେ ତାହା ଗୌରବଜନକ:*…

803 ତେବେ ସେ କେଉଁ ବିଷୟରେ କହୁଛନ୍ତି? କଅଣ ଗୋଟିଏ ଟୋପି ଯାହାକି ଆପଣ କ୍ୟାଥୋଲିକ୍ ଲୋକମାନେ ଗୀର୍ଜାରେ ପିନ୍ଧନ୍ତି? ନା, ନିଶ୍ଚିତରେ ନୁହେଁ! କଅଣ ଏକ ରୁମାଲ ସହିତ, ନିଜ ମୁଣ୍ଡ ଉପରେ ଏକ ଆଚ୍ଛାଦନକୁ? ସେ ଆପଣଙ୍କ କେଶ ବିଷୟରେ କହୁଛନ୍ତି!

804 ବର୍ତ୍ତମାନ! ଏବଂ ଯଦି ଜଣେ ସ୍ତ୍ରୀ ନିଜର କେଶ କାଟେ, ସେ ନିଜର ଗୌରବକୁ କାଟି ପକାଏ, ଏବଂ ଯଜ୍ଞବେଦିରେ ପ୍ରାର୍ଥନା କରିବା ପାଇଁ ଅନୁମତି ଦିଆଯାଏ ନାହିଁ । ଦେଖନ୍ତୁ, ଠିକ୍ ଏଠାରେ ଯାହା କୁହାଯାଇଛି, "ଜଣେ ସ୍ତ୍ରୀଲୋକ ପାଇଁ ମୁଣ୍ଡକୁ ଅନାଚ୍ଛାଦିତ କରି ପ୍ରାର୍ଥନା

କରିବାକୁ ଯିବା ଏକ ସାଧାରଣ କଥା କି?" ଏଠାରେ କୁହେ, କୁହେ, "ତେବେ, ତାହାକୁ କେଶ କାଟିବାକୁ ପଡ଼ିବ ।" ତେବେ ତାହାହେଲେ ସେ ସମ୍ପୂର୍ଣ୍ଣ ଭାବରେ କେଶ କାଟି ପକାଉ । "ଏବଂ ଯଦି ସେ ସମ୍ପୂର୍ଣ୍ଣ ଭାବରେ କେଶ କାଟିବାକୁ ଯାଉଛନ୍ତି," କହିଲେ, "ତାହା ଅପମାନଜନକ, ଏହା କରିବା ଜଣେ ମହିଳାଙ୍କ ପାଇଁ ଲଜ୍ଜାଜନକ ବିଷୟ ଅଟେ ।" ତାହାପରେ କହିଲେ, "ସେ ଆଚ୍ଛାଦିତ ହେବା ଉଚିତ୍ ।" ତେବେ, ମୁଁ କେବଳ—ମୁଁ କେବଳ ପାଉଲଙ୍କ ଚିଠି ପଢୁଅଛି । ଆପଣ ସମସ୍ତେ, ଏହା ଆପଣଙ୍କ ଉପରେ ନିର୍ଭର କରେ, ଦେଖନ୍ତୁ ।

> *କିନ୍ତୁ ସ୍ତ୍ରୀର ଦୀର୍ଘ କେଶ ରଖିଲେ, ତାହା ପକ୍ଷରେ ତାହା ଗୌରବଜନକ: କାରଣ ଆବରଣସ୍ୱରୂପେ ତାର କେଶ ତାହାକୁ ଦିଆଯାଇଅଛି ।*

805 କଅଣ ଏହା କୁହେ ଯେ ତାଙ୍କୁ ଏକ ଟୋପି ଦିଆଯିବ? ଆପଣ କ୍ୟାଥୋଲିକ୍ ଲୋକମାନେ କିମ୍ୱା ଆପଣ ପ୍ରୋଟେଷ୍ଟାଣ୍ଟମାନେ, ଉଭୟ ମଧ୍ୟରୁ କେହି ବି, ଯିଏ ମଣ୍ଡଳୀକୁ ଯାଆନ୍ତି ଏବଂ ଏକ ଟୋପି ପିନ୍ଧିବାକୁ ଚାହାଁନ୍ତି, କୁହନ୍ତି, "ତେବେ, ମୁଁ ଗୀର୍ଜାକୁ ଯାଉଛି, ଏକ ଟୋପି ପିନ୍ଧିବା ଉଚିତ୍ ।" ନା, ଆପଣଙ୍କୁ ତ ନିଜର କେଶକୁ ବଢିବାକୁ ଦେବା ଉଚିତ । ତାହା ହିଁ ହେଉଛି ପାର୍ଥକ୍ୟ । ବୁଝିଲେ?

> ...*କାରଣ ଆବରଣସ୍ୱରୂପେ ତାର କେଶ ତାହାକୁ ଦିଆଯାଇଅଛି ।* (ଏବଂ ତାଙ୍କ ପାଇଁ ଆଚ୍ଛାଦନ ନ ହୋଇ ଗୀର୍ଜାକୁ ଆସିବା, ଯଜ୍ଞବେଦିକୁ ପ୍ରାର୍ଥନା କରିବାକୁ ଯିବା ଏକ ଅପମାନଜନକ ବିଷୟ ଅଟେ ।)

> *କିନ୍ତୁ କେହି... ବିବାଦ କରିବାକୁ ଇଚ୍ଛା କରେ—ଇଚ୍ଛା କରେ* (ମୁଁ ଭାବେ ନାହିଁ ଯେ ମୁଁ ସେହି ଶବ୍ଦ ଉଚ୍ଚାରଣ କରିପାରେ, ବି-ବା-ଦ-...)... *ବିବାଦ—ବିବାଦ* (ଆପଣ ଜାଣନ୍ତି ଯେ ବିବାଦ କଅଣ ଅଟେ), *ଆମ୍ଭମାନଙ୍କର ଏପ୍ରକାର ରୀତି ନାହିଁ, କିମ୍ୱା ପରମେଶ୍ୱରଙ୍କ ମଣ୍ଡଳୀସମୂହର ନାହିଁ ।*

806 ବର୍ତ୍ତମାନ ଯଦି ଆପଣ ଏହା ବିଷୟରେ ଯୁକ୍ତି କରିବାକୁ ଚାହୁଁଛନ୍ତି, ଆପଣ ତାହା ସହିତରେ ଯୁକ୍ତି କରନ୍ତୁ । ଠିକ ଅଛି, ଯଦି ଆପଣ ଏହା ବିଷୟରେ ବିବାଦାସ୍ପଦ ହେବାକୁ ଚାହୁଁଛନ୍ତି, "ଓଃ, ଏହା କୌଣସି ଫରକ୍ ପଡ଼େ ନାହିଁ । ତେବେ ଆସୁ ସେମାନଙ୍କୁ ଆଗକୁ ଯିବାକୁ ଦେଉ । କାହିଁକି, ମୁଁ ଭାବୁଛି ଯେ ଏହା କିଛି ନୁହେଁ । ମୁଁ...ଏହା ତାହା ନୁହେଁ ଯେ କେଶ କଅଣ ଅଟେ, ଯାହା ବି ହେଉ, ଏହା ତ ତାହା ଯାହାକି ହୃଦୟ ଅଟେ ।" ତାହା ସତ; ଯଦି ହୃଦୟ ସଠିକ୍ ଅଛି, ତେବେ କେଶ ବି ଠିକ୍ ହେବ (ଉ-ହୁ) ।

807 ବଢି ଯାଆନ୍ତୁ, ଯଦି ଆପଣ ବିବାଦାସ୍ପଦ ହେବାକୁ ଚାହୁଁଛନ୍ତି, ପାଉଲ କହିଲେ, "ଆମ୍ଭମାନଙ୍କର ଏପ୍ରକାର ରୀତି ନାହିଁ, କିମ୍ୱା ପରମେଶ୍ୱରଙ୍କ ମଣ୍ଡଳୀସମୂହର ନାହିଁ ।" କହିଲେ, "ଯଦି ଆପଣ କୟିନଙ୍କ ପକ୍ଷରେ ରହିବାକୁ ଚାହୁଁଛନ୍ତି, ଠିକ୍ ଅଛି, ଆଗକୁ ବଢି ଯାଆନ୍ତୁ ।" ମାତ୍ର ଏହା ହିଁ ଅଟେ ଯାହାକି ପାଉଲ କହୁଥିଲେ ।

808 ଓଃ, ଏବଂ ମୋର ଅଭିପ୍ରାୟ ହସିବା ନୁହେଁ, କାରଣ ଏହା କୌଣସି ହସିବାର ବିଷୟ ନୁହେଁ । କିନ୍ତୁ ବନ୍ଧୁଗଣ ମୁଁ ଆପଣଙ୍କୁ କହୁଛି, ଏହି ଜିନିଷଗୁଡିକୁ ଯେପରି ଭାବରେ କରିବାକୁ ଅନୁମତି ଦିଆଯାଇଛି ତାହା ଦେଖିବା ଲଜ୍ଜାଜନକ ଅଟେ । ମୁଁ...

809 ଶୁଣନ୍ତୁ! ମୋର ପ୍ରିୟ ଭଉଣୀମାନେ, ଆପଣଙ୍କୁ, ମୁଁ ଚାହେଁ ଯେ ଆପଣ ନିଜର ସର୍ବଶ୍ରେଷ୍ଠ ଦେଖାଯାଆନ୍ତୁ ଏବଂ ନିଜର ସର୍ଶ୍ରେବଷ୍ଠ ରହିଥାନ୍ତୁ, ତାହା ହିଁ ଅଟେ ଯାହାକି ଆପଣ ହେବା ଉଚିତ୍ । ତାହାହିଁ ଅଟେ ଯାହାକି ଆପଣ ହେବା ଉଚିତ୍ । ଏବଂ ଆପଣଙ୍କୁ ଯଥାସମ୍ଭବ ସେତିକି ମଧୁର ଏବଂ ସତେଜ ହେବା ଉଚିତ୍ ଯେତେବେଳେକି ଆପଣଙ୍କର ସ୍ୱାମୀ ଆସନ୍ତି, ଠିକ୍ ସେହି ସମାନ ଭାବରେ ଯେତେବେଳେକି ସେ ଆପଣଙ୍କର ପ୍ରିୟତମ ଥିଲେ । ଏବଂ ଆପଣ ତାହାଙ୍କୁ ଠିକ୍ ଦ୍ୱାରରେ କେବଳ—କେବଳ ଏକ ଚୁମ୍ବନ ସହିତ ଭେଟିବା ଉଚିତ୍ ତାହାଙ୍କ ପ୍ରତି ଠିକ ସେତିକି ମଧୁର ଭାବରେ ରହିବା ଉଚିତ ଯେପରିକି ସେହି ଦିନ ଥିଲା ଯେତେବେଳେକି ଆପଣ ତାହାଙ୍କୁ ନିଜର ସ୍ୱାମୀ ହେବା ପାଇଁ ବେଦୀରେ ଚୁମ୍ବନ ଦେଇଥିଲେ । ତାହା ଠିକ୍ ଅଟେ । ମୁଁ ଆପଣଙ୍କୁ ନିଜର ସର୍ବୋତ୍ତମ ଦେଖାଯିବା ଏବଂ ନିଜର ସର୍ଶ୍ରେବଷ୍ଠ ହେବା ପାଇଁ ଦାୟୀ କରେ ନାହିଁ । ଏବଂ ମୁଁ ଚାହେଁ ଯେ ଆପଣ ସେହିପରି ରୁହନ୍ତୁ, ପରମେଶ୍ୱର ଜାଣନ୍ତି ଯେ ମୁଁ ଚାହେଁ ।

810 ଏଠାରେ କିଛି ସମୟ ପୂର୍ବରୁ, ମୁଁ ଜ୍ୟାକ୍ ଶୁଲରଙ୍କ ସହିତ କଥା ହେଉଥିଲି । ଜ୍ୟାକ୍ ଶୁଲରଙ୍କ ବିଷୟରେ କିଏ ଶୁଣିଛନ୍ତି? ସବୁଠାରୁ ପ୍ରସିଦ୍ଧ ପ୍ରଚାରକ ଯାହା ମେଥୋଡିଷ୍ଟ ପାଇଛନ୍ତି । ସେ କହୁଥିଲେ, "ଜଣେ ମହିଳା ଆସି କହିଲେ...କେଶ ସବୁ ଅପରିଷ୍କାର ଥିଲା, ଏବଂ ଚୁଇ-ଙ୍ଗମ୍ ଚବାଉଥିଲେ, ଏବଂ ତାଙ୍କ ଶରୀର ଅଧା ପୋଷାକ ଥିଲା, କହିଲେ, 'ଆପଣ ଜାଣନ୍ତି, ମୋ ସ୍ୱାମୀ ଆଉ ଅଧିକ ମୋ ସହିତ ରହିପାରୁ ନାହାଁନ୍ତି ।'"

811 ସେ କହିଲେ, "ମୁଁ ତାଙ୍କୁ ଦୋଷ ଦିଏ ନାହିଁ ।"

812 ତାହା ଠିକ୍ । ତେବେ, କିନ୍ତୁ ଆପଣଙ୍କୁ ଯାହା କରିବାକୁ ଅଛି, ତାହା ହେଲା ଆପଣଙ୍କୁ ସଠିକ୍ ମାର୍ଗରେ ରହିବାକୁ ଅଛି । ଆପଣ ନିଜର ସତେଜତାକୁ ଏବଂ ସୌନ୍ଦର୍ଯ୍ୟକୁ ହଲିଉଡରୁ ଗ୍ରହଣ କରନ୍ତୁ ନାହିଁ, ପରମେଶ୍ୱରଙ୍କ ସମ୍ମୁଖରେ, ଏହାକୁ ବାଇବଲରୁ ଗ୍ରହଣ କରନ୍ତୁ । ଜଣେ ଭଦ୍ର ମହିଳା ହୁଅନ୍ତୁ, ଭଦ୍ର ମହିଳା ପରି ଆଚରଣ କରନ୍ତୁ, ଭଦ୍ର ମହିଳା ପରି ପୋଷାକ ପିନ୍ଧନ୍ତୁ, ପରିଷ୍କାର ରୁହନ୍ତୁ । ଜଣେ ଭଦ୍ର ମହିଳା ପରି ଆଚରଣ କରନ୍ତୁ, ସେଗୁଡିକ ପିନ୍ଧନ୍ତୁ ନାହିଁ...

813 କୌଣସି ପୁରୁଷ ଯିଏକି ନିଜର ପତ୍ନୀଙ୍କୁ ବାହାରକୁ ଯିବାକୁ ଦିଅନ୍ତି ଓ ସେହି ଛୋଟ ବିଷୟଗୁଡିକୁ ପୁରୁଷମାନଙ୍କ ସମ୍ମୁଖରେ ପିନ୍ଧିବାକୁ ଦିଅନ୍ତି, ଏବଂ ସେହି ପୁରୁଣା ଛୋଟ ବିଷୟଗୁଡିକୁ...ଅଗଣାରେ ବାହାରିବାକୁ ଦିଅନ୍ତି ଏବଂ ଘାସ କାଟିବାକୁ ଦିଅନ୍ତି, ଆଉ ସେପରି ବିଷୟ କରିବାକୁ ଦିଅନ୍ତି, ମହାଶୟ, ମୁଁ ଆପଣଙ୍କୁ କହୁଛି, ଭାଇ! ମୁଁ ନିଷ୍ଠୁର ହେବା ଅଭିପ୍ରାୟରେ ନୁହେଁ—ନୁହେଁ, ମୁଁ...ପରମେଶ୍ୱର ଜାଣନ୍ତି ଯେ ଏହା ମୋର ହୃଦୟ ଅଟେ । କିନ୍ତୁ ମୋତେ କରିବାକୁ ପଡିବ...ମୋତେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବାକୁ ଅଛି ଏହାପୂର୍ବେକି ମୁଁ ଏହା କରିବା ପାଇଁ ନିଜକୁ ଅନୁମତି ଦିଏ । ମୁଁ ଯଥାସମ୍ଭବ ଯେତେ ପାରିବି ସେତେ ଦିନ ପର୍ଯ୍ୟନ୍ତ ସେହି

ପାହାଡ ଉପରେ କର୍ତ୍ତା ହେବାକୁ ଯାଉଅଛି, ଆପଣ ଦେଖନ୍ତୁ; ଏବଂ ଯେତେବେଳେ ମୁଁ ପାରିବି ନାହିଁ, ମୁଁ ସେଠାରୁ ଦୂରେଇ ଯିବାକୁ ଯାଉଛି । ତାହା ଠିକ୍ ।

814 ଓଃ, ଭାଇ, ଏହା କରିବା ମହିଳାମାନଙ୍କ ପାଇଁ ଲଜ୍ଜାଜନକ ଏବଂ ଅପମାନଜନକ ଅଟେ । ଏବଂ ମୋର—ମୋର ଅର୍ଥ ନୁହେଁ, ଭଉଣୀ…ମୁଁ—ମୁଁ ଆପଣଙ୍କୁ ନୀଚ କରୁନାହିଁ, ମୁଁ କେବଳ କହିବାକୁ ଚେଷ୍ଟା କରୁଛି…ଏଠାରେ ଆମର ମଣ୍ଡଳୀରେ କୌଣସି ସଦସ୍ୟ ନାହାଁନ୍ତି, ଲୋକମାନେ କେବଳ ଏଠାକୁ ଆସନ୍ତି । କିନ୍ତୁ ଏହା ପରମେଶ୍ୱରଙ୍କ ଏକ ଗୃହ, ଏବଂ ଆମେ ସଂପୂର୍ଣ୍ଣ ଭାବରେ ଲୋକମାନଙ୍କୁ ସେହି ଜିନିଷ ନ ପିନ୍ଧିବାକୁ କହିଥାଉ । ତାହା ହେଉଛି ଏହା… ଆପଣ ଏହା ପାଇଁ ବିଚାର ଦିନରେ ଉତ୍ତର ଦେବାକୁ ଯାଉଛନ୍ତି । ତେବେ ଏଠାରେ ଦେଖନ୍ତୁ । ଏବଂ ନିଜର କେଶକୁ ବଢିବାକୁ ଦିଅନ୍ତୁ, ଦେଖନ୍ତୁ, ଏବଂ ଜଣେ ଭଦ୍ର ମହିଳା ହୋଇ ରୁହନ୍ତୁ ।

815 ବର୍ତ୍ତମାନ:

> *କିନ୍ତୁ ତୁମ୍ଭମାନଙ୍କର ସମାଗମ ଯେ…ହିତକର ନ ହୋଇ ବରଂ ଅହିତକର ହେଉଅଛି, ଏଥିରେ ମୁଁ ତୁମ୍ଭମାନଙ୍କର ପ୍ରଶଂସା କରି ନ* ପାରି…, *ଏହି ଆଦେଶ ଦେଉଅଛି ।*
>
> *କାରଣ ପ୍ରଥମରେ, ମୁଁ ଶୁଣୁଅଛି ଯେ ମଣ୍ଡଳୀସ୍ୱରୂପେ ତୁମ୍ଭମାନଙ୍କର ସମାଗମ ସମୟରେ, ତୁମ୍ଭମାନଙ୍କ* ମଧ୍ୟରେ *ଦଳଭେଦ ଘଟିଥାଏ;* ଏବଂ ପ୍ରଭୃତି,…(ଏହା ବର୍ତ୍ତମାନ ପ୍ରଭୁଭୋଜର ମେଜ ଆଡକୁ ଯାଉଅଛି)

816 ତେବେ ତାହା ଶୁଣନ୍ତୁ । ସେଇଥିପାଇଁ ସେହି ଦୂତମାନେ…

817 ବର୍ତ୍ତମାନ, ଭାଇ ପାମର, ମୁଁ ଆପଣଙ୍କୁ ଏହି ଟେପରେ କହୁ ନାହିଁ ଆପଣ ସେଠାରେ ସେହି ସମାନ କଥା ପ୍ରଚାର କରନ୍ତି ଯାହା ମୁଁ ଏଠାରେ କରୁଅଛି । ମାତ୍ର ଆପଣ ଉତ୍ତମ ଓ ଭଲ ଭାବରେ ଜାଣନ୍ତି, ଏବଂ ଆପଣ ଜଣେ ପ୍ରଚାରକ ହୋଇଥିବା ହେତୁ, ଆପଣ ଜାଣନ୍ତି ଯେ ତାହା ସତ୍ୟ ଅଟେ, ଭାଇ । ଠିକ୍ ଅଛି ।

818 ତେଣୁ ଏଠାରେ ସେହି *ଦୂତମାନେ* ହେଉଛନ୍ତି "ପୁରୁଷମାନେ ।" ଯଦି ଆପଣ ଏହା ଲକ୍ଷ୍ୟ କରିବେ, ଭାଇ ପାମର, ଏହା ଛୋଟ ଅକ୍ଷରରେ ଅଛି, ସେହି "ଦୂତଗଣ ।" ଏବଂ ବାଇବଲ ଆଗକୁ କୁହେ…ସେ ପୁରୁଷ ଏବଂ ତାଙ୍କ ପତ୍ନୀଙ୍କ ବିଷୟରେ କହୁଛନ୍ତି, ଦେଖନ୍ତୁ, ତାହାହିଁ ସେହି ବିଷୟ ଅଟେ ।

819 ସେହି ପ୍ରକାରେ ହିଁ ଲୋକମାନେ ବାଇବଲରେ ଏତେ ଦ୍ୱନ୍ଦ୍ୱରେ ପଡ଼ିଯାନ୍ତି, ସେମାନେ କୁହନ୍ତି, "ତେବେ, ପରମେଶ୍ୱର *ଏଠାରେ* ଗୋଟିଏ କଥା କୁହନ୍ତି, ଏବଂ ଜଣେ…" ନା, ଆପଣ—ଆପଣ ବିଷୟରୁ ଓହରି ଯାଉଛନ୍ତି । ସେହି ସମାନ ବିଷୟ ଉପରେ ଠିକ୍ ରହିଥାନ୍ତୁ, ତାହାହିଁ ସବୁକିଛି ଅଟେ । ସେ ପୁରୁଷ ଏବଂ ତାଙ୍କ ପତ୍ନୀଙ୍କ ବିଷୟରେ କହୁଛନ୍ତି ।

820 ବର୍ତ୍ତମାନ ଆଉ ଏକ ବିଷୟ ଯାହା ମୁଁ ବନ୍ଦ କରିବା ପୂର୍ବରୁ କହିବାକୁ ଚାହେଁ, ଏହା ମୋତେ ପ୍ରାୟ ଦୁଇ ମିନିଟ୍ ଲାଗିବ:

## 74. ଏକ ହଜାର-ବର୍ଷର ଶାସନ ପରେ ସାଧୁମାନେ କେଉଁଠାରେ ରହିବେ? ଏବଂ ସେମାନଙ୍କର କି ପ୍ରକାର ଶରୀର ରହିବ?

821 ମୁଁ ଭାବୁଛି ଏହା ସବୁଠାରୁ ମଧୁର ପ୍ରଶ୍ନ ଅଟେ, ମୁଁ ତାହା କେବଳ ଭଲ ପାଏ । ତେବେ ଆସନ୍ତୁ ଏହାକୁ ସିଧାସଳଖ ଦେଖିବା ।

822 ଆରମ୍ଭରେ, ପରମେଶ୍ୱର...ଆମେ ଅଳ୍ପ କିଛି ମିନିଟ୍ ପାଇଁ କେବଳ ଆମର ଏବ୍ରୀ ଶକ୍ଷା ନିକଟକୁ ଫେରିଯିବା । ପରମେଶ୍ୱର ଏହି ସାତୋଟି ରଙ୍ଗର ମହାନ ନିର୍ଝର ଥିଲେ । କେତେ ଜଣ ତାହା ଜାଣନ୍ତି? ବୁଝିଲେ? ଏବଂ କେତେଜଣ ଜାଣନ୍ତି ଯେ ପରମେଶ୍ୱରଙ୍କର ସାତୋଟି ଆତ୍ମା ଅଛି? ନିଶ୍ଚିତରେ, ସାତୋଟି ଆତ୍ମା । ଏବଂ ମେଷଶାବକଙ୍କର ସାତୋଟି ଆଖି ଅଛି, ଓ ପ୍ରଭୃତି ଅଛି, ସେସବୁ କିଛି ବର୍ତ୍ତମାନ ଏକତ୍ରିତ ଆସୁଅଛି । ବୁଝିଲେ? ତେବେ, ତାହା ପରମେଶ୍ୱର ଥିଲେ ।

823 ବର୍ତ୍ତମାନ ଯେତେବେଳେ ସେ (ଲୋଗୋସ୍) ପରମେଶ୍ୱରଙ୍କଠାରୁ ବାହାରିଲେ, ଯାହାକି ପରମେଶ୍ୱର ଏହି ଗୋଟିଏ ବଡ ନିର୍ଝରରୁ ଜଣେ—ଜଣେ ମନୁଷ୍ୟର ରୂପରେ ଏକ ଶରୀରକୁ ଆସୁଥିଲେ; ଏବଂ ଏହା ଲୋଗୋସ୍‌କୁ ତିଆରି କରିଥିଲା, ଯାହାକୁ ଆମେ ଥିଓଫାନି ବୋଲି କହିଥାଉ ।

824 ବର୍ତ୍ତମାନ, ଯଦି ଆପଣ ଥିଓଫାନିକୁ ନେବେ ଯେତେବେଳେ ଆପଣ ତାହାକୁ ଦେଖନ୍ତି, ତାହା ଜଣେ ମନୁଷ୍ୟ ଅଟେ । ତେବେ ଯେତେବେଳେକି ଆମେ...ତେବେ, ସେହିଠାରେ ହିଁ ତ ଆମେ ଆରମ୍ଭରେ ଥିଲୁ । ତେବେ, ବର୍ତ୍ତମାନ ଆପଣ ଏହାକୁ ବୁଝନ୍ତି ନାହିଁ, କିନ୍ତୁ ଆପଣ ଆରମ୍ଭରେ ସେହି ପ୍ରକାରେ ହିଁ ଥିଲେ । ଯେତେବେଳେ ମନୁଷ୍ୟ ନିର୍ମାଣ ହେଲା... ଯେତେବେଳେ ପରମେଶ୍ୱର ମନୁଷ୍ୟକୁ ନିଜର ପ୍ରତିମୂର୍ତ୍ତିରେ ନିର୍ମାଣ କଲେ, ସେ ତାକୁ ଏକ ଥିଓଫାନି କରିଥିଲେ । ଏବଂ ସେ ତାକୁ କେବଳ ଶରୀରରେ ରଖିଥିଲେ...ଯେତେବେଳେ ପରମେଶ୍ୱର ମନୁଷ୍ୟକୁ ନିଜର ପ୍ରତିମୂର୍ତ୍ତିରେ, ନିଜର ପ୍ରତିରୂପରେ ନିର୍ମାଣ କରିଥିଲେ, ସେମାନେ ଥିଲେ...ଆଦିପୁସ୍ତକ 2 ରେ, ସେଠାରେ ଥିଲେ...କିମ୍ବା ଆଦିପୁସ୍ତକ 1:28 ରେ, ମୁଁ ବିଶ୍ୱାସ କରେ ଯେ ତାହା, "କୃଷିକର୍ମ କରିବା ପାଇଁ ଏଯାଏଁ କୌଣସି ମନୁଷ୍ୟ ନ ଥିଲା," ଆଉ ପରମେଶ୍ୱର ପୁରୁଷ ଓ ସ୍ତ୍ରୀ ନିର୍ମାଣ କରିଥିଲେ । ତାହା ଠିକ୍, "କୃଷିକର୍ମ କରିବା ପାଇଁ କୌଣସି ମନୁଷ୍ୟ ନ ଥିଲା ।"

825 ତାହାପରେ ପରମେଶ୍ୱର ମନୁଷ୍ୟକୁ ଟିକିଏ ତଳକୁ ଆଣି ତାକୁ ପଶୁ ଜୀବନରେ ରଖିଲେ, ତାହା ହେଉଛି ଏହି ଶରୀର, ଠିକ୍ ପଶୁମାନଙ୍କ ପରି ଯେପରିକି ସେ କୃଷିକର୍ମ କରିପାରିବ, ସ୍ପର୍ଶ କରିପାରିବ । ଥିଓଫାନି ସ୍ପର୍ଶ କରେ ନାହିଁ, ଏହା ଦେଖେ ନାହିଁ, ସ୍ୱାଦ, ଗନ୍ଧ, ଶୁଣେ ନାହିଁ;

ଏହି ଇନ୍ଦ୍ରିୟଗୁଡିକ ଯାହାକି ଆମର ରହିଛି । ତେଣୁ ପରମେଶ୍ୱର ମନୁଷ୍ୟକୁ ସେଠାରେ ରଖିଲେ ଯେପରିକି—ଯେପରିକି ସ୍ପର୍ଶ କରାଯାଇପାରେ ଏବଂ ଅନୁଭବ କରାଯାଇପାରେ ।

826 ଏବଂ—ଏବଂ ଯେତେବେଳେ ସେ ଏଦନ ଉଦ୍ୟାନ ଦେଇ ଗମନାଗମନ କଲା, ପ୍ରଥମେ ଏକ ଥିଓଫାନି ଭାବରେ (ଯେପରିକି ପବିତ୍ରଆତ୍ମା ଏଠାରେ ବର୍ତ୍ତମାନ ଚଲାବୁଲା କରୁଛନ୍ତି), ଏହା ପଶୁ ଜୀବନକୁ କଢେଇ ନେଇଥିଲା । ଏହା ସବୁକିଛିକୁ ନିୟନ୍ତ୍ରଣ କରିଥିଲା, କିନ୍ତୁ ଏହା କୃଷିକର୍ମ କରିପାରି ନ ଥିଲା, ବୁଝିଲେ । ତେଣୁ ପରମେଶ୍ୱର ତାକୁ ଶରୀରରେ ରଖିଲେ ଯେପରିକି ସେ କୃଷିକର୍ମ କରିପାରିବ । ତାକୁ ତାର ପାଞ୍ଚଟି ଇନ୍ଦ୍ରିୟ ଦେଲେ, କୃଷିକର୍ମ କରିବା ପାଇଁ ଏବଂ—ଦ୍ରାକ୍ଷାକ୍ଷେତ୍ର ଓ—ଓ ପ୍ରଭୃତି ସବୁ ଦେଖାଶୁଣା କରିବା ପାଇଁ, ଆଉ ତାହାପରେ ମଧ୍ୟ ସେହି ମନୁଷ୍ୟ ଏକୁଟିଆ ଦେଖାଯାଇଥିଲା । ଓଃ, ଏହା ଏକ ସୁନ୍ଦର ଚିତ୍ର ଅଟେ ।

827 ଦେଖନ୍ତୁ, କାରଣ ଯେତେବେଳେ ସେ ପ୍ରଥମେ ନିର୍ମାଣ କରାଗଲା, ସେତେବେଳେ ସେ ଗୋଟିଏ ମନୁଷ୍ୟରେ ଦୁଇଜଣ ଭାବରେ ନିର୍ମାଣ ହୋଇଥିଲା । ସେ ଉଭୟ ପୁରୁଷ ଏବଂ ନାରୀ ନିର୍ମାଣ ହୋଇଥିଲା, ମନୁଷ୍ୟ ହୋଇଥିଲା । ବାଇବଲ କୁହେ ଯେ ଯେ ସେ ହୋଇଥିଲା । ପରମେଶ୍ୱର ମନୁଷ୍ୟକୁ ଉଭୟ ପୁରୁଷ ଓ ସ୍ତ୍ରୀ କରି ନିର୍ମାଣ କରିଥିଲେ, "ସେ ତାହାଙ୍କୁ ସୃଷ୍ଟି କରିଥିଲେ ।" ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଯେତେବେଳେ ମନୁଷ୍ୟ ଥିଓଫାନିରୁ ପୃଥକ୍ କରା ହୋଇ ଶରୀରରେ ରଖାଗଲା, ସେ ଠିକ—ସେ ଠିକ ସେଠାରେ ସମ୍ପୂର୍ଣ୍ଣ ଭାବରେ ନ ଥିଲା; ତାଙ୍କର ଏକ ଅଂଶ ଏବେ ବି ସୁଦ୍ଧା ଥିଓଫାନି ଥିଲା, ତେଣୁ ଏହା ଠିକ୍ ଦେଖାଯାଇ ନ ଥିଲା ।

828 ସେଠାରେ ଅଣ୍ଡିରା ଓ ମାଈ ଭାବରେ ଗାଈ ଥିଲା, ଘୋଡା ଥିଲା, ଏବଂ ସେଠାରେ ବଳଦ ଥିଲା, ଏବଂ ଅନ୍ୟ ସମସ୍ତ କିଛି ଯୋଡାରେ, ଥିଲା । କିନ୍ତୁ ଆଦମ, ସେ...ଏହା ଥିଲା...ଦେଖନ୍ତୁ, ସେଠାରେ କିଛି ଗୋଟାଏ ଅଭାବ ଥିଲା । ସେହି ତୀବ୍ର ଇଚ୍ଛା ଦର୍ଶାଇଲା ଯେ ତାଙ୍କ ପାଇଁ ଜଣେ ସାଥୀ ଅପେକ୍ଷା କରୁଅଛି । କଅଣ ଆପଣ ତାହା ବୁଝିଲେ? ଏବଂ ଠିକ ସେହି ଚିନ୍ତାଧାରାଗୁଡିକ ଯାହା ପ୍ରତି ଆମକୁ ଏଠାରେ ମରିବାକୁ ଅଛି, ଯେଉଁଥି ଯୋଗୁ ଆମେ ସଙ୍କଟରେ ଅଛୁ ଓ ଅସୁବିଧାରେ ପଡୁଛୁ, ଏବଂ ଆମେ ଏପରି ଏକ ଜୀବନ ପାଇଁ ଇଚ୍ଛା କରୁ ଯାହାରକି ମୃତ୍ୟୁ ନାହିଁ, ଏହା ଦର୍ଶାଏ ଯେ ତାହା ଆମ ପାଇଁ ଅପେକ୍ଷା କରୁଅଛି । ବୁଝିଲେ?

829 ଏବଂ ଆଦମ ଏକାକୀ ଥିଲେ । ଏବଂ ପରମେଶ୍ୱର, ଏହା ଦେଖାଇବାକୁ ଯେ ସେମାନେ ପୃଥକ୍ ହୋଇପାରିବେ ନାହିଁ...ତେବେ ମୁଁ ମାତ୍ର ଗୋଟିଏ ସେକେଣ୍ଡ ପାଇଁ, ଏହି ସମାନ ବିଷୟ ନିକଟକୁ ଫେରିବାକୁ ଯାଉଛି ।

830 ଦେଖନ୍ତୁ, ସେ କେବେବି ଯାଇ ମାଟି ନେଇ ହବାକୁ ନିର୍ମାଣ କଲେ ନାହିଁ, ମାତ୍ର ସେ ମୂଳ ମାଟି, ଆଦମଠାରୁ ନିର୍ମାଣ କଲେ । ସେ ତାଙ୍କ ପାର୍ଶ୍ୱରୁ ଏକ ପଞ୍ଜରା ନେଇ ତାଙ୍କ ପାଇଁ ଏକ ସାହାଯ୍ୟକାରିଣୀ ନିର୍ମାଣ କଲେ, ଏବଂ ତାହା ହବା ଥିଲେ । ସେ ପୁରୁଷ ପାଇଁ ନିର୍ମିତ ହୋଇଥିଲେ, ଏବଂ ପୁରୁଷର ଏକ ଅଂଶ ଥିଲେ । ସେ ଆରମ୍ଭରେ ହିଁ, ସୃଷ୍ଟିରେ, ଏକ ଥିଓଫାନିରେ ତାଙ୍କର ଅଂଶ ଥିଲେ । ସେ ଏଠାରେ ଏହି ସୃଷ୍ଟିରେ ତାଙ୍କର ଏକ ଅଂଶ ଥିଲେ ।

ସେ ଅନ୍ୟ ସୃଷ୍ଟିରେ ବିଭକ୍ତ କରା ଯାଇପାରନ୍ତି ନାହିଁ, ତାଙ୍କୁ ତ ସେହି ସମାନ ସୃଷ୍ଟିରେ ହିଁ ନିର୍ମାଣ କରାଯିବାକୁ ଥିଲା ।

831 ଠିକ ସେଇଥିପାଇଁ ତ ଖ୍ରୀଷ୍ଟ ଏବଂ ପରମେଶ୍ୱରଙ୍କୁ ଅବିକଳ ସେହି ସମାନ ବ୍ୟକ୍ତି ହିଁ ହେବାକୁ ଥିଲା, ଏହା ଅନ୍ୟ କୌଣସି ଭିନ୍ନ ହୋଇପାରିବେ ନାହିଁ । ଯଦି ସେ ଜଣେ ଭଲ ମନୁଷ୍ୟ କିମ୍ବା ଜଣେ ଭବିଷ୍ୟଦ୍‌ବକ୍ତା ହୋଇଥାନ୍ତେ, ତେବେ ସେ ଜଣେ ମୁକ୍ତିକର୍ତ୍ତା ହୋଇ ନ ଥାନ୍ତେ; ତାହାଙ୍କୁ ତ ନିଜେ ସୃଷ୍ଟିକର୍ତ୍ତା ହେବାର ଆବଶ୍ୟକ ଥିଲା । କିନ୍ତୁ ସେ ଏବେ ମଧ୍ୟ ଏକ ଥିଓଫାନି ଅଟନ୍ତି, ଆପଣ ଦେଖନ୍ତୁ, ଏବଂ ସେହି ଉପାୟ ଅଟନ୍ତି ଯେପରିକି ସେ ସେତେବେଳେ ଥିଲେ ।

832 ତେବେ ଜଣେ ମନୁଷ୍ୟ ଏଠାରେ ତଳକୁ ଆସିଲେ ଏବଂ ସେ—ସେ ଅଦ୍ଭୁତ ଥିଲେ; ଆଉ ପରମେଶ୍ୱର ତାହା ଭଲ ପାଇଥିଲେ, ସେ କହିଲେ, "ତାହା ସୁନ୍ଦର, ସେମାନେ ପୃଥିବୀରେ ରୁହନ୍ତୁ ଏବଂ ସେଠାରେ ସବୁଦିନ ପାଇଁ ରୁହନ୍ତୁ । ତାହାହିଁ ସବୁକିଛି; କାରଣ—କାରଣ ଅନନ୍ତତା, ନିରନ୍ତର ଏବଂ ନିରନ୍ତର ଓ ନିରନ୍ତର ଅଛି । ଏହା କେବଳ ବଢୁ, ଏବଂ ପ୍ରତ୍ୟେକ ଉଦ୍ଭିଦ ଉତ୍ପନ୍ନ କରୁ, ଏବଂ ସେହିପରି ସବୁକିଛି ହେଉ । ଏବଂ ମନୁଷ୍ୟ ବଞ୍ଚୁ, ପଶୁମାନେ ବଞ୍ଚନ୍ତୁ, ଏବଂ ଅନ୍ୟ ସମସ୍ତ କିଛି, ସଦାକାଳ ଓ ସବୁଦିନ ପାଇଁ ବଞ୍ଚନ୍ତୁ । ତାହା ଠିକ୍ ଅଟେ ।" ବୁଝିଲେ?

833 ଏବଂ ତାହାପରେ ପାପ ପ୍ରବେଶ କଲା । ଆଉ ମୁଁ ଏହି ବିବୃତ୍ତି ଦେବାକୁ ଚାହେଁ। ସେଥିରେ...ଅନେକ ଲୋକ ଏହି ଗୋଟିଏ ଶାସ୍ତ୍ରର ଅଂଶରେ ଏପରି ଭୟଙ୍କର ଭୁଲ କରନ୍ତି, ଏବଂ ତାହା ହେଉଛି 23ତମ ଗୀତରେ । ସେମାନେ ଏହାକୁ ଏହିପରି ଭାବରେ ପାଠ କରନ୍ତି, "ହଁ, ଯଦିଓ ମୁଁ ମୃତ୍ୟୁ ଛାୟାରୂପ ଘୋର *ଅନ୍ଧକାର* ଉପତ୍ୟକା ଦେଇ ଗମନ କରେ ।" ତେବେ, ସେପରି କୌଣସି ବିଷୟ ନାହିଁ। ବାଇବଲ କୁହେ ନାହିଁ, ଯେ, "ଉପତ୍ୟକାର ଅନ୍ଧକାର ଛାୟା...ମୃତ୍ୟୁ ଛାୟାରୂପ ଅନ୍ଧକାର ଉପତ୍ୟକା ।"

834 କୁହେ, "ଯଦିଓ ମୁଁ ମୃତ୍ୟୁ ଛାୟାରୂପ ଉପତ୍ୟକା ଦେଇ ଗମନ କରେ ।" ବର୍ତ୍ତମାନ, ଏହା ଏକ ଛାୟା ହେବା ପୂର୍ବରୁ, ଛାୟା ତିଆରି କରିବା ପାଇଁ ଏହା ପାଖରେ ଆଲୋକ ରହିବା ଆବଶ୍ୟକ । ଦେଖନ୍ତୁ, ଦାଉଦ ଜଣେ ଭବିଷ୍ୟଦ୍‌ବକ୍ତା ହୋଇଥିବାରୁ ଏବଂ ଅଭିଷେକ ଅଧୀନରେ ରହିଥିବା ହେତୁରୁ, ସେ କୌଣସି ଭୁଲ କରି ନାହାଁନ୍ତି, ସେ କେବଳ ସତ୍ୟ କହିଛନ୍ତି: "ହଁ, ଯଦିଓ ମୁଁ..." ଏହା ନୁହେଁ ଯେ, *ଅନ୍ଧକାର* ଉପତ୍ୟକା ଦେଇ ଗମନ କରେ, ମାତ୍ର, "ମୃତ୍ୟୁ *ଛାୟାରୂପ* ଉପତ୍ୟକା ଦେଇ ।"

835 ତାହାପରେ ଏକ ଛାଇ ତିଆରି କରିବା ପାଇଁ ଆପଣଙ୍କଠାରେ ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଆଲୋକ ରହିବା ଆବଶ୍ୟକ । ଆଉ ତାହା ଠିକ୍ ସେହି ପ୍ରକାରେ ହିଁ ଏଠାରେ ଅଟେ । ଆମେ ଉଭୟେ ପ୍ରାକୃତିକ ଏବଂ ଅଲୌକିକ ଅଟୁ । ଏହି ଶରୀର ମୃତ୍ୟୁର ଅଧୀନରେ ଅଟେ, ଏବଂ ଜଣେ ସ୍ତ୍ରୀ ଦ୍ୱାରା ଅଣା ଯାଇଥିଲା; କୌଣସି ଦ୍ୱାରା ନୁହେଁ ବରଂ କେବଳ...ପରମେଶ୍ୱରଙ୍କ ଦ୍ୱାରା ନୁହେଁ, ଆପଣ ଆଦମ ଏବଂ ହବାଙ୍କଠାରୁ ଏକ ପୁନରୁତ୍ପାଦନ ଅଟନ୍ତି । ଅଶ୍ୱେତ ହେଉନ୍ତୁ, ଶ୍ୱେତ ହେଉନ୍ତୁ, କିମ୍ବା ଆପଣ ଯାହା ବି ହେଉନ୍ତୁ, ଆପଣ ଏକ ଉତ୍ପାଦନ ଅଟନ୍ତି, ଆଦମ

ଏବଂ ହବାଙ୍କର ଏକ ସନ୍ତାନ ଅଟନ୍ତି । ତାହା ଆପଣଙ୍କର ଶରୀରକୁ "ପାପରେ ଜନ୍ମ ହୋଇ, ଅଧର୍ମରେ ଗଢା ହୋଇଥିବା, ମିଥ୍ୟା କହି ଜଗତକୁ ଆସିବା" ରୂପେ କରିଥାଏ । ଆପଣ ନିଜ ଜୀବନର ଆରମ୍ଭରେ ଦୋଷୀ ଏବଂ ନିନ୍ଦିତ ଅଟନ୍ତି, ଏପରିକି, ବିନା ସୁଯୋଗରେ ଅଟନ୍ତି ।

836 ବର୍ତ୍ତମାନ, କାରଣ ସେହି ଆତ୍ମା ଯାହାକି ପ୍ରକୃତି ଦ୍ୱାରା ଆପଣଙ୍କ ପାଖକୁ ଆସିଛି, ଏବଂ ସେହି ପ୍ରକୃତି ଦ୍ୱାରା ଯାହାକି ଯୌନ ସମ୍ପର୍କରୁ ଆସିଛି, ପୁରୁଷ ଏବଂ ମହିଳାଙ୍କ ଅଭିଳାଷ ଦ୍ୱାରା ଏକ ପାର୍ଥିବ ସନ୍ତାନକୁ ଉତ୍ପନ୍ନ କରିଥାଏ । ଏବଂ ସେହି ପିଲାକୁ ଏକୁଟିଆ ଛାଡ଼ି ଦିଅନ୍ତୁ, ଏବଂ ତାକୁ କିଛି ଠିକ୍ ଶିଖାନ୍ତୁ ନାହିଁ, ସେ ଭୁଲ୍ ବାଟକୁ ଚାଲିଯିବ । ତାକୁ କିଛି ଠିକ୍ କିମ୍ବା ଭୁଲ୍ ଶିଖାନ୍ତୁ ନାହିଁ, ସେ ଭୁଲ୍ ବାଟ ଗ୍ରହଣ କରିନେବ । କାରଣ ଏପରି କରିବା ତାର ପ୍ରକୃତି ଅଟେ ।

837 ଗୋଟିଏ ସାନ ଶିଶୁକୁ ଦେଖନ୍ତୁ, *ତାହା*ଠାରୁ ଅଧିକ ଉଚ୍ଚ ନୁହେଁ, ଏତେ ପାଗଳ ହୋଇଯାଏ; ଯେ ସେ କେବଳ...ସେ—ସେ ନିଜର ହାତକୁ କଷି କରି ଧରି ପକାଇବ, ଏବଂ ମୁହଁ ଲାଲ କରି ପକାଇବ, ଓ ନିଶ୍ୱାସ ବନ୍ଦ କରି ପକାଇବ । ନିଶ୍ଚିତରେ । ଏହା କଅଣ ଅଟେ? ଏହା ତାର ପ୍ରକୃତି ଅଟେ । ସେ ଏହା ତାର ବାପା କିମ୍ବା ତାର ମାଆଠାରୁ ପାଇଥାଏ, ଗୋଟିଏ; ତାହା ପାଖରେ ନିଜର ବାପା, କିମ୍ବା ଅନ୍ୟ କାହାରି ସହିତ ଝଗଡା କରିବା ପାଇଁ ଯଥେଷ୍ଟ କ୍ରୋଧ ରହିଥିଲା । ଯଦି ସେମାନେ କରି ନ ଥିବେ, ତେବେ ତାଙ୍କ ଜେଜେବାପା କିମ୍ବା ଜେଜେମା । ଦେଖନ୍ତୁ, ଏହା ସନ୍ତାନ ଅଟେ ।

838 ତେଣୁ ତାହା କରେ...ଆପଣ ଜଗତରେ ଜନ୍ମ ହୋଇଛନ୍ତି । ଆପଣ ପ୍ରକୃତି ଦ୍ୱାରା ଆସିଛନ୍ତି, ଏବଂ ଆପଣଙ୍କର ସମଗ୍ର ସୃଷ୍ଟି କଳା ଓ ଧୂଳିଯୁକ୍ତ ଅଟେ, ଓ ନିନ୍ଦିତ ଅଟେ, ଏବଂ ଅଭିଶପ୍ତ ଅଟେ ପୁଣି ନରକକୁ ଯାଉଥାନ୍ତି । ତାହା ଠିକ୍!

839 କିନ୍ତୁ ଯେତେବେଳେ ଆପଣ ନୂତନ ଭାବେ ଜନ୍ମ ହୁଅନ୍ତି, ସେତେବେଳେ ପରମେଶ୍ୱରଙ୍କ ଆଲୋକ ସେହି ପ୍ରାଣ ଭିତରେ ଝଲସି ଉଠେ (ହାଲ୍ଲେଲୁୟା) ତାହାପରେ ଏହା ଆଉ ଅନ୍ଧକାର ଉପତ୍ୟକା ରହେ ନାହିଁ, ମାତ୍ର ଏହା ଏକ ଛାୟା ସହିତ ଉପତ୍ୟକା ଅଟେ । ଆପଣ ଏଠାରେ ଶରୀର ଦ୍ୱାରା ଆଚ୍ଛାଦିତ ହୋଇ ଥାଇପାରନ୍ତି, ଏବଂ ଆମ ମୁହଁ ଉପରେ ଥିବା ବିଷୟଗୁଡ଼ିକ ଦ୍ୱାରା ଆବୃତ ହୋଇ ଥାଇପାରନ୍ତି, କିନ୍ତୁ ସେଠାରେ ଯଥେଷ୍ଟ ଆଲୋକ ରହିଛି । ଏବଂ କୌଣସି ଦିନ ସେହି ଆଲୋକ ଏବଂ ଅନ୍ଧକାରକୁ ପୃଥକ୍ ହେବାକୁ ପଡିବ! ଏବଂ ଯେତେବେଳେ ସେହି ଆଲୋକ ଉଜ୍ଜ୍ୱଳ ହୁଏ, ଅନ୍ଧକାର ପଳାୟନ କରିଯାଏ । ଏବଂ ଯେତେବେଳେ ଆମେ ସେହି ଶରୀରରେ ଖ୍ରୀଷ୍ଟଙ୍କ ସହିତ ରହିବାକୁ ଯାଉ, ଅନ୍ଧକାର ଏବଂ ମୃତ୍ୟୁ ଲୋପ ପାଇଯାଏ, ଆଉ ଆମେ ସିଦ୍ଧ ଆଲୋକରେ ପରିଣତ ହୋଇଯାଉ । ପରମେଶ୍ୱରଙ୍କ ଗୌରବ ହେଉ! ଆମେ ସେଠାରେ ଅଛୁ; ଆଉ ଅଧିକ ଅସୁସ୍ଥତା ନାହିଁ, ଆଉ ଅଧିକ ଏଥିରେ ଅନ୍ଧକାର ମିଶ୍ରିତ ନାହିଁ ।

840 ଠିକ ବର୍ତ୍ତମାନ ଆମର ଉଭୟ ଅସୁସ୍ଥତା ଏବଂ ଆନନ୍ଦ ରହିଛି, ପୁଣି ସ୍ୱାସ୍ଥ୍ୟ ଓ ଶକ୍ତି ରହିଛି, ଏବଂ ଆମର ଅନୁକୂଳ ଓ ପ୍ରତିକୂଳ ଅବସ୍ଥା ରହିଛି, ଏବଂ ଉତ୍‌ଥାନ ଓ ପତନ ରହିଛି, ଏବଂ ଆନନ୍ଦ ଓ ଦୁଃଖ ରହିଛି, ଇତ୍ୟାଦି ରହିଛି । ତେବେ, ଏହା କେବଳ ଏକ ଛାୟା ଅଟେ । ଆମ

ପାଖରେ ଏହା ଜାଣିବା ହେତୁ ଯଥେଷ୍ଟ ଆଲୋକ ଅଛି ଯେ ସେଠାରେ ଆଲୋକ ଅଛି; ଏବଂ ଆମେ ଏବେ ସୁଦ୍ଧା ଶରୀରରେ, ମାଂସମୟ ଦେହରେ ଅଛୁ । କିନ୍ତୁ କୌଣସି ଦିନେ ସେହି ଦିନଟି ଅସ୍ତ ହେବାକୁ ଯାଉଛି । ସେହି ସମୟ ହିଁ ଅଟେ ଯେତେବେଳେକି ମୃତ୍ୟୁର ଦୂତ ଶଯ୍ୟାର ପାଦଦେଶରେ ଛିଡ଼ା ହୋଇଥିବ, ସେତେବେଳେ ଅଟେ ଯେତେବେଳେକି ଡାକ୍ତର କହିବେ ଯେ ଏହାସବୁ ଶେଷ ହେଲା; ଏବଂ ଏହି ପ୍ରାକୃତିକ ଅଲୌକିକରୁ ବାହାରି ଦୂରେଇ ଯିବ, ପୁଣି ଆଲୋକ ଫେରି ଆଲୋକ ନିକଟକୁ ଆସିବ, ଏବଂ ଅନ୍ଧକାର ଫେରି ଅନ୍ଧକାର ନିକଟକୁ ଚାଲିଯିବ । ତାହାପରେ ଏହି ମର୍ତ୍ତ୍ୟ ଅମରତାକୁ ଧାରଣ କରିବ । ସେତେବେଳେ ହିଁ ଅଟେ ଯେତେବେଳେକି ଏହି କ୍ଷୟପୂର୍ଣ୍ଣ ବିଷୟ ଅକ୍ଷୟତାକୁ ଗ୍ରହଣ କରିନେବ । ତାହାହିଁ ହେଉଛି ଯେତେବେଳେକି ଏହି ମର୍ତ୍ତ୍ୟ ଅମରତାକୁ ଧାରଣ କରେ, ଏବଂ ଆମେ ସମୟର ଏକ ପ୍ରାଣୀଠାରୁ ଅନନ୍ତତାର ଗୋଟିଏ ପ୍ରାଣୀ ହୋଇଯାଉ । ଆପଣ ସମ୍ପୂର୍ଣ୍ଣ ଅନ୍ଧକାର ସହିତ ସେଠାକୁ ଯାଇପାରିବେ ନାହିଁ, ଆପଣଙ୍କୁ ତ ଅନ୍ଧକାରରେ ଆଲୋକ ରଖିବାକୁ ପଡିବ । ଆପଣ ସେଠାରେ ଅଛନ୍ତି । ତାହାହିଁ ସେହି ଶରୀର ଯାହା ଆପଣ ଗ୍ରହଣ କରନ୍ତି ।

841 ଆମେ କଅଣ କରିବା? ତେବେ, ମୋର ପ୍ରିୟ ସାଧୁ ଭାଇ, ମୋର ପ୍ରିୟ ସାଧୁ ଭଉଣୀ, ଜଗତ ପତ୍ତନାବଧି ପୂର୍ବରୁ, ଯେତେବେଳେ ପରମେଶ୍ୱର ଆପଣଙ୍କୁ ତାହାଙ୍କର ପ୍ରତିମୂର୍ତ୍ତିରେ ସୃଷ୍ଟି କରିଥିଲେ, କିମ୍ବା ସେହି ମନୁଷ୍ୟ—ସେହି ମନୁଷ୍ୟକୁ ତାହାଙ୍କର ପ୍ରତିମୂର୍ତ୍ତିରେ ସୃଷ୍ଟି କରିଥିଲେ, ଏବଂ ପୁରୁଷର ଗୌରବ ନିମନ୍ତେ ସ୍ତ୍ରୀକୁ ପୁରୁଷର ପ୍ରତିମୂର୍ତ୍ତିରେ ସୃଷ୍ଟି କରିଥିଲେ, ସେ ଆପଣଙ୍କୁ ଏକ ଥିଓଫାନି କରିଥିଲେ । ଠିକ୍ ନିଜର ପରି, ଯେତେବେଳେ ସେ ସେହି ପ୍ରାଣୀମାନଙ୍କୁ କହିଥିଲେ "ଆସୁ" ଯାହାକୁ ସେ ସୃଷ୍ଟି କରିଥିଲେ, "ଆସୁ ମନୁଷ୍ୟକୁ ଆମର ନିଜ ପ୍ରତିମୂର୍ତ୍ତିରେ, ଆମ ସାଦୃଶ୍ୟରେ, ଏକ ଥିଓଫାନିରେ ଗଢିବା ।" ପରମେଶ୍ୱର ଏଯାଏଁ ସୁଦ୍ଧା କଦାପି ଶରୀର ରୂପ ଧାରଣ କରି ନ ଥିଲେ, ସେ ଏକ ଥିଓଫାନିରେ ଥିଲେ ।

842 ଆଉ ମୋଶା ତାହାଙ୍କୁ ଦେଖିଥିଲେ । ମୋଶା ଚିତ୍କାର କଲେ, "ପ୍ରଭୁ, ମୋତେ ତୁମକୁ ଦେଖିବାକୁ ଦିଅ ।"

843 ସେ କହିଲେ, "ସେଠାକୁ ଯାଅ ଏବଂ ଚଟ୍ଟାଣରେ, ଗହ୍ୱରରେ ଲୁଚି ଯାଅ ।" ଆଉ ମୋଶା ଯାଇ ସେହି ଗହ୍ୱରରେ ଲୁଚିଗଲେ; ଏବଂ ଯେତେବେଳେ ପରମେଶ୍ୱର ଅତିକ୍ରମ କଲେ, ବିଜୁଳି ଏବଂ ମେଘ ଗର୍ଜନ ସହ...ଏବଂ ଯେତେବେଳେ ପରମେଶ୍ୱର ଅତିକ୍ରମ କଲେ, ସେ ନିଜର ପିଠିକୁ *ଏହିପରି* ଭାବରେ ପଛକୁ କରିଥିଲେ ।

ଆଉ ମୋଶା କହିଥିଲେ, "ଏହା ଜଣେ ମଣିଷର ପିଠି ଥିଲା ।" ହାଲ୍ଲେଲୁୟା!

844 ଏହା କିଏ ଥିଲେ? ମଲ୍‌କୀଷେଦକ ଯିଏକି ଓହ୍ଲାଇ ଆସିଥିଲେ, ଶାଲେମର ରାଜା, ଯାହାଙ୍କର କୌଣସି ପିତା କିମ୍ବା ମାତା ନ ଥିଲେ, ଦିନର ଆରମ୍ଭ କିମ୍ବା ଜୀବନର ସମାପ୍ତି ନ ଥିଲା । ତାହା ହେଉଛନ୍ତି ସେ! ଆଉ ସେ ଓହ୍ଲାଇ ଆସିଥିଲେ । ସେ ହିଁ ସେହି ଜଣକ ଥିଲେ ଯିଏକି ଅବ୍ରହାମଙ୍କ ସହ କଥା ହୋଇଥିଲେ; ଯିଏକି ନିଜ ପାଇଁ ସେହିପରି ଏକ ଛୋଟ ମାଂସମୟ

ଶରୀରକୁ ସଂଗ୍ରହ କରିଥିଲେ, ଏବଂ "ହ୍ୟୁ!" କରି ସେଥିରେ ଶ୍ୱାସବାୟୁ ଫୁଙ୍କିଥିଲେ, ତାହା ଭିତରେ ପାଦ ଦେଇଥିଲେ ଆଉ ତଳକୁ ଯାଇ ଗୋବତ୍ସ ମାଂସ ଭୋଜନ କରିଥିଲେ, ଗାଈ କ୍ଷୀର ପିଇଥିଲେ, ଏବଂ କିଛି ଲହୁଣୀ ଆଉ କିଛି ମକା ରୁଟି ଖାଇଥିଲେ । ଏବଂ ସେହି ଦୁଇଜଣ ସ୍ୱର୍ଗଦୂତ ।

845 ଏବଂ ଯେତେବେଳେ ସେମାନେ ସେଠାରେ ବାହାରକୁ ଚାଲିକରି ଗଲେ, ଏବଂ ସେହି ସମସ୍ତ ବିଷୟବସ୍ତୁ କେବଳ, "ହ୍ୟୁ!" ଅଦୃଶ୍ୟ ହୋଇ ଚାଲିଗଲେ ।

846 ମୁଁ ସେହି ବିଷୟରେ କେବେ ବି ଭାବି ନ ଥିଲି । ଏଠାରେ କିଛି ସମୟ ପୂର୍ବରୁ, ଏକ ରାଇଫଲ୍ ବନ୍ଧୁକରେ ଗୁଳି ଭରିଲା ବେଳେ, ମୋର ଏକ .22 ରାଇଫଲ୍ ଥିଲା, ଏହା ଗୋଟିଏ .220 ସ୍ୱିଫ୍ଟ ଥିଲା । ଏବଂ ଆପଣ ଏଠାରେ ରାଇଫଲ୍ ବ୍ୟବହାର କରୁଥିବା ଭାଇମାନେ ଜାଣନ୍ତି । ସେହି ଛୋଟ ଗୁଳି, ଏହା ଏକ ଅଢ଼-ଚାଳିଶ ଗ୍ରେନ ଗୁଳି ଅଟେ, ପ୍ରାୟଃ ଠିକ୍ ସେତିକି ଲମ୍ବା, ନିୟମିତ .22 ଗୁଳି । ଏହା ପ୍ରାୟଃ .30-06 ର ଏକ ବଖରା ଶକ୍ତିରେ ଲୋଡ୍ ହୋଇଥାଏ । ତେବେ ମୁଁ...ସେହି କାରଖାନା ତାକୁ କେବଳ ପ୍ରତି ସେକେଣ୍ଡରେ ପ୍ରାୟଃ ଚଉ-ରାଳିଶ ଶହ ଫୁଟ ପର୍ଯ୍ୟନ୍ତ ଲୋଡ୍ କରେ । ଠିକ ଅଛି, କିନ୍ତୁ ଆପଣ ଯଥେଷ୍ଟ ରଖିପାରନ୍ତି... ଏହାକୁ ନିଜେ ଭରି କରିପାରନ୍ତି, ଏବଂ ଆପଣ ଏହାକୁ ପ୍ରତି ସେକେଣ୍ଡରେ ପାଞ୍ଚ ହଜାର ଫୁଟ ପର୍ଯ୍ୟନ୍ତ ରଖିପାରନ୍ତି । ଏବଂ—ଏବଂ ଅନ୍ୟଥା, ଯଦି ଆପଣ ବନ୍ଧୁକ ଚଳାନ୍ତି...ଆମେ ବନ୍ଧୁକ ଚଳାଉଥିଲୁ, ଅନ୍ୟ ଏକ ଦିନ, ଦୁଇ ଶହ ପାହାରୁ, ଆଉ ଗୁଳିଟି ଧୂଳିରେ ଆଘାତ କରୁଥିଲା, ବନ୍ଧୁକ ଠିକ୍ କଦାପି ଫେରିବା ଆସିବା ପୂର୍ବରୁ ଏହା ବାହାରି ଯାଉଥିଲା । ତାହା ସେତିକି ଦ୍ରୁତ ଅଟେ ।

847 ତାହାପରେ ଆପଣ ଏକ ଦନ୍ତ ଖେଞ୍ଚା ନିଅନ୍ତି (ଆପଣ ଜାଣନ୍ତି, ଗୋଟିଏ ଦନ୍ତ ଖେଞ୍ଚାର ଚେପଟା ଅଂଶ) ଏବଂ ନିଜର ପାଉଡରକୁ ଯାଇ ସେହି ଜିନିଷକୁ ପାଉଡରରେ ପରିପୂର୍ଣ୍ଣ କରନ୍ତି, ପ୍ରାୟଃ ଚାରି କିମ୍ବା ପାଞ୍ଚଟି ଛୋଟ ଗ୍ରେନ, ଏବଂ ଏହାକୁ ତାହା ଉପରେ ରଖନ୍ତି, ଆଉ ତାହାପରେ ନିଜର ଗୁଳିକୁ ସେଠାରେ ରଖନ୍ତି । ଏଠାରେ ଛିଡା ହୁଅନ୍ତି, ଏବଂ ଆପଣ ନିଜ ହାତରେ ଗୋଟିଏ ସେକେଣ୍ଡରେ ଏକ ଗୁଳି ପାଇଯିବେ । ଏବଂ ଆପଣଙ୍କଠାରୁ ଦୁଇଶହ ଫୁଟ ଦୂରରେ ଥିବା ସେହି ଘୁଷୁରୀକୁ ସେଠାରେ ଗୁଳି କରନ୍ତି, ଏବଂ ସେହି ଘୁଷୁରୀ ସେଠାରୁ କେବେ ଘୁଞ୍ଚେ ସୁଦ୍ଧା ନାହିଁ । ସେହି ଗୁଳି ତାହାର ମୂଳ ଅବସ୍ଥାକୁ, ବାଷ୍ପକୁ ଫେରିଯାଏ । ଏଠାରେ ଏକ ଗୁଳି ଅଛି ଯେଉଁଥିରେକି ତମ୍ବା ଓ ସୀସା ଏକତ୍ର ମିଶ୍ରିତ ହୋଇଥାଏ, ଏବଂ ଗୋଟିଏ ଅଳ୍ପ ସେକେଣ୍ଡ, ଏହା ଏପରି ଅବସ୍ଥାକୁ ଚାଲିଯାଏ ଯେ ଏପରିକି ଆପଣ ଏହାକୁ ଆଉ ପାଆନ୍ତି ନାହିଁ । ଏହା ଏପରି ଅବସ୍ଥାକୁ ଚାଲିଗଲା ଯେପରିକି ତାହା ଶହେ ବିଲିୟନ ବର୍ଷ ପୂର୍ବେ ଥିଲା, ବାଷ୍ପକୁ ଫେରିଗଲା । ସେହି ବାଷ୍ପଗୁଡିକୁ ଗଠନ ହୋଇ ପୁନର୍ବାର ତମ୍ବା ଏବଂ ସୀସା ରୂପକୁ ଆସିବାକୁ ଅଛି, ଏବଂ ସେହିପରି ଭାବରେ, ଇତ୍ୟାଦି ହେବାକୁ ଅଛି । ସେହି ବାଷ୍ପଗୁଡିକୁ ଥମିଯିବାକୁ ଅଛି ।

848 ତେବେ, ଆପଣ ସେଠାରେ ଅଛନ୍ତି। ସେହି ଉପାୟରେ ଆମେ ଏଠାରେ ଅଛୁ, ଆମେ ଏକ ଉଚ୍ଚ ସୃଷ୍ଟିରୁ ଆସିଅଛୁ। ଆରମ୍ଭରେ ଆମେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଥିଲୁ। ସେହି ଆବରଣ ଏବଂ ଅନ୍ଧକାର ଆମକୁ ବର୍ତ୍ତମାନ ତାହା ଜାଣିବାରୁ ବଞ୍ଚିତ କରିଥାଏ। କିନ୍ତୁ ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ କହିଲେ ଯେ ସେ "ଜଗତ ପତ୍ତନାବଧି ପୂର୍ବରୁ ସେମାନଙ୍କ ସହିତରେ ଥିଲେ।" ବୁଝିଲେ? ଆମେମାନେ ଥିଲୁ! ଆପଣ ବର୍ତ୍ତମାନ ତାହା ଜାଣିପାରିବେ ନାହିଁ, କିନ୍ତୁ ଆପଣ ଆରମ୍ଭରେ ଥିଲେ। "ଏବଂ ଯଦି ଏହି ତମ୍ବୁରୂପ ପାର୍ଥିବ ଗୃହ ଭାଙ୍ଗି ଯାଏ, ତେବେ ଆମର ଆଉ ଗୋଟିଏ ଅପେକ୍ଷା କରୁଅଛି!" ହାଲ୍ଲେଲୁୟା! ଏବଂ ତାହାପରେ ଆମେ ଏହି ଥିଓଫାନିକୁ ପ୍ରବେଶ କରିଯାଉ, ଯେଉଁଥିରେ ଆମେ ଥରେ ରହିଥିଲୁ, ଯେପରିକି ଆମେ ଭୋଜନ କରିପାରୁ ଓ ହାତ ମିଶାଇପାରୁ। ଏବଂ ବେଦୀ ତଳେ ଥିବା ପ୍ରାଣମାନେ ଚିତ୍କାର କରି କୁହନ୍ତି, "ପ୍ରଭୁ, କେତେ କାଳ?"

849 ସାତୋଟି ପାହାଚ ଅଛି ଯାହାକି ପରମେଶ୍ୱରଙ୍କ ନିକଟକୁ ଯାଇଥଏ, କାରଣ ସାତୋଟି ଆତ୍ମା ଅଛି ଯାହାକି—ଯାହାକି ଏହା ତଳକୁ ଆସିଥାଏ। ଠିକ୍ ଅଛି, ଯେତେବେଳେ ଆପଣ ପରମେଶ୍ୱରଙ୍କ ବେଦୀ ତଳକୁ ଯାଆନ୍ତି, ସେମାନେ କ୍ରନ୍ଦନ କରୁଥାନ୍ତି, "ପ୍ରଭୁ, କେତେ କାଳ? କଅଣ ଆମେ ଏହା ଦେଇ, ତଳକୁ ଯାଇପାରିବା କି?"

850 ପରମେଶ୍ୱର କହିଲେ, "ଆଉ ଅଳ୍ପ କାଳ ଟିକିଏ ଅପେକ୍ଷା କର, ଯେପର୍ଯ୍ୟନ୍ତକି ତୁମର ଅନ୍ୟ ସାଥୀ ଭାଇମାନେ ସେହି ସମାନ ବିଷୟକୁ ଦୁଃଖଭୋଗ ନ କରନ୍ତି ଯାହା ତୁମେ ଭୋଗ କରିଅଛ।" ବୁଝିଲେ?

851 ଆଉ ତାହାପରେ ପ୍ରାଣମାନେ ଫେରି ଆସନ୍ତି, ଏବଂ ସେମାନେ ପୁନର୍ବାର ପୁରୁଷ ଏବଂ ସ୍ତ୍ରୀ ହୋଇଯାଆନ୍ତି, ଏବଂ ସବୁଦିନ ପାଇଁ ବଞ୍ଚି ରୁହନ୍ତି ଯେତେବେଳେକି ସମସ୍ତ ଅନ୍ଧକାର ଏବଂ ମୃତ୍ୟୁ ଓ ରୋଗ ଆଉ ଅନ୍ଧକାରର ଦୁଃଖ ଦୂର ନ ହୋଇଯାଏ; ଆଉ ଅଧିକ ଛାୟା ରୁହେ ନାହିଁ, ଏହା ସମ୍ପୂର୍ଣ୍ଣ ସୂର୍ଯ୍ୟାଲୋକ ହୋଇଯାଏ!

852 ଶୁଣନ୍ତୁ। ଏଠାରେ କଅଣ ଅଛି। ଏହା ଯେତେ ଅନ୍ଧକାର ହେବାକୁ ଚାହେଁ ତାହା ହେଉ; ଏହା ସେତିକି ଅନ୍ଧକାର ହୋଇପାରେ ନାହିଁ ଯେତିକି କି ସୂର୍ଯ୍ୟ ଅନ୍ଧକାରର ସମସ୍ତ ଅଂଶକୁ ଧ୍ୱଂସ ନ କରିପକାଏ। ଅନ୍ଧକାର ଏବଂ ଆଲୋକ ଏକାଠି ରହିପାରିବେ ନାହିଁ। କାରଣ ସେହି… କେଉଁଟି ସବୁଠାରୁ ଶକ୍ତିଶାଳୀ ଅଟେ? ତାହା ହେଉଛି ଆଲୋକ। ଏବଂ ଯେତେବେଳେ ଆଲୋକ ଉଜ୍ଜ୍ୱଳ ହୁଏ, ଅନ୍ଧକାର ପଳାୟନ କରେ। ଆମେନ୍। କଅଣ ଆପଣ ଖୁସି ନୁହଁନ୍ତି କି? ଆପଣ ଜାଣିଛନ୍ତି ବୋଲି ଖୁସି ନୁହଁନ୍ତି କି? ନିଃସନ୍ଦେହ, ସେଠାରେ କୌଣସି ସ୍ଥାନରେ ବି ଗୋଟିଏ ହେଲେ ଛାୟା ନାହିଁ। କିନ୍ତୁ ଏହି ଆଶୀଷିତ ଆଲୋକ ଯାହାକି ବର୍ତ୍ତମାନ ଠିକ ଆମ ହୃଦୟରେ ଅଛି, କିଛି ଗୋଟାଏ ପୁନର୍ବାର ସାକ୍ଷ୍ୟ ଦେଉଥାଏ: ପରମେଶ୍ୱରଙ୍କ ପୁତ୍ର, ପରମେଶ୍ୱରଙ୍କ ଶକ୍ତି।

853 ଏବଂ ଆମେ ଏଠାରେ ଚଲା ବୁଲା କରୁ, ପବିତ୍ରଆତ୍ମାଙ୍କ ଶକ୍ତି ତଳକୁ ଓହ୍ଲାଇ ଏକ ସଭାକୁ ଯିବାର, ଏବଂ କହିବାର ଦେଖୁ, "ଆପଣ ଶ୍ରୀମତୀ *ଅମୁକ-ଓ-ଅମୁକ*, ଯେ ଆପଣ ଏକ *ନିର୍ଦ୍ଦିଷ୍ଟ* ସ୍ଥାନରେ, ଏକ *ନିର୍ଦ୍ଦିଷ୍ଟ* କାର୍ଯ୍ୟ କରଥିଲେ । ଆପଣ ଏତେ ଦିନ ହେଲାଣି ଏହି ଅସୁବିଧାରେ ପଡ଼ିଛନ୍ତି, କିନ୍ତୁ **ସଦାପ୍ରଭୁ ଏହି କଥା କୁହନ୍ତି**, 'ନିଜ ପାଦରେ ଛିଡ଼ା ହୁଅ, ତୁମେ ସୁସ୍ଥ ହୋଇଅଛ ।'" ଆଉ ଏକ ପଙ୍ଗୁ ଓ ଅନ୍ଧ ସେମାନଙ୍କ ପାଦରେ ଛିଡ଼ା ହୋଇ ଉଠନ୍ତି । ଏବଂ ଜଣେ ମନୁଷ୍ୟର ଛାୟା, କର୍କଟ ରୋଗରେ ଗ୍ରସ୍ତ, ପୁନର୍ବାର ଜୀବନ ଏବଂ ନୂତନ ସ୍ୱାସ୍ଥ୍ୟକୁ ଫେରି ଆସେ ।

854 ଏଥିରେ କୌଣସି ସନ୍ଦେହ ନାହିଁ, ଯୀଶୁ କହିଥିଲେ, "ଏହିସବୁ ବିଷୟ ଯାହା ମୁଁ କରେ, ତୁମେ ମଧ୍ୟ କରିବ ।" ଆହୁରି ସେ କହିଲେ, "ପିତା ମୋତେ ନ ଦେଖାଇବା ପର୍ଯ୍ୟନ୍ତ ମୁଁ କିଛି କରେ ନାହିଁ ।"

855 ତାହା କଅଣ ଅଟେ? ତାହା ହେଉଛି ସେହି ଆଲୋକ ଯାହାକି ଏହି ଅନ୍ଧକାରରେ ମିଶ୍ରିତ ହେବା ପାଇଁ ଆସୁଅଛି, ଆପଣ ଦେଖନ୍ତୁ, ଆମକୁ ମୁକ୍ତ କରିବା ନିମନ୍ତେ । ମୁଁ ଯାହା କହୁଛି ଆପଣ ତାହା ବୁଝୁଛନ୍ତି କି?

856 ତେବେ, କୌଣସି ଦିନେ ଠିକ୍ ସେଠାକୁ ଫେରିଯାଏ, ଏବଂ ତାହାପରେ ଯେତେବେଳେକି ଥିଓଫାନି ପୁନର୍ବାର ଅମର ଶରୀରକୁ ପରିଣତ ହୋଇଯାଏ ଯେପରିକି ତାହା ଆରମ୍ଭରେ ଥିଲା, ତାହାପରେ ଯୀଶୁ ଆସନ୍ତି, ଏବଂ ପରମେଶ୍ୱର…ଯେତେବେଳେ ଖ୍ରୀଷ୍ଟ ଏକ ହେବେ । ଖ୍ରୀଷ୍ଟ ସିଂହାସନରେ ବସିବେ, ଏବଂ ସମସ୍ତ ଲୋକ ମଣିଷ ହେବେ । ଖ୍ରୀଷ୍ଟ ଦାଉଦଙ୍କ ସିଂହାସନରେ ବସିବେ, ଜଣେ ବ୍ୟକ୍ତି, ପ୍ରଭୁ ଯୀଶୁ; କଦାପି ମରିବେ ନାହିଁ । ଆମେ କଦାପି ମରିବୁ ନାହିଁ, ଆମେ କେବେ ବି ଅସୁସ୍ଥ ହେବୁ ନାହିଁ, ଆଉ ଦୁଃଖ ରହିବ ନାହିଁ, ଏବଂ ଆମେ ସହସ୍ର ବର୍ଷ ଧରି ଜୀବିତ ରହିବୁ ।

857 ଏବଂ ଯେତେବେଳେ ଏହି ପୃଥିବୀରେ ସହସ୍ର ବର୍ଷ ସମାପ୍ତ ହୁଏ, ତାହାପରେ ଶୟତାନ ଉଠି ଆସେ; ଏବଂ ଦ୍ୱିତୀୟ ପୁନରୁତ୍‌ଥାନ ଉପସ୍ଥିତ ହୁଏ, ଅଧାର୍ମିକମାନଙ୍କର ପୁନରୁତ୍‌ଥାନ । ସେମାନେ ସମୁଦ୍ରର ବାଲି ପରି ଏକ ବିରାଟ ସୈନ୍ୟ ବାହିନୀ ସଂଗ୍ରହ କରନ୍ତି, ଏବଂ ସେମାନେ ସାଧୁମାନଙ୍କ ଶିବିରକୁ ଘେରିବା ପାଇଁ ଆସନ୍ତି, ଏବଂ ଯେତେବେଳେ ତାହା ହୁଏ, ପରମେଶ୍ୱର ସ୍ୱର୍ଗରୁ ଅଗ୍ନି ଓ ଗନ୍ଧକ ବର୍ଷା କରି ସେମାନଙ୍କୁ ବିନାଶ କରି ଦିଅନ୍ତି ।

858 ଏବଂ ଯୋହନ କହିଲେ, "ମୁଁ ଏକ ନୂତନ ସ୍ୱର୍ଗ ଓ ଏକ ନୂତନ ପୃଥିବୀ ଦେଖିଲି, କାରଣ ପ୍ରଥମ ସ୍ୱର୍ଗ ଓ ପ୍ରଥମ ପୃଥିବୀ ଲୋପ ପାଇଗଲା, ଆଉ ସେଠାରେ କୌଣସି ସମୁଦ୍ର ନ ଥିଲା । ଏବଂ ମୁଁ, ଯୋହନ, ସେହି ପବିତ୍ର ନଗର, ନୂତନ ଯିରୁଶାଲମକୁ ଦେଖିଲି, ପରମେଶ୍ୱରଙ୍କଠାରୁ ସ୍ୱର୍ଗରୁ ଅବତରଣ ହେଉଥିଲା, ଯେପରିକି ନିଜ ସ୍ୱାମୀଙ୍କ ପାଇଁ କନ୍ୟାରୂପେ ସୁସଜ୍ଜିତ ହୋଇ ପ୍ରସ୍ତୁତ ଅଟେ ।" ସେଠାରେ ଆପଣ ଅଛନ୍ତି ।

859 ସେଠାରେ ସେ କହିଲେ, "ପତ୍ନୀ...ମେଷଶାବକ ଏବଂ କନ୍ୟା ସେଠାରେ ସବୁଦିନ ପାଇଁ ରହିବେ ।" ସେଠାରେ ଏକ ନୂତନ ପୃଥିବୀ ହେବ, ଲକ୍ଷ ଲକ୍ଷ ଏବଂ ଲକ୍ଷ ଲକ୍ଷ ବର୍ଗ ମାଇଲ୍ । ଓଃ, ମୋର ପ୍ରଭୁ । ସେହି ନଗର, ବାଇବଲ ସେହି ନଗରକୁ ପନ୍ଦର ହଜାର ବର୍ଗ ମାଇଲ ମାପ କରିଥାଏ । ଏହାର ପନ୍ଦର ହଜାର ମାଇଲ ଲମ୍ବ, ପନ୍ଦର ହଜାର ମାଇଲ ଦୀର୍ଘ, ଏବଂ ପନ୍ଦର ହଜାର ମାଇଲ ଉଚ୍ଚ । ବାଇବଲ ସେହି ନଗର ବିଷୟରେ ଅବିକଳ ସେହିପରି ବର୍ଣ୍ଣନା ଦିଏ । ଏଥିରେ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଆଉ ସମୁଦ୍ର ନାହିଁ, ତାହା ପାଇଁ କୌଣସି ସ୍ଥାନ ନ ଥିଲା ।

860 ଓଃ, ସେଠାରେ ଏପରି ସୌନ୍ଦର୍ଯ୍ୟ ରହିବ! ଏବଂ ସେଠାରେ, ପରମେଶ୍ୱରଙ୍କ ଠିକ ସିଂହାସନଠାରେ ଏକ ନିର୍ଝର ରହିବ, ଯାହା ସିଂହାସନ ସମ୍ମୁଖରେ ପ୍ରବାହିତ ହୁଏ । ସେଠାରେ ଗଛର...ଜୀବନର ନଦୀର ଉଭୟ ପାର୍ଶ୍ୱରେ ଗୋଟିଏ ଗଛ ଅଟେ । ଏବଂ ଏହି ଗଛରେ ବାର ପ୍ରକାରର ଫଳ ଫଳିଥାଏ, ଏବଂ ପ୍ରତି ମାସରେ ଏହା ଫଳ ଧାରଣ କରେ ।

861 ସେଠାରେ ଚବିଶ ପ୍ରାଚୀନ ରୁହନ୍ତି । ସେଠାରେ କନ୍ୟା ରହିଛି । ସେଠାରେ ଚଉରାଳିଶ ହଜାର, ସେହି ମନ୍ଦିରର ନପୁଂସକମାନେ ରହିଛନ୍ତି । ହେ ଭାଇ, ଆମେ କୌଣସି ସ୍ଥାନକୁ ଯାଉଅଛୁ! ଆମ ସମ୍ମୁଖରେ ବିଷୟଗୁଡିକ ରହିଛି । ଚାରି...ଚବିଶ ପ୍ରାଚୀନ । ଏକ ଲକ୍ଷ ଚଉରାଳିଶ ହଜାର ନପୁଂସକ । କନ୍ୟା ଖ୍ରୀଷ୍ଟଙ୍କ ସହିତ ବସି ରହିଛି । ମୋର, ଆପଣ କଥାବାର୍ତ୍ତା କରନ୍ତି...ମୋ ଘର, ମଧୁର ଘର! ଆମେନ୍ ।

862 ଏହା ଭାବିବାକୁ ଯେ ମୋର ସେଠାକୁ ଯିବାର ସୌଭାଗ୍ୟ ରହିଛି, ଏବଂ ଆପଣଙ୍କର ସେଠାକୁ ଯିବାର ସୌଭାଗ୍ୟ ରହିଛି । ଏବଂ ଆପଣ କାହିଁକି ଏହି ଅନ୍ଧକାରରେ ଚାଲିବାକୁ ଓ ଆଲୋକ ନ ଦେଖିବାକୁ ବାଛିବେ, ଆଉ ମରିବାକୁ ପୁଣି ବିଶୃଙ୍ଖଳା ମଧ୍ୟକୁ ଯାଇ ଶୁନ୍ୟ ହେବାକୁ ବାଛିବେ? କାରଣ ଯେତେବେଳେ ଆଲୋକ ତାହାର ସର୍ବୋଚ୍ଚ ଅଧିକାରକୁ ଧାରଣ କରିଥାଏ, ଅନ୍ଧକାର ପାଇଁ କୌଣସି ସ୍ଥାନ ରୁହେ ନାହିଁ । ଆଲୋକ ଆସିବା ପରେ ଅନ୍ଧକାର କୁଆଡେ ଚାଲିଯାଏ ତାହା ଖୋଜି ବାହାର କରନ୍ତୁ । ତାହା ସେତେବେଳେ ହିଁ ଅଟେ, ଯେତେବେଳେକି ସମସ୍ତ ବିଷୟ ପରମେଶ୍ୱରଙ୍କ ନିକଟକୁ ଫେରିଯାଏ । ତାହାର ଥିଲା, ଅନ୍ଧକାରର ଏକ ଆରମ୍ଭ ଥିଲା, ଅନ୍ଧକାରର ଏକ ଶେଷ ଅଛି । ଆଲୋକର କୌଣସି ପ୍ରାରମ୍ଭ ନ ଥିଲା କିଅବା ତାହାର କୌଣସି ସମାପ୍ତି ନାହିଁ । ପରମେଶ୍ୱରଙ୍କର କୌଣସି ଆରମ୍ଭ ନ ଥିଲା କିମ୍ୱା କଦାପି କୌଣସି ସମାପ୍ତି ନାହିଁ । ତେଣୁକରି, କୌଣସି ଦିନେ, ସେହି ସମସ୍ତ ଅବସାଦଗ୍ରସ୍ତ ଜଗତ ତାହାର ସମଗ୍ର ପାପ ଏବଂ ତାହାର ସୌନ୍ଦର୍ଯ୍ୟ ସହିତ, ତଥା-କଥିତ, ଏବଂ ତାହାର ସମସ୍ତ ଅଦ୍ଭୁତ ଚମତ୍କାରିତାମାନ ଏବଂ ସମ୍ବେଦନାତ୍ମକ, ଏବଂ ତାହାର ସମସ୍ତ ଚାକ ଚକ୍ୟତା ସହିତ ଆଉ ସବୁକିଛି ଲୋପ ପାଇ ନଷ୍ଟ ହୋଇଯିବ, ଏବଂ ଏହା ଆଉ କିଛି ବାକି ରହିବ ନାହିଁ । ଏହା ବିଷୟରେ ଆଉ ଅଧିକ, ଆଉ ଅଧିକ ଚିନ୍ତା କରାଯିବ ନାହିଁ! ଏହା କୁହେ, ଏପରିକି, "ଏହା ଏପରିକି ଆଉ ସ୍ମରଣରେ ସୁଦ୍ଧା ଆସିବ ନାହିଁ ।"

863 କିନ୍ତୁ ପ୍ରଭୁଙ୍କର ଆଶୀଷିତମାନେ ସର୍ବଦା ତାହାଙ୍କ ସହିତରେ ରହିବେ । ଆମର ତାହାଙ୍କର ନିଜସ୍ୱ ଭଳି ଏକ ଗୌରବମୟ ଶରୀର ହେବ; ତାହାଙ୍କ ସହିତ ରହିବା, ତାହାଙ୍କ ସହିତରେ ଭୋଜନ କରିବା, ଏବଂ ତାଙ୍କ ସହିତରେ ବସିବା, ଓ ତାହାଙ୍କ ସହିତ ସଦାକାଳ ଏବଂ ଚିରକାଳ ପୁଣି ଅୟୁତ ଅୟୁତ କାଳ ପାଇଁ ରହିବା; ଏବଂ ଅନନ୍ତ ଯୁଗମାନ ସେହି ଶେଷ ନ ହେଉଥିବା ଜଗତ ସହିତ ମିଶିଯିବ ।

864 ଏବଂ ଆଜି ରାତି ଆପଣଙ୍କଠାରେ ଏକ ଚୟନ ଅଛି । ଯଦି ଆପଣ ସେହି ସ୍ଥାନକୁ ଭେଟିବାକୁ ପ୍ରସ୍ତୁତ ନୁହଁନ୍ତି, ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ମଣ୍ଡଳୀକୁ ଯାଆନ୍ତି, ଆପଣ ଜଣେ କେତେ ଭଲ ସଦସ୍ୟ ଅଟନ୍ତି, ଆପଣ ସେପର୍ଯ୍ୟନ୍ତ ନଷ୍ଟକଳ୍ପ ଅଟନ୍ତି ଯେପର୍ଯ୍ୟନ୍ତକି ଖ୍ରୀଷ୍ଟ ଆପଣଙ୍କୁ ସେହି ଅନ୍ଧକାରରେ ନୂତନ ଜୀବନ ନ ଦେଇଦିଅନ୍ତି ଯେଉଁଥିରେକି ଆପଣ ଚାଲୁଥାନ୍ତି । ଆପଣ ଧାର୍ମିକ ହୋଇପାରନ୍ତି । ଧାର୍ମିକ, ଶୁଣନ୍ତୁ, ବନ୍ଧୁଗଣ, ଧର୍ମ ବୌଦ୍ଧିକ ଅଟେ । ବୁଝିଲେ? କୟିନଙ୍କର ସମସ୍ତ ସନ୍ତାନମାନଙ୍କ ପାଖରେ ଧର୍ମ ସର୍ବଦା ରହିଆସିଥିଲା । ଯୀଶୁ ଆସିବା ସମୟରେ ସେହି ଯିହୁଦୀମାନଙ୍କ ପାଖରେ ଏକ ଧର୍ମ ରହିଥିଲା, କିନ୍ତୁ ସେମାନେ ପରିତ୍ରାଣକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ।

865 ଆଜି ରାତି ଆପଣ ବହୁତ ଧାର୍ମିକ ହୋଇପାରନ୍ତି । ଆପଣ ପ୍ରେସ୍‌ବିଟେରିଆନ୍, ମେଥୋଡିଷ୍ଟ, ପେଣ୍ଟିକଷ୍ଟାଲ୍, ନାଜରିନ୍, ପିଲ୍‌ଗ୍ରିମ୍ ହୋଲିନେସ୍ ହୋଇପାରନ୍ତି । ଆପଣ ମାତ୍ର ଧର୍ମ ପରି ହୋଇଥାଇପାରନ୍ତି; ନିଜର ମଣ୍ଡଳୀକୁ ଯାଇ ସାକ୍ଷ୍ୟ ଦେଇପାରନ୍ତି, ଆପଣ ଗୀତ ଗାଇ ଚିତ୍କାର କରି ପ୍ରଭୁଙ୍କୁ ପ୍ରଶଂସା କରିପାରନ୍ତି, ଆପଣ ନିଜର ଦଶମାଂଶ ମଣ୍ଡଳୀକୁ ଆଣିପାରନ୍ତି, ଆପଣ ନିଜର ପଡ଼ୋଶୀଙ୍କ ସହିତ ଠିକ୍ ବ୍ୟବହାର କରିପାରନ୍ତି, ଯାହାକି ଆପଣଙ୍କର ଅନନ୍ତ ଗନ୍ତବ୍ୟସ୍ଥଳ ସହିତ ଏହାର ଗୋଟିଏ ହେଲେ ସମ୍ପର୍କ ନାହିଁ । କୟିନ ଏହାର ପ୍ରତ୍ୟେକ ବିଷୟକୁ କରିଥିଲେ । ଅବଶ୍ୟ ।

866 ବାଇବଲ ଏହା କୁହେ ଯେ "ଗହମ ଏବଂ ବାଳୁଙ୍ଗା ଏକାଠି ଆସିଥାନ୍ତି ।" ସେହି ଛୋଟ ପୁରୁଣା ଗହମ ସେଠାରେ ବସି ରହି, ବର୍ଷାର ଅପେକ୍ଷା କରୁଥିଲା, ଏବଂ—ଏବଂ କଣ୍ଟକଲତା ମଧ୍ୟ । ଯେତେବେଳେ ବର୍ଷା ଆସେ, କଣ୍ଟକଲତା ମଧ୍ୟ ଗହମ ପରି ବର୍ଷା ପାଇଥିବା ହେତୁ ଖୁସି ହୁଏ । "କିନ୍ତୁ, ଏହା ସେମାନଙ୍କର ଫଳ ଦ୍ୱାରା, ଆପଣ ସେମାନଙ୍କୁ ଜାଣିବେ ।"

ତେବେ ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା ଯେତେବେଳେକି ଆପଣ ନିଜର ଫଳଗୁଡିକୁ ପରୀକ୍ଷା କରନ୍ତି ।

867 ତେବେ, ପିତା ପରମେଶ୍ୱର, ଆଜି ରାତି ଏଠାରେ କେତେକ କଠିନ ପ୍ରଶ୍ନ ଆସିଅଛି । ମୁଁ ହୁଏତ ସଠିକ୍ ଭାବରେ କାର୍ଯ୍ୟ କରି ନ ଥାଇପାରେ, କିନ୍ତୁ ମୋର ସର୍ବୋତ୍ତମ ଜ୍ଞାନରେ; ତୁମେ ମୋର ହୃଦୟକୁ ଜାଣିଛ । ମୁଁ ପ୍ରାର୍ଥନା କରେ ଯେ, ହେ ପରମେଶ୍ୱର, ତୁମେ ଏହାକୁ ଗ୍ରହଣ କରିବ । ଏବଂ ବର୍ତ୍ତମାନ, ବୋଧହୁଏ, ଏହି ପ୍ରଶ୍ନଗୁଡିକ ମଧ୍ୟରୁ କେତେକରେ, ଯଦି ମୁଁ ସେଗୁଡିକ ଠିକ୍ କରି ନାହିଁ, ତେବେ ତୁମେ ଲୋକମାନଙ୍କ ହୃଦୟ ସହିତ କଥା ହୁଅ, ଏବଂ ତୁମେ

ସେଗୁଡିକୁ ଠିକ୍ ସେହିପରି କର ଯେପରି ଭାବରେ ସେଗୁଡିକ ରହିବା ଉଚିତ । ମୁଁ ଅନୁଭବ କରେ ଯେ ତୁମେ ମୋତେ କହିଥିଲ । କିନ୍ତୁ ଯଦି ମୁଁ ଭୁଲ ହୋଇପାରେ, ତେବେ ତୁମେ ମୋତେ କ୍ଷମା କରିବ ।

868 ଏବଂ ମୁଁ ପ୍ରାର୍ଥନା କରେ, ହେ ପରମେଶ୍ୱର, ଯେ ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଜଣ ନିଜ ହୃଦୟରେ ଏହି ବିଷୟଗୁଡିକୁ ଗ୍ରହଣ କରିବେ, ଏବଂ ଏହା ହେଉ ଯେ ସେମାନେ ସେଗୁଡିକ ବିଷୟରେ ଚିନ୍ତା କରିବେ ଏବଂ ଏହିପରି ଭାବିବେ, "ହଁ, ସେଠାରେ ସେହି ମଣ୍ଡଳୀ ଅଛି, ସେଠାରେ ଏହିସବୁ ବିଷୟଗୁଡିକ ଅଛି । ତାହା ହିଁ ଅଟେ ଯାହାକି ବାଇବଲ କୁହେ ।"

869 ହେ ପ୍ରଭୁ, ଏହା ହେଉ ଯେ ମହିଳାମାନେ, ତୁମେ ଜାଣ ଯେ ମୁଁ ସେମାନଙ୍କୁ କହିବା ଦ୍ୱାରା କିଛି ବ୍ୟକ୍ତିଗତ କଟାକ୍ଷ କରୁ ନାହିଁ । କିନ୍ତୁ, ପରମେଶ୍ୱର, ମୁଁ—ମୁଁ ମୋର ଭଉଣୀମାନଙ୍କୁ ଭଲ ପାଏ, ଏବଂ ତୁମେ ତାହା ଜାଣ, ପିତା । ତୁମେ ଜାଣ ଯେ ମୁଁ ସେମାନଙ୍କ ବିଷୟରେ କିପରି ଚିନ୍ତା କରେ । କିନ୍ତୁ ଛିଡ଼ା ହୋଇ ସେମାନଙ୍କୁ କିଛି ଭୁଲ୍ କହିବା, ମୁଁ ସେମାନଙ୍କ ପାଇଁ ଜଣେ—ଜଣେ ପ୍ରତାରଣାକାରୀ ହୋଇଯିବି । ମୁଁ ମୋର ଭଉଣୀମାନଙ୍କ ପ୍ରତି ଜଣେ ପ୍ରତାରଣାକାରୀ ହେବାକୁ ଇଚ୍ଛା କରେ ନାହିଁ, ମୁଁ ସେମାନଙ୍କୁ ସତ କହିବାକୁ ଚାହେଁ । ଏବଂ, ପିତା, ମୁଁ ଏହାକୁ ଠିକ୍ ତୁମ ବାକ୍ୟରୁ ନିଏ ।

870 ଏବଂ ବର୍ତ୍ତମାନ ମୁଁ ମୋର ଭାଇମାନଙ୍କୁ ନିନ୍ଦା କରେ ନାହିଁ, କିନ୍ତୁ, ପ୍ରଭୁ, ମୁଁ କହୁଛି ଯେ ଯେତେବେଳେ ସେମାନେ ଏହିସବୁ ଅନୁମତି ଦେଇଥାନ୍ତି ସେତେବେଳେ ସେମାନେ ଭୁଲ୍ ଅଟନ୍ତି । ଏବଂ ଯଦି ସେହି ମହିଳା ଏତଦ୍ ଭିନ୍ନ ଅନ୍ୟ କିଛି ଜାଣନ୍ତି ଏବଂ ଯାଇ ତାହା କରନ୍ତି, ତେବେ ଏହା ତାଙ୍କ ଉପରେ ନିର୍ଭର କରେ, ସେହି ପାଳକ ଦୋଷୀ ନୁହଁନ୍ତି ।

871 ହେ ଆଚ୍ଛା ପିତା, ସେହି ବିଷୟଗୁଡ଼ିକ ତୁମର ବାକ୍ୟ, ଏବଂ ସେଗୁଡ଼ିକ ତୁମ ପ୍ରତି ଅଟେ । ବର୍ତ୍ତମାନ ତୁମେ ଲୋକମାନଙ୍କ ହୃଦୟଗୁଡିକ ସହିତ କଥା ହୁଅ । ମୁଁ ସେସବୁକୁ ତୁମ ନିକଟରେ ସମର୍ପଣ କରେ । ପିତା, ମୁଁ ଦେଖିବି ଯେ ତୁମେ କଅଣ କରିଛ; ତୁମେ ଜାଣିଛ । ପ୍ରତ୍ୟେକ ହୃଦୟ ସହିତ କଥା କୁହ । ଆମେ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ ।

ଏବଂ ନିଜର ମସ୍ତକଗୁଡିକ ନତ କରି:

872 ମୁଁ ଭାବେ ଯେ କେହି ଯଦି ନିଜର ହାତ ଉଠାଇ, କହିବେ କି, "ଭାଇ ବ୍ରାନହାମ୍, ମୋତେ କେବଳ ମନେ ରଖନ୍ତୁ ଯେପରିକି ମୁଁ ଜଣେ ସମ୍ପୂର୍ଣ୍ଣ ବିଜୟୀ ହୋଇପାରେ, ଏବଂ ଶେଷ ଦିନରେ ବିବାହ ପୋଷାକ ପିନ୍ଧି ଖ୍ରୀଷ୍ଟଙ୍କ ସହିତ ରହିପାରେ ।" କଅଣ ଆପଣ ନିଜର ହାତ ଉଠାଇ, କହିବେ କି, "ମୋ ପାଇଁ ପ୍ରାର୍ଥନା କରନ୍ତୁ"?

873 ବର୍ତ୍ତମାନ ସମସ୍ତେ ନିଜର ମୁଣ୍ଡକୁ ତଳକୁ ରଖନ୍ତୁ, ଏବଂ କେବଳ ନୁଆଇଁ ରଖିଥାଆନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଏହା ଭଲ ଅଟେ । ସେଠାରେ, ମୋର ଭଉଣୀମାନେ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ; ଏବଂ ମୋର ଭାଇମାନଙ୍କୁ, ମଧ୍ୟ, ନିଜର ହାତ ଉଠାଇଛନ୍ତି । ତାହା ଅଦ୍ଭୁତ ଅଟେ ।

874 ବର୍ତ୍ତମାନ, ପିତା, ତୁମେ ସେମାନଙ୍କ ହାତଗୁଡିକୁ ଦେଖୁଛ । (ମୁଁ ଜାଣେ, ବେଳେବେଳେ ଆପଣ ଭାବନ୍ତି, "ତେବେ, ସେହିପରି ଏକ ଛୋଟ ପ୍ରାର୍ଥନା?") ପରମେଶ୍ୱର, ମୁଁ ସେହି ମାଆ ବିଷୟରେ ଚିନ୍ତା କରୁଛି, ଯିଏକି ଗତକାଲି କହିଥିଲେ, "ସେଦିନ ତାଙ୍କ ଘରେ ଏକ ଛୋଟ ପ୍ରାର୍ଥନା ହୋଇଥିଲା ଯେତେବେଳେକି ସେହି ବାଳକଟି ମରୁଥିଲା, ତିନି ସପ୍ତାହ କେବଳ ବଞ୍ଚିବାକୁ ଥିଲା, ମସ୍ତିଷ୍କରେ ସେହି ଉତ୍କଟ ବୃଦ୍ଧି ଥିଲା, ଏବଂ ବର୍ତ୍ତମାନ ବିଷୟଗୁଡିକ ବଦଳାଇବା ହେତୁ ।"

875 ମୁଁ ହିଜିକିୟଙ୍କ ବିଷୟରେ ଭାବେ, ନିଜର ମୁହଁକୁ କାନ୍ଥ ଆଡ଼କୁ କରିଥିଲେ, ଓ କାନ୍ଦିଥିଲେ, "ହେ ପ୍ରଭୁ, ମୁଁ ବିନୟ କରୁଅଛି, ମୋ ପ୍ରତି ଦୟା କର । ମୋ ପ୍ରତି ଧ୍ୟାନ ଦିଅ, କାରଣ ମୁଁ ତୁମ ଆଗରେ ଏକ ସିଦ୍ଧ ଅନ୍ତଃକରଣ ସହିତ ଗମନାଗମନ କରିଛି ।" ଏହା ମୃତ୍ୟୁକୁ ଜୀବନରେ ବଦଳାଇ ଦେଲା ।

876 ପରମେଶ୍ୱରଙ୍କ ପୁତ୍ରଙ୍କଠାରୁ ଗୋଟିଏ ଚିତ୍କାର, "ଲାଜାର, ବାହାରି ଆସ!" ଆଉ ଜଣେ ମୃତ ଲୋକ ବାହାରି ଆସିଥିଲା ।

877 ହେ ପରମେଶ୍ୱର, ତୁମେ କହିଲ, "କୁହ, ମାଗ, ଏବଂ ତାହା ଦିଆଯିବ । ଯେତେବେଳେ ତୁମେ କିଛି ବି କୁହ, ବିଶ୍ୱାସ କର ଯେ ତୁମେ ଯାହା କହୁଛ ତାହା ସଫଳ ହେବ, ତୁମେ ଯାହା କହିଛ ତାହା ପାଇବ ।"

878 ବର୍ତ୍ତମାନ, ପିତା, ମୁଁ ପ୍ରାର୍ଥନା କରେ ଯେ ପ୍ରତ୍ୟେକ ଜଣ ଯେଉଁମାନେକି ନିଜର ହାତ ଉଠାଇଛନ୍ତି ସେମାନେ ତାହା ପାଆନ୍ତୁ ଯାହା ପାଇଁ ସେମାନେ ହାତ ଉଠାଇଥିଲେ । ଏବଂ ସେମାନେ ଆଶୀଷିତ ହୁଅନ୍ତୁ । ଏବଂ ପରମେଶ୍ୱର, ମୁଁ ପ୍ରାର୍ଥନା କରେ ଯେ ତୁମେ ଆମର ଭଉଣୀମାନଙ୍କୁ ସାହାଯ୍ୟ କରିବ, ଯେ ସେମାନେ ହେବେ...ସେମାନେ ନିଜସ୍ୱ ଆଚରଣ କରନ୍ତୁ, ଯେ ଶୟତାନ ଟେଲିଭିଜନ୍ ଏବଂ *ଟ୍ରୁ ଷ୍ଟୋରୀ* ପତ୍ରିକା ଓ ଇତ୍ୟାଦି ମାଧ୍ୟମରେ, ଯାହାକି ଏତେ ହୁଗୁଳା ମାତ୍ରାରେ ନିୟନ୍ତ୍ରିତ କରାଯାଏ, ଏବଂ ଅଣସଂରକ୍ଷିତ କାର୍ଯ୍ୟକ୍ରମଗୁଡିକ, କିପରି ଟେଲିଭିଜନରେ ଆବର୍ଜନା ଆଉ ଅଶ୍ଳୀଳ ଓ ଇତ୍ୟାଦି, ଯାହାକି କରିଥାଏ...ଆପଣଙ୍କ ନିମନ୍ତେ ଲକ୍ଷ ଲକ୍ଷ ପ୍ରାଣ ଜିତିବା ପାଇଁ ଏକ ସାଧନ ହୋଇପାରେ, କିନ୍ତୁ ସେଗୁଡିକ କିପରି ସଂରକ୍ଷିତ ହୋଇନାହିଁ, ଏବଂ ଏହି ସମସ୍ତ ମନ୍ଦ ବିଷୟଗୁଡିକୁ ପ୍ରସାରଣ କରେ ଯାହାକି ସେମାନେ... ଓଃ, କେତେ ଦୟନୀୟ ସ୍ଥିତି! ଏବଂ ଏହା ଜାଣିବା ଯେ ଶୟତାନର ଆତ୍ମା ଆମ ଭଉଣୀମାନଙ୍କ ମଧ୍ୟରେ ଓ ଚାରିପାଖରେ ପ୍ରବେଶ କରିଛି, ଏବଂ ସେମାନଙ୍କୁ ସେହିପରି ଫ୍ୟାଶନ୍ ଏବଂ ପୋଷାକ ପରିଧାନ କରାଇବାକୁ ଚେଷ୍ଟା କରୁଅଛି ।

879 ଏବଂ ଆମେ ପାଉ ଯେ ଏଥିରେ...ଆମ ଭାଇମାନଙ୍କଠାରେ, ମଧ୍ୟ, ପ୍ରଭୁ, ଯେ ସେମାନେ କିପରି ଏହା ଆକଳନ କରନ୍ତି ଯେ ସେମାନେ ଧୂମପାନ କରିପାରନ୍ତି ଓ ମଦ ପିଇପାରନ୍ତି, ଏବଂ ସେହିପରି ବିଷୟ କରିପାରନ୍ତି, ଆଉ ତଥାପି ଖ୍ରୀଷ୍ଟିଆନ ହୋଇପାରନ୍ତି କାରଣ ସେମାନେ କୁହନ୍ତି ଯେ ସେମାନେ "ବିଶ୍ୱାସ କରନ୍ତି ।" ସେମାନେ ତାହା ଜାଣନ୍ତୁ ଯେ

"ଶୟତାନ ମଧ୍ୟ, ବିଶ୍ୱାସ କରେ ।" ଆଉ ସେ ପରିତ୍ରାଣ ପାଇ ନାହିଁ, "ସେ ବିଶ୍ୱାସ କରେ ଓ କମ୍ପିତ ହୁଏ ।"

880 ଏବଂ ବର୍ତ୍ତମାନ, ପିତା, ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମ ସମସ୍ତଙ୍କ ପ୍ରତି ଦୟା କରିବ, ଏବଂ ଆମର ପାପଗୁଡିକୁ କ୍ଷମା କରିବ, ଆଉ ହୋଇପାରେ ଯେ କେତେକେ ସେମାନଙ୍କର ହାତଗୁଡିକୁ ଉଠାଇ ନାହାଁନ୍ତି, ହେ ପରମେଶ୍ୱର, ଦୟା କରିବ । ହୋଇପାରେ ଯେ ପରବର୍ତ୍ତୀ ସୁଯୋଗ ଯାହା ସେମାନଙ୍କର ଅଛି, ସେମାନେ ନିଜର ହାତକୁ ଉଠାନ୍ତୁ ।

881 ପ୍ରଭୁ, ଆମେ ପ୍ରଭୁଭୋଜ ନେବା ପାଇଁ ସ୍ଥିର କରୁଅଛୁ । ଆମର ଅପରାଧଗୁଡିକୁ ଏବଂ ଜୀବନର ଆମର ବିଗତ ବିଷୟଗୁଡିକୁ କ୍ଷମା କର । ଏବଂ ଆମେ ତୁମର ଆଶୀର୍ବାଦକୁ ଗ୍ରହଣ କରିପାରୁ, କାରଣ ଆମେ ଏହାକୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ । ଆମେନ୍ ।

882 ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଆପଣଙ୍କୁ ଏହିପରି ଅପେକ୍ଷା କରି ରଖିଥିବା ପାଇଁ ମୁଁ ଦୁଃଖିତ । ମୁଁ କେବଳ ଆଶ୍ଚର୍ଯ୍ୟ କରୁଛି, ଠିକ୍ ପ୍ରଭୁଭୋଜ ପୂର୍ବରୁ, ଯଦି କେହି ପ୍ରାର୍ଥନା କରାଇବା ପାଇଁ ଆସନ୍ତି, ପ୍ରାର୍ଥନା କରାଇବାକୁ ଚାହାଁନ୍ତି, ତେବେ, ଠିକ ଏହି ସମୟରେ ଆମେ ତାହା କରିବା ପାଇଁ ଆନନ୍ଦିତ ହେବୁ, ଯଦି ସେଠାରେ କେହି ଜଣେ ପ୍ରାର୍ଥନା କରାଇବା ପାଇଁ ଅଛନ୍ତି ।

883 ଠିକ୍ ଅଛି, ଭାଇ, ଆପଣ ତାଙ୍କୁ ଠିକ୍ ଉପରକୁ ନେଇ ଆସନ୍ତୁ, ତାହା ଭଲ ହେବ । ଏବଂ କେବଳ ଗୋଟିଏ କ୍ଷଣ, ଆଉ ତାହାପରେ ଆମେ ବରଖାସ୍ତ କରିବାକୁ ଯାଉଅଛୁ—ଆମେ କରିବାକୁ ଯାଉଅଛୁ । ଏବଂ ତାହାପରେ ଯେତେବେଳେ ଆମେ ବରଖାସ୍ତ କରୁ, ସେତେବେଳେ ଯେଉଁମାନେ ପ୍ରଭୁଭୋଜ ନେବା ପାଇଁ ରହିବାକୁ ଚାହାଁନ୍ତି, ସେମାନେ ରହିପାରନ୍ତି । କିନ୍ତୁ ଠିକ୍ ବର୍ତ୍ତମାନ ଆମେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ । ବାଇବଲ କଅଣ କୁହେ?

884 ଯଦି ଭାଇ ଉଠି ପାରୁନାହାଁନ୍ତି...ତାହା ଠିକ ଅଛି, ତାଙ୍କୁ ସେଠାରେ ବସିବାକୁ ଦିଅ, ଆମେ ତାଙ୍କ ପାଖକୁ ଆସିବା । ତାହା ଠିକ ଅଛି, ତାଙ୍କୁ ସେଠାରେ ବସିବାକୁ ଦିଅନ୍ତୁ । ଆଉ ଆମେ ତଳକୁ ଓହ୍ଲାଇ ଆସି ତାଙ୍କ ପାଇଁ ପ୍ରାର୍ଥନା କରିବୁ । ତାହା ଠିକ ଅଛି । ଠିକ୍ ଅଛି, ମହାଶୟ, ତାଙ୍କୁ କେବଳ ଠିକ୍ ସେଠାରେ ବସିବାକୁ ଦିଅନ୍ତୁ—ଦିଅନ୍ତୁ । ତାଙ୍କ ପାଇଁ ଏଠାରେ ଛିଡ଼ା ହେବା କଷ୍ଟକର ଅଟେ, କାହିଁକି, ଆମେ ତାଙ୍କ ପାଖକୁ ଆସିବା ପାଇଁ ଖୁସି ହେବୁ ।

885 ମୋର ପ୍ରିୟ ବନ୍ଧୁ, ବର୍ତ୍ତମାନ ମୁଁ ଏହି ଗୋଟିଏ ବିଷୟ ଉଲ୍ଲେଖ କରିବାକୁ ଚାହେଁ । ଦେଖନ୍ତୁ, ମୁଁ—ମୁଁ ଜାଣେ ଯେ ପ୍ରଭୁ ଏହାକୁ ଅନେକ ଏବଂ ଅନେକ ଥର ପ୍ରମାଣ କରିଛନ୍ତି । ବୁଝିଲେ? ମୁଁ ଜଣେ ପ୍ରଚାରକ ନୁହେଁ, ମୋ ପାଖରେ ଶିକ୍ଷା ଏବଂ ଇତ୍ୟାଦି କିଛି ନାହିଁ । ମୁଁ ପ୍ରଭୁ ଯୀଶୁଙ୍କୁ ପ୍ରେମ କରେ, ପରମେଶ୍ୱର ଜାଣନ୍ତି ଯେ ମୁଁ ତାହାଙ୍କୁ ପ୍ରେମ କରେ । କିନ୍ତୁ ଗୋଟିଏ ବିଷୟ ମୋତେ କରିବାକୁ ଡକା ଯାଇଥିଲା, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା । କଅଣ ଆପଣ ତାହା ବିଶ୍ୱାସ କରନ୍ତି? ଏହା ପୂର୍ବେକି ମୁଁ ଦାନ ବିଷୟରେ କଦାପି ଜାଣନ୍ତି, ମୁଁ ଏଠାରେ ଡାକ୍ତରଖାନାକୁ ଯାଉଥିଲି; ଏବଂ ମୋର ମନେ ଅଛି ଯେ ସେହି ନର୍ସମାନେ

କହୁଥିଲେ, “ବର୍ତ୍ତମାନ ଆପଣ ଭଲ ହେବାକୁ ଯାଉଛନ୍ତି ।” ବୁଝିଲେ? ଏବଂ କେବଳ ଏପରି କିଛି, ଯେ ପରମେଶ୍ୱର ଲୋକମାନଙ୍କ ନିମନ୍ତେ ମୋର ପ୍ରାର୍ଥନାକୁ ସମ୍ମାନ ଦେବା ହେତୁ ଏତେ ଅନୁଗ୍ରହକାରୀ ରହିଛନ୍ତି ।

୫୫୬ ମୁଁ କଳ୍ପନା କରେ, ଆଜି ରାତିରେ, ଯଦି ଏହାକୁ କୁହାଯାଏ, ଜଗତର ସବୁଆଡେ କେବଳ ଏକ ସର୍ବ ବିଶ୍ୱ-ବ୍ୟାପୀ ବିସ୍ଫୋରଣ ଅଟେ । ଏବଂ ଧରନ୍ତୁ, ପ୍ରତ୍ୟେକ ଜଣ ଯାହାଙ୍କ ପାଇଁ ଭାଇ ବ୍ରାନହାମ୍ ପ୍ରାର୍ଥନା କରିଛନ୍ତି, ଏଠାକୁ ଆସନ୍ତି, ମୁଁ ଚାହିଁବି ଯେ ଆପଣ ଏକ ଚିଠି ସହିତ, ଆମେରିକା ସରକାରଙ୍କୁ ଏକ ଉତ୍ତର ଦିଅନ୍ତି । ଏବଂ ତାହା ଏକ ବିଶ୍ୱ-ବ୍ୟାପୀ ପ୍ରସାରଣ ହେବ । ମୁଁ ଅନୁମାନ କରେ, ବୋଧହୁଏ ଚାରି କିମ୍ବା ପାଞ୍ଚ ମିଲିୟନ୍ ଲୋକ ସେହି ଡାକରାର ଉତ୍ତର ଦେବେ ଯଦି ଏହା ଜଣା ପଡିବ । ବୁଝିଲେ?

୫୫୭ ଏବଂ ସେହି ଲୋକମାନେ, କିମ୍ବା ସେମାନଙ୍କ ମଧ୍ୟରୁ କେତେକ ଯେଉଁମାନେକି ଆଗରୁ ମରିଯାଇଥିଲେ, ଡାକ୍ତରଙ୍କ ଦ୍ୱାରା, ଏବଂ—ଏବଂ ସେହି ସମାଧି କାର୍ଯ୍ୟକର୍ତ୍ତା ଦ୍ୱାରା ତ୍ୟାଗ କରାଯାଇଥିଲେ । ସେମାନଙ୍କ ମଧ୍ୟରୁ କେତେକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି; ସେମାନଙ୍କ ମଧ୍ୟରୁ କେତେକ ଏକ ପ୍ରାକୃତିକ ମୃତ୍ୟୁ ମରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଅନ୍ଧ, ଖଞ୍ଜ, ଛୋଟା, ଅଙ୍କା ବଙ୍କା ଥିବା, ପୀଡିତ ଅଟନ୍ତି, ମାନସିକ ଭାବରେ… ଡାକ୍ତରଖାନାଗୁଡ଼ିକରେ, ଏହା ସୁଦ୍ଧା ଜାଣି ନାହାଁନ୍ତି ଯେ ଆମେ ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଡାକ୍ତରଖାନାରେ ଥିଲୁ । ସେମାନଙ୍କୁ ଭିତରକୁ ଆଣନ୍ତୁ, ସେମାନଙ୍କୁ ନେବାକୁ ଅଛି । ସେମାନେ ଲଢେଇ କରି ନିଜ ରାସ୍ତା ବାହାର କରି ନିଅନ୍ତି ଏବଂ ନିଜକୁ ଖଣ୍ଡ ଖଣ୍ଡ କରିଦିଅନ୍ତି, ଏପରିକି ଏହା ସୁଦ୍ଧା ନ ଜାଣି ଯେ ସେ କେଉଁଠାରେ ଅଛନ୍ତି । ପାଞ୍ଚ ମିନିଟରେ, ଭଲ ହୋଇଯାଆନ୍ତି, ମଧୁର, ପ୍ରେମୀ ଲୋକ ହୋଇଯାଆନ୍ତି, ଏବଂ ସେମାନଙ୍କର ଅବଶିଷ୍ଟ ଦିନଗୁଡିକ ଉତ୍ତମ ଅବସ୍ଥାରେ ରହିଥାଆନ୍ତି । ବୁଝିଲେ?

୫୫୮ ଏହା ଅଟେ…ଏହା କଅଣ ଅଟେ? ଏହା ଭାଇ ବ୍ରାନହାମ୍ ନୁହଁନ୍ତି । ଏହା ଯୀଶୁ ଖ୍ରୀଷ୍ଟ ଅଟନ୍ତି, ସେ ମୋତେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ପଠାଇଛନ୍ତି । ବର୍ତ୍ତମାନ ଏଠାରେ ତାହା ଯାହାକି ଏହା ଅଟେ । ତାହା ଜେଫର୍ସନ୍‌ଭିଲେରେ ଏତେ ସଫଳ ହୋଇନାହିଁ, କାରଣ, ଏଠାରେ କାହିଁକି । ବର୍ତ୍ତମାନ, ମୁଁ ଚାହେଁ ଯେ ଆପଣ ଜାଣନ୍ତୁ ଯେ ମୋର କେତେକ ଅତି ନିକଟତମ ଏବଂ ସର୍ବୋତ୍ତମ ବନ୍ଧୁମାନେ ଏହି ସହରରେ ଅଛନ୍ତି । ଯଦିଓ ସେହି ସହର ସ୍ୱୟଂ, ସେହି ସହରର ଅବସ୍ଥା, ମୁଁ ଏହାକୁ ପସନ୍ଦ କରେ ନାହିଁ । ମୁଁ ଏହି ପରିସ୍ଥିତିକୁ ପସନ୍ଦ କରେ ନାହିଁ, ଏବଂ କେବେ ବି କରି ନାହିଁ; ମୁଁ ଯେତେବେଳେ ଏକ ଛୋଟ ବାଳକ ହିଁ ଥିଲି, ବସି, ମୋର ଇତିହାସ ପୁସ୍ତକଗୁଡିକ ପାଠ କରୁଥିଲି, ମୁଁ କହିଥିଲି, “କୌଣସି ଦିନ ମୁଁ ଏଠାରୁ ଚାଲିଯିବି ।” ବୁଝିଲେ?

୫୫୯ ମୁଁ ଜେଫର୍ସନ୍‌ଭିଲେ ପସନ୍ଦ କରେ ନାହିଁ, ଏହା ଏକ ସନ୍ତସନ୍ତିଆ ସ୍ଥାନ ଅଟେ, ଏଠାରେ ଏହା ତଳେ ଅଟେ । ଏହା କେବଳ ପ୍ରକୃତରେ ସନ୍ତସନ୍ତିଆ ଅଟେ, ଏବଂ—ଏବଂ ଏହା

ବହୁତ ଖରାପ ଅଟେ । ଏଠାରେ ଉପରେ ସ୍କିର୍କଟ ନୋବସ୍ କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯାଆନ୍ତୁ, ଏବଂ ନ୍ୟୁ ଆଲବାନି ଓ ଜେଫର୍ସନ୍‌ଭିଲେ ଆଡକୁ ତଳକୁ ଦେଖନ୍ତୁ, ଯଦି ଆପଣ ଦେଖିବାକୁ ଚାହାଁନ୍ତି । ଏଠାରେ ଦେଖନ୍ତୁ, ଏପରିକି ଡାକ୍ତରମାନେ ସୁଦ୍ଧା ବର୍ତ୍ତମାନ କହୁଛନ୍ତି, ଯେ, "ଏହି ଜଳବାୟୁ ଅବସ୍ଥା ହେତୁ ଏହି ଉପତ୍ୟକାର ଲୋକମାନେ ରକ୍ତହୀନତାରେ ପୀଡିତ ହେଉଛନ୍ତି ।"

890 ଏଠାରେ ଉପରେ ଥିବା ଜଣେ ସାନ ମହିଳା, ଶ୍ରୀମତୀ ମୋର୍ଗାନ୍, କର୍କଟ ରୋଗରୁ ସୁସ୍ଥ ହୋଇଥିଲେ, ତାଙ୍କ କୁକୁରକୁ ଏଠାରେ କ୍ଲିନିକକୁ ନେଇକରି ଗଲେ, ଭାବିଲେ ଯେ ତାକୁ ଚର୍ମ ରୋଗ ହୋଇଛି । କଅଣ ଆପଣ ଜାଣିଛନ୍ତି ଯେ ତାହା କଅଣ ଥିଲା? ସେହି ତୃଣ ଉପରେ କୋଲଗେଟ ଏବଂ ସେହିପରି ଜମି ଯାଇଥିବା ଜିନିଷଗୁଡିକ ଯାହା ଦେଇ ତାହା ଅତିକ୍ରମ କରିଥିଲା । ଏହା ସବୁଠାରୁ ଅସ୍ୱାସ୍ଥ୍ୟକର ସ୍ଥାନ ଅଟେ ।

891 ଜଣେ ବ୍ୟକ୍ତି ସେନାରେ ଥିଲେ, ଏଠାକୁ ଯାଇଥିଲେ ଓ ସଂକ୍ରମିତ ହୋଇଗଲେ... ତାଙ୍କର ଆଜ୍‌ମା ଥିଲା । ଏଠାରେ ଫ୍ଲୋରିଡାକୁ ଗଲେ ଏବଂ ତାଙ୍କ ଆଖିଗୁଡିକ ପ୍ରକୃତରେ କଳା ହୋଇଯାଇଥିଲା, ଏବଂ ସେ ଡାକ୍ତରଙ୍କ ପାଖକୁ ଗଲେ, ଏବଂ ସେ କହିଲେ, "ଡାକ୍ତର..."

892 ଡାକ୍ତର କହିଲେ, "ତେବେ, ଆପଣ ଝଗଡା କରିଛନ୍ତି, ନୁହେଁ କି?"

893 ସେ କହିଲେ, "ନା, ଆଜ୍ଞା, ମୁଁ କୌଣସି ଝଗଡା କରି ନାହିଁ ।"

894 ଯଦି ଆପଣ ଜାଣିବାକୁ ଚାହାଁନ୍ତି ଯେ ସେ କିଏ ଥିଲେ, ତାଙ୍କ ନାମ ଥିଲା ହର୍ବି । ବର୍ତ୍ତମାନ, ଯଦି ମୁଁ କେବଳ ଭାବିପାରେ...ଏହା—ଏହା ୟୁନିଅନ ନ୍ୟାସନାଲ ବ୍ୟାଙ୍କ, ନ୍ୟୁ ଆଲବାନିରେ ଅଟେ, ସେ ଜଣେ କିରାଣୀ ଅଟନ୍ତି । କେବଳ ସେଠାକୁ ଯାଆନ୍ତୁ ଏବଂ ସେହି ଜଣକାକୁ ଦେଖା କରନ୍ତୁ ଯାହାର ନାମ "ହର୍ବି," ତାଙ୍କୁ ପଚାରନ୍ତୁ ।

895 ଏବଂ ସେ କହିଲେ...ସେ ଗଲେ, ସେ କହିଲେ, "ଡାକ୍ତର," ସେ କହିଲେ, "ମୋର ସାଇନସ୍ ଅଛି ।"

896 ଏବଂ ସେ ତାଙ୍କୁ ପରୀକ୍ଷା କରି, କହିଲେ, "ତାହା ଠିକ୍ ।" ସେ କହିଲେ, "ମୁଁ ଭାବିଲି ତୁମେ ଝଗଡା କରିଛ ।" କହିଲେ, "ପୁଅ, ତୁମେ କେଉଁଠାରେ ରୁହ?"

897 ସେ ଉତ୍ତର ଦେଲେ, "ଆପଣ ହୁଏତ ସେହି ସ୍ଥାନ ଜାଣି ନ ଥିବେ," କହିଲେ, "ମୁଁ ଇଣ୍ଡିୟାନାର, ନ୍ୟୁ ଆଲବାନି ନାମକ, କେଣ୍ଟକିର, ଲୁଇସଭିଲେର ଆର ପଟରେ ଏକ ଛୋଟ ସହରରେ ରୁହେ ।"

898 କହିଲେ, "ତୁମେ ମୋତେ କହିବାକୁ ଚାହୁଁଛ ଯେ ତୁମେ ଆସୁଥିବାବେଳେ, ଏଠାରେ ମିଆମିରେ ଥିବା ଏହି ଲୁଣିଆ ପାଣିରୁ ସାଇନସ୍ ସଂକ୍ରମଣକୁ ଘେନି ଆସିଛ?" କହିଲେ, "ଯଦି ତୁମେ ଜେଫର୍ସନ୍‌ଭିଲେ, ଇଣ୍ଡିୟାନା, କିମ୍ବା ନ୍ୟୁ ଆଲବାନି, ଇଣ୍ଡିଆନାରେ ରହିପାର, ତେବେ

ତୁମେ ଦୁନିଆର ଯେକୌଣସି ସ୍ଥାନରେ ରହିପାରିବ ଯେଉଁଠାକୁ ଯୁକ୍ତରାଷ୍ଟ୍ରର ସେନା ତୁମକୁ ପଠାଏ।" ବାସ୍ ସେତିକି ଅଟେ। ବୁଝିଲେ?

899 ଏହା ଦୁନିଆରେ ଥିବା ସବୁଠାରୁ ଅସ୍ୱାସ୍ଥ୍ୟକର ସ୍ଥାନ ଅଟେ, ଯାହା ବିଷୟରେ ମୁଁ ଜାଣେ, ଅନ୍ୟଥା ଯଦି ତାହା କୌଣସି ମ୍ୟାଲେରିଆ ସନ୍ତସନ୍ତିଆ ସ୍ଥାନ ନ ହୋଇଥିବ। ବୁଝିଲେ? ଆଉ ମୋର—ମୋର—ମୋର—ମୋର ଏଠାରେ ବନ୍ଧୁମାନେ ଅଛନ୍ତି।

900 ଏଠାରେ ଦେଖନ୍ତୁ, ମୁଁ କେବଳ ସେମାନଙ୍କୁ ଏହିପରି ଭାବରେ ଡାକିବାକୁ ଯାଇପାରେ। ମୋର ବନ୍ଧୁ, ଡାଃ ସାମ ଅଡାୟରଙ୍କୁ ଦେଖନ୍ତୁ। ଠିକ୍ ଅଛି, ସେଠାରେ ମାଇକ୍ ଏଗାନ୍, ବସିଛନ୍ତି। ଓଃ, ମୋର ପ୍ରଭୁ, ମୁଁ କେତେ ଜଣଙ୍କର ନାମ ନେଇପାରେ! ଠିକ୍ ଶହ ଶହ ବାସ୍ତବିକ ଭଲ ବନ୍ଧୁମାନେ, ମୋର ପୁରୁଣା ସାଙ୍ଗମାନେ, ଯାହାଙ୍କ ସହିତ ମୁଁ ସାଙ୍ଗ ହୋଇଛି...ମୁଁ ଯେତେ ନୂଆ ବନ୍ଧୁଙ୍କୁ ପାଇଥାଏ ନା କାହିଁକି, ଏପରି କୌଣସି ବିଷୟ ନାହିଁ ଯାହାକି ଜଣେ ପୁରୁଣା ବନ୍ଧୁଙ୍କଠାରୁ ସେହି ସ୍ଥାନକୁ କେହି ନେଇପାରିବ। ଆପଣ ତାହା ଜାଣିଛନ୍ତି।

901 ମୋର ବୃଦ୍ଧ ମାଆ ସେଠାରେ ପଛରେ ବସିଛନ୍ତି, ପୃଥିବୀରେ ତାଙ୍କର ଅନେକ ଦିନ ନାହିଁ, ସେ ବର୍ତ୍ତମାନ ତାଙ୍କର ଷାଠିଏ ବର୍ଷରେ ଗତି କରୁଛନ୍ତି। ସେଠାରେ ମୋ ପତ୍ନୀଙ୍କ ମାଆ ଅଛନ୍ତି, ସତୁରି, ଏକସ୍ତୁରି ବର୍ଷ ହେଉଅଛି; ମୁଁ ଭାବୁଛି, ଆଜି ରାତି ସେଠାରେ କୌଣସି ସ୍ଥାନରେ ବସିଛନ୍ତି। ଏବଂ ସେଠାରେ, ତାଙ୍କୁ ଛାଡିଦିଅନ୍ତୁ। ମୋ ବାପାଙ୍କୁ ଏଠାରେ ସମାଧି ଦିଆଯାଇଛି; ପତ୍ନୀ ଏଠାରେ ୱାଲ୍‌ନଟ୍ ରିଜରେ ସମାଧି ପାଇଛନ୍ତି; ମୋର ଝିଅ ସେଠାରେ ଶୋଇଛି। ଦେଖନ୍ତୁ ମୋର କହିବାର ଅର୍ଥ କଅଣ ଅଟେ?

902 ମୁଁ—ମୁଁ—ମୁଁ ପସନ୍ଦ କରେ ନାହିଁ...ମୁଁ—ମୁଁ—ମୁଁ—ମୁଁ ଏଠାରେ ରହିବାକୁ ଚାହେଁ ନାହିଁ, ଏବଂ ମୁଁ ବିଶ୍ୱାସ କରେ ଯେ ଶୀଘ୍ର, ସୀଧାସଳଖ, ମୋତେ ଯିବାକୁ ପଡ଼ିବ। ଦେଖନ୍ତୁ, କାରଣ ଏହା ମୋ ଉପରକୁ ବାଧ୍ୟ ହୋଇ ଆସୁଅଛି, ମୁଁ ଏହାକୁ ପ୍ରଚାର ମଞ୍ଚ ଏବଂ ମୋ ବାଇବଲ ଉପରେ, ନିରନ୍ତର ଭାବରେ କହୁଅଛି।

903 ଯେତେବେଳେ ମୁଁ ମୋ ପତ୍ନୀଙ୍କୁ କହିଲି, ଯେତେବେଳେ ସେମାନେ ଆମକୁ ସେହି ପାଳକ-ଗୃହ ନିର୍ମାଣ କରିବା ପାଇଁ ଟଙ୍କା ଦେଇଥିଲେ ଯାହାକି ମୁଁ ଏହି ଗୀର୍ଜା ଘରକୁ ଦେଇ ଦେଲି...ସେହି ପାଳକ-ଗୃହ ଏହି ମଣ୍ଡଳୀର ମାଲିକାନା ଅଟେ; ଏଠାକୁ ଯାଆନ୍ତୁ, ଖୋଜି ଦେଖନ୍ତୁ ଯେ ତାହା ଅଟେ କି ନୁହେଁ। ଦେଖନ୍ତୁ, ମୁଁ ଏହାକୁ ନିଜେ ନିଏ ନାହିଁ।

904 ବର୍ତ୍ତମାନ, ଯେତେବେଳେ ମୁଁ ସେଠାରେ ନିର୍ମାଣ କରିବାକୁ ଯାଉଥିଲି, ମେଡା କହିଲେ, "ମୁଁ ମୋ ମାଆଙ୍କ କାରଣରୁ ଏଠାରେ ରହିବାକୁ ଚାହେଁ।"

905 ମୁଁ କହିଲି, "ପ୍ରିୟେ, ଯେତିକି ଆମେ ସୁନିଶ୍ଚିତ ଅଟୁ, ଆମେ ଏଥିପାଇଁ ଦୁଃଖିତ ହେବୁ। ଦେଖନ୍ତୁ, ଏହା କାମ କରିବ ହିଁ ନାହିଁ। ପରମେଶ୍ୱର କହିଛନ୍ତି, 'ପୃଥକ ହୁଅ,' ମୋତେ ଏହା କରିବାକୁ ଅଛି।"

906 ଏବଂ କହିଲେ, "ତେବେ, ମୋ ମାଆ!"

907 ମୁଁ କହିଲି, "ମୋ ମାଆ, ମଧ୍ୟ । 'କିନ୍ତୁ ସେ ଯିଏକି ଆପଣା ବିଷୟକୁ ତ୍ୟାଗ କରି, ମୋର ଅନୁସରଣ କରିବ ନାହିଁ, ମୋର ବୋଲି କହିବାର ଯୋଗ୍ୟ ନୁହେଁ ।' ଆଉ ତାହା ସତ୍ୟ ଅଟେ ।"

908 କୌଣସି ଦିନ, ଖୁବ୍ ଶୀଘ୍ର, ମୁଁ ଅନୁଭବ କରେ ଯେ ମୋତେ ଯିବାକୁ ପଡିବ, ତାହା ହେଉଛି, ଦୂରକୁ ଚାଲିଯିବାକୁ ପଡ଼ିବ । କିନ୍ତୁ ଏଠାରେ ସେହି ଉପାୟ ଅଛି, ସଭାଗୁଡ଼ିକ ଏଠାରେ ସଫଳ ହେବ ନାହିଁ । ଏହା ଅନ୍ୟ କୌଣସି ସ୍ଥାନରେ ସଫଳ ହେଲା ଭଳି ସେପରି ସଫଳ ହେବ ନାହିଁ, ଏବଂ ଯିଏ କେହି ବି ସେହି ସଭାରେ ଥିଲେ ସେ ଜାଣିଥିବେ ଯେ ତାହା ସତ ଅଟେ, କାରଣ ଏହା ଠିକ୍ ମୋର ନିଜ ସହରରେ ଅଟେ । ତାହାହିଁ ଏହା ଅଟେ ।

909 ଯୀଶୁ ସେହି ସମାନ କଥା କହିଥିଲେ ଯେତେବେଳେ ସେ ଆସିଥିଲେ ।

910 ସେମାନେ କହିଲେ, "ଏହି ଲୋକଟି କିଏ? ଏହା କଅଣ ସେଠାରେ ଥିବା ସେହି ବଢେଇର ପୁଅ ନୁହେଁ କି? ସେ କେଉଁ ବିଦ୍ୟାଳୟକୁ କେବେ ଯାଇଥିଲା? ସେ ଏହି ଶିକ୍ଷା କେଉଁଠୁ ପାଇଲା? ତେବେ ମୋତେ ତୁମକୁ ତାହା କରୁଥିବାର ଦେଖିବାକୁ ଦିଅ...ତୁମେ କହିଲ ଯେ ତୁମେ ଏଠାରେ ଚମତ୍କାର କରିଛ, ମୋତେ ତୁମକୁ ସେହି ସମାନ କାର୍ଯ୍ୟ ଏଠାରେ କରୁଥିବାର ଦେଖିବାକୁ ଦିଅ । ତୁମେ ଯାହା କଫର୍ନାହୂମ୍ ରେ କରିଅଛ, ମୋତେ ତୁମକୁ ତାହା ଏଠାରେ କରୁଥିବାର ଦେଖିବାକୁ ଦିଅ ।"

911 ଯୀଶୁ କହିଲେ..."ସେ ସେମାନଙ୍କ ଅବିଶ୍ୱାସରେ ଆଶ୍ଚର୍ଯ୍ୟଚକିତ ହେଲେ ।" ସେ ବୁଲି ପଡି କହିଲେ, "ସତ୍ୟ, ସତ୍ୟ, ମୁଁ ତୁମ୍ଭକୁ କହୁଅଛି, ଯେ ଜଣେ ଭବିଷ୍ୟଦ୍‌ବକ୍ତା ନିଜ ଦେଶରେ ନିଜ ଲୋକମାନଙ୍କ ଗହଣରେ ପୁରସ୍କାର ପାଏ ନାହିଁ ।" କଅଣ ଏହା ଠିକ୍ କି?

912 ଏବଂ ଆମେ ଜାଣୁ...ଦେଖନ୍ତୁ...ଫିନ୍ନିକୁ ନିଅନ୍ତୁ, ସାଙ୍କି, ମୁଡିକୁ ନିଅନ୍ତୁ; ଜନ୍ ୱେସଲିଙ୍କୁ ନିଅନ୍ତୁ, ସେ କେବେ ବି ଅଗ୍ରସର ହୋଇପାରିଲେ ନାହିଁ, ଦେଖନ୍ତୁ, ଯେପର୍ଯ୍ୟନ୍ତ ସେ ନିଜ ଦେଶ ଛାଡିଲେ ନାହିଁ । ମୁଡିକୁ—କୁ—କୁ ଦେଖନ୍ତୁ—କୁ ଦେଖନ୍ତୁ । ଯେତେବେଳେ ମୁଡି, ବୋଷ୍ଟନ୍ ସହରରେ ଜଣେ ଜୋତା ମୋଚୀ, ଆଦୌ ଆଗକୁ ବଢି ପାରିଲେ ନାହିଁ, ସେ ପ୍ରସିଦ୍ଧ ହେବା ପୂର୍ବରୁ ସେ ଚିକାଗୋକୁ ଆସିଲେ । ବୁଝିଲେ? ତାଙ୍କୁ ତାଙ୍କର ନିଜ ଲୋକମାନଙ୍କଠାରୁ ଦୂରକୁ ଯିବାକୁ ପଡିଥିଲା । ଆପଣଙ୍କୁ ସବୁବେଳେ ତାହା କରିବାକୁ ପଡିବ ।

913 କିନ୍ତୁ ବର୍ତ୍ତମାନ, ଏଠାରେ, ପରମେଶ୍ୱର ପ୍ରାର୍ଥନାର ଉତ୍ତର ଦେବେ ଯଦି ଆପଣ ଏହା ଭୁଲିଯିବେ ଯେ ଏହା ୱିଲିୟମ୍ ବ୍ରାନହାମ୍ ଅଟନ୍ତି (ବୁଝିଲେ?), ଯଦି ଆପଣ ଭୁଲିଯିବେ ଯେ ଏହା ୱିଲିୟମ୍ ବ୍ରାନହାମ୍‌ଙ୍କର ଏଥିରେ କିଛି କରିବାର ଅଛି, କେବଳ ଆପଣଙ୍କ ପାଇଁ ଛିଡ଼ା ହୋଇ ପ୍ରାର୍ଥନା କରିବାର ଅଛି । ଏହା ତ ଯୀଶୁ ଖ୍ରୀଷ୍ଟ ଅଟନ୍ତି ଯିଏକି ଆଗରୁ ତାହା କରି ସାରିଛନ୍ତି ଯାହା କରିବାକୁ ଆପଣ କହୁଛନ୍ତି, ଯଦି ଆପଣ କେବଳ ଏହାକୁ ବିଶ୍ୱାସ କରିବେ । ବୁଝିଲେ? ଏହା ଏପରି କିଛି କରିବା ନୁହେଁ...ମୋର ଏହା ସହିତ କିଛି କରିବାର ନାହିଁ, କେବଳ ସାକ୍ଷୀ ହୋଇ ରହିବାର ଅଟେ । କିନ୍ତୁ ଏପରି ଲାଗୁଛି ଯେ ଆପଣମାନଙ୍କ ସହିତରେ ଏଠାରେ

ବଢ଼ିବା ପରେ, ଏବଂ ଆପଣ ମୋର ସମସ୍ତ ଦୁର୍ବଳତା ଜାଣିଛନ୍ତି, ଏବଂ ମୋର ସମସ୍ତ ଦୋଷ ଜାଣିଛନ୍ତି...ଏବଂ ଆପଣ ଜାନିଛନ୍ତି ଯେ ପରମେଶ୍ୱର, ଠିକ ଏହି ସହରରେ କଅଣ କରିଛନ୍ତି।

914 ବିଚାର ଦିନରେ, ଏହି ସହର, କୌଣସି ଦିନ ଏକ ବଡ଼ ମୂଲ୍ୟ ପରିଶୋଧ କରିବ, କାରଣ ଠିକ୍ ଏଠାରେ ଶହ ଶହ ଏବଂ ଶହ ଶହ ଉଲ୍ଲେଖନୀୟ ଆରୋଗ୍ୟତା ସାଧନ ହୋଇଅଛି (ତାହା ଠିକ୍ ଅଟେ।), ଠିକ୍ ଏହିଠାରେ। ଚିହ୍ନ ଏବଂ ଚମତ୍କାରମାନ, ଏବଂ ସେଠାରେ ସ୍ୱର୍ଗଦୂତଙ୍କ ଦୃଶ୍ୟମାନ ହେବା, ଏବଂ ଖବରକାଗଜ ତାହାକୁ ବିସ୍ଫୋରକ ଭାବେ ଓ ସବୁ ପ୍ରକାରେ ପ୍ରକାଶିତ କରିଥିଲେ, ଆଉ ତଥାପି ଲୋକମାନେ କରନ୍ତି ନାହିଁ...ଏହା କାହିଁକି ଅଟେ?

915 ତେବେ କୌଣସି ଦିନେ, ମୁଁ ଏଠାରୁ ଛାଡ଼ି ଚାଲିଯିବାକୁ ଯାଉଅଛି। ମୁଁ ଆଶ୍ଚର୍ଯ୍ୟ କରୁଛି: “ମୋର ଶେଷ ଦଶା କଅଣ ହେବ? କଅଣ ଏହା ସମାପ୍ତ ହୋଇ ସାରିଲାଣି କି? କଅଣ ଏହା ପ୍ରାୟଃ ହେଲାଣି କି? ମୋର ଅଡ-ଚାଳିଶ ବର୍ଷ ବୟସ ଅଟେ। କଅଣ ଏହା ପ୍ରାୟଃ ସମାପ୍ତ ହେଲାଣି କି?” ମୁଁ ଏହା ଆଶ୍ଚର୍ଯ୍ୟ କରେ। ଯଦି ଏହା ଅଟେ...

916 ଦେଖନ୍ତୁ, ଜଗତ କାହିଁକି ସେଠାରେ ଥିବା ସେହି ଚିତ୍ରକୁ ଧ୍ୟାନ ଦେଲା ନାହିଁ? କାହିଁକି ସେମାନେ ଠିକ୍ ତାହା ଶୀଘ୍ର ଧରିଲେ ନାହିଁ? ସେମାନେ କାହିଁକି ଏହି ଅନ୍ୟ ବିଷୟଗୁଡ଼ିକ ଧରନ୍ତି ନାହିଁ? ସେମାନେ କାହିଁକି ଏହି ଭବିଷ୍ୟଦ୍‌ବାଣୀଗୁଡ଼ିକ ଏବଂ ବିଷୟଗୁଡ଼ିକ ଧରନ୍ତି ନାହିଁ? ଆପଣ ଜାଣନ୍ତି, ସେମାନେ ବର୍ତ୍ତମାନ ତାହା କରିପାରନ୍ତି ନାହିଁ, କିନ୍ତୁ ଦିନେ ମୁଁ ଜଗତ ଛାଡି ଚାଲିଯିବାକୁ ଯାଉଅଛି, ଏବଂ ଯେତେବେଳେ ମୁଁ ଚାଲିଯିବି, ସେତେବେଳେ ସେମାନେ ଏହାକୁ ଚିହ୍ନିବେ। ଆପଣମାନଙ୍କ ମଧ୍ୟରୁ କେତେକ ଯୁବା ଲୋକ ମୁଁ ଚାଲିଗଲା ପରେ ତାହା ଅନୁଭବ କରିବେ। ବୁଝିଲେ? କିନ୍ତୁ ପରମେଶ୍ୱର ବର୍ତ୍ତମାନ ତାହା କରିବାକୁ ଅନୁମତି ଦେବେ ନାହିଁ। ଦେଖନ୍ତୁ କଅଣ...ଆପଣ ବୁଝିପାରୁଛନ୍ତି ଯେ ମୁଁ କଅଣ କହୁଅଛି। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

917 ...କେବଳ ଜାଣେ ସାନ ଝିଅର ବ୍ରେସଲେଟ୍। ଯେକେହି ଏହାକୁ ପାଇପାରନ୍ତି। ଏବଂ ମୁଁ ବିଶ୍ୱାସ କରେ ଯେ ଭାଇ ସୋଥମ୍ୟାନ କହିଥିଲେ ଯେ ସେ ଶେଷ ଥର ପାଇଁ ଏଠାରେ ଥିବାବେଳେ ଏଠାରେ ଏକ ବାଇବଲ ଛାଡି ଦେଇ ଯାଇଥିଲେ, ମୁଁ ବିଶ୍ୱାସ କରେ। ଯେକେହି ଏକ ବାଇବଲ ପାଆନ୍ତି, ଏଠାରେ ଏକ—ଏକ ଭ୍ରମଣକାରୀ ବାଇବଲ? ଯଦି ଆପଣ ପାଆନ୍ତି, ଏହା କାନାଡାର ଭାଇ ଫ୍ରେଡ୍ ସୋଥମ୍ୟାନ୍‌ଙ୍କର ଅଟେ। ତେବେ ଆସନ୍ତୁ ପ୍ରାର୍ଥନା କରିବା।

918 ହେ ପ୍ରଭୁ, ଦୟା କର, ଯେତେବେଳେ ସଙ୍ଗୀତ ମଧୁର ଭାବେ ବଜାଯାଏ ଏବଂ ଭାଇ ନେଭିଲ୍ ତେଲରେ ଅଭିଷେକ କରନ୍ତି, ମୁଁ ଯୀଶୁଙ୍କ ନାମରେ ରୋଗୀମାନଙ୍କ ଉପରେ ହାତ ରଖିବାକୁ ଯାଉଛି। ହେ ପ୍ରଭୁ, ସେମାନଙ୍କର ଆରୋଗ୍ୟତା ପାଇଁ ଏହାକୁ ପ୍ରଦାନ କର। ଆମେନ୍।

919 ସମସ୍ତେ ପ୍ରାର୍ଥନା କରନ୍ତୁ, ବର୍ତ୍ତମାନ, ପ୍ରତ୍ୟେକ ଜଣ। ଠିକ୍ ଅଛି।

ପ୍ରଭୁ, ସେହି ସାନ ଶିଶୁ, ଯେତେବେଳେକି ତାର ଜେଜେବାପା ତାହା ପାଇଁ ଏଠାରେ ଛିଡ଼ା ହୋଇଛନ୍ତି । ତାର କ୍ଷୀର, ସବୁ ପ୍ରକାର କ୍ଷୀର ପ୍ରତି ଆଲର୍ଜି ଅଛି । କିନ୍ତୁ ତୁମ ପାଖରେ ସମସ୍ତ ଶକ୍ତି ଅଛି ଏବଂ ସେହି ସାନ ଶିଶୁ ତାର ନିଜ ପାଇଁ ବିଶ୍ୱାସ କରିପାରେ ନାହିଁ । ଏବଂ ତାହାପରେ, ପ୍ରଭୁ, ମୁଁ ତାର ପିତାମାତା ଓ ଜେଜେବାପା ଜେଜେମାଆଙ୍କ ସହିତ, ଏହା ପାଇଁ ବିଶ୍ୱାସକୁ ରଖୁଅଛି ଏବଂ ଆମେ କହୁଅଛୁ, ଯୀଶୁଙ୍କ ନାମରେ, ଯେ ସେହି ଶିଶୁଟି କ୍ଷୀର ପିଇପାରୁ ଏବଂ ପରମେଶ୍ୱରଙ୍କ ଗୌରବ ନିମନ୍ତେ ବଞ୍ଚିବାକୁ ସମର୍ଥ ହେଉ । ଆମେନ୍ । ଏହା ସେହିପରି ହେବ ।

ଓଃ, ପରମେଶ୍ୱର, ସେହି ମହିଳା ତାଙ୍କ ପିତାଙ୍କ ପାଇଁ ପ୍ରାର୍ଥନା କରନ୍ତି । ମୁଁ ତାଙ୍କ ସହିତ ପ୍ରାର୍ଥନା କରେ ଯେ ତୁମେ ତାଙ୍କ ପିତାଙ୍କୁ ସୁସ୍ଥ କରିବ ଏବଂ ତାଙ୍କୁ ଯାହା ଦରକାର ତାହା ପ୍ରଦାନ କରିବ, ଖ୍ରୀଷ୍ଟଙ୍କ ନାମରେ । ଆମେନ୍ ।

920 ତେବେ, ଏହା ସରଳ ନୁହେଁ କି? ଲୋକମାନେ ପ୍ରାର୍ଥନା କରୁଛନ୍ତି, କିନ୍ତୁ ତାହା ହିଁ ଅଟେ ଯାହାକି ଲୋକମାନେ...ସେମାନେ ଏକ ବଡ଼ ବିଷୟକୁ ଦେଖନ୍ତି ଏବଂ ସେମାନେ ଏହାକୁ ଜଟିଳ କରିଦିଅନ୍ତି । ପରମେଶ୍ୱର ଏହାକୁ ସରଳ କରନ୍ତି । ଆପଣ ଏହାକୁ ଜଟିଳ କରନ୍ତି ଏବଂ ଏହାକୁ ହରାଇ ଦିଅନ୍ତି । ବୁଝିଲେ? କେବଳ କରନ୍ତୁ...ତାହା ଯେପରି ପରମେଶ୍ୱର କହିଛନ୍ତି ସେହିପରି ସରଳ ହେଉ: "ଯେଉଁମାନେ ବିଶ୍ୱାସ କରନ୍ତି ଏହି ଚିହ୍ନଗୁଡ଼ିକ ସେମାନଙ୍କର ଅନୁବର୍ତ୍ତୀ ହେବ; ଯଦି ସେମାନେ ରୋଗୀମାନଙ୍କ ଉପରେ ନିଜର ହାତ ରଖନ୍ତି, ତେବେ ସେମାନେ ସୁସ୍ଥ ହୋଇଯିବେ," ଯେପରି ପରମେଶ୍ୱର କହିଥିଲେ ।

921 ଆମେ ଏହି ସ୍ତ୍ରୀ ଉପରେ ହାତ ରଖୁଅଛୁ, ପ୍ରଭୁ, ଏଠାରେ ଛିଡ଼ା ହୋଇଥିବା ଆମର ଭଉଣୀ ଉପରେ, ଏବଂ ଏହା ହେଉ ଯେ ସେ ସୁସ୍ଥ ହୁଅନ୍ତୁ ଯେତେବେଳେ ଆମେ ଏହାକୁ ମାଗୁଅଛୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ । ଆମେନ୍ ।

922 ପିତା, ଯେତେବେଳେ ଆମେ ଆମ ଭଉଣୀ ଉପରେ ହାତ ରଖୁଅଛୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ବାଇବଲ ଏବଂ ପ୍ରଭୁଙ୍କ ଶିକ୍ଷାକୁ ସ୍ମରଣ କରି, ଏହା ହେଉ ଯେ ସେ ସୁସ୍ଥ ହୁଅନ୍ତୁ ।

ପିତା, ଖ୍ରୀଷ୍ଟଙ୍କ ନାମରେ, ଆମେ ଆମର ଭଉଣୀର ଆରୋଗ୍ୟତା ପାଇଁ ପ୍ରାର୍ଥନା କରୁଅଛୁ, ଏବଂ ମୁଁ ପ୍ରାର୍ଥନା କରୁଛି ଯେ ତୁମେ ତାଙ୍କୁ ସୁସ୍ଥ କରିବ ଯେତେବେଳେକି ଆମେ ତୁମ ବାକ୍ୟକୁ ପାଳନ କରୁ, ମୋ ମନରେ ଟିକେ ବି ସନ୍ଦେହ ନାହିଁ ମାତ୍ର ଯାହା ସେହି ମହିଳା ହୋଇପାରନ୍ତି...?...ଆମେନ୍ ।

923 ପିତା, ଆମେ ଆମ ଭଉଣୀ ଉପରେ ହାତ ରଖୁଅଛୁ, ଏବଂ ମାଗୁଅଛୁ ଯେ, ପ୍ରଭୁ ଯୀଶୁଙ୍କ ନାମରେ, ତୁମେ ତାଙ୍କୁ ସୁସ୍ଥ କରିବ ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟତା ପ୍ରଦାନ କରିବ । ଆମେନ୍ ।

ପ୍ରଭୁ ଯୀଶୁଙ୍କ ନାମରେ, ଆମେ ଆମର ଭାଇଙ୍କ ଉପରେ ହାତ ରଖି ଏହା ମାଗୁଅଛୁ ଯେ ପରମେଶ୍ୱରଙ୍କ ଗୌରବ ନିମନ୍ତେ ତୁମେ ତାଙ୍କୁ ସୁସ୍ଥ କର ।

ପିତା, ପ୍ରଭୁ ଯୀଶୁଙ୍କ ନାମରେ, ଆମେ ଭଉଣୀଙ୍କୁ ଅଭିଷେକ କରୁଅଛୁ, ଏବଂ ତାଙ୍କ ଉପରେ ହାତ ରଖି ଯୀଶୁଙ୍କ ନାମରେ ତାଙ୍କ ଆରୋଗ୍ୟତାକୁ ମାଗୁଅଛୁ ।

ପିତା ପରମେଶ୍ୱର, ଆମେ ଆମର ଭାଇ ଉପରେ ହାତ ରଖୁଅଛୁ, ଆମେ ଏହା ମାଗୁଅଛୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଯେତେବେଳେ ଆମେ ତାଙ୍କୁ ଅଭିଷିକ୍ତ କରୁ ତୁମେ ତାଙ୍କୁ ସୁସ୍ଥ କର ।

ପିତା, ଏଠାରେ, ତାଙ୍କର ପ୍ରିୟ ପତ୍ନୀ…?…ତାଙ୍କୁ ଅଭିଷେକ କରୁ ଓ ତାଙ୍କ ଉପରେ ହାତ ରଖୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହାକୁ ମାଗୁଅଛୁ ।

924 ପ୍ରଭୁ ପରମେଶ୍ୱର, ଆମେ ସାନ ଏଡିଥଙ୍କୁ ଅଭିଷେକ କରୁଅଛୁ, ତାଙ୍କ ଉପରେ ହାତ ରଖୁଅଛୁ, ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବିନତୀ କରୁଅଛୁ ଯେ ତୁମେ ତାର ଅନୁରୋଧକୁ ପ୍ରଦାନ କରିବ ।

ପିତା, ତାର ମାଆଙ୍କୁ, ଆମେ ତାଙ୍କୁ ମଧ୍ୟ ଅଭିଷେକ କରି ତାଙ୍କ ଉପରେ ହାତ ରଖୁଅଛୁ ଓ ତାଙ୍କ ଆରୋଗ୍ୟତାକୁ ମାଗୁଅଛୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେ ସୁସ୍ଥ ହୁଅନ୍ତୁ ।

925 ପିତା, ଆମେ ଏହି ପରିବାରର ଏହି ମୂଲ୍ୟବାନ ଛୋଟ ଅଳଙ୍କାର, ଛୋଟ ହୃଦସ୍ପନ୍ଦନକୁ, ପ୍ରଭୁ ଯୀଶୁଙ୍କ ନାମରେ ଅଭିଷେକ କରୁଅଛୁ, ଦିନେ ତାକୁ ତୁମ ପାଇଁ ସମର୍ପଣ କରିଥିଲି, ଏବଂ ମୁଁ ପ୍ରାର୍ଥନା କରେ ଯେ ତୁମେ ଏହାକୁ ସୁସ୍ଥ କରିବ…?…

926 ହେ ପରମେଶ୍ୱର, ତୁମେ ଆମର ଭଉଣୀର ବିନତୀକୁ ଜାଣିଛ ଏବଂ ଆମେ ତାଙ୍କର ମହାନ୍ ବିଶ୍ୱାସ ପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ । ବର୍ତ୍ତମାନ, ଏହା ହେଉ ଯେ ସେହି ବିଷୟଗୁଡିକ ଯାହା ସେ ମାଗିଛନ୍ତି, ତାହା…?…ସେ ଛୋଟ ଥିବାବେଳେ ତାହା ବଜାଉଥିଲେ, ଏବଂ ହେ ପରମେଶ୍ୱର, ଏହା ହେଉ ଯେ ସେହି ଶତ୍ରୁ ସେହି ସ୍ତ୍ରୀଙ୍କୁ ମୁକ୍ତ କରିଦେଉ ଆଉ ପ୍ରଭୁ, ସେ ଭଲ ହୋଇ ଘରକୁ ଫେରି ଆସନ୍ତୁ । ଆମେ ସେହି ବ୍ୟକ୍ତିଙ୍କ ପାଇଁ, ମଧ୍ୟ ପ୍ରାର୍ଥନା କରୁଅଛୁ, ଯାହା ନିମନ୍ତେ ସେ ଅନୁରୋଧ କରିଛନ୍ତି, ତୁମେ ପ୍ରତିଜ୍ଞା କରିଛ, "ଯଦି ତୁମେ ମୋ ନାମରେ କିଛି ମାଗିବ, ମୁଁ ତାହା କରିବି ।" ମୁଁ ପ୍ରାର୍ଥନା କରେ ଯେ ତୁମେ ଯୀଶୁଙ୍କ ନାମରେ, ଏହି ଅନୁରୋଧକୁ ପ୍ରଦାନ କରିବ । ଆମେନ୍ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

927 ପ୍ରଭୁ, ଯେତେବେଳେ ଏହି ସ୍ନାୟୁ ମୋ ଭାଇର କପାଳରେ ନିସ୍ତେଜ ହେଉଅଛି, ଆମେ ଜୀବନର ସଂଚାର ନିମନ୍ତେ ପ୍ରାର୍ଥନା ମାଗୁଅଛୁ, ଯେତେବେଳେକି ଆମେ ତାଙ୍କ ଉପରେ ହାତ ରଖି ଏହା ମାଗୁଛୁ, ଯୀଶୁଙ୍କ ନାମରେ, ଯେ ସେହି ସ୍ନାୟୁ ଭଲ ହୋଇଯିବ ।

ପିତା ପରମେଶ୍ୱର, ଆମେ ଆମ ଭଉଣୀକୁ ତେଲରେ ଅଭିଷେକ କରିବା ପରେ ତାଙ୍କ ଉପରେ ହାତ ରଖୁଛୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମେ ତାଙ୍କ ଆରୋଗ୍ୟତା ପାଇଁ ବିନତୀ କରୁଛୁ । ଆମେନ୍ ।

928 ସ୍ୱର୍ଗୀୟ ପିତା, ଯେତେବେଳେକି ଆମ ଭଉଣୀ ଅନେକ ମହାନ୍ ସଫଳତାମାନ ଉପଭୋଗ କରିଛନ୍ତି ଯାହାକି ତୁମେ ଆଣିଅଛ, ସେ ତୁମର ଜଣେ ଦାସ, ଜଣେ ସେବକ ପାଇଁ ଛିଡା ହୋଇଛନ୍ତି, ବହୁତ ଅଧୀର ଅଟନ୍ତି; ଆମ ସହାନୁଭୂତିର ହୃଦୟ ତାଙ୍କ ପାଇଁ ଯାଏ ଯେହେତୁ ଆମେ ଜାଣୁ ଯେ ସେ କଅଣ ଦେଇ ଗତି କରୁଛନ୍ତି । ମୁଁ ପ୍ରାର୍ଥନା କରେ ଯେ, ହେ ପରମେଶ୍ୱର, ତୁମେ ଆମ ଭଉଣୀକୁ ତାଙ୍କ ପାଇଁ ଏଠାରେ ଛିଡ଼ା ହୋଇଥିବା ହେତୁ ଅଭିଷେକ

କରିବ ଏବଂ ତାଙ୍କ ଆରୋଗ୍ୟତା ପାଇଁ ତାଙ୍କୁ ଅଭିଷେକ କରିବ । ମୁଁ ଖ୍ରୀଷ୍ଟଙ୍କ ନାମରେ, ପ୍ରାର୍ଥନା କରେ । ଆମେନ୍...?...ପ୍ରଭୁ ଜାଣନ୍ତି...?...

929 ଭଲ । ମୁଁ ବହୁତ୍ ଖୁସି ଅଟେ । ତାହା ପ୍ରକୃତରେ ପ୍ରଭୁଙ୍କ ଅଭିଷିକ୍ତ ଅଟନ୍ତି । ପ୍ରଭୁ ପରମେଶ୍ୱର, ଏହି ସ୍ତ୍ରୀଜଣକ ଏକ ଭୂତରୁ ଉଦ୍ଧାର କରାଯିବା ପରେ ଯାହା ସହିତ ସେ ଦୀର୍ଘ ବର୍ଷ ଧରି ଲଢ଼ି ଆସିଥିଲେ, ଦିନେ ତୁମେ ତାଙ୍କୁ ଘର ପାଖକୁ ଆସିବାକୁ ଦେଇଥିଲ ଆଉ ତାହାପରେ ଆତ୍ମା ତଳକୁ ଓହ୍ଲାଇ ଆସିଥିଲେ, "**ସଦାପ୍ରଭୁ ଏହି କଥା କୁହନ୍ତି**," ସେ ଚିତ୍କାର କରିବା ପରେ, ସେ ଯଜ୍ଞବେଦି ଉପରେ ଶୋଇ ରହିଥିଲେ, ସେ ତାହା ସବୁକିଛି କରିଥିଲେ ଯାହା ସେ ଜାଣିଥିଲେ ଯେ ତାହା କିପରି କରିବାକୁ ଥିଲା, କିନ୍ତୁ ଏହା **ସଦାପ୍ରଭୁ ଏହି କଥା କୁହନ୍ତି** କୁ ଆବଶ୍ୟକ କରିଥିଲା । ବର୍ତ୍ତମାନ, ସେ ତାଙ୍କ ଭଉଣୀର ଶିଶୁ ପାଇଁ ଆସୁଛନ୍ତି ଯିଏକି ବାନ୍ତି କରୁଅଛି; ଚାଲିବାରେ ସକ୍ଷମ ନୁହେଁ, ଏକ ବର୍ଷରୁ ଅଧିକ ପୁରୁଣା ହେଲାଣି । ହେ ପ୍ରଭୁ, ମୁଁ ପ୍ରାର୍ଥନା କରେ, ଯେ ତୁମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପରମେଶ୍ୱରଙ୍କ ଆଶୀର୍ବାଦଗୁଡ଼ିକୁ ତାଙ୍କୁ ପ୍ରଦାନ କରିବ । ସେଥିପାଇଁ ବହୁତ ଖୁସି, ଭଉଣୀ, ଅଲଗା ମଧ୍ୟ, ଦେଖାଯାଉଛନ୍ତି । ଏବଂ ଆପଣ ବର୍ତ୍ତମାନ ମରିବାଠାରୁ ବହୁତ ଦୂରରେ ଅଛନ୍ତି, କଅଣ ଆପଣ ନୁହଁନ୍ତି କି?

ପିତା ପରମେଶ୍ୱର, ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମ ଭଉଣୀକୁ ଆଶୀର୍ବାଦ କରିବ ଯେତେବେଳେକି ଆମେ ତାଙ୍କୁ ଅଭିଷେକ କରୁ ଏବଂ ତାଙ୍କ ଉପରେ ହାତ ରଖୁ ଓ ଏହା ମାଗୁ ଯେ ଏହି ବିଷୟ ଯାହା ତୁମେ କହିଛ: "ଏହି ଚିହ୍ନଗୁଡ଼ିକ ବିଶ୍ୱାସ କରୁଥିବା ଲୋକମାନଙ୍କର ଅନୁବର୍ତ୍ତୀ ହେବ । ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହେବେ ।" ପ୍ରଭୁ, ଆମେ ବିଶ୍ୱାସୀ ବୋଲି ସ୍ୱୀକାର କରୁଛୁ, ତେଣୁ ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଯୀଶୁଙ୍କ ନାମରେ, କିଛି କରିବ...?...

930 ପିତା ପରମେଶ୍ୱର, ଏହି ସାନ ସ୍ତ୍ରୀଲୋକର ହୃଦୟକୁ ଜାଣି, ଯେତେବେଳେକି ସେ ଏହାକୁ ଢାଳି ଦେଇଛନ୍ତି, ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ତାଙ୍କ ପ୍ରତି ଦୟା କରିବ ଏବଂ ସେ ଅନୁରୋଧ କରିଥିବା ବିନତୀକୁ ପ୍ରଦାନ କରିବ । ହେ ପିତା ପରମେଶ୍ୱର, ତାଙ୍କ ପରିବାର ପାଇଁ, ତାଙ୍କ ସନ୍ତାନମାନଙ୍କ ପାଇଁ, ବିଶେଷ ଭାବରେ, ତାଙ୍କ ପୁଅ ପାଇଁ, ପରମେଶ୍ୱର, ମୁଁ ବର୍ତ୍ତମାନ ପ୍ରାର୍ଥନା କରୁଛି, ଯେ ତୁମେ ଏହି ବିଷୟଗୁଡ଼ିକୁ ପ୍ରଦାନ କରିବ...?...ମୋର ସମସ୍ତ ହୃଦୟ ସହିତ, ମୁଁ ଯୀଶୁଙ୍କ ନାମରେ, ଏହାକୁ ମାଗୁଛି । ଆମେନ୍ ।

ପିତା ପରମେଶ୍ୱର, ଯେତେବେଳେ ଆମେ ଏହି ମହିଳାଙ୍କୁ ତେଲରେ ଅଭିଷେକ କରୁଛୁ, ଏବଂ ପ୍ରଭୁ ଯୀଶୁଙ୍କ ନାମରେ ତାଙ୍କ ଉପରେ ପ୍ରାର୍ଥନା କରୁଛୁ, ଯେ ତୁମେ ତାଙ୍କୁ ସୁସ୍ଥ କରିବ ଓ ପରମେଶ୍ୱରଙ୍କ ଗୌରବ ନିମନ୍ତେ ତାଙ୍କୁ ଭଲ କରିବ ।

931 ତୁମର ନାମ ୱେଷ୍ଟ ହେବ ନାହିଁ, କଅଣ ହେବ କି?

ପିତା, ଆମେ ସେହି ସାନ ମହିଳାଙ୍କ ପାଇଁ ପ୍ରାର୍ଥନା କରୁଛୁ । ସେ ତାଙ୍କ ବାପାଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି । ବର୍ତ୍ତମାନ, ମୁଁ ପ୍ରାର୍ଥନା କରେ ଯେ ତୁମେ ତାଙ୍କ ବାପାଙ୍କର ବିନତୀକୁ ପ୍ରଦାନ

କରିବ, ପ୍ରଭୁ, ଯେଉଁ ଡାକରା ତାଙ୍କ ହୃଦୟରେ ଅଛି । ସେ ଚାହାଁନ୍ତି ଯେ ସେ ଉଦ୍ଧାର ପାଆନ୍ତୁ । ସେ ଚାହାଁନ୍ତି ନାହିଁ ଯେ ସେ ଜଗତରେ ରୁହନ୍ତୁ ଯେପରିକି ସେ ରହିଛନ୍ତି, ଏହା, ତାଙ୍କର ନିଜ ଛୁଆ, ତାଙ୍କର ସନ୍ତାନ ଅଟନ୍ତି । ପିତା, ମୁଁ ପ୍ରାର୍ଥନା କରେ, ଯେ ଖ୍ରୀଷ୍ଟଙ୍କ ନାମରେ, ତୁମେ ତାଙ୍କ ପ୍ରତି ଦୟା କରିବ ।

932 ହେ ମୋର ଝିଅ, ତୁମକୁ ଆଶୀର୍ବାଦ କରନ୍ତୁ, ପରମେଶ୍ୱର ତୁମକୁ ସେହି ବିଷୟ ପ୍ରଦାନ କରନ୍ତୁ ଯାହା ତୁମେ ମାଗିଛ ।

ପ୍ରିୟ ପରମେଶ୍ୱର, ଆମେ ତାଙ୍କ ନିମନ୍ତେ ଦୟାର ପ୍ରାର୍ଥନା କରୁଛୁ, ଏବଂ ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଦୟା କରିବ, ଯେତେବେଳେକି ଆମେ ତାଙ୍କୁ ଅଭିଷେକ କରୁ…?…

***ପ୍ରଶ୍ନ ଏବଂ ଉତ୍ତର ଏବ୍ରୀ ଭାଗ III*** ORI57-1006

(Questions and Answers on Hebrews Part III)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଅକ୍ଟୋବର 6, 1957, ରବିବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org